facebook.com/odishabhaskar
twitter.com/odishabhaskar

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ




ସମୃଦ୍ଧି ପାଇଁ ସାମୂହିକ ସୁରକ୍ଷା ଅନିର୍ବାଯ୍ୟ |୧୦



୧୦୦ତମ ଟେଷ୍ଟ ଖେଳିବେ ଚେତେଶ୍ୱର ପୂଜାରା |୧୧


RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଊନବିଂଶ ବର୍ଷ ସଂଖ୍ୟା-୩୩୨ Vol. 19 No-332 15 FEBRUARY 2023 WEDNESDAY BHUBANESWAR ବୁଧବାର, ୧୫ ଫେବୃଆରୀ ୨୦୨୩ ପୃଷ୍ଠା-୧୨ ମୂଲ୍ୟ: ୭.୦୦


## ଜିଲ୍ଲାପାଳଙ୍କ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

# ଆସ ନୂଆ, ସଶକ୍ତ ଓଡ଼ିଶା ଗଢ଼ିବା



**ବଳକା ଖାଦ୍ୟ ରାଜ୍ୟଭାବେ ଓଡ଼ିଶା ଦେଶରେ ଆଗୁଆ**

**ମିଲେଟ୍ ମିଶନ ସୃଷ୍ଟି କରିଛି ଉଦାହରଣ**

**ରାଜ୍ୟ ଅର୍ଥନୀତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଛି ଷ୍ଟାର୍ଟଅପ୍**

**ଅଧିକ ଲୋକାଭିମୁଖୀ ହେବ ୫-ଟି, ମୋ’ ସରକାର : ମୁଖ୍ୟ ସଚିବ**

**ଏସ୍ଏଚ୍ଜିଙ୍କ ପାଇଁ ହେବ ଶିଳ୍ପ ପାର୍କ : ମିଶନଶକ୍ତି ସଚିବ**

ଭୁବନେଶ୍ୱର, ୧୪।୨ (ଭାସ୍କର ନ୍ୟୁଜ୍) : ନୂଆ ଏବଂ ଏକ ସଶକ୍ତ ଓଡ଼ିଶା ଗଠନ ଦିଗରେ ମିଳିମିଶି କାମ କରିବାକୁ ଆହ୍ୱାନ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଗ୍ରାଉଣ୍ଡରେ ଲୋକଙ୍କ ପାଖକୁ ଯାଇ ସେମାନଙ୍କ ସମସ୍ୟା ବିନା ବାଧାରେ ଓ କମ ସମୟରେ ସମାଧାନ କରିବାକୁ ମଧ୍ୟ ପରାମର୍ଶ ଦେଇଛନ୍ତି। ମଙ୍ଗଳବାର ଦୁଇ ଦିନିଆ ଜିଲ୍ଲାପାଳଙ୍କ ସମ୍ମିଳନୀରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ତାଙ୍କ ଅଭିଭାଷଣରେ କହିଥିଲେ ଯେ, ରାଜ୍ୟରେ ରୂପାନ୍ତରଣ କାର୍ଯ୍ୟକ୍ରମ ଏକ ଯୁଗାନ୍ତକାରୀ ପଦକ୍ଷେପ। ଏହି ରୂପାନ୍ତରଣରେ ୫-ଟି ଓ ମୋ’ ସରକାର ବଳିଷ୍ଠ ପଦକ୍ଷେପ ଗ୍ରହଣ କରିଛି। ଗ୍ରାମାଞ୍ଚଳରେ କୃଷି କ୍ଷେତ୍ରରେ ଅଧିକ ନିଯୁକ୍ତି ସୃଷ୍ଟି ହୋଇଛି। ବଳକା ଖାଦ୍ୟ ରାଜ୍ୟ ଭାବରେ ଓଡ଼ିଶା ସାରା ଦେଶରେ ଏକ ଉଦାହରଣ ସୃଷ୍ଟି କରିଛି। ମିଲେଟ ମିଶନ ଦେଶବାସୀଙ୍କୁ ଏକ ନୂଆ ଅନୁଭବ ପ୍ରଦାନ କରିଛି। ରାଜ୍ୟ ଅର୍ଥନୀତିରେ ଷ୍ଟାର୍ଟଅପ୍ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି। ଖୁବ୍ ଶୀଘ୍ର ଦେଶର ଟପ୍-୩ ଷ୍ଟାର୍ଟଅପ୍ ଡେଷ୍ଟିନେସନରେ ଓଡ଼ିଶାର ନାଁ ସାମିଲ ହେବ ବୋଲି ସେ ଦୃଢ଼ତାର ସହ କହିଥିଲେ। ସେ କହିଥିଲେ ରାଜ୍ୟ ସରକାରଙ୍କ ବଡ ମିଶନ ହେଉଛି ମହିଳା ସଶକ୍ତିକରଣ। ମିଶନ ଶକ୍ତି ଗ୍ରୁପ୍‌କୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗରେ ପରିଣତ କରାଯାଉଛି। ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକୁ ଅଧିକ ମଜଭୁତ କରିବା ପାଇଁ ସରକାର ସହାୟତା ଯୋଗାଇ ଦେଉଛନ୍ତି। ବିନା ସୁଧରେ ୫ଲକ୍ଷ ଟଙ୍କ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି। • ପୃଷ୍ଠା ୮ ଦେଖନ୍ତୁ

## ପୁଲଓ୍ୱାମା ଆକ୍ରମଣକୁ ପୁରିଲା ୪ବର୍ଷ

# ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଦେଲା ସାରା ଦେଶ



**ବଳିଦାନକୁ ଭୁଲିବେନି ଦେଶବାସୀ : ପ୍ରଧାନମନ୍ତ୍ରୀ**

ନୂଆଦିଲ୍ଲୀ, ୧୪।୨ : ପୁଲଓ୍ୱାମା ଆକ୍ରମଣକୁ ମଙ୍ଗଳବାର ପୁରିଛି ୪ବର୍ଷ। ସାରା ଦେଶ ଭାରତୀୟ ଯବାନଙ୍କ ସେହି ବୀରତ୍ୱର ଗାଥା ଓ ବଳିଦାନକୁ ମନେ ପକାଇବା ସହ ଏହି ଶହୀଦଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛି। ସେଦିନ ଥିଲା ୨୦୧୯ ମସିହା ଫେବୃଆରୀ ୧୪ତାରିଖ। ପ୍ରତିବର୍ଷ ଭଳି ସେବର୍ଷ ବି ଯୁବପୀଢ଼ି ଭାଲେଣ୍ଟାଇନ ଡେ’ ପାଳନରେ ମାତି ଯାଇଥିଲେ। ହେଲେ ହଠାତ୍ ଅପରାହ୍ନ ୩ଟାରେ ସ୍ତବ୍ଧ ହୋଇଯାଇଥିଲା ସାରା ଦେଶ। ସାରା ଦେଶରେ ଖେଳିଯାଇଥିଲା ଶୋକର ଛାୟା। ମନରୁ ଲିଭିନି ସେହି କରାଳ କାଳିମାର ଦିନ। କେହି କିଛି ବୁଝିବା ଆଗରୁ ନିମିଷକ ମଧ୍ୟରେ ସବୁ କିଛି ଏପାଖସେପାଖ ହୋଇଯାଇଥିଲା। ସମଗ୍ର ଦେଶବାସୀଙ୍କୁ ଲାଗି ଥିଲା ଶକ୍ତ ଝଟ୍‌କା। ଜାମ୍ମୁ କାଶ୍ମୀର ପୁଲଓ୍ୱାମାରେ ଏକ ବଡ ଧରଣର ଆତଙ୍କୀ ଆକ୍ରମଣରେ ଶହୀଦ ହୋଇଯାଇଥିଲେ ୪୨ ସିଆର୍‌ପିଏଫ୍ ଯବାନ। ଏବେ ବି ସେହି ଆକ୍ରମଣ କଥା ମନେ ପଡିଲେ ଦେହ ଶୀତେଇ ଉଠେ। ଜାମ୍ମୁ କାଶ୍ମୀରୁ ଶ୍ରୀନଗର ଯାଉଥିଲା ସିଆର୍‌ପିଏଫ୍ ଯବାନଙ୍କ ଗାଡି। ହେଲେ ଏକ ବିସ୍ଫୋରକ ବୋଝେଇ ଟ୍ରକ୍ ସିଆରପିଏଫ୍ ଏକ ଗାଡିକୁ ଧକ୍କା ଦେବା ଫଳରେ ଘଟିଥିଲା ବଡ ଧରଣର ବିସ୍ଫୋରଣ। ଆଉ ସିଆର୍‌ପିଏଫ୍ ଯବାନଙ୍କ ଗାଡି ଧ୍ୱଂସ ପାଇବା ସହ ଯବାନଙ୍କ ଶରୀର ଖଣ୍ଡବିଖଣ୍ଡିତ ହୋଇଯାଇଥିଲା। ଏବେ ବି ସେହି ଆକ୍ରମଣର ଦୃଶ୍ୟ ଦେଶବାସୀଙ୍କ ଆଖି ଆଗରେ ନାଚି ଯାଉଛି। ଶହୀଦଙ୍କ ପାଇଁ ଲୁହ ଗଡାଉଛନ୍ତି ଦେଶବାସୀ। ଆକ୍ରମଣରେ • ପୃଷ୍ଠା ୮ ଦେଖନ୍ତୁ

## ସଂକ୍ଷେପରେ...

### ମୁଖ୍ୟ ସଚିବଙ୍କୁ ଏନ୍ଏଚ୍ଆର୍‌ସିର ନୋଟିସ୍

ଭୁବନେଶ୍ୱର, ୧୪।୨ (ଭାସ୍କର ନ୍ୟୁଜ): କୋରାପୁଟ ଜିଲ୍ଲା ପଟାଙ୍ଗିର ସମୁଲୁ ପାଙ୍ଗି ନାମକ ଜଣେ ଦାଦନ ଶ୍ରମିକ ତାଙ୍କ ପତ୍ନୀଙ୍କ ମୃତଦେହ ୩୩ କିମି ବୋହିବା ଘଟଣାରେ ଜାତୀୟ ମାନବାଧିକାର କମିଶନ ରାଜ୍ୟ ମୁଖ୍ୟ ଶାସନସଚିବଙ୍କୁ ନୋଟିସ୍ ଜାରି କରିଛନ୍ତି। ୪ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଘଟଣାରେ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ସେ ନେଇ ଅବଗତ କରାଇବାକୁ ମଧ୍ୟ ନୋଟିସରେ ଉଲ୍ଲେଖ ରହିଛି।

### ଦୁର୍ଘଟଣାରେ ଦୁଇ ଯୁବକ ଜୀବନ୍ତ ଦଗ୍ଧ

କଟକ, ୧୪।୨ (ଭାସ୍କର ନ୍ୟୁଜ): ଦୁର୍ଘଟଣା ପରେ ବାଇକ୍‌ରେ ନିଆଁ ଲାଗିଯିବାରୁ ଜୀବନ୍ତ ଦଗ୍ଧ ହୋଇଗଲେ ଦୁଇ ଯୁବକ। ଏପରି ଏକ ଅଭାବନୀୟ ଘଟଣା କଟକ-ପାରାଦୀପ ରାସ୍ତାର କନ୍ଦରପୁର ଟୋଲଗେଟ୍ ନିକଟରେ ଘଟିଛି। ସେମାନଙ୍କ ଘର ତିର୍ତ୍ତୋଲର ରାହାମା ଅଞ୍ଚଳରେ ବୋଲି ଜଣାପଡ଼ିଛି। ମୃତ ଯୁବକଦ୍ୱୟ ହେଲେ ରାଜେଶ ଦାସ ଓ ଈଶାନ ସାହୁ। • ପୃଷ୍ଠା ୮ ଦେଖନ୍ତୁ

### ମଝି ଚିଲିକାରେ ଅଟକିଲା ଡଙ୍ଗା

କୃଷ୍ଣପ୍ରସାଦ, ୧୪।୨ (ଭାସ୍କର ନ୍ୟୁଜ): ଜହ୍ନିକୁଦା ଘାଟରୁ ସାତପଡ଼ା ଯାଉଥିବା ଏକ ଡଙ୍ଗା ମଝି ଚିଲିକାରେ ଦୀର୍ଘ ସମୟ ଧରି ଅଟକି ରହିଥିବା ସୂଚନା ମିଳିଛି। ଏଥିରେ ୫୦ରୁ ଅଧିକ ଯାତ୍ରୀ ଓ ୩୦ ବାଇକ୍ ରହିଥିବା ଜଣାପଡ଼ିଛି। • ପୃଷ୍ଠା ୮ ଦେଖନ୍ତୁ

ସେନ୍‌ସେକ୍ସ: ୬୧,୦୩୨.୨୬

ତାପମାତ୍ରା: ଭୁବନେଶ୍ୱର
ସର୍ବାଧିକ: ୩୧ ଡିଗ୍ରୀ
ସର୍ବନିମ୍ନ: ୧୫ ଡିଗ୍ରୀ

**୧୪।୨ର ମତାମତ**

ରାଜ୍ୟରେ ବାରମ୍ବାର ଘଟୁଥିବା ହାତୀ ମୃତ୍ୟୁ ଘଟଣାରେ ରୋକ୍ ଲଗାଯାଇ ପାରିବ କି ?




**ଆଜିର ପ୍ରସଙ୍ଗ**

ବିଶୃଙ୍ଖଳା ସୃଷ୍ଟି କରୁଥିବା ଦୁର୍ଦ୍ଦାନ୍ତ ଅପରାଧୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଉଚିତ ନୁହେଁ କି ?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ
www.odishabhaskar.com

## ନବ ଦାସ ହତ୍ୟା ଘଟଣା

# ଚୌଦ୍ୱାର ଜେଲ୍‌ରେ ଗୋପାଳ



- **ସ୍ଥାନାନ୍ତର ଚାହିଁଥିଲା ଗୋପାଳ : ଡିଜିପି**
- **୧୬୪ ଧାରାରେ ବୟାନ ରେକର୍ଡ**
- **ଚୌଦ୍ୱାର ଜେଲ୍‌ରେ କଡା ସୁରକ୍ଷା**

ଝାରସୁଗୁଡା/କଟକ, ୧୪।୨ (ଭାସ୍କର ନ୍ୟୁଜ) : ବହୁ ଚର୍ଚ୍ଚିତ ମନ୍ତ୍ରୀ ନବ ଦାସ ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତ ଥିବା ଗୋପାଳ ଦାସଙ୍କୁ ଚୌଦ୍ୱାର ଜେଲ୍‌କୁ ମଙ୍ଗଳବାର ସ୍ଥାନାନ୍ତର କରାଯାଇଛି। ସୁରକ୍ଷା ଦୃଷ୍ଟିରୁ ଝାରସୁଗୁଡା ଜେଲ୍‌ରୁ ଗୋପାଳକୁ ଚୌଦ୍ୱାର ଜେଲକୁ ପଠାଯାଇଛି। ଏନେଇ ଗୋପାଳ କୋର୍ଟରେ ଆବେଦନ କରିଥିବା ପୋଲିସ ମହାନିର୍ଦ୍ଦେଶକ ସୁନୀଲ ବଂଶଲ କହିଛନ୍ତି। କଡା ସୁରକ୍ଷା ଭିତରେ ଝାରସୁଗୁଡାରୁ ଗୋପାଳକୁ ଚୌଦ୍ୱାର ଜେଲକୁ ଅଣାଯିବା ପରେ ତାକୁ ହାଇ ସିକ୍ୟୁରିଟି ସେଲ୍‌ରେ ରଖାଯାଇଛି। ଏଥିସହ ଜେଲରେ ୨୪ଘଣ୍ଟିଆ ପହରାର ବ୍ୟବସ୍ଥା କରାଯାଇଛି। ଗୋପାଳର ତଦାରଖ ପାଇଁ ଜେଲ୍ ସୁପରିଟେଣ୍ଡେଟଙ୍କ ଅଧ୍ୟକ୍ଷତାରେ ଏକ କମିଟି ମଧ୍ୟ ଗଠନ କରାଯାଇଛି। ଏ ନେଇ ଜେଲ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ମଙ୍ଗଳବାର ଗୋପାଳକୁ କଡା ସୁରକ୍ଷା ମଧ୍ୟରେ ଝାରସୁଗୁଡା ସବ୍ ଜେଲରୁ ଅଣାଯାଇ ଜେଏମ୍ଏଫ୍‌ସିଙ୍କ ଅଦାଲତରେ ହାଜର କରାଯାଇଥିଲା। ଜଜ୍‌ଙ୍କ ସମ୍ମୁଖରେ ୧୬୪ଧାରାରେ ଗୋପାଳର ବୟାନ ରେକର୍ଡ କରାଯାଇଥିଲା। ସୂଚନାଯୋଗ୍ୟ ଯେ ଏହି ହତ୍ୟାକାଣ୍ଡ ଘଟଣାରେ ଗୋପାଳର ପଲିଗ୍ରାଫ୍ ଓ ନାର୍କୋ ଟେଷ୍ଟ ପାଇଁ ତାକୁ କଡା ସୁରକ୍ଷା ମଧ୍ୟରେ ଗୁଜରାଟର ଗାନ୍ଧୀ ନଗରକୁ ନିଆଯାଇଥିଲା। ସେଠାରେ ଉଭୟ ଟେଷ୍ଟ ହେବା ପରେ ତାକୁ ଝାରସୁଗୁଡା ଅଣାଯାଇଥିଲା। ସୋମବାର ତାର ତୃତୀୟ ପର୍ଯ୍ୟାୟ ରିମାଣ୍ଡର ଶେଷ ଦିନ ଥିବାରୁ ତାକୁ ଅଦାଲତରେ ହାଜର କରାଯିବା ପରେ ଜେଲ ହାଜତକୁ ପଠାଇ ଦିଆଯାଇଥିଲା। ତେବେ ପଲିଗ୍ରାଫ୍ ଓ ନାର୍କୋ ଟେଷ୍ଟରୁ କ୍ରାଇମବ୍ରାଞ୍ଚକୁ କ’ଣ ସଫଳତା ମିଳିଲା ସେନେଇ କିଛି ସ୍ପଷ୍ଟ ହୋଇ ପାରିନାହିଁ।

## ତାଣ୍ଡବ ରଚୁଛି ‘ଗାବ୍ରିଏଲ୍’

# ନ୍ୟୁଜିଲାଣ୍ଡରେ ଜରୁରି ପରିସ୍ଥିତି ଜାରି



ନୂଆଦିଲ୍ଲୀ, ୧୪।୨ : ନ୍ୟୁଜିଲାଣ୍ଡରେ ପ୍ରଳୟଙ୍କରୀ ବନ୍ୟା ଓ ଭୂସ୍ଖଳନ ପରେ ଏବେ ସାରା ଦେଶରେ ସାମୁଦ୍ରିକ ଝଡ଼ ଗାବ୍ରିଏଲ୍ ତା’ର ତାଣ୍ଡବ ରଚିବା ଆରମ୍ଭ କରିଛି। ଏହାକୁ ଆଖି ଆଗରେ ରଖି ନ୍ୟୁଜିଲାଣ୍ଡ ସରକାର ଦେଶର ୬ଟି ଅଞ୍ଚଳ ପାଇଁ ଜାତୀୟ ଜରୁରି ପରିସ୍ଥିତି ଜାରି କରିଛନ୍ତି। ଏହି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବ୍ୟାପକ ଧନଜୀବନ ହାନି ଆଶଙ୍କା ଥିବାରୁ ଏହି ଜରୁରି ପରିସ୍ଥିତି ଜାରି କରାଯାଇଛି। ଦେଶକୁ ବିମାନ ଚଳାଚଳ ବନ୍ଦ ରଖାଯାଇଛି। ନ୍ୟୁଜିଲାଣ୍ଡ ସରକାରଙ୍କ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ଦେଶରେ ନର୍ଥଲାଣ୍ଡ, ଆର୍ଥଲାଣ୍ଡ, ଟାଇରାବିଟି, ବାଇକୋଟା, ହାକ୍ସ ଓ ବେ ଅଫ୍ ପ୍ଲେଣ୍ଟି ସହରରେ ଜରୁରି ପରିସ୍ଥିତି ଜାରି ହୋଇଛି। ସାମୁଦ୍ରିକ ଝଡ ପ୍ରଭାବରେ ବନ୍ୟା ସହ ପ୍ରବଳ ବର୍ଷା ଲାଗି ରହିଛି। ୫୦ହଜାରରୁ ଊର୍ଦ୍ଧ୍ୱ ପରିବାରରେ ବିଦ୍ୟୁତ୍ ସେବା • ପୃଷ୍ଠା ୮ ଦେଖନ୍ତୁ

## ତୀର୍ଯ୍ୟକ

**ଅର୍ଚ୍ଚିତ ଅନିର୍ବାଣ**



ପ୍ରକୃତି ପାଖରେ ତୁଚ୍ଛ ଏ ମଣିଷ
ଯେତେ ଯାହାକରୁ ବିକାଶ,
ତୁର୍କୀର ଅବସ୍ଥା ଯିଏ ବି ଦେଖୁଛି
କରୁଛି ହିସାବ ନିକାଶ ।
ଲୋଭ, ହିଂସା, ମାୟା, ଅୟସ
ଯେତେଦିନ ଯାଏ ବଢ଼ିଚାଲିଥିବ
ଘଟି ଚାଲିଥିବ ବିନାଶ!!






ରାଇରଙ୍ଗପୁର(ଭାସ୍କର ନ୍ୟୁଜ): ଜାମଦା ବ୍ଲକର ଆଦିମ୍ ଜାତି ସାର୍ନା ବାବା କ୍ଲବ ମୁଗୁଦି ଠାରେ ବାର୍ଷିକ କ୍ରୀଡ଼ା,ନୃତ୍ୟ ସହ ଏକ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । କ୍ରୀଡ଼ା କାର୍ଯ୍ୟକ୍ରମରେ ହନୁ କୀର୍ତ୍ତନ,୧୦୦ମି. ଦୌଡ଼,ବେଲୁନ ଫଟା,୨୦୦ମି ଦୌଡ଼,ଗୀତ ଓ ଚୌକି,କୁଳିଆଃ ଟୁକୁଜ୍ ଦାଲ,କୁଳିକଆଃ ବାରାହି ଟଣା,ସୁପର ଧମାକା ନାଚରେ ଗାଲି ହାଣ୍ଡି ସାଓଁ ତେ ଞିନ୍ଦା ଏନେଜ୍ ଆଦି ପ୍ରତିଯୋଗୀ ମାନଙ୍କ ନିମନ୍ତେ ଆୟୋଜନ କରାଯାଇଥିଲା । ଫାଇନାଲ୍ ଫୁଟବଲ ଖେଳରେ ଚାନ୍ଦିଖମନ ଟିମ୍ ବାଘିଆ ଟିମ୍ କୁ ହରାଇ ପ୍ରଥମ ସ୍ଥାନ ଅଧିକାର କରି କମିଟୀ ତରଫରୁ ୫,୦୦୦ଟ ପୁରସ୍କୃତ ହୋଇଥିଲେ। ମୁଖ୍ୟ ଅତିଥି ସେକ୍ ମୁସ୍ତଫା ଆଲ୍ଲା, ସମ୍ମାନୀୟ ଅତିଥୀ ତାଳଗାଁ ସରପଞ୍ଚ ଡମ୍ବୁରଧର ହେମ୍ବ୍ରମ, ପ୍ରଶ୍ନ କୁମାର ଶତପଥୀ,ନମିତା ରାଣୀ ପାତ୍ର,କୁତୁଲ ସୋରେନ୍ ଯୋଗ ଦେଇ କ୍ରିଡ଼ିବିତ୍ ମାନଙ୍କୁ ଉତ୍ସାହିତ କରିବା ସହ ପୁରସ୍କୃତ କରିଥିଲେ । ଏହି କ୍ଲବ ର ସଭାପତି ଗୋବିନ୍ଦ ଚନ୍ଦ୍ର ହେମ୍ବ୍ରମ, ଉପ ସଭାପତି ମନରଞ୍ଜନ ପାତ୍ର, ସମ୍ପାଦକ ସିଦ ସୋରେନ୍, ସହ ସମ୍ପାଦକ ସୁପାଇ ସୋରେନ୍ ବାର୍ଷିକ ଉତ୍ସବକୁ ସୁରୁଖୁରୁରେ ପରିଚାଳନା କରିଥିଲେ ।

## ବାଲି ଗାଡ଼ି ଉପରେ ଚଢଉ,୩୦ ହଜାର ଜୋରିମାନା



ଲହୁଣୀପଡା (ଭାସ୍କର ନ୍ୟୁଜ): ଲହୁଣୀପଡ଼ା ତହସିଲ ପକ୍ଷରୁ ଚଢାଉ। ବେନିୟମ ଭାବେ ବାଲି ପରିବହନ କରୁଥିବା ଏକ ୧୦ ଚକିଆ ହାଇଓ୍ୱାକୁ ଲହୁଣୀପଡା ତହସିଲଦାର ଦ୍ୱାରା ଜବତ ହେବା ସହିତ ୩୦ ହଜାର ଟଙ୍କା ଜୋରିମାନା ଆଦାୟ କରିଥିବା ଜଣାପଡିଛି। ମିଳିଥିବା ସୂଚନାରୁ ପ୍ରକାଶ ଯେ, ଲହୁଣୀପଡା ଥାନା ଅନ୍ତର୍ଗତ ରାଜାମୁଣ୍ଡା ବାଇପାସ୍ ଛକ ନିକଟରୁ ଏକ ହାଇଓ୍ୱା ବେନିୟମ ଭାବେ ବାଲି ପରିବହନ କରୁଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ଲହୁଣୀପଡା ତହସିଲଦାର ସୌଦାମିନି ନାଏକ ଏବଂ ଆର୍ ଆଇ ଶ୍ରୀକାନ୍ତ ପାତ୍ର ମିଳିତ ଭାବେ ଚଢ଼ାଉ କରିଥିଲେ ଏବଂ ଓଡି୦୯ଏଚ୍-୬୭୭୯ ନମ୍ବର ହାଇଓ୍ୱା କୁ ଜବତ କରିବା ସହିତ ୩୦ ହଜାର ଟଙ୍କା ଜୋରିମାନା କରିଥିବା ଜଣାପଡିଛି। ଜୋରିମାନା ଆଦାୟ କରିବା ପରେ ଗାଡ଼ି କୁ ଛାଡି ଦେଇଥିବା ଜଣାପଡିଛି। ପ୍ରକାଶ ଥାଉ କି ପ୍ରତ୍ୟେକ ଦିନ ଉକ୍ତ ରାସ୍ତା ଦେଇ ଏହିପରି ଶହ ଶହ ଗାଡି ବାଲି ଚୋରି କରୁଥିବା ଅଭିଯୋଗ ହେଉଛି।

## ଫରେଷ୍ଟ ଟ୍ରେନିଂ ସେଣ୍ଟର ବିଦ୍ୟାର୍ଥୀ ଭିତର କନିକା ବୁଲିଲେ

ରାଜନଗର (ଭାସ୍କର ନ୍ୟୁଜ): କେନ୍ଦ୍ରାପଡା ଜିଲ୍ଲା ରାଜନଗର ବନଖଣ୍ଡ ଅଧିନସ୍ଥ ବିଶ୍ୱ ପ୍ରସିଦ୍ଧ ଭିତର କନିକା ଅଭୟାରଣ୍ୟକୁ ଆଜି ଭୁବନେଶ୍ୱର ଘାଟିକିଆ ଫରେଷ୍ଟ ଟ୍ରେନିଂ ସେଣ୍ଟରର ବିଦ୍ୟାର୍ଥୀମାନେ ବୋଟରେ ବୁଲି ଦେଖିଥିଲେ। ଏହି ବିଦ୍ୟାର୍ଥୀମାନଙ୍କୁ ରେଞ୍ଜର ମାନସ ରଞ୍ଜନ ଦାସ, ସହକାରୀ ବନାଞ୍ଚଳ ଅଧିକାରୀ କପିଳେନ୍ଦ୍ର ପ୍ରଧାନ,ଗବେଷକ ପ୍ରଶନ୍ନ କୁମାର ନାୟକ ଏବଂ ନିରାକାର ବେହେରା ତାଲିମ ପ୍ରଦାନ କରିବା ପରେ ବିଦ୍ୟାର୍ଥୀମାନେ ଗୁପ୍ତିରୁ ବୋଟ ଯୋଗେ ଭିତରକନିକା,ତାଳଚୁଆ ଲୁଣା ଜଙ୍ଗଲ ବନୀ କରଣ ଦେଖିଥିଲେ।



### ତିହିଡ଼ି ମହୋତ୍ସବର ୩ୟ ସନ୍ଧ୍ୟା

## ଓଡ଼ିଶା ସାରା ମହକୁଛି ତିହିଡ଼ି ମାଟିର ବାସ୍ନା



ତିହିଡ଼ି,(ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ତିହିଡ଼ି କାଳିପଡ଼ିଆ ଠାରେ ଶ୍ୟାମା କ୍ଲବ ଆୟାଜନରେ ଚାଲିଥିବା ୪ର୍ଥ ତିହିଡ଼ି ମହୋତ୍ସବର ତୃତୀୟ ସନ୍ଧ୍ୟା ସୋମବାର ଅନୁଷ୍ଠିତ ହୋଇ ଯାଇଛି। ତୃତୀୟ ସନ୍ଧ୍ୟାରେ କବି ବିଷ୍ଣୁସେଠୀ ମଞ୍ଚରେ ସଭାପତି ସୋମନାଥ ପାଢ଼ୀ ପୌରୋହିତ୍ୟ କରିଥିଲେ। ଏଥିରେ ଅତିଥି ଭାବେ ଧାମନଗର ବିଧାୟକ ସୂର୍ଯ୍ୟ ବଂଶୀ ସୂରଜ ଯୋଗ ଦେଇ ତିହିଡ଼ିର କଳା, ସଂସ୍କୃତି, ସାହିତ୍ୟ ଓ ପରମ୍ପାରର ବାସ୍ନା ସାରା ଓଡ଼ିଶାରେ ମହକିତ ହେଉଥିବା ବେଳେ ତିହିଡ଼ି ମହୋତ୍ସବ ଆଗାମୀ ଦିନରେ ଏକ ଲୋକ ମହୋତ୍ସବ ଭାବେ ପରିଣତ ହେବ ବୋଲି କହିଥିଲେ। ଏହି ମଞ୍ଚରେ ଅନ୍ୟତମ ଅତିଥି ଭାବେ ମାଳିକା ପ୍ରବଚକ ତଥା ପରିବ୍ରାଜକ ପଣ୍ଡିତ ପ୍ରମୋଦ ପୃଷ୍ଟି ଯୋଗ ଦେଇ ମାଳିକାର ଭବିଷ୍ୟତ ବାଣୀ ଉପରେ ପ୍ରବଚନ ଦେଇଥିଲେ। ଏହି ଅବସରରେ ମଙ୍ଗରାଜପୁର ପ୍ରାଥମିକ ବିଦ୍ୟାଳୟର ପିଲାମାନେ ମୋଗଲ ତାମସା ପ୍ରଦର୍ଶିତ କରି ଲୋକଙ୍କ ମନ ଜିଣିଥିଲେ। ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଭାଟପଡ଼ା ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରମାମଣି ବେହେରାଙ୍କୁ 'ଶିକ୍ଷା ପ୍ରଦୀପ' ସମ୍ମାନ ପ୍ରଦାନ କରାଯାଇଥିଲା। ଶେଷରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଲିଉଡ ଅଭିନେତ୍ରୀ ପୁନମ ମିଶ୍ରଙ୍କ ଅଭିନୟ ଓ ନୃତ୍ୟ ପ୍ରଦର୍ଶନରେ ଝୁମିଥିଲେ ଦର୍ଶକ। ଏଥି ସହିତ ସ୍ଥାନୀୟ କଳାକାମରମାନଙ୍କ ଦ୍ୱାରା ନୃତ୍ୟ ଓ ସଂଗୀତ ପରିବେଷଣ କରାଯାଇଥିଲା। ସମ୍ପାଦକ ଚନ୍ଦ୍ରକାନ୍ତ ମହାନ୍ତି, ଡ. ଲକ୍ଷ୍ମୀଧର ତ୍ରିପାଠୀ, ଅମର କୁମାର ଜେନା, ଧୀରେନ୍ଦ୍ର ସାହୁ, ମନୋଜ କୁମାର ସେନାପତି, ମନୋଜ କୁମାର ପାଣିଗ୍ରାହୀ, ଅମୂଲ୍ୟ ସେନାପତି, ପ୍ରଭାତ ଜେନା, ଗିରିଜାରମଣ ଜେନା, ନରେନ୍ଦ୍ର ବାରିକ, ନାରାୟଣ ପାଢ଼ୀ ପ୍ରମୁଖଙ୍କ ସମେତ ବ୍ଲକ ବିଭିନ୍ନ ସାମାଜିକ ସଂଗଠନର ସଦସ୍ୟମାନେ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ଭାଗବତ ପାରାୟଣର ପୂର୍ଣ୍ଣାହୁତି ସମାରୋହ



ଢେଙ୍କାନାଳ (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ସହର କୁଞ୍ଜକାନ୍ତ ସୁରପ୍ରତାପ ସ୍ମୃତିପୀଠ ଠାରେ ୩୬ତମ ଭାଗବତ ପାରାୟଣର ପୂର୍ଣ୍ଣାହୁତୀ ସମାରୋହ ଅଦ୍ୟ ଅପରାହ୍ନ ୩ ଘଟିକା ସମୟରୁ ଆରମ୍ଭ ହୋଇ ଅପରାହ୍ନ ୬ ଘଟିକା ସମୟରେ ସମାପ୍ତ ହୋଇଅଛି । ଉକ୍ତ ପୂର୍ଣ୍ଣାହୁତି ସମାରୋହରେ ମୁଖ୍ୟ ପୂଜକ ଗଗନ ବିହାରୀ ଶତପତୀ ତଥା ସାଥି ପୂଜକ ଗଣେଶ୍ୱର ଶତପଥି, ଅମୀୟ ତ୍ରିପାଠୀ, ବ୍ୟାସ ପ୍ରଦୀପ କୁମାର ନନ୍ଦ, ଉପବ୍ୟାସ ସରୋଜ ଶତପଥୀ, କର୍ତା ନବକିଶୋର ବିଶ୍ୱାଳଙ୍କ ଦ୍ୱାରା ସମାପନ ହୋଇଅଛି । ଉକ୍ତ ସମାରୋହ ଗତ ୭ ତାରିଖ ଠାରୁ ଆରମ୍ଭ ହୋଇ ସାତଦିନ ବ୍ୟାପୀ ପୂଜାବିଧି ଓ ପାରାୟଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରତ୍ୟେକ ପ୍ରାତଃ କାଳରେ ସୂର୍ଯ୍ୟପୂଜା, ଭାଗବତ ପଠନ ଓ ସନ୍ଧ୍ୟା ସମୟରେ ପ୍ରବଚନ କାର୍ଯ୍ୟକ୍ରମ ହେଉଥିଲା । ସଭାପତି ନବକିଶୋର ବିଶ୍ୱାଳ, ଉପସଭାପତି ଶରତ କୁମାର ଦାସ, ସମ୍ପାଦକ ସର୍ବେଶ୍ୱର ବିଶ୍ୱାଳ, କୋଷାଧ୍ୟକ୍ଷ ଶ୍ୟାମ ସୁନ୍ଦର ରଣା, ଉମେଶ କୁମାର ମିଶ୍ର ତଥା କମିଟିର ସମସ୍ତ ସଦସ୍ୟଙ୍କ ସହଯୋଗ କ୍ରମେ ସୁଚାରୁ ରୂପେ ପରିଚାଳିତ ହୋଇଥିଲା ।

## ଶାନ୍ତିବଟ ଗୁରୁକୁଳ ଆଶ୍ରମର ବାର୍ଷିକ ମହୋତ୍ସବ ଉଦ୍‌ଯାପିତ



କୋଣାର୍କ (ଭାସ୍କର ନ୍ୟୁଜ୍): କୋଣାର୍କ ସନ୍ନିକଟ ବାମରା ସ୍ଥିତ ଶାନ୍ତିବଟ ଗୁରୁକୁଳ ଆଶ୍ରମର ଅଧିଷ୍ଠିତ ଦେବତା ପ୍ରଭୁ ସତ୍ୟନାରାୟଣ ମନ୍ଦିରରେ ୧୦ ତାରିଖ ଠାରୁ ୧୨ ତାରିଖ ପର୍ଯ୍ୟନ୍ତ ତିନିଦିନ ବ୍ୟାପି ବାର୍ଷିକ ଯଜ୍ଞମହୋତ୍ସବମହାସମାରୋହରେ ଅନୁଷ୍ଠିତ ହୋଇଯାଇଅଛି। ବିଶ୍ୱ ଶାନ୍ତି ଉଦ୍ଦେଶ୍ୟରେ ଯଜ୍ଞ,ଚାରିପ୍ରହର ନାମ କୀର୍ତ୍ତନ, ପାଲା, ପ୍ରବଚନ, ଭଜନ ସନ୍ଧ୍ୟା, ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ପ୍ରଭୃତି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହ ୧୧ତାରିଖ ସନ୍ଧ୍ୟାରେ ରାଜ୍ୟସ୍ତରୀୟ କବି ସମ୍ମିଳନୀ ଓ ସାହିତ୍ୟ ସମାରୋହ ଶୀତ ରାତିରେ କବିତା ଆସର ଅନୁଷ୍ଠିତ ହୋଇଯାଇଅଛି। ଖବରରୁ ପ୍ରକାଶ ଆଶ୍ରମ, ସତ୍ୟନାରାୟଣ ମନ୍ଦିର ଓ ସତ୍ୟନାରାୟଣ ସାହିତ୍ୟ ସଂସଦ ପ୍ରଭୃତିର ପ୍ରତିଷ୍ଠାତା ଗାୟକ ଅତିବଡୀ ଓ କବି ମଙ୍ଗରାଜ ବିଶ୍ୱାଳଙ୍କ ପରିଚାଳନାରେ ଅନୁଷ୍ଠିତ ସାହିତ୍ୟ ସଭାରେ ଉଦ୍‌ଘାଟକ ଭାବେ ଗାୟକ ବ୍ୟାସ ଲକ୍ଷ୍ମୀଧର ଦାଶ, ଅତିଥି ଭାବରେ ଆଇନଜୀବୀ ହରେକୃଷ୍ଣ ସ୍ୱାଇଁ, କୁମାର କବି ପ୍ରଶାନ୍ତ ବାହିନୀପତି, ବ୍ୟଙ୍ଗ ସମ୍ରାଟ କବି ସମ୍ପଦ କୁମାର ରଥ, ମଙ୍ଗଳା ରେସିଡେଣ୍ଟ କଲେଜ, ନିମାପଡାର ଚେୟାରମ୍ୟାନ ସମାଜସେବୀ ଚିନ୍ତାମଣି ବରାଳ, ନ୍ୟୁଜ୍ ୭ର ସାମ୍ବାଦିକ ଲଳିତେନ୍ଦୁ ପଲାଉରୀ, ଶିକ୍ଷାବିତ ମନମୋହନ ସ୍ୱାଇଁ, ଅବସରପ୍ରାପ୍ତ ପ୍ରାଧାପକ ସୁଧିର ଚନ୍ଦ୍ର. ଭୂୟାଁ, କବି ସୁବାସ ଚନ୍ଦ୍ର ପ୍ରଧାନ, ଝାଡାଖଣ୍ଡର କବି ସତ୍ୟ ପ୍ରକାଶ କର, କବୟିତ୍ରୀ ସସ୍ମିତା ଦାଶ, ଡଃ ସମୀର କୁମାର ଭୂୟାଁ ପ୍ରମୁଖ ଯୋଗଦାନ କରି ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଅତିଥିମାନଙ୍କ ଦ୍ୱାରା ବାର୍ଷିକ ମୁଖପତ୍ର ପ୍ରତ୍ୟୁଷର ଶୁଭ ଉନ୍ମୋଚନ ହୋଇଥିଲା ଓ କବିତା ଆସରକୁ କଳ୍ପନା ବିଶ୍ୱାଳ, ଗଙ୍ଗାଧର ଓଝା ସଂଯୋଜନା କରିଥିଲା ବେଳେ ଶିକ୍ଷାବିତ, କବି ପ୍ରବୀଣ କୁମାର ସୁବୁଦ୍ଧି ଧନ୍ୟବାଦ ଅର୍ପଣ କରିଥିଲେ। ଦେବେନ୍ଦ୍ର ବିଶ୍ୱାଳ, ଅକ୍ଷୟ କୁମାର ବିଶ୍ୱାଳ, ଦେବରାଜ ବିଶ୍ୱାଳ,ସୁକାନ୍ତ କୁମାର ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

## ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲା ଜିଲ୍ଲା ବିଜେଡ଼ି

ଜଗତସିଂହପୁର, (ଭାସ୍କରନ୍ୟୁଜ): ଓଡ଼ିଶାର ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଏକ ସାମ୍ବାଦିକ ସମ୍ମିଳନୀ ମଧ୍ୟରେ ଧନ୍ୟବାଦ ଜଣାଇଛି ଜିଲ୍ଲା ବିଜେଡ଼ି। ସୂଚନା ମୁତାବକ ଓଡ଼ିଶାର ଉପକୂଳବର୍ତୀ ଅର୍ଥାତ୍ ୯ଟି ଜିଲ୍ଲାର ୧୭ଟି ଅବବାହିକା ଓ ୩ଟି ଅଣଅବାହିକା ଅଞ୍ଚଳର ଚାଷଜମିକୁ ଜଳବନ୍ଦୀ ମୁକ୍ତ ସହ ନିଷ୍କାସନ ପ୍ରକ୍ରିୟା ତ୍ୱରାନ୍ୱିତ କରିବା ତଥା ଡ୍ରେନେଜ ଉନ୍ନତି କାର୍ଯ୍ୟକ୍ରମ ପୂର୍ବରୁ କରାଯାଇଥିଲା। ଏହା ମାଧ୍ୟମରେ ୪୨୮୨ କିମି ଦୈର୍ଘ୍ୟ ଡ୍ରେନେଜ ଚ୍ୟାନେଲର ଖନନ, ଉନ୍ନତି ତଥା ନବୀକରଣ କରାଯାଇ ୮୩,୭୯୬ ହେକ୍ଟର ଚାଷ ଜମିକୁ ଜଳବନ୍ଦୀ ମୁକ୍ତ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହି ଯୋଜନା ଦ୍ୱାରା ଜଗତସିଂହପୁର ଜିଲ୍ଲାର ୧୨୫୦ କିମି ଡ୍ରେନେଜ କାମ କରାଯାଇ ୧୯,୩୪୨ ହେକ୍ଟର ଜମି ପୁନରୁଦ୍ଧାର ହୋଇପାରିବ ବୋଲି ସୂଚନା ଦେଇଛନ୍ତି ସରକାରୀ ଦଳର ମୁଖ୍ୟ ସଚେତକ ତଥା ଜଗତସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି। ଏଥିପାଇଁ ଜିଲ୍ଲା ବିଜେଡ଼ି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ କରାଯାଇ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦିଆଯାଇଛି।



### କୁସୁମୀ ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ

## ଦର୍ଶକଙ୍କ ପାଇଁ ଆକର୍ଷଣ ପାଲଟିଥିଲା ଓଏଭି କୁସୁମୀ ସେଲ୍ଫି ଷ୍ଟାଣ୍ଡ

କୁକୁଡ଼ାଖଣ୍ଡି,(ଭାସ୍କର ନ୍ୟୁଜ): ଗଞ୍ଜାମ ଜିଲ୍ଲାର କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ବାଘଲଟି ସ୍ଥିତ କୁସୁମୀ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରିନ୍ସିପାଲ ଜଗନ୍ନାଥ ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ରୂପେ ବ୍ରହ୍ମପୁର ମହାନଗର ନିଗମ ଡେପୁଟି କମିଶନର ଆର୍ଶୀବାଦ ପରିଡ଼ା, ମୁଖ୍ୟବକ୍ତା ଭାବେ କୁକୁଡ଼ାଖଣ୍ଡି ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ନୃସିଂହ ଚରଣ ମିଶ୍ର, ସମ୍ମାନୀତ ଅତିଥିରୂପେ କୁକୁଡ଼ାଖଣ୍ଡି ବିଡ଼ିଓ ପଲ୍ଲବୀ ସ୍ୱାଇଁ,କୁକୁଡ଼ାଖଣ୍ଡି ତହସିଲଦାର କଲ୍ୟାଣି ସଂଘମିତ୍ରା ଦେବୀ, ବାଘଲଟି ସରପଞ୍ଚ ମାମୀ ସାସମଲ ପ୍ରମୁଖ ମଞ୍ଚାସିନ ଥିଲେ। ପ୍ରିନ୍ସିପାଲ ଶ୍ରୀ ମହାରଣା ବାର୍ଷିକ ବିବରଣୀ ପାଠ କରିଥିଲେ । କ୍ରୀଡ଼ା ଶିକ୍ଷକ ମଧୁସୂଦନ ମିଶ୍ର ଅତିଥି ପରିଚୟ ପ୍ରଦାନ ପୂର୍ବକ ସ୍ୱାଗତ କରିବା ପରେ ନିମନ୍ତ୍ରିତ ଅତିଥୀମାନଙ୍କୁ ଉପଢୌକନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା ।ସଭାକାର୍ଯ୍ୟରେ



ବିଦ୍ୟାଳୟର କୃତିତ୍ୱ ପରୀକ୍ଷା ଫଳାଫଳ ,ଶିକ୍ଷକମାନଙ୍କ ନିଷ୍ଠାପର କାର୍ଯ୍ୟ ଦକ୍ଷତା ଓ ବିଦ୍ୟାର୍ଥୀମାନଙ୍କ ଅକ୍ଲାନ୍ତ ପରିଶ୍ରମ ଯୋଗୁଁ ଏହି ବିଦ୍ୟାଳୟ ସାରା ଓଡ଼ିଶାରେ ଏକ ଉତ୍ତମ ପରିଚୟ ସୃଷ୍ଟି କରିପାରିଛି ବୋଲି ଅତିଥିମାନେ ନିଜ ବକ୍ତବ୍ୟରେ କହିବା ସହିତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କୁ ପ୍ରଶଂସା କରିଥିଲେ। ଆଗାମୀ ଦିନରେ ଏଭଳି ଉଦ୍ୟମ ଜାରି ରଖିବା ପାଇଁ ଆହ୍ୱାନ ଦେଇଥିଲେ। ବିଦ୍ୟାର୍ଥୀମାନଙ୍କ ଦ୍ୱାରା ଆନ୍ଦୋଳିତ ନୃତ୍ୟ,ଗୀତ,ଗ୍ରୁପ ଡ୍ୟାନ୍ସ, ଡ୍ରାମା, ଭଜନ, ନିଖୁଣ ଅଭିନୟ ଅତି ଉଚ୍ଚକୋଟୀର ରହିଥିବାରୁ ସମସ୍ତଙ୍କୁ ବିମୋହିତ କରିଥିଲା। ଉକ୍ତ ଉତ୍ସବରେ ବିଦ୍ୟାଳୟର ସମସ୍ତ ଛାତ୍ର ଛାତ୍ରୀ,ଅଭିଭାବକ,ଶିକ୍ଷାବିତ ଉପସ୍ଥିତ ଥିବା ବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷକ,ଶିକ୍ଷୟିତ୍ରୀ ଓ କର୍ମଚାରୀବୃନ୍ଦ ଉତ୍ସବ ପରିଚାଳନାରେ ସହଯୋଗ କରିଥିବା ବେଳେ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ମଧୁସୂଦନ ମିଶ୍ରଙ୍କ ତତ୍ତ୍ୱାବଧାନରେ ବିଦ୍ୟାର୍ଥୀମାନେ ପ୍ରସ୍ତୁତ କରିଥିବା ଶୁଖିଲା ପତ୍ରରେ ବଡ଼ ହକି ଷ୍ଟିକ୍ ଓ ବଲ୍ ସହିତ ଓଏଭି କୁସୁମୀ ସେଲ୍ଫି ଷ୍ଟାଣ୍ଡ ସମସ୍ତଙ୍କ ମନ ମୋହିଥିଲା। ଏହା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ମାନଙ୍କ ମଧ୍ୟରେ ପ୍ରଥମ ଥର ପାଇଁ ଓଏଭି କୁସୁମିରେ ଏଭଳି ଏକ ନିଆରା ସେଲଫି ଷ୍ଟାଣ୍ଡ ପ୍ରସ୍ତୁତ କରାଯାଇଥିବା ବିଦ୍ୟାଳୟର ପ୍ରିନ୍ସିପାଲ ଶ୍ରୀ ମହାରଣାଙ୍କ ଠାରୁ ସୂଚନା ମିଳିଛି ।

## ଅଗ୍ନିଶମ ବାହିନୀର ମକ୍ ଡ୍ରିଲ

ରଘୁନାଥପୁର,(ଭାସ୍କର ନ୍ୟୁଜ୍) : ରାଜ୍ୟର ସୁରକ୍ଷା ପାଇଁ ଲୋକଙ୍କୁ ପ୍ରଶିକ୍ଷଣ ଆରମ୍ଭ କରାଯାଇ ଆଜି ପ୍ରଥମ ପର୍ଯ୍ୟାୟରେ ରଘୁନାଥପୁର ଦମକଳ ବାହିନୀ ତରଫରୁ ଗୁଆଲିପୁର ପଞ୍ଚାୟତର କୂଳସାହି ବିଦ୍ୟାଳୟରେ ଛାତ୍ରଛାତ୍ରୀ, ଶିକ୍ଷକ ଓ ଜନସାଧାରଣଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଆସନ୍ତା ୧୫ ତାରିଖରେ ସାଦେଇପୁର ପଞ୍ଚାୟତ ଅଫିସ ପରିସରରେ ଅପରାହ୍ନରେ ପ୍ରଶିକ୍ଷଣ ଦିଆଯିବ ବୋଲି ସୂଚନା ମିଳିଛି। ସେହିପରି ୧୬ ତାରିଖରେ ରଘୁନାଥପୁର ପଞ୍ଚାୟତର ଅଙ୍ଗନୱାଡ଼ି କେନ୍ଦ୍ରରେ ତାଲିମ ଦିଆଯିବ ସହିତ ୨୦ ତାରିଖରେ ତଅଁରା, ୨୨ ତାରିଖରେ ଛପଡ଼ା ପଞ୍ଚାୟତର ସିଦ୍ଧେଶ୍ୱର ମନ୍ଦିର ପ୍ରାଙ୍ଗଣରେ, ୨୪ ତାରିଖରେ ତରିକୁନ୍ଦ ପଞ୍ଚାୟତର ହରିରାମପଟଣାରେ ଓ ୨୭ ତାରିଖରେ ଉତରୁକୁଳ ନୀଳକଣ୍ଠେଶ୍ୱର ମନ୍ଦିର ପରିସରରେ ପ୍ରଶିକ୍ଷଣ ଦିଆଯିବ ବୋଲି ରଘୁନାଥପୁର ଦମକଳ କେନ୍ଦ୍ର ତରଫରୁ ସୁଚନା ଦିଆଯାଇଛି।

## ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ପିତୃ-ମାତୃ ପୂଜନ କାର୍ଯ୍ୟକ୍ରମ

ବାଲିପାଟଣା (ଭାସ୍କର ନ୍ୟୁଜ୍): ମାତା ପିତା ହେଉଛନ୍ତି ମନୁଷ୍ୟ ଜୀବନର ପ୍ରଥମ ଗୁରୁ । ପିତା ମାତା ଙ୍କ ଆଶୀର୍ବାଦ ରେ ମନୁଷ୍ୟ ଜୀବନ ସୁଖମୟ ହୋଇଥାଏ । ଏହି ତଥ୍ୟ କୁ ପାଥେୟ କରି ଆଜି ବାଲିପାଟଣା ବ୍ଲକ୍ ଅନ୍ତର୍ଗତ ତୁରିନ୍ତିରା ବିବେକାନନ୍ଦ ଶିକ୍ଷା କେନ୍ଦ୍ର ରେ ଏକ ପିତୃ ମାତୃ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୂଚନା ଅନୁଯାୟୀ ବର୍ତ୍ତମାନ ର ସମାଜ ପାଶ୍ଚାତ୍ୟ ପରମ୍ପରା ପ୍ରତି ଆକର୍ଷିତ ହୋଇ ଘରୋଇ ପରମ୍ପରାକୁ ଅଣଦେଖା କରୁଥିବା ସମୟରେ ଭୁବନେଶ୍ୱର୍ ଖଣ୍ଡଗିରି ସ୍ଥିତ ତପୋବନ ଆଶ୍ରମ ତରଫରୁ ସମାଜ ସଂସ୍କାର କ୍ଷେତ୍ର ରେ ଏପରି ଏକ କାର୍ଯ୍ୟକ୍ରମ ରାଜ୍ୟର ବିଭିନ୍ନ ବିଦ୍ୟାଳୟରେ ଆୟୋଜନ କରାଯାଉଛି। ଆଶ୍ରମର କର୍ମକର୍ତ୍ତା ମାନେ ବିଦ୍ୟାଳୟରେ ପହଞ୍ଚି ଛାତ୍ର ଛାତ୍ରୀମାନଙ୍କୁ ପିତାମାତା ମାନଙ୍କର ଭୂମିକା ଏବଂ ସେମାନଙ୍କ ପ୍ରତି ପିଲାମାନଙ୍କର କର୍ତ୍ତବ୍ୟ ସମ୍ପର୍କରେ ଆଲୋଚନା କରିଥାନ୍ତି। ଏହି କ୍ରମରେ ଆଜି ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଛାତ୍ର ଛାତ୍ରୀ ମାନେ ବିଦ୍ୟାଳୟ ପରିସର ମଧ୍ୟରେ ଏକତ୍ରିତ ହେବା ପରେ ଆଶ୍ରମର କର୍ମକର୍ତ୍ତାମାନେ ପିତା ମାତା ମାନେ କିପରି ବିଭିନ୍ନ କଷ୍ଟ ସହ୍ୟ କରି ନିଜର ସନ୍ତାନଙ୍କୁ ସମସ୍ତ ସୁଖ ପ୍ରଦାନ କରିବା ପାଇଁ ନିଜ ଜୀବନ କୁ ଉତ୍ସର୍ଗ କରିଥାନ୍ତି ସେ ସମ୍ପର୍କରେ ବର୍ଣ୍ଣନା କରିଥିଲେ । ପରେ ପିଲାମାନେ ଉପସ୍ଥିତ ଅଭିଭାବକ ଏବଂ ଗୁରୁଜୀ ଗୁରୁ ମା ମାନଙ୍କୁ ଆରାଧନା କରିବାପରେ ଗୁରୁଜୀ ଗୁରୁମା ମାନେ ଛାତ୍ର ଛାତ୍ରୀ ମାନଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ପିତା ମାତା ମାନଙ୍କର ଅବଦାନକୁ ମନେ ପକାଇ ସମସ୍ତ ଛାତ୍ର ଛାତ୍ରୀ ଏବଂ ଗୁରୁଜୀ ଗୁରୁମା ମାନେ ଅତ୍ୟନ୍ତ ଭାବ ପ୍ରବଣ ହୋଇ ରୋଦନ କରିବାର ଦୃଶ୍ୟ ଏକ ସ୍ୱତନ୍ତ୍ର ପରିବେଶ ସୃଷ୍ଟି କରିଥିଲା । ଶେଷରେ ଜୀବନ କୁ ଶୃଙ୍ଖଳିତ କରିବା ପାଇଁ ଛାତ୍ର ଛାତ୍ରୀ ମାନେ ଶପଥ ପାଠ କରିଥିଲେ। ଆଜିର କାର୍ଯ୍ୟକ୍ରମ କୁ ତପୋବନ ଆଶ୍ରମର କର୍ମକର୍ତ୍ତା ଏବଂ ବିଦ୍ୟାଳୟର ଗୁରୁଜୀ ଗୁରୁମା ମାନେ ପରିଚାଳନା କରିଥିଲେ ।



## ସତ୍ୟରଞ୍ଜନ ସ୍ପୋର୍ଟ୍ସ ଏକାଡେମୀର ବାର୍ଷିକ ଉତ୍ସବ



ଢେଙ୍କାନାଳ (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ଓଡାପଡା ବ୍ଲକ୍ ଅନ୍ତର୍ଗତ କାଣ୍ଡବିନ୍ଧା ଗ୍ରାମ ପଞ୍ଚାୟତ ସ୍କୁଲ୍ ପଡିଆ ଠାରେ ସତ୍ୟରଞ୍ଜନ ସ୍ପୋର୍ଟସ୍ ଏକାଡେମୀର ୨ୟ ବାର୍ଷିକୋତ୍ସବ ପାଳନ ହୋଇଯାଇଅଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲା କ୍ରୀଡା ସଂଘର ସମ୍ପାଦକ ନଳିନୀ କୁମାର ଦାସ ଯୋଗଦେଇ ଖେଳ ଦ୍ୱାରା ନିଜକୁ ସୁସ୍ଥ ରଖିବା ସହ ସୁସ୍ଥ ସମାଜ ଗଠନ କରିବାରେ ସାହାଯ୍ୟ କରିଥାଏ। ମୁଖ୍ୟବକ୍ତା ଭାବେ ଜିଲ୍ଲାର କ୍ରୀଡା ଅଧିକାରୀ ପ୍ରଦୀପ୍ତ କୁମାର ମହାନ୍ତି ଯୋଗଦେଇ ଖେଳାଳୀମାନଙ୍କର ଭବିଷ୍ୟତ ଉଜ୍ୱଳ କାମନା କରିବାସହ ଜିଲ୍ଲା ଏବଂ ଦେଶର ନାମକୁ କିପରି ଗର୍ବିତ କରାଯାଏ ବକ୍ତବ୍ୟ ରଖିଥିଲେ ଏବଂ ପ୍ରଶାସନିକ ଦୃଷ୍ଟିରୁ ଯାହା ସାହାଯ୍ୟ ଦର୍କାର ଚେଷ୍ଟା କରିବେ ବୋଲି ଉପସ୍ଥାପନ କରିଥିଲେ । ସମ୍ମାନନୀୟ ଅତିଥି ଭାବେ ଗ୍ରାମର ସରପଞ୍ଚ ଅଶୋକ କୁମାର ମୁଦୁଲି, ଢେଙ୍କାନାଳ ଲ' କଲେଜ୍ ସଭାପତି ମାନସ ରଞ୍ଜନ ହୋତା, ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଶିକ୍ଷକ ଶରତ କୁମାର ରାଉତ, ଓପିଏସ୍ କଲେଜ୍ ଖେଳ ଶିକ୍ଷକ ନିର୍ମଳ ଚନ୍ଦ୍ର ପୃଷ୍ଟି ଉପସ୍ଥିତ ଥିଲେ । ଏହି ବାର୍ଷିକ ଉତ୍ସବରେ ଏକାଡେମୀ ତରଫରୁ ସିନିୟର ଖେଳାଳୀ ତଥା ପର୍ଶୁରାମ ମିଶ୍ର, ବାବୁଲି ମହାନ୍ତି, ଦୁର୍ଗାଚରଣ ସାହୁ, ବ୍ରଜବନ୍ଧୁ ସାହୁ ଏବଂ ହକି କୋଚ୍ ଫ୍ଲୋରେସିଆ ଏକାଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏକାଡେମିର ସଭାପତି ସତ୍ୟନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବ ହୋଇଥିବା ସହ ଏକାଡେମୀର ସମ୍ପାଦକ ରଞ୍ଜନ କୁମାର ସାହୁ କାର୍ଯ୍ୟକ୍ରମର ବିବରଣୀ ଉପସ୍ଥାପନା କରିଥିଲେ । ଜାତୀୟ ସ୍ତରର ଖେଳାଳୀ ଅଚ୍ୟୁତାନନ୍ଦ ସାହୁ ସଭା ପରିଚାଳନା କରିଥିଲେ । ଜିଲ୍ଲାର ସମସ୍ତ ନେସ୍‌ନାଲ୍ ଖୋ-ଖୋ ଖେଳାଳୀମାନଙ୍କୁ ସମ୍ବର୍ଦ୍ଧିତ ଏବଂ ପୁରସ୍କାର ବିତରଣ କରାଯାଇଥିଲା । ଏକାଡେମୀର ଆଡଭାଇଜର, ଅଶୋକ କୁମାର ସ୍ୱାଇଁ, ବିଚିତ୍ରାନନ୍ଦ ସାହୁ, ଅଚ୍ୟୁତା ସାହୁ, ସୁଶାନ୍ତ ପାଣିଗ୍ରାହୀ, ଚିତ୍ତରଞ୍ଜନ ବେହେରା, ସସ୍ମିତା ସ୍ୱାଇଁ, ନର୍ମଦା ମହାପାତ୍ର, ପଦି ଦଳେଇ, ସରିତା ବିଶ୍ୱାଳ, ବିମଳା ସାହୁ, ସଦସ୍ୟ ଶେଷଦେବ ନାଏକ, ସନ୍ଦୀପ ସାହୁ, ଆଶୁତୋଷ ସାହୁ, ସୌମ୍ୟରଞ୍ଜନ ବାରିକ, ଗୁଲସନ୍ ଓଝା, ଦୀପକ ବେହେରା, ଅନିଲ୍ ସାହୁ, ବୁଲୁ ଦଳେଇ, ମନୋଜ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସାହାଯ୍ୟ କରିଥିଲେ ।

## ଜମିପଟ୍ଟା ପ୍ରଦାନ ନେଇ ଜିଲ୍ଲାପାଳଙ୍କୁ ଦାବି

ରାଜନଗର,(ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ତହସିଲ ଅନ୍ତର୍ଗତ ଦେବେନ୍ଦ୍ର ନାରାୟଣ ପୁର ମୌଜା ଗୁପ୍ତି ପଞ୍ଚାୟତ ଅନ୍ତର୍ଗତ ଓକିଲପାଳ ଗ୍ରାମର ଏକାଧିକ ପରିବାର ୧୯୭୧ମସିହା ପୂର୍ବରୁ ସାତଭାୟା ଗ୍ରାମପଞ୍ଚାୟତ ଅତଧିନସ୍ଥ ଗୋବିନ୍ଦପୁର ଗ୍ରାମରେ ବସବାସ କରୁଥିଲେ। ୧୯୭୧ ପ୍ରଳୟଙ୍କାରୀ ମହା ବାତ୍ୟାରେ ଏମାନଙ୍କର ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ସବୁ ସମୁଦ୍ର ଗର୍ଭରେ ଲୀନ ହୋଇ ଯାଇଥିଲା। ଏମାନଙ୍କ ଭିତରୁ ୩୨ଟି ପରିବାର ସଦସ୍ୟ ଏହି ମହା ବାତ୍ୟାରେ ସମ୍ପୂର୍ଣ୍ଣ ବିଲୁପ୍ତ ହୋଇଯିବା ସହିତ ୭୫୧ଜଣ ପ୍ରାଣ ହରାଇ ଥିଲେ। ଏପରି ସମୟରେ ଏହି ଗ୍ରାମବାସୀଙ୍କୁ ଓକିଲ ପାଳ ଠାରେ ୪ ଡିସିମିଲ ଓ ୫ ଡିସିମିଲ ୭ ଡିସିମିଲ ଘରବାଡ଼ି ଯାଗା ଭୂଦାନ ସଂସ୍ଥା ତରଫରୁ ଯୋଗାଇ ଦିଆଯାଇ ଥିଲା।ହେଲେ ଏମାନଙ୍କ ଭିତରୁ ୨୭୦ଜଣ ପରିବାର ମଧ୍ୟରୁ ଅଦ୍ୟାବଧି ଘରବାଡ଼ି ପଟ୍ଟା ପାଇ ପାରୁ ନାହାଁନ୍ତି। ଏହି ଗ୍ରାମବାସୀ ମଗରକନ୍ଦା ମୌଜା ଓ ଦାଣ୍ଡିଆ ପଦାରେ ଥିବା ଜମିକୁ ଚାଷ ଜମି ଭାବେ ବ୍ୟବହାର କରି ପରିବାର ଭରଣପୋଷଣ କରୁଥିଲେ।

## ସମ୍ପାଦକଙ୍କ ମୁଥମାଡ଼ରେ ଗୁରୁତର ଛାତ୍ର ଡାକ୍ତରଖାନାରେ ଭର୍ତ୍ତି

ବୌଦ୍ଧ(ଭାସ୍କର ନ୍ୟୁଜ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକର ବୀରନରସିଂପୁର ସ୍ଥିତ ରାମକୃଷ୍ଣ ବାଳାଶ୍ରମରେ ସମ୍ପାଦକଙ୍କ ମୁଥମାଡ଼ରେ ବାପା ମା' ଛେଉଣ୍ଡ ଜଣେ ୧୦ମ ଶ୍ରେଣୀ ଅନ୍ତେବାସୀ ଛାତ୍ର ଗୁରୁତର ଆହତ ହୋଇ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ଜଣାପଡିଛି। ଅନ୍ୟପକ୍ଷରେ ଉକ୍ତ ଛାତ୍ରଙ୍କ ଆଘାତ ସ୍ଥଳର ସ୍କାନିଂ ସକାଶେ ଡାକ୍ତର ତାଙ୍କୁ ବୁର୍ଲା ମେଡିକାଲ ରେଫର କରିଥିବା ଜଣାଯାଇଛି। ଏହି ସ୍ପର୍ଶକତାର ଘଟଣା ଜଣାପଡିବା ପରେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଗଭୀର ଉଦବେଗ ପ୍ରକାଶ ପାଇଛି। ପ୍ରାପ୍ତ ସୂଚନା ମତେ ଆହତ ଅନାଥ ଅନ୍ତେବାସୀ ଛାତ୍ର ଜଣକ ବୀରନରସିଂପୁର ସ୍ଥିତ ରାମକୃଷ୍ଣ ବାଳାଶ୍ରମରେ ରହି ନିକଟସ୍ଥ ସାଧୁ ଚରଣ ଉଚ୍ଚ ବିଦ୍ୟାଳୟରେ ୧୦ମ ଶ୍ରେଣୀରେ ବିଦ୍ୟାଧ୍ୟୟନ କରନ୍ତି। ସୋମବାର ଦିନ ଅସୁସ୍ଥତା ଅନୁଭବ କରିବା କାରଣରୁ ସେ ବିଦ୍ୟାଳୟକୁ ପାଠ ପଢିବା ପାଇଁ ଯାଇନଥିଲେ। ମଧ୍ୟାହ୍ନ ୧୨ ବେଳେ ବଳାଶ୍ରମ ପରିଚାଳନା କମିଟିର ସମ୍ପାଦକ ତାଙ୍କୁ ହଷ୍ଟେଲରେ ଦେଖି ସ୍କୁଲ କାହିଁକି ଯାଇନୁ ବୋଲି ଉତ୍ୟକ୍ତ ହୋଇ ମୁହଁକୁ ଏକ ଶକ୍ତମୁଥ ମାରିଥିଲେ।ଫଳରେ ଛାତ୍ର ଜଣକ ଚେତାଶୂନ୍ୟ ହୋଇ ସେଠାରେ ପଡିଯାଇଥିଲେ। ଦୀର୍ଘ ସମୟ ଅତିବାହିତ ହେବା ସତ୍ତ୍ୱେ ଉକ୍ତ ଛାତ୍ରର ସ୍ୱାସ୍ଥ୍ୟବସ୍ଥାରେ ସୁଧାର ନଆସିବାରୁ ଅପରାହ୍ନ ୪ଟା ବେଳେ ତାଙ୍କୁ ଚିକିତ୍ସା ପାଇଁ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟକୁ ଆଣି ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ଆଘାତ ସ୍ଥଳର ସ୍କାନ କରିବା ପାଇଁ ବୁର୍ଲା ମେଡ଼ିକାଲକୁ ରେଫର କରିଥିବା ଜଣାଯାଇଛି। ଏହି ଘଟଣା ବିଭିନ୍ନ ମହଲକୁ ବ୍ୟଥିତ କରିଛି। ଅପରପକ୍ଷରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ବଳାଶ୍ରମ ସମ୍ପାଦକଙ୍କ ବିରୋଧରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ସହ ଅନାଥ ପିଲାଙ୍କ ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ମତପ୍ରକାଶ ପାଉଛି।





କଟକ(ଭାସ୍କର ନ୍ୟୁଜ୍): ରବିବାର ଦିନ ଭଗତପୁର ପୂଜା କମିଟିର ସଭାପତି,ସଂପାଦକ ତଥା ଭଗତପୁର ଗ୍ରାମର ଅଧିକାରୀ ଓ ମହନ୍ତ ପଦ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଗ୍ରାମରେ ଶାନ୍ତି ଶୃଙ୍ଖଳା ସହିତ ଶତକଡା ୯୫ ଭାଗ ଗ୍ରାମବାସୀ ଭୋଟ୍ କେନ୍ଦ୍ରକୁ ଆସି ତାଙ୍କର ନିଜ ନିଜର ଭୋଟ୍ ଦେଇ ଉକ୍ତ ପଦବୀ ଗୁଡ଼ିକ ନିମନ୍ତେ ପ୍ରାର୍ଥି ଚୟନ କରିଥିଲା। ଭୋଟଦାନ ଦିନ ୧୦ଟାରୁ ଆରମ୍ଭ କରାଯାଇ ଅପରାହ୍ନ ୪ଟାରେ ଶେଷ ହୋଇଥିଲା। ନିର୍ବାଚନ ପରିଚାଳନ କମିଟି ଦ୍ୱାରା ଭୋଟ ଗଣତି କରାଯାଇ ରାତ୍ର ୮ ଘଟିକା ସମୟରେ ଫଳାଫଳ ଘୋଷଣା କରାଯାଇଥିଲା ଓ ନିମ୍ନଲିଖିତ ପର୍ଥିମାନେ ଅଧିକାରୀ ଉତ୍ତମ ପୃଷ୍ଟି, ମହନ୍ତ ଦୁଃଶାସନ ସାହୁ , ସଭାପତି ବିବେକାନନ୍ଦ ପାତ୍ର, ସଂପାଦକ ପୂର୍ଣ୍ଣଚନ୍ଦ୍ର ସାହୁ ବିଜୟ ଲାଭ କରିଥିଲେ ଓ ଶେଷରେ ବିଜୟ ପ୍ରାର୍ଥୀମାନଙ୍କୁ ଗ୍ରାମବାସୀ ତଥା ନିର୍ବାଚନ ପରିଚଳନା କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## କେନ୍ଦ୍ର ବିରୋଧରେ ଗର୍ଜିଲା ବିଜେଡି

# ପୂର୍ବପରି ଧାନ ଉଠାଅ, ଚାଉଳ ଦିଅ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : କେନ୍ଦ୍ର ସରକାରଙ୍କ ଚାଷୀ ମାରଣ ନୀତିକୁ ବିରୋଧ କରି ରାଜରାସ୍ତାକୁ ଓହ୍ଲାଇଛି ବିଜେଡି। କେନ୍ଦ୍ର ସରକାର ଧାନ କ୍ରୟ କ୍ଷେତ୍ରରେ ବଜେଟରେ ୨୦ହଜାର କୋଟି ଟଙ୍କା କମ୍ ବ୍ୟୟ ବରାଦ କରିଥିବା ବେଳେ ୫କିଲୋ ମାଗଣା ଚାଉଳ କାଟି ଦେଇଥିବାରୁ ଚାଷୀ କୂଳ ଦୁର୍ଦ୍ଦିନ ଦେଇ ଗତି କରିବେ ବୋଲି ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି। କେନ୍ଦ୍ର ସରକାରଙ୍କ ଏହି ଚାଷୀ ମାରଣନୀତି ବିରୋଧରେ ମଙ୍ଗଳବାର ବିଜେଡି ରାଜ ରାସ୍ତାକୁ ଓହ୍ଲାଇଛି। ଦାବି ପୂରଣ ନହେଲେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ବିଜେଡି ପକ୍ଷରୁ ଚେତାବନି ଦିଆଯାଇଛି। ମଙ୍ଗଳବାର ଠାରୁ ୩ଦିନ ପର୍ଯ୍ୟନ୍ତ ବିଜେଡିର ଏହି ଧାରଣା ଚାଲୁ ରହିବ। ବିଜେଡିର ବରିଷ୍ଠ ନେତାଙ୍କ ସମେତ ଶତାଧିକ କର୍ମୀ ରାଜଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ କେନ୍ଦ୍ର ବିରୋଧରେ ଗର୍ଜିଛନ୍ତି। ବିଜେଡିର ସାଂଗଠନିକ ସଂପାଦକ ପ୍ରଣବ ପ୍ରକାଶ ଦାସଙ୍କ ନେତୃତ୍ୱରେ ଏକ ଟିମ୍ ରାଜଭବନକୁ ଯାଇ ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ବୁଧବାର ରାଜ୍ୟର ସମସ୍ତ ପଞ୍ଚାୟତ ଅଫିସ ଓ ୧୬ତାରିଖରେ ସମସ୍ତ ବ୍ଲକ୍ ଓ ଜିଲ୍ଲାପାଳଙ୍କ ଅଫିସ ଆଗରେ ବିଜେଡି ବିକ୍ଷୋଭ କରିବ ବୋଲି ସୂଚନା ଦେଇଛି। ୧୫ଦିନ ମଧ୍ୟରେ ସମସ୍ୟାର ସମାଧାନ କରାନଗଲେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଚେତାବନି ଦିଆଯାଇଛି। କେନ୍ଦ୍ର ସରକାର ରାଜ୍ୟରୁ ଚାଉଳ ସଂଗ୍ରହ କମ୍ କରିବା ପାଇଁ ନିଷ୍ପତ୍ତି ନେଇଥିବା ବେଳେ ଏହାକୁ ତୀବ୍ର ବିରୋଧ କରିଛି ବିଜେଡି। ପୂର୍ବରୁ କେନ୍ଦ୍ର ସରକାର ୧୮ଲକ୍ଷ ଟନ ଚାଉଳ ସଂଗ୍ରହ କରୁଥିବା ବେଳେ ଏବେ ୪ଟନ ଚାଉଳ ସଂଗ୍ରହ କରିବେ। ଧାନ ଉଠାଣ ପାଇଁ କେନ୍ଦ୍ର ବଜେଟରେ ୨୦ହଜାର ଟଙ୍କା କମ୍ ବ୍ୟୟ ବରାଦ କରାଯାଇଛି । ବିଜେଡି ପକ୍ଷରୁ କୁହାଯାଇଛି ଯେ, କରୋନାରେ ବହୁ ଲୋକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ସେମାନଙ୍କ ଅର୍ଥନୀତି ସୁଦୃଢ଼ ହୋଇ ପାରିନାହିଁ। ମଣ୍ଡିରୁ କେନ୍ଦ୍ର ସରାକର ଉଷୁନା ଚାଉଳ ଉଠାଉ ନାହାନ୍ତି। ପ୍ରଧାନମନ୍ତ୍ରୀ ଗରିବ ଅନ୍ନ କଲ୍ୟାଣ ଯୋଜନାରେ କାଟି ଥିବା ମୁଣ୍ଡ ପିଛା ୫କେଜି ଚାଉଳକୁ ପୁଣି ଥରେ ପ୍ରଦାନ ପାଇଁ କେନ୍ଦ୍ର ସରକାର ପଦକ୍ଷେପ ନେବା ଉଚିତ ବୋଲି ବିଜେଡି ଦାବି କରିଛି।

## ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ନେଇ ବିଜେପିର ହରତାଳ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଗୋଟିଏ ପଟେ ଧାନ କ୍ରୟ ଓ ଚାଉଳ ଯୋଗାଣକୁ ନେଇ ବିଜେଡି ମଙ୍ଗଳବାର ଠାରୁ ୩ଦିନିଆ ବିକ୍ଷୋଭ ଆରମ୍ଭ କରିଥିବା ବେଳେ ମଙ୍ଗଳବାର ମଧ୍ୟ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ସ୍ଥିତିକୁ ନେଇ ବିଜେପି ରାଜରାସ୍ତାକୁ ଓହ୍ଲାଇଛି । ବିଜେପି ପକ୍ଷରୁ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଜି ଛକ, ଜୟଦେବ ବିହାର, ପଳାଶୁଣୀ, ଖଣ୍ଡଗିରି ଓ ସାମନ୍ତରାପୁର ଛକ ସହ ଅନ୍ୟାନ୍ୟ ଛକରେ ବିଜେପି ନେତା ଓ କର୍ମୀମାନେ ଧାରଣାରେ ବସିଛନ୍ତି। ରାଜ୍ୟରେ ଆଇନ ଶୃଙ୍ଖଳା ସ୍ଥିତି ବଜାୟ ରଖିବାରେ ବିଜେଡି ସରକାର ବିଫଳ ହୋଇଥିବା ସେମାନେ ଅଭିଯୋଗ କରିଛନ୍ତି। ମନ୍ତ୍ରୀ ନବ ଦାସ ହତ୍ୟା ମାମଲାରେ ମଧ୍ୟ ବିଜେପି କ୍ରାଇମବ୍ରାଞ୍ଚର ତଦନ୍ତକୁ ନେଇ ପ୍ରଶ୍ନ ଉଠାଇଛି । ମଙ୍ଗଳାବର କେବଳ ଭୁବନେଶ୍ୱରରେ ବିଜେପି ଆନ୍ଦୋଳନ କରିଥିବା ବେଳେ ବୁଧବାର ରାଜଭବନ ସମ୍ମୁଖରେ ଧାରଣା ଦେବ। ଏପରିକି ରାଷ୍ଟ୍ରପତି ଉଦ୍ଦେଶ୍ୟରେ ସ୍ମାରକ ପତ୍ର ଦେବ ବୋଲି ଦଳର ଜଣେ ବରିଷ୍ଠ ନେତା ସୂଚନା ଦେଇଛନ୍ତି।

## ୧୦ ହଜାର ପିଲାଙ୍କୁ ଦିଆଯିବ ଦକ୍ଷତା ବିକାଶ ତାଲିମ୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଯୁବ ବର୍ଗଙ୍କୁ ଟେକ୍ନୋଲୋଜି ଦିଗରେ ଅଗ୍ରସର କରିବା ଦିଗରେ ବିଭାଗ ତତ୍ପର ରହିଛି ବୋଲି କହିଛନ୍ତି ଦକ୍ଷତା ବିକାଶ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡାଇ। ମଙ୍ଗଳବାର ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ସମ୍ମିଳନୀରେ ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ଥିବା ବିଭିନ୍ନ କଲେଜରେ ଖାଲି ଥିବା ସିଟ୍ କୁ ପୁରଣ କରିବା ପାଇଁ ନୂତନ ପଦକ୍ଷେପ ନିଆଯାଉଛି।୧୦,୦୦୦ ପିଲାଙ୍କୁ ଉନ୍ନତ ମାନର ଦକ୍ଷତା ବିକାଶର ତାଲିମ ପ୍ରଦାନ କରାଯିବ। ସେଥି ମଧ୍ୟରୁ ୫୦%ମହିଳାଙ୍କୁ ସୁଯୋଗ ଦିଆଯିବା ନେଇ ନିଷ୍ପତି ଗ୍ରହଣ କରାଯାଇଛି।

## ଠାକୁର ଅନୁକୂଳ ଚନ୍ଦ୍ରଙ୍କର ୧୩୫ ତମ ଜନ୍ମ ମହୋତ୍ସବ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପରମପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ୧୩୫ ତମ ଜନ୍ମ ମହୋତ୍ସବ ଏବଂ ୨୮ତମ ବାର୍ଷିକ ଶ୍ରୀବିଗ୍ରହ ପ୍ରତିଷ୍ଠା ଦିବସ, ଆଧ୍ୟାତ୍ମିକ ପରିବେଶରେ ପାଳିତ ହୋଇଯାଇଛି। ଏହି ଅବସରରେ ସତସଙ୍ଗ ବିହାର ଠାରେ ବେଦ ମାଙ୍ଗଳିକ ଓ ଉଷା କୀର୍ତ୍ତନ ସହ ଗ୍ରନ୍ଥ ପାଠ କରାଯାଇଥିଲା। ଏହା ପରେ ସଂକୀର୍ତ୍ତନ ଶୋଭାଯାତ୍ରା, ଉତ୍ସବ ପଡିଆ ପର୍ଯ୍ୟନ୍ତ କରା ଯାଇଥିଲା। ସେହିପରି ସହିଦ ନଗର ଦୁର୍ଗା ପଡିଆ ଠାରେ ସଂଗୀତାଞ୍ଜଳି, ସହ ପୁସ୍ତକ 'ତର୍ପଣ 'ମାନ୍ୟ ଗଣ୍ୟ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସେହିପରି ଅପରାହ୍ନ ରେ ସ୍ୱାସ୍ଥ୍ୟ ସମ୍ପର୍କିତ ସମ୍ମିଳନୀ ଆୟୋଜିତ ହୋଇଥିଲା। ଏହାପରେ ଓଡ଼ିଶୀ ନୃତ୍ୟ ଶିଳ୍ପୀ ଙ୍କ ଦ୍ୱାରା ଚିତାକର୍ଷକ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ସନ୍ଧ୍ୟାରେ ସମବେତ ସନ୍ଧ୍ୟା ବିନତୀ ସହ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସଭା ଉପରାନ୍ତେ ବିଭିର୍ନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ପରିଶେଷରେ ବିଚିତ୍ରାନୁଷ୍ଠାନର କାର୍ଯ୍ୟକ୍ରମ ସହ ଏହି ମାଙ୍ଗାଳିକ ଅନୁଷ୍ଠାନର ପରିସମାପ୍ତି ଘଟିଥିଲା। ଏହି ସମସ୍ତ କାର୍ଯ୍ୟକ୍ରମ ଡ. ବିନାୟକ ମହାପାତ୍ର, ଅଭୟ କୁମାର ପରିଡା, ଗୋପୀନାଥ ତ୍ରିପାଠୀ, ଶ୍ରୀଧର ମିଶ୍ର, ହୃଷିକେଶ ସେନାପତି, ନୃସିଂହ ଚରଣ ତ୍ରିପାଠୀ, ଡମ୍ବରୁଧର ଦାଶ, ସ୍ଥାନୀୟ କର୍ପୋରେଟର ରାଜକିଶୋର ଦାସ, ଚିତ୍ତ କଂସ, କଳିଙ୍ଗ କେଶରୀ ରଥ, ଭାଗ୍ୟଧର ଜଗଦେବ, ହରିହର ପଣ୍ଡା, ରମାକାନ୍ତ ସୁବୁଦ୍ଧି, ପ୍ରଫୁଲ୍ଲ କୁମାର ମହାନ୍ତି, ଧୃତିକାମ ମହାନ୍ତି, ଉମାକାନ୍ତ ସାହୁ, ପ୍ରଫୁଲ୍ଲ କୁମାର ମିଶ୍ର, ସୁଧୀର କୁମାର ଜେନା, କୃପାନିଧି ବିଶ୍ୱାଳ, ରଜନୀକାନ୍ତ ପାଣିଙ୍କ ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ତଥା ସହିଦ ନଗର ଦୁର୍ଗା ପୂଜା କମିଟି ର ମିଳିତ ସହଯୋଗରେ, ଏହି କାର୍ଯ୍ୟ ସଫଳତାର ସହିତ ସମ୍ପୂର୍ଣ୍ଣ ହୋଇଥିଲା।




## ଲୁଲୁ ମହାପାତ୍ରଙ୍କ ୫୯ତମ ଜୟନ୍ତୀ ପାଳିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପୂର୍ବତନ ବିଧାୟକ, ଯୁବନେତା ତଥା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ କାର୍ଯ୍ୟକାରୀ ସଭାପତି ସ୍ୱର୍ଗତ ଲଲଟେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ୫୯ତମ ଜନ୍ମଜୟନ୍ତୀ କାର୍ଯ୍ୟକ୍ରମ ମଙ୍ଗଳବାର ଲୁଲୁ ମହାପାତ୍ର ରାଜ୍ୟସ୍ତରୀୟ ସ୍ମୃତି କମିଟି ପକ୍ଷରୁ ଭୁବେନେଶ୍ୱର ୟୁନିଟ୍-୯ ସ୍ଥିତ ରାଧାକୃଷ୍ଣ ମନ୍ଦିର ଠାରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ମୃତି କମିଟିର ଅଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତି ଅଧ୍ୟକ୍ଷତା କରିଥିଲେ ଏବଂ କମିଟିର ସଭାପତି ଚିନ୍ମୟ ପ୍ରସାଦ ବେହୁରା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ କାର୍ଯ୍ୟକ୍ରମକୁ ଶୁଭଉଦଘାଟନ କରି ସ୍ୱର୍ଗତ ଲୁଲୁ ବାବୁଙ୍କ ଜୀବନୀ, ବ୍ୟକ୍ତିତ୍ୱ ଓ ଆଦର୍ଶକୁ ଆଜିର ଯୁବ ସମାଜ ଅନୁକରଣ କରିବାକୁ ଆହ୍ୱାନ କରିଥିଲେ।

## ସିଡିଏ ସେକ୍ଟର ୧୦ରେ ଜବରଦଖଲ ଉଚ୍ଛେଦ



କଟକ(ଭାସ୍କର ନ୍ୟୁଜ୍): କଟକ ମହାନଗର ନିଗମ(ସିଏମସି) ଓ କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ଏନେଫାସର୍ମେଣ୍ଟ ଟିମ୍ ପକ୍ଷରୁ ସିଡିଏ ସେକ୍ଟର ୧୦ ଅଞ୍ଚଳରୁ ଜବରଦଖଲ ଉଚ୍ଛେଦ କରାଯାଇଛି । ବେଆଇନ ଭାବେ ବ୍ୟବସାୟ ଚଳାଉଥିବା ଏକାଧିକ ବ୍ୟକ୍ତିଙ୍କୁ ଉଚ୍ଛେଦ କରାଯିବା ସହ ପରବର୍ତ୍ତୀ ସମୟେର ସେମାନେ ଯେପରି ବ୍ୟବସାୟ ନ ଚଳାନ୍ତି ସେଥିପାଇଁ ତାଗିଦ କରାଯାଇଥିଲା। ରାସ୍ତାର ଉଭୟ ପାଶ୍ୱର୍ରେ ଥିବା ଜବର ଦଖଲକୁ ଏନେଫାସର୍ମେଣ୍ଟ ବିଭାଗ ପକ୍ଷରୁ ଉଚ୍ଛେଦ କରାଯାଇଥିଲା। ବିଶେଷକରି ବିସ୍ତୀର୍ଣ୍ଣ ଖାଲି ସ୍ଥାନକୁ ଦଖଲ କରି ବ୍ୟବସାୟ ଚାଲିଥିବା ୧୦ଟି ଟିଣ କ୍ୟାବିନ, ୬ଟି କାଠ କ୍ୟାବିନ, ୫ଟି ବେଆଇନ ହୋର୍ଡିଂ, ୫ଟି ନର୍ସରୀ, ୫ଟି ବାଉଁଶ ଦୋକାନ, ୨ଟି ଅସ୍ଥାୟୀ ଗ୍ୟାରେଜକୁ ଉଚ୍ଛେଦ କରାଯାଇଥିଲା । ସିଡିଏ ଏନେଫାସର୍ମେଣ୍ଟ ଟିମ ମୁଖ୍ୟ ପରେଶ କୁମାର ନାୟକ ଏହି ଉଚ୍ଛେଦ କାର୍ଯ୍ୟର ନେତୃତ୍ୱ ନେଇଥିଲେ ।






କାଳିମେଳା, (ଭାସ୍କର ନ୍ୟୁଜ୍): କାଳିମେଳା ତହସିଲ ଅନ୍ତର୍ଗତ ଏମ୍‌ଭି ୯୦ ଗ୍ରାମ ତଥା ୩୨୬ ଜାତୀୟ ରାଜପଥ କଡ଼ରେ ଥିବା ଘର ଗୁଡ଼ିକୁ ପ୍ରଶାସନ ପକ୍ଷରୁ ଆଜି ଜବରଦଖଲ ଉଚ୍ଛେଦ କରାଯାଇଛି। ସରକାରୀ ଜମିକୁ ଜବରଦଖଲ କରି ଏମ୍‌ଭି ୯୦ ଗ୍ରାମର ତିନି ଜଣ ପରିବାର ଘର ନିର୍ମାଣ କରିଥିଲେ। ପୂର୍ବରୁ ଏମାନଙ୍କୁ ତହସିଲ ପକ୍ଷରୁ ନୋଟିସ୍ ଦିଆଯାଇଥିଲେ ସୁଦ୍ଧା ନିର୍ଦ୍ଧାରିତ ସମୟ ମଧ୍ୟରେ ସେମାନେ ଭାଙ୍ଗି ନଥିଲେ। ତେଣୁ ବାଧ୍ୟ ହୋଇ ପ୍ରଶାସନ ପକ୍ଷରୁ ଜେସିବି ମେସିନ୍ ଦ୍ୱାରା ଘର ଗୁଡ଼ିକକୁ ଭାଙ୍ଗି ଦିଆଯାଇଛି। ମାଜିଷ୍ଟ୍ରେଟ ତଥା ତହସିଲଦାର ଚଇନୁ ଗଣ୍ଡ, ପୁଲିସ ଏସ୍‌ଡିପିଓ, ଥାନା ପୁଲିସ, ଏକ ପ୍ଲାଟୁନ୍ ପୋଲିସ ଫୋର୍ସ ଉପସ୍ଥିତିରେ ଏହି ଘର ଗୁଡ଼ିକ ଭଙ୍ଗା ଯାଇଥିଲା। ସୁବାସ ମଜୁମଦାରଙ୍କ ତିନି ବଖରା ନୂତନ ଛାତଘର ସମେତ ବିଶ୍ୱଜିତ ମାଲାକାର ଓ କମଲ ରାୟଙ୍କ ଆଜବେଷ୍ଟସ ଘର ଭଙ୍ଗା ଯାଇଛି। ଆଗକୁ ୪ ୱେ ରାସ୍ତା ନିର୍ମାଣ ଯୋଜନା ଥିବାରୁ ରାସ୍ତା କଡରେ ଥିବା ଘର ଗୁଡ଼ିକୁ ଉଚ୍ଛେଦ କରାଯିବା ସୂଚନା ମିଳିଛି ମିଳିଛି। ସେହିପରି କାଳିମେଳା ସହିଦ୍ ଡାମ୍ବା ଦୋରା ଉଦ୍ୟାନ ପରିସର ଆଗରେ ଥିବା ଶନି ମନ୍ଦିର ଯୋଗୁଁ ଉଦ୍ୟାନର ସୌନ୍ଦର୍ଯ୍ୟ ନଷ୍ଟ ହେଉଥିଲା। ତେଣୁ ଶନି ମନ୍ଦିର ମଧ୍ୟ ଉଚ୍ଛେଦ କରାଯାଇଛି।

### ସଂକଳ୍ପର ତୃତୀୟ ପ୍ରତିଷ୍ଠା ଦିବସ ଓ ବଳିଦାନ ଦିବସରେ ମତ ପ୍ରକାଶ

# ସମାଜସେବା ସଂକଳ୍ପ ଯୁବ ସମାଜ ପାଇଁ ଏକ ଆହ୍ୱାନ



ବରଗଡ଼, (ଭାସ୍କର ନ୍ୟୁଜ୍): ସାମ୍ପ୍ରତିକ ସମାଜରେ ନିସ୍ୱାର୍ଥପର ସେବା ଯୁବ ସମାଜ ପାଇଁ ଆହ୍ୱାନରେ ପରିଣତ ହୋଇଥିବା ବେଳେ ସମାଜ ସେବା ପାଇଁ ଯୁବ ସମାଜ ଆଗେଇ ଆସିବା ଉଚିତ ବୋଲି ବରଗଡ଼ ଟାଉନ ହଲ୍‌ଠାରେ ମଙ୍ଗଳବାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସଂକଳ୍ପର ତୃତୀୟ ପ୍ରତିଷ୍ଠା ଦିବସ ତଥା ବଳିଦାନ ଦିବସ ପାଳନ ଅବସରରେ ବିଶିଷ୍ଟ ଅତିଥିଗଣ ମତ ପ୍ରକାଶ କରିଛନ୍ତି। ରୋହିତ ଜେଶ୍ୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ପୁଲବାମା ସହିଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ସହିତ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବରେଣ୍ୟ ଅତିଥି ଭାବେ ବରଗଡ଼ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ ଯୋଗ ଦେଇ ଯୁବ ଶକ୍ତି ପାଇଁ ସେବାକୁ ବ୍ରତ ଭାବେ ଗ୍ରହଣ କରି ଆଗେଇ ଆସନ୍ତୁ ବୋଲି ଆହ୍ୱାନ ଦେଇଥିବା ବେଳେ ଅନ୍ୟତମ ବରେଣ୍ୟ ଅତିଥି ସିଆର୍‌ପିଏଫ୍ ଡିଆଇଜି ଲାଲ୍‌ଚାନ୍ଦ ଯାଦବ ଦେଶ ମାତୃକାର ସେବା ହି ପ୍ରତ୍ୟେକ ଭାରତୀୟଙ୍କ ସଂକଳ୍ପ ହେଉ ବୋଲି ଉଲ୍ଲେଖ କରିଥିଲେ। ମୁଖ୍ୟ ବକ୍ତା ଆର୍ନ୍ତଜାତୀୟ ସଫ୍ଟ ସ୍କିଲ୍ ଟ୍ରେନର୍ ଜୟପ୍ରକାଶ ଶତପଥୀ ସଂକଳ୍ପ ଅନୁଷ୍ଠାନର ସେବା ସଂକଳ୍ପକୁ ଭୂୟସୀ ପ୍ରସଂଶା କରିଥିଲେ। ଏହି ଅବସରରେ ବିକାଶ ଅଗ୍ରୱାଲ ବାର୍ଷିକ ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ବିଶିଷ୍ଟ ଶିକ୍ଷାବିଦ ମନୋରଞ୍ଜନ ସାହୁ କବି ନୀତିଶ ଆଚାର୍ଯ୍ୟ ପ୍ରମୁଖ ମଞ୍ଚାସୀନ ଥିଲେ। ସହିଦ ରଞ୍ଜନ ଦାଶଙ୍କ ମା' କୁମୁଦିନି ଦାଶଙ୍କୁ ଅନୁଷ୍ଠାନ ତରଫରୁ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ସମୟରେ ଗାନ କରାଯାଇଥିବା ଦେଶାତ୍ମବୋଧକ ସଙ୍ଗୀତରେ ଉପସ୍ଥିତ ଜନ ସାଧାରଣଙ୍କ ମଧ୍ୟରେ କିଛି ସମୟ ପାଇଁ ଭାବବିହ୍ୱଳ ପରିବେଶ ସୃଷ୍ଟି ହୋଇଥିଲା। ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ପାଇଁ ୧୦୮ ଆମ୍ବୁଲେନ୍ସ କର୍ମଚାରୀ ଭରତ ପଣ୍ଡା ଓ ସାଥି ତଥା ସମ୍ବଲପୁରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପରିଚୟର ସଦସ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ସୁଶ୍ରୀ ଅଭିପ୍ସା ପତି ଓଡିଶୀ ନୃତ୍ୟ ମହମ୍ମଦ ତାହୀର ଓ ସୁଶ୍ରୀ ଗ୍ରେସୀ ନିଶା ସିଂହଲ କଣ୍ଠ ସଙ୍ଗୀତ ପରିବେଷଣ କରିଥିବା ବେଳେ ବିଶାଳ ଡେନ୍ସ ଏକାଡେମୀ ଦ୍ୱାରା ଲୋକନୃତ୍ୟ ଉସୁ ଏକାଡେମୀ ଦ୍ୱାରା ଆତ୍ମରକ୍ଷା କଳା ପରିବେଷଣ କରାଯାଇଥିଲା। ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ ରକ୍ତଦାନ ଶିବିରରେ ୧୫ ଜଣ ମହିଳାଙ୍କ ସମେତ ସମୁଦାୟ ୬୫ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ବିଭିନ୍ନ ସମୟରେ ସଂକଳ୍ପ ପରିବାରର ରକ୍ତଦାନ ଶିବିର ପରିଚାଳନାରେ ସକ୍ରିୟ ସହଯୋଗ ପାଇଁ ନିୟାମ ଶିକ୍ଷା ସଂସ୍ଥା ଓ ପଞ୍ଚାୟତ କଲେଜ ଏନ୍‌ସିସି ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସର୍ଦ୍ଦାର ପ୍ରୀତମ ସିଂ କବି ନୀତିଶ ଆଚାର୍ଯ୍ୟ ସମାଜସେବୀ ଗୌରହରି ମିଶ୍ର କୁମୁଦିନି ଦାଶ ପ୍ରମୁଖ ଉପସ୍ଥିତ ରହି କଳାକାରଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ଗୋପବନ୍ଧୁ ପୁରୋହିତ ସଂଯୋଜନା କରିଥିବା ବେଳେ ସଂକଳ୍ପ ପରିବାରର ସମସ୍ତ ସଦସ୍ୟ ସଦସ୍ୟା ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ। ସଭାପତି ରୋହିତ ଜଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଦକ୍ଷତା ବିକାଶ କାର୍ଯ୍ୟକ୍ରମ



କୋରାପୁଟ, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ଦକ୍ଷତା ବିକାଶ ତାଲିମ କେନ୍ଦ୍ରରେ କୋରାପୁଟ ଜିଲ୍ଲାର କୃଷକ ଉତ୍ପାଦକ ଗୋଷ୍ଠୀ କୃଷକ ଉତ୍ପାଦକ କମ୍ପାନୀ ଏବଂ ଅଗ୍ରଣୀ କୃଷକମାନଙ୍କ ପାଇଁ ମହୁ ରପ୍ତାନି ଭିତ୍ତିକ ଦକ୍ଷତା ବିକାଶ କାର୍ଯ୍ୟକ୍ରମର ଆୟୋଜିତ ହୋଇଯାଇଛି। ପ୍ରଗତି ଅନୁଷ୍ଠାନ ଆପେଡା (ବାଣିଜ୍ୟ) ଓ ଶିଳ୍ପ ମନ୍ତ୍ରାଣାଳୟ, ଭାରତ ସରକାରଙ୍କ ମିଳିତ ସହଯୋଗରେ ଆପେଡାର ୩୭ତମ ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆପେଡାର ପୂର୍ବାଞ୍ଚଳ ଆଞ୍ଚଳିକ ମୁଖ୍ୟ ସନ୍ଦୀପ ସାହା, ନାବାର୍ଡ ଜିଲ୍ଲା ମହାପ୍ରବନ୍ଧକ ମୁରାରୀ ମୋହନ ବେହେରା, ଆଦିବାସୀ ବିକାଶ ସମବାୟ ସମିତିର ଜିଲ୍ଲା ପରିଚାଳକ ସୁରେଶ ଚନ୍ଦ୍ର ମଲ୍ଲିକ, ଓରମାସର କାର୍ଯ୍ୟ ନିର୍ବାହି ଅଧିକାରୀ ରୋଶନ କୁମାର କାର୍ତ୍ତିକ, ସର୍ବୋଦୟ ସମିତି ସହକାରୀ କାର୍ଯ୍ୟ ନିର୍ବାହି ଅଧିକାରୀ ପ୍ରଦୀପ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୋରାପୁଟ ଜିଲ୍ଲାରେ ମହୁ ଚାଷ ଓ ତାର ଗୁଣାତ୍ମକମାନ ବୃଦ୍ଧି ସହ ରପ୍ତାନିର ସମ୍ଭାବନା ବିଷୟରେ ଆଲୋଚନା କରିଥିଲେ। ଆପେଡାର ପୂର୍ବାଞ୍ଚଳ ଆଞ୍ଚଳିକ ମୁଖ୍ୟ ସନ୍ଦୀପ ସାହା କାର୍ଯ୍ୟକ୍ରମର ଲକ୍ଷ୍ୟ ତଥା ଆପେଡାର ଆଭିମୁଖ୍ୟ ସମ୍ପର୍କରେ ଉପସ୍ଥାପନ କରିବା ସହ କୋରାପୁଟ ଜିଲ୍ଲାରେ ଉତ୍ପାଦିତ ମହୁର ପ୍ରକ୍ରିୟାକରଣ ଓ ଭବିଷ୍ୟତର କୃଷକ ଉତ୍ପାଦକ ଗୋଷ୍ଠୀ କୃଷକ ଉତ୍ପାଦକ କମ୍ପାନି ମାନଙ୍କୁ ରପ୍ତାନି ନିମନ୍ତେ ପ୍ରସ୍ତୁତ କରିବା ଏବଂ କୃଷି ଉଦ୍ୟୋଗି କରଣକୁ ପ୍ରବର୍ଦ୍ଧାଇବା ନିମନ୍ତେ ଆଲୋଚନା କରିଥିଲେ। ଏହାଦ୍ୱାରା କୋରାପୁଟ କୃଷକଙ୍କର ମହୁ ଯଦି ଅନ୍ୟ ଦେଶକୁ ରପ୍ତାନି ହୁଏ ତେବେ କୃଷକମାନେ ନିଶ୍ଚିତ ଭାବରେ ଉପକୃତ ହେବେ ଏବଂ ସେମାନଙ୍କର ଆୟ ମଧ୍ୟ ବୃଦ୍ଧି ପାଇବ ବୋଲି କହିଛନ୍ତି। ମୁରାରୀ ମୋହନ ବେହେରା ମହୁଚାଷର ପ୍ରସାର ନିମନ୍ତେ ନାବାର୍ଡର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଦୀପ ମହାନ୍ତି ମହୁ ଚାଷ କାର୍ଯ୍ୟକ୍ରମ ସମ୍ପର୍କରେ ଉପସ୍ଥାପନା କରିଥିଲେ। ସୁରେଶ ଚନ୍ଦ୍ର ମଲ୍ଲିକ ଓ ରୋଶନ କାର୍ତ୍ତିକ ମହୁର ପ୍ରକ୍ରିୟାକରଣ ଏବଂ ବଜାର ବ୍ୟବସ୍ଥା ବିଷୟରେ ମତାମତ ଦେଇଥିଲେ। ପ୍ରଗତିର ସମ୍ପାଦକ ପ୍ରଭାକର ଅଧିକାରୀ ଆଗାମୀ ଦିନରେ ମହୁ ଚାଷକୁ ବ୍ୟାପକ କରିବା ସହ କୃଷକ ଉତ୍ପାଦକ କମ୍ପାନୀ ମାଧ୍ୟମରେ ବିକ୍ରିବଟା ଓ ରପ୍ତାନି ପାଇଁ ଯୋଜନା ପ୍ରସ୍ତୁତ କରାଯିବ ବୋଲି କହିଥିଲେ। ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ମହୁ ଚାଷୀ ତଥା କୃଷକ ଉତ୍ପାଦକ କମ୍ପାନୀଗୁଡିକ ସେମାନଙ୍କ ଅନୁଭୂତି, ସମସ୍ୟା ଓ ଆବଶ୍ୟକତା ସମ୍ପର୍କରେ ମତ ରଖିଥିଲେ। ପ୍ରଗତିର କାର୍ଯ୍ୟନିର୍ବାହି ଅଧିକାରୀ ଡ. ଲୁନା ପଣ୍ଡା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## କମ୍ପ୍ୟୁଟର ବିଜ୍ଞାନର ବ୍ୟବହାର ଓ ଅପବ୍ୟବହାରକୁ ନେଇ ବକ୍ତୃତା ପ୍ରତିଯୋଗିତା

ବରଗଡ଼, (ଭାସ୍କର ନ୍ୟୁଜ୍): ସ୍ଥାନୀୟ କମଗାଁ କଲେଜଠାରେ ଜିଲ୍ଲାର ସର୍ବ ବୃହତ୍ କମ୍ପ୍ୟୁଟର ଶିକ୍ଷା ଅନୁଷ୍ଠାନ ତଥା ରାଜ୍ୟସ୍ତରୀୟ ସମ୍ମାନ ପାଇଥିବା ସଂସ୍ଥା ମିଟ୍ କମ୍ପ୍ୟୁଟର ଦ୍ୱାରା ଏକ ବକ୍ତୃତା ପ୍ରତିଯୋଗୀତା 'ଭବିଷ୍ୟତ ଗଠନ ପାଇଁ କମ୍ପ୍ୟୁଟର ବିଜ୍ଞାନର ବ୍ୟବହାର ଓ ଅପବ୍ୟବହାର' ଶୀର୍ଷକରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ସଭାପତିତ୍ୱ କରିଥିଲେ ସଂସ୍କୃତ ଅଧ୍ୟାପକ ଶ୍ୟାମ ସୁନ୍ଦର୍ ସାହୁ, ସମ୍ମାନିତ ଅତିଥି ଭାବେ ଏଜୁକେସନ ଅଧ୍ୟାପକ ଅରବିନ୍ଦ ଦାସ, ଓଡ଼ିଆ ଅଧ୍ୟାପିକା ପାର୍ବତୀ ଭୋଇ, ମୁଖ୍ୟ ବକ୍ତା ଭାବେ କମ୍ପ୍ୟୁଟର ବିଜ୍ଞାନ ବିଭାଗର ଅଧ୍ୟାପକ ବୈକୁଣ୍ଠ ସାହୁ, ଉପସ୍ଥାପିକା ଭାବେ ସମାଜ ବିଜ୍ଞାନ ବିଭାଗର ଅଧ୍ୟାପିକା ଜ୍ୟୋତିର୍ମୟୀ ପଧାନ, ବିଚାରକ ମଣ୍ଡଳୀରେ ଓଡ଼ିଆ ଅଧ୍ୟାପିକା ଟୁନି ବେହେରା, ଇଂରାଜୀ ଅଧ୍ୟାପକ ଅମୀୟ ପଟେଲ, ହିନ୍ଦୀ ଅଧ୍ୟାପିକା ମୋନାଲିସା ପଧାନ ସହଯୋଗ କରିଥିଲେ। ଏହି ବକ୍ତୃତା ପ୍ରତିଯୋଗୀତାରେ ପ୍ରଥମ ସ୍ଥାନ କୁମାରୀ ଶୁଭ୍ରାରାଣୀ ସାହୁ, ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ କୁମାରୀ ଅପର୍ଣ୍ଣା ସାହୁ, ତୃତୀୟ ସ୍ଥାନ ଅଧିକାର କରିଥିଲେ କୁମାରୀ ଅମୃତା ପ୍ରଧାନ। ପ୍ରତିଯୋଗୀତା ପରେ ସମାଜ ବିଜ୍ଞାନ ବିଭାଗର ଅଧ୍ୟାପିକା ଶ୍ରୀମତୀ ଜ୍ୟୋତିର୍ମୟୀ ପଧାନ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର ଓ ଅପବ୍ୟବହାରର ସାରାଂଶ ବର୍ଣ୍ଣନା କରି ନିଜର ମତବ୍ୟକ୍ତ କରିବା ସମୟରେ ମିଟ୍ କମ୍ପ୍ୟୁଟରରେ ପଢିବା ସମୟରେ ଘଟିଥିବା ନିଜର ବିଦ୍ୟାର୍ଥି ଜୀବନର ଅନୁଭୂତି ବର୍ଣ୍ଣନା କରିଥଲେ। ଶେଷରେ ଓଡ଼ିଆ ଅଧ୍ୟାପିକା ପାର୍ବତୀ ଭୋଇ କୋଶଲୀ ଢଗଢମାଳି ଓ ଲୋକକଥା ବ୍ୟବହାର କରି ଅତି ସୁନ୍ଦର ଭାବରେ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମାଧ୍ୟମିକ ଶିକ୍ଷକ ସଂଘର ଦାବିପତ୍ର



କୋରାପୁଟ, (ଭାସ୍କର ନ୍ୟୁଜ୍): ଦୁଇ ଦଫା ଦାବି ପୂରଣ ନେଇ କୋରାପୁଟ ଜିଲ୍ଲାପାଳ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ଜିଲ୍ଲାର ସମସ୍ତ ହାଇସ୍କୁଲର ନୂତନ ପେନ୍‌ସନ୍ ଯୋଜନାଭୁକ୍ତ ମାଧ୍ୟମିକ ଶିକ୍ଷକ ଶିକ୍ଷୟିତ୍ରୀ ତଥା କୋରାପୁଟ ଜିଲ୍ଲା ନୂତନ ପେନ୍‌ସନ୍ ଯୋଜନାଭୁକ୍ତ ମାଧ୍ୟମିକ ଶିକ୍ଷକ ସଂଘର ସାଧାରଣ ସଂପାଦକ ସିଦ୍ଧାର୍ଥ ମହାପାତ୍ର, ରାଜ୍ୟ ସଂଘର ଯୁଗ୍ମ ସମ୍ପାଦକ ଏସ୍ ଅମିତାଭ ପଣ୍ଡା, ଅରୁଣ ଦାସ, ମନୋଜ ସୁନାନୀ, ସୁଶାନ୍ତ ମହାପ୍ରରସ ତରୁଣ ଦଳାଇ ପ୍ରମୁଖ ଜିଲ୍ଲାପାଳଙ୍କୁ ଏହି ଦାବିପତ୍ର ପ୍ରାଦନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ ଅନୁସାରେ ୨୦୦୪ରୁ ୨୦୧୩ ମଧ୍ୟରେ ନିଯୁକ୍ତି ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କର ୬ବର୍ଷ ଚୁକ୍ତି ଅବଧିକୁ ମୂଳ ଚାକିରି ସହ ଯୋଗ କରିବା ସହ ୬ଟି ଜାତୀୟ ଇଂକ୍ରିମେଣ୍ଟ ପ୍ରଦାନ କରିବା ଓ ୨୦୧୬ରୁ ୨୦୨୨ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ତୁରନ୍ତ ନିମୟିତ କରିବା ଦାବି ନେଇ ମୁଖ୍ୟମନ୍ତ୍ରୀ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସଚିବଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଦାବି ପୂରଣ ନେଇ କିଛି ଦିନ ପୂର୍ବରୁ ଏହି ଶିକ୍ଷକ ଶିକ୍ଷୟିତ୍ରୀମାନେ ଭୁବନେଶ୍ୱର ଗାନ୍ଧୀ ମାର୍ଗରେ ଆନ୍ଦୋଳନରେ ବସିଥିଲେ। ତେବେ ସରକାର ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନକୁ ସ୍ଥଗିତ ରଖିଥିଲେ। ହେଲେ ପ୍ରତିଶ୍ରୁତି ମିଳିବାର ମାସେ ବିତିଯାଇଥିଲେ ମଧ୍ୟ ସରକାର ଏ ଯାଏଁ ଦାବି ପୂରଣ କରିନାହାନ୍ତି। ତେଣୁ ସରକାରଙ୍କୁ ଆଉ ଥରେ ଜାଗ୍ରତ କରିବା ପାଇଁ ଦାବିପତ୍ର ପ୍ରଦାନ କରାଯାଇଛି। ଏହାପରେ ଯଦି ସରକାର ଏହି ଦୁଇଟି ଦାବିକୁ ପୂରଣ ନକରିନ୍ତା ତାହାଲେ ଆସନ୍ତା ୧୫ ତାରିଖରେ ଜିଲ୍ଲାର ସମସ୍ତ ବିଧାୟକ ମନ୍ତ୍ରୀମାନଙ୍କୁ ଦାବିପତ୍ର ପ୍ରଦାନ କରାଯିବ। ଏହା ସତ୍ତ୍ୱେ ସରକାର କୌଣସି ନିଷ୍ପତି ଗ୍ରହଣ ନକରନ୍ତି ତାହେଲେ ଆସନ୍ତା ବିଧାନସଭାରେ ରାଜରାସ୍ତାକୁ ଓହ୍ଲାଇବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

## ରାଷ୍ଟ୍ରୀୟ ସେବା ଯୋଜନା ଏବଂ ଯୁବ ରେଡ୍‌କ୍ରସ୍ ରାଜ୍ୟ ଅଧିକାରୀଙ୍କ ମାଲକାନଗିରି ପରିଦର୍ଶନ

ଖଇରପୁଟ, (ଭାସ୍କର ନ୍ୟୁଜ୍): ଜାତୀୟ ସେବା ଯୋଜନାର ରାଜ୍ୟ ଅଧିକାରୀ ତଥା ଯୁବ ରେଡ୍‌କ୍ରସ୍ ଅଧିକାରୀ ଡ.ରମେଶ ଚନ୍ଦ୍ର ବେହେରା କୁଡୁମୁଲଗୁମ୍ମା ସ୍ଥିତ ଡାରୱିନ ସ୍ମାରକୀ ମହାବିଦ୍ୟାଳୟଠାରେ ଆୟୋଜିତ ହେଉଥିବା ଯୁବ ନେତୃତ୍ୱ ପ୍ରଶିକ୍ଷଣ ଶିବିରରେ ଯୋଗଦାନ କରିଛନ୍ତି। ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଯୋଜିତ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେବା ସହ ଡ.ବେହେରା ଜିଲ୍ଲାର ସମସ୍ତ ଜାତୀୟ ସେବା ଯୋଜନା ଅଧିକାରୀ ଏବଂ ଯୁବ ରେଡ୍ କ୍ରସ୍ ପରାମର୍ଶଦାତାମାନଙ୍କର ମିଳିତ ବୈଠକରେ ଉଭୟ ସଂସ୍ଥାର ନିକଟରେ ଜିଲ୍ଲାରେ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମର ସୂଚନା ପ୍ରଦାନ କରିଥିଲେ। ରାଜ୍ୟ ଅଧିକାରୀ ଡ.ବେହେରା ସମସ୍ତ ମହାବିଦ୍ୟାଳୟ ଓ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧିକାରୀଙ୍କ ନିକଟରୁ ମତାମତ ଆହ୍ୱାନ କରିବା ସହ କାର୍ଯ୍ୟକ୍ରମ ଆୟୋଜନରେ ହେଉଥିବା ସମସ୍ୟା ବିଷୟରେ ପଚାରି ବୁଝିଥିଲେ। ବିଭିନ୍ନ ମହାବିଦ୍ୟାଳୟ ଓ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧିକାରୀଙ୍କ ଦ୍ୱାରା ଦିଆଯାଇଥିବା ପ୍ରସ୍ତାବ ଗୁଡ଼ିକୁ ଗ୍ରହଣ କରିବା ସହିତ ଜିଲ୍ଲାରେ ସଂଗଠନକୁ ଅଧିକ ଦୃଢ଼ କରିବା ଦିଗରେ ଅଧିକ ପ୍ରୟାସ




କାର୍ଯ୍ୟର ପର୍ଯ୍ୟାଲୋଚନା କରିଛନ୍ତି। ଉକ୍ତ ବୈଠକରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ଅଧିକାରୀ ଡ.ଜୟନ୍ତ କୁମାର ପଣ୍ଡା ଉପସ୍ଥିତ ରହି ସମସ୍ତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା କାର୍ଯ୍ୟର ଅନୁଧ୍ୟାନ କରିଥିଲେ। ଜିଲ୍ଲା ଜାତୀୟ ସେବା ଯୋଜନା ଅଧିକାରୀ ସରୋଜ କୁମାର ମହାପାତ୍ର, ପୂର୍ବତନ ଜାତୀୟ ସେବା ଯୋଜନା ଅଧିକାରୀ ନମିତା ଦଣ୍ଡସେନା, ଜିଲ୍ଲା ଯୁବ ରେଡ୍ କ୍ରସ୍ ସମ୍ପାଦକ ଡ.ରଞ୍ଜନ କୁମାର ସ୍ୱାଇଁ ଓ ଜିଲ୍ଲା ଯୁବ ରେଡ୍ କ୍ରସ୍ ସଂଯୋଜକ ଡି.ଆଶିଷ ରାଠୋର ରାଜ୍ୟ ଅଧିକାରୀଙ୍କ କରିବାଲାଗି ଡ.ବେହେରା ପରାମର୍ଶ ପ୍ରଦାନ କରିଥିଲେ। ସରକାରଙ୍କ ଦ୍ୱାରା ମାଲକାନଗିରି ଭଳି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାର ଛାତ୍ରଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମର ସୂଚନା ପ୍ରଦାନ କରିବା ସହିତ ଆଗାମୀ ଦିନରେ ସ୍ୱାଭିମାନ ଅଞ୍ଚଳରେ ଛାତ୍ରଛାତ୍ରୀଙ୍କୁ ନେଇ ଶିବିର ଆୟୋଜନ କରିବା ଲାଗି ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ସଭାରେ ବିଭିନ୍ନ ମହାବିଦ୍ୟାଳୟର ୨୫ରୁ ଉର୍ଦ୍ଧ୍ୱ ଅଧିକାରୀ ଯୋଗଦାନ କରିଥିଲେ।

### ବିଜୁ କୃଷକ କଲ୍ୟାଣ ଯୋଜନା

## ଗଭୀର ବୋରୱେଲ୍ ପ୍ରକଳ୍ପ ପୁଞ୍ଜ ଉଦ୍‌ଘାଟନ କଲେ ସାଂସଦ



କାଳିମେଳା, (ଭାସ୍କର ନ୍ୟୁଜ୍): ଚାଷୀଙ୍କ ହିତ ଓ କଲ୍ୟାଣ ଲାଗି ଅନୁଷ୍ଠିତ କାର୍ଯ୍ୟକ୍ରମରେ ନବରଙ୍ଗପୁର ସାଂସଦ ରମେଶ ଚନ୍ଦ୍ର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜୁ କୃଷକ କଲ୍ୟାଣ ଯୋଜନା ଅନ୍ତର୍ଗତ ଗଭୀର ବୋରୱେଲ ପ୍ରକଳ୍ପ ପୁଞ୍ଜକୁ ଉଦଘାଟନ କରିଛନ୍ତି। ମାଲକାନଗିରି ଜିଲ୍ଲା କାଳିମେଳା ବ୍ଲକ୍ ତେଲାରାଇ ଗ୍ରାମପଞ୍ଚାୟତର ଜାକଲଗୁଣ୍ଡି ଗ୍ରାମର ହିତାଧିକାରୀ ତଥା କୋରାପୁଟ ସମାଜର ସଭାପତି ଓ୍ୱାଗା ମାଡକାମିଙ୍କ ଜମିରେ ବୋରୱେଲ ଖନନକୁ ଶ୍ରୀ ମାଝୀ ଉଦ୍‌ଘାଟନ କରିବା ପରେ ନିକଟସ୍ଥ ଏମ୍‌ଭି-୧୨୬ ଗ୍ରାମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚସ୍ଥ ହୋଇଥିଲେ। ଏ ଅବସରରେ ସାଂସଦ ଶ୍ରୀ ମାଝୀଙ୍କ ସମେତ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରି ଟାଙ୍ଗୁଲୁ, ଜିଲ୍ଲା ପରିଷଦ ସଭ୍ୟା ମମତା ପଡିଆମି, ତେଲାରାଇ ସରପଞ୍ଚ ମୁତା ସୋଡି, କାଳିମେଳା ସରପଞ୍ଚ ପୃଥିବୀ ରାଜ ମାଝୀ, ପୂର୍ବତନ ବିଧାୟକ ମାନସ ମାଡକାମି, ଓଡ଼ିଶା ଉଠା ଜଳସେଚନର ଉପଦେଷ୍ଟା ପ୍ରମୋଦ ପାଢି, ନିର୍ବାହୀ ଅଧିକାରୀ ରମେଶ ଚନ୍ଦ୍ର ପାତ୍ର, ସହକାରୀ ଯନ୍ତ୍ରୀ ମହିନି ଚରଣ ବେହେରା ଏବଂ କନିଷ୍ଠ ଯନ୍ତ୍ରୀ ଟି.କିରନ କୁମାର, ବିଜେଡି ବ୍ଲକ୍ ସଭାପତି ଶରତ ଚନ୍ଦ୍ର ବିଶ୍ୱାଳ, ବିଜେଡି ଜିଲ୍ଲା ସାଂଗଠନିକ ସମ୍ପାଦକ ନୃସିଂହ ଚରଣ ମହାନ୍ତି, କୟା ସମାଜ ସଭାପତି ଓ୍ୱାଗା ସୋଡି, ଦିଲିପ ବିଶ୍ୱାସ, ଅନୁପ ମିସ୍ତ୍ରୀ, ସୁଜୟ ମିସ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରୁ ବିଭିନ୍ନ ଲୋକ ପ୍ରତିନିଧି, ସ୍ଥାନୀୟ ଅଞ୍ଚଳର ଶତାଧିକ ଚାଷୀ ଉପସ୍ଥିତ ଥିଲେ। ଯେଉଁ ଜମି ଗୁଡ଼ିକରେ କେନାଲ ଜଳ ମାଡୁ ନାହିଁ କିମ୍ବା ଜଳ କର ଦେଉନଥିବେ, ସେପରି ଜମି ଗୁଡ଼ିକରେ ଏହି ପ୍ରକଳ୍ପ ୯୦ ପ୍ରତିଶତ ରିହାତିରେ ଚାଷୀଙ୍କୁ ଯୋଗାଇ ଦିଆଯାଉଛି। ତେଣୁ ଓଡ଼ିଶା ସରକାରଙ୍କ ଜଳ ସଂପଦ ବିଭାଗ ତରଫରୁ ଓଡ଼ିଶା ଉଠା ଜଳସେଚନ ନିଗମ ଦ୍ୱାରା ବିଜୁ କୃଷକ କଲ୍ୟାଣ ଯୋଜନାରେ ଚାଷୀମାନେ ଅନ୍ତର୍ଭୁକ୍ତ ହୋଇ ଜମିରେ ଜଳସେଚନର ସୁବିଧା ପାଇପାରିବେ ବୋଲି ମଞ୍ଚାସିନ ଅତିଥିମାନେ ବୁଝାଇଥିଲେ। ଉକ୍ତ ପ୍ରକଳ୍ପର ଜଳସେଚନ କ୍ଷମତା ୨ ହେକ୍ଟର ରହିଥିବା ବେଳେ ୪ ଜଣ ହିତାଧିକାରୀଙ୍କ ପାଇଁ ଗୋଟିଏ ବିଦ୍ୟୁତ୍ ଟ୍ରାନସଫର୍ମ ଯୋଗାଇ ଦିଆଯିବ। ଚୁକ୍ତି ଅନୁଯାୟୀ ପାଖରେ ଥିବା ଚାଷୀ ମଧ୍ୟ ଏହି ପ୍ରକଳ୍ପ ଜଳ ନେଇ ପାରିବ ବୋଲି ଜଣାପଡିଛି। ଚାଷୀମାନଙ୍କ ସ୍ୱାର୍ଥ ପାଇଁ ନବୀନ ପଟ୍ଟନାୟକ ଗୋଟିଏ ପରେ ଗୋଟିଏ ଯୋଜନା କାର୍ଯ୍ୟକାରୀ କରୁଥିବା ବେଳେ ନିକଟ ଭବିଷ୍ୟତରେ ବଡ଼ ପଦକ୍ଷେପ ନେବାକୁ ଯାଉଛନ୍ତି। ଯାହାକି ବିଏସ୍‌କେୱାଇ ଢାଞ୍ଚାରେ ରାଜ୍ୟ ଆଣିବ ଫସଲ କ୍ଷତିପୂରଣ ନୀତି। ଏଥିରେ ୧୦ ପ୍ରତିଶତ ଫସଲ ନଷ୍ଟ ହେଲେ ବି ଚାଷୀଙ୍କୁ ମିଳିବ କ୍ଷତିପୂରଣ ସହାୟତା। ତା'ଛଡା କେଣସି ବୀମା ପ୍ରିମିୟମ ରାଶି ଚାଷୀଙ୍କୁ ଦେବାକୁ ପଡ଼ିବ ନାହିଁ। ତେଣୁ ଚାଷୀଙ୍କ ପାଇଁ ଖୁବ ଶୀଘ୍ର ଏକ ଯୋଜନା ପ୍ରଣୟନ କରିବାକୁ ଯାଉଥିବା ସୂଚନା ମିଳିଛି।

## ୨୭୬ କେ.ଜି ଗଞ୍ଜେଇ ଜବତ

କୋରାପୁଟ, (ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲା ସେମିଳିଗୁଡା ଥାନା ଅନ୍ତର୍ଗତ ବେହେରାଗୁଡା କ୍ରସର ରାସ୍ତାରୁ ପୋଲିସ ଏକ କାର୍‌ରୁ ୨୭୬ କିଲୋ ଗଞ୍ଜେଇ ଜବତ କରିଛି। ତେବେ ଅନ୍ଧାରର ସୁଯୋଗ ନେଇ ଗଞ୍ଜେଇ ଚାଲାଣକାରୀ ଚମ୍ପଟ ମାରିଥିବା ଜଣାପଡିଛି। ସୂଚନା ଅନୁଯାୟୀ, ବିଳମ୍ବିତ ରାତିରେ ଏକ କାରରେ ପାଡୁଆ ଅଞ୍ଚଳରୁ ବାହାର ରାଜ୍ୟକୁ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ନେଇ କୌଣସି ସୂତ୍ରରୁ ସେମିଳିଗୁଡା ପୋଲିସ ଖବର ପାଇଥିଲା। ପରେ ଗଞ୍ଜେଇ ଜବତ କରିବା ପାଇଁ ଏସ୍‌ଆଇ ଦୀପକ କୁମାର ବାରିକ ଓ ଏଏସ୍‌ଆଇ ଦିଗାନ୍ତ ବିହାରୀ ପ୍ରଭୁ ସହାୟଙ୍କ ନେତୃତ୍ୱରେ ଏକ ଟିମ୍ ଦାମନଯୋଡି ଛକ ରାସ୍ତାରେ ପାଟ୍ରୋଲିଂ କରୁଥିଲେ। ତେବେ ଗଞ୍ଜେଇ ବୋଝେଇ କାର୍ (ଓଆର୍୧୪ଟି ୧୦୦୭) ମୁଖ୍ୟରାସ୍ତା ପରିବର୍ତ୍ତେ ପାକଝୋଲା ରାସ୍ତା ଦେଇ ଦାମନଯୋଡି ଆଡକୁ ଯିବାବେଳେ ବେହେରାଗୁଡା କ୍ରସର ରାସ୍ତାରେ ପୋଲିସ ହାବୁଡରେ ପଡିଥିଲେ। ତେବେ ପୋଲିସକୁ ଦେଖିବା ପରେ କାର୍ ଭିତରେ ଥିବା ଦୁଇ ଗଞ୍ଜେଇ ଚାଲାଣକାରୀ ଗାଡି ଛାଡି ନିକଟସ୍ଥ ପାହାଡ ଉପରକୁ ଦୌଡି ଚମ୍ପଟ ମାରିଥିଲେ। ପରେ ପୋଲିସ କାର୍ ଯାଞ୍ଚ କରିବାରୁ ଡିକି ଭିତରେ ୫୫ଟି ପ୍ୟାକେଟରେ ଗଞ୍ଜେଇ ଥିବା ଦେଖିବାକୁ ପାଇଥିଲେ। ପୋଲିସ ଗଞ୍ଜେଇ ଓ କାର୍ ଜବତ କରି ଥାନାକୁ ନେଇଥିଲା। ଜବତ ଗଞ୍ଜେଇ ଓଜନ କରାଯିବା ପରେ ଏହା ୨୭୬ କିଲୋ ଏବଂ ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୨୦ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଥଲା। ଏନେଇ ସେମିଳିଗୁଡା ଥାନାର କେଶ୍ ନଂ ୨୦/୨୩ ଅନୁଯାୟୀ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି। ଚମ୍ପଟ ମାରିଥିବା ଗଞ୍ଜେଇ ଚାଲାଣକାରୀ ଅତିଶୀଘ୍ର ଧରାପଡିବେ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଏସ୍‌ଡିପିଓ ମନୋଜ କୁମାର ବେହେରା।

## ପଞ୍ଚାୟତ ସମିତି ବୈଠକ

ଖପ୍ରାଖୋଲ, (ଭାସ୍କର ନ୍ୟୁଜ୍): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ପରିସରରେ ନିର୍ମିତ ନୂତନ ସଭା ଗୃହର ଉଦ୍‌ଘାଟନ ସହ ଚତୁର୍ଥ ପଞ୍ଚାୟତ ସମିତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପାଟଣାଗଡ ବିଧାୟକ ସରୋଜ ମେହେର ଯୋଗଦେଇ ନାଲି ଫିତା କାଟି ସଭାଗୃହ ଉଦ୍‌ଘାଟନ କରିଥିଲେ। ପରେ ବ୍ଲକ ଅଧ୍ୟକ୍ଷା ନିରୁପମା ପଟେଲଙ୍କ ଅଧ୍ୟକ୍ଷତାରେ ଚତୁର୍ଥ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ମୁଖ୍ୟ ଅତିଥି ରୂପେ ପାଟଣାଗଡ ବିଧାୟକ ସରୋଜ କୁମାର ମେହେର ସମ୍ମାନିତ ଅତିଥି ରୂପେ ସାଂସଦ ପ୍ରତିନିଧି ପ୍ରବୀଣ ଅଗ୍ରୱାଲ, ବ୍ଲକ ଉପାଧ୍ୟକ୍ଷ ସୁଖିରାମ ସାଣ୍ଡ, ଜିଲ୍ଲା ପରିଷଦ ସଭ୍ୟା ସଂଯୁକ୍ତା ମେହେର, ପ୍ରମିଳା ପାଥର ଯୋଗ ଦେଇଥିଲେ। ବୈଠକ ଆରମ୍ଭରେ ବିଡିଓ ରଶ୍ମି ରଞ୍ଜନ ରାଉତ ସମସ୍ତଙ୍କୁ ସ୍ୱାଗତ କରି ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ଅବସରରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ଗମନାଗମନ, କୃଷି, ଉପରେ ଆଲୋଚନା ହୋଇଥିଲା। ବ୍ଲକ୍‌ର ଛାତ୍ରଛାତ୍ରୀ କମ ଦର୍ଶାଇ ବିଦ୍ୟାଳୟ ଉଚ୍ଛେଦକୁ ନେଇ ସଦସ୍ୟମାନେ ହଟ୍ଟଗୋଳ କରିଥିଲେ। ପରେ ଖରାଦିନ ଆସୁଥିବାରୁ ସବୁ ଗାଁରେ ପାନୀୟ ଜଳ ଯୋଗାଣକୁ ଗୁରୁତ୍ୱ ଦେବା ସହ ନିର୍ମାଣାଧୀନ ଜଳ ଯୋଗାଣ ପ୍ରକଳ୍ପ ଗୁଡ଼ିକ ତୁରନ୍ତ ଶେଷ କରିବାକୁ ଦାବି କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସହକାରୀ ନିର୍ବାହୀ ଯନ୍ତ୍ରୀ ମହେଶଲାଲ ଅଗ୍ରୱାଲ, ବ୍ଲକ୍ ଶିକ୍ଷା ଅଧିକାରୀ ସୁରେନ୍ଦ୍ର ପୁରୋହିତ, ହରିଶଙ୍କର ରେଞ୍ଜର ଗିରିଧାରୀ ନାଗ, ଲାଠୋର ରେଞ୍ଜର ପ୍ରଭାତୀ ସେଠ, ସିଡିପିଓ ସୁଜାତା ଦୋରା, ଆର୍‌ଡବ୍ଲୁଏସ୍‌ଏସ୍ ଜେଇ ଚିନ୍ମୟ ପାଧାନ, ଜେଇ ଶ୍ୟାମ ହରିଜନ, ବ୍ଲକ୍ କୃଷି ଅଧିକାରୀ ସୁଜିତ୍ ଭୋଇ, ସ୍ୱାସ୍ଥ୍ୟ ବିଭାଗ ବିପିଏମ୍ ରାକେଶ ମିଶ୍ର, ସମେତ ବିଭିନ୍ନ ବିଭାଗର ଅଧିକାରୀ, କନିଷ୍ଠ ଯନ୍ତ୍ରୀ ସରପଞ୍ଚ, ସମିତି ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ଶେଷରେ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ବିକାଶ ବାର୍ଲା ଧନ୍ୟବାଦ ଅର୍ପଣ କରିଥିଲେ।

# ଉଠାଜଳସେଚନ ପ୍ରକଳ୍ପ ଉଦ୍‌ଘାଟିତ



ଖଇରପୁଟ, (ଭାସ୍କର ନ୍ୟୁଜ୍): ରାଜ୍ୟ ସରକାର ତଥା ପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସବୁବେଳେ କୃଷକମାନଙ୍କ ପାଇଁ ବିଭିନ୍ନ ପ୍ରକାର ଯୋଜନା କରିଛନ୍ତି। ସେଥିପାଇଁ କୃଷକ କଲ୍ୟାଣ ପାଇଁ କୃଷି ଋଣ, କୃଷି ଯନ୍ତ୍ରପାତି ହେଉ କିମ୍ବା କୃଷକମାନଙ୍କୁ କୃଷି ବୀମା ଯୋଜନାରେ ସାମିଲ କରି କୃଷକମାନଙ୍କୁ କୌଣସି ଦେଉ ଦେବାକୁ ପଡିବ ନାହିଁ ତଥାପି ରାଜ୍ୟ ସରକାର ଘୋଷଣା କରିଛନ୍ତି ଯଦି କୌଣସି କାରଣରୁ ଯଦି ଫସଲ ନଷ୍ଟ ହୁଏ ତାହେଲେ ରାଜ୍ୟ ସରକାରଙ୍କ ପକ୍ଷରୁ କ୍ଷତିଗ୍ରସ୍ତ ହୋଇଥିବା ଚାଷୀମାନଙ୍କୁ ତାଙ୍କର କ୍ଷତିପୂରଣ ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯିବ। ତାହା ସହିତ କୃଷକମାନଙ୍କ ସହାୟତା ପାଇଁ ବର୍ଷକୁ ଖରିପ ଓ ରବି ଫସଲ ସମୟରେ କାଳିଆ ଯୋଜନା ମାଧ୍ୟମରେ ଆର୍ଥିକ ସହାୟତା କରି ବେଶ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି ରାଜ୍ୟ ସରକାର। ରାଜ୍ୟ ସରକାରଙ୍କ କୃଷକ କଲ୍ୟାଣ ଯୋଜନାରେ ରାଜ୍ୟରେ ଲକ୍ଷ ଲକ୍ଷ କୃଷକ ଉପକୃତ ହେଉଛନ୍ତି। ସେହିପରି ଚାଷୀମାନେ କିପରି ନିଜ ଜମିରେ ଖରିପ ଓ ରବି ଦୁଇଟି ସମୟରେ ଚାଷୀମାନେ ଜମିରେ ଚାଷ କରି ପାରିବେ ରାଜ୍ୟ ସରକାରଙ୍କ ପକ୍ଷରୁ ଯେଉଁ ଅଞ୍ଚଳରେ କେନାଲ ପାଣିର ସୁବିଧା ଅଛି ସେହି ଅଞ୍ଚଳରେ ଚାଷୀମାନଙ୍କ ଜମି ଜଳସେଚିତ ହେଉଛି। କିନ୍ତୁ ଯେଉଁ ଅଞ୍ଚଳରେ କେନାଲ ପାଣି ନାହିଁ ସେହି ଅଞ୍ଚଳ ଗୁଡିକ ଏବେ ରାଜ୍ୟ ସରକାର ନଜରରେ ରଖି ଉଠା ଜଳସେଚନ ପ୍ରକଳ୍ପ ମାଧ୍ୟମରେ ଚାଷୀମାନଙ୍କ ଜମିରେ ପାଣି ଯୋଗାଇବା ସଂକଳ୍ପ ନେଇଛନ୍ତି ଏବଂ ତାହା ମଧ୍ୟ ଅନେକ ଅଞ୍ଚଳରେ ଉଠା ଜଳସେଚନ ସୁବିଧା ସୁଯୋଗ ନେଇ ଚାଷୀମାନେ ବେଶ ନିଜର ଆର୍ଥିକ ମେରୁଦଣ୍ଡ ସୁଦୃଢ଼ କରି ପାରିଛନ୍ତି। ସେହିପରି ଆଜି ଉପାନ୍ତ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଅନ୍ତର୍ଗତ ଆମ୍ବାଗୁଡା ପଞ୍ଚାୟତ ସଦର ଗ୍ରାମରେ ରାଜ୍ୟ ସରକାରଙ୍କ ଉଠାଜଳସେଚନ ବିଭାଗ ତରଫରୁ ୧୪ ଲକ୍ଷ ଟଙ୍କା ବ୍ୟୟରେ ଏକ ଉଠା ଜଳସେଚନ ଗତ ୧୫-୧୧-୨୦୨୨ରେ ଆରମ୍ଭ ହୋଇ ୩୧-୦୨-୨୦୨୩ ମାନେ ମାତ୍ର ତିନି ମାସ ଭିତରେ କାର୍ଯ୍ୟ ସମସ୍ତ କରାଯାଇଥିଲା। ଆଜି ସେହି ଉଠାଜଳସେଚନ ପ୍ରକଳ୍ପକୁ ଶୁଭ ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ସାଂସଦ ରମେଶ ଚନ୍ଦ୍ର ମାଝୀ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଉଠାଜଳସେଚନ ବିଭାଗର ଉପଦେଷ୍ଟା ପ୍ରମୋଦ କୁମାର ପାଢ଼ୀ, କୋରାପୁଟ ସମବାୟ ସମିତିର ଅଧ୍ୟକ୍ଷ ଈଶ୍ୱର ପାଣିଗ୍ରାହୀ, ସ୍ୱତନ୍ତ୍ର ଆଦିବାସୀ ବିକାଶ ପରିଷଦର ଅଧ୍ୟକ୍ଷ ଆଡମା ରାବା ଓ ମାଥିଲି ପଞ୍ଚାୟତ ସମିତି ଅଧ୍ୟକ୍ଷ ମହେଶ କୁମାର ବାକା ଆମ୍ବାଗୁଡା ଗ୍ରାମରେ ପହଞ୍ଚିବା ମାତ୍ରେ ଗ୍ରାମର ମହିଳା, ପୁରୁଷ ଓ ଆବାଳ ବୃଦ୍ଧ ବନିତା ପୁଷ୍ପମାଲ୍ୟ ଦେଇ ଆଦିବାସୀ ପାରମ୍ପରିକ ନୃତ୍ୟ ଓ ସଙ୍ଗୀତ ସହିତ ଢେମସା ନୃତ୍ୟ ତାଳେତାଳେ ସ୍ୱାଗତ କରି ନୂତନ ଭାବେ ନିର୍ମାଣ ହୋଇଥିବା ଉଠା ଜଳସେଚନ ସ୍ଥାନକୁ ପାଛୋଟି ନେଇଥିଲେ। ଉପସ୍ଥିତ ଅତିଥିମାନେ ଯୋଗଦେଇ ଉଠାଜଳସେଚନ ପ୍ରକଳ୍ପକୁ ଶୁଭ ଉଦ୍‌ଘାଟନ କରି ଚାଷୀମାନଙ୍କୁ ଉତ୍ସର୍ଗ କରିଥିଲେ। ଏହି ଅଞ୍ଚଳର ୨୧ ଜଣ ଚାଷୀଙ୍କ ୫୦ ଏକର ଚାଷ ଜମିରେ ରବି ଓ ଖରିପ ସମୟରେ ଚାଷ ପାଇଁ ପାଣିର ସୁବିଧା ହୋଇଥିବାରୁ ଉପକୃତ ଚାଷୀମାନେ ରାଜ୍ୟ ସରକାର ତଥା ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ସାଂସଦ ଓ ବିଧାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି। ପରେ ଆମ୍ବାଗୁଡା ପଞ୍ଚାୟତ ସଭା ଗୃହରେ ଏକ ବୈଠକ ଆୟୋଜନ କରାଯାଇଥିଲା। ରାଜ୍ୟ ସରକାରଙ୍କ କୃଷକମାନଙ୍କ ପାଇଁ କୃଷକ କଲ୍ୟାଣ ଯୋଜନା ଗୁଡିକ ଉପରେ ତାହା ବିସ୍ତୃତ ଭାବରେ ଲୋକମାନଙ୍କୁ ବୁଝାଇଥିଲେ। ଏହି ଉଦ୍‌ଘାଟନ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ମାଥିଲି ଜୋନ୍ ୧ ଜିଲ୍ଲା ପରିଷଦ ସଭ୍ୟା ତଥା ବିଜୁ ଜନତା ଦଳ ଜିଲ୍ଲା ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ନାୟକ, ମାଥିଲି ଜୋନ୍ ୨ ଜିଲ୍ଲା ପରିଷଦ ସଭ୍ୟ ହିରଣ୍ୟ ମୁଦୁଲି, ମାଥିଲି ସଦର ଜିଲ୍ଲା ପରିଷଦ ସଭ୍ୟା ସସ୍ମିତା ମାଝୀ, ବିଜୁ ଜନତା ଦଳ ଜିଲ୍ଲା ବରିଷ୍ଠ ସାଙ୍ଗଠନିକ ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ପଣ୍ଡା, ବରିଷ୍ଠ ଆଇନଜୀବୀ ସରୋଜ କୁମାର ସାହୁ, ସାଂସଦ ପ୍ରତିନିଧି ଜଗନ୍ନାଥ ମାଝୀ, ଅମ୍ବାଗୁଡା ସରପଞ୍ଚ, ଗୋବିନ୍ଦପାଲ୍ଲୀ ସରପଞ୍ଚ ଶ୍ରୀନିବାସ ମୁଦୁଲି ଓ ମାଥିଲି ସରପଞ୍ଚ କାନାମ ରାଜୁ ନାୟକ ପ୍ରମୁଖ ଯୋଗ ଦେଇଥିବା ବେଳେ ବହୁ ଜନସାଧାରଣ ଯୋଗ ଦେଇଥିବା ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟକ୍ରମ ଟିକୁ ଉଠାଜଳସେଚନ ବିଭାଗର ସମସ୍ତ କର୍ମଚାରୀମାନେ ପରିଚାଳନା କରିଥିଲେ।



ସଇଁତଲା (ଭାସ୍କର ନ୍ୟୁଜ୍): ସଇଁତଲା ଗୋପବନ୍ଧୁ ପଡ଼ା ସ୍ଥିତ ରାମ ମନ୍ଦିର ପରିସରରେ ନିଜ ବାପା ଗୋବିନ୍ଦ ରାମ ଅଗ୍ରୱାଲଙ୍କ ସ୍ମୃତି ଉଦ୍ଦେଶ୍ୟରେ ତାଙ୍କ ଚାରି ପୁଅ ସୀତାରାମ ଅଗ୍ରୱାଲ, ବିଜୁ ଅଗ୍ରୱାଲ, ତୁଳସିରାମ ଅଗ୍ରୱାଲ, ଗଜାନନ ଅଗ୍ରୱାଲ ଏକ କୋଠା ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମନ୍ଦିରର ସ୍ଥାୟୀ ସଭାପତି ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂଭୋଇ ପୂଜାର୍ଚ୍ଚନା କରି ଏହାର ଶୁଭ ଉଦଘାଟନ କରିଥିଲେ । ଏହା ତିଆରି ହେବା ଦ୍ୱାରା ସଇଁତଲାକୁ ଆସୁଥିବା ସାଧୁ ସନ୍ଥଙ୍କ ବିଶେଷ ସୁବିଧା ହେବା ସହ ମନ୍ଦିର ପାଇଁ ମଧ୍ୟ ବେଶ ଉପଯୋଗୀ ହେଇ ପାରିବ । ଏହି କାର୍ଯ୍ୟକ୍ରମରେ ଶ୍ରୀରାମ ମନ୍ଦିର ପରିଚାଳନା କମିଟିର ମଦନଲାଲ ଅଗ୍ରୱାଲ, ତୁଳସିରାମ ଅଗ୍ରୱାଲ, ସଞ୍ଜୟ ଅଗ୍ରୱାଲ, ନନ୍ଦ କିଶୋର ଅଗ୍ରୱାଲ, ରାଜକୁମାର ଅଗ୍ରୱାଲ, କପିଳ ଅଗ୍ରୱାଲ, ଅସିତ ଜୈନ ପ୍ରମୁଖ ଉପସ୍ଥିତ ଥିଲେ।

### ନିଆରା ପ୍ରେମର ନିଦର୍ଶନ

## ରାଜା ବ୍ରଜରାଜ ଓ ମୁକ୍ତାକୁମାରୀଙ୍କ ପ୍ରେମ କାହାଣୀ





ନୂଆପଡ଼ା (ଭାସ୍କର ନ୍ୟୁଜ୍): ପ୍ରେମ ଯାହାର କୌଣସି ସୀମା ନାହିଁ । କେତେବେଳେ ସେ ଯନ୍ତ୍ରଣାଦାୟକ, ଆଉ କେତେବେଳ ସେ ବସନ୍ତ ଋତୁର ମଳୟ ପବନ । ଯାହାର ଆଭାସରେ ପୁଲକିତ ହୁଏ ମନ ଓ ହୃଦୟ । ଦୁଇ ହୃଦୟର ମିଳନରେ ଆରମ୍ଭ ହୁଏ ପ୍ରେମ ସମ୍ପର୍କ । ପ୍ରେମ ଆଗରେ ଜାତି, ଅଜାତି, ଧର୍ମ, ବର୍ଣ୍ଣ ସବୁ ତୁଚ୍ଛ । ପ୍ରେମ ସର୍ବଦା ଚିରନ୍ତନ ଓ ସତ୍ୟ । କୁହାଯାଏ ପ୍ରକୃତିର ଛଅ ଋତୁ । କିନ୍ତୁ ପ୍ରେମୀ ଯୁଗଳଙ୍କ ପାଇଁ ଏହା ସାତ ଋତୁ । ତାହା ହେଉଛି ପ୍ରେମର ଋତୁ। ପ୍ରତ୍ୟେକଙ୍କ ଜୀବନରେ କେବେ ନା କେବେ ଆସେ ପ୍ରେମ ଋତୁ । ଆଉ ଏହି ଋତୁ ଯେମିତି ଜୀବନକୁ ରଙ୍ଗୀନ କରିଦିଏ। ଆଉ ପ୍ରେମରେ ଋତୁରେ ଭିଜନ୍ତି ପ୍ରେମୀ ଯୁଗଳ । ରାଗ, ରୁଷା, ମାନ ଅଭିମାନରେ ଦୃଢ଼ ହୁଏ ପ୍ରେମ ସମ୍ପର୍କ । କୁହାଯାଏ ପ୍ରେମ ଏକ ରୋଗ । ଯାହାକୁ ଥରେ ହୁଏ ଛାଡିବା ଭାରି କଷ୍ଟ। ପ୍ରେମ ସଫଳ ହେଉ ବା ବିଫଳ କିନ୍ତୁ ଏହାର ଅନୁଭବ ନିଶ୍ଚୟ ନିଆରା। ଏହାରି ମଧ୍ୟରେ ପ୍ରେମ ସପ୍ତାହର ଆଜୀ ଶେଷ ଦିନ। ଏକ ସପ୍ତାହ ଧରି ପ୍ରେମୀ ଯୁଗଳ ପାଳିଲେ ପ୍ରେମ ସପ୍ତାହ ଓ ଆଜି ହେଉଛି ସେଇ ଶେଷ ଦିନ ବା ଭେଲେଣ୍ଟାଇଣ୍ଡ ଡେ ମନର ମଣିଷକୁ କହିବେ ମନର କଥା। ପାଠକବନ୍ଧୁ କିନ୍ତୁ ଆଜି ଏହି ପ୍ରେମର ଶେଷ ଦିନରେ ଏ ରଙ୍ଗୀନ ଦୁନିଆର କଥା କହିବୁ ନୀ ଆମେ । ଆଜି ଆମେ ଆପଣଙ୍କୁ କହିବୁ ୧୯୦୫ ମସିହାର ପ୍ରେମର କଥା । କହିବୁ ରାଜାରାଣୀଙ୍କ ପ୍ରେମ ନୂଆପଡ଼ା ଜିଲ୍ଲା ଖଡ଼ିଆଳର ୧୪ତମ ଶାସକ ଭାବେରେ ରାଜା ବ୍ରଜରାଜ ସିଂ ଦେଓ ଖଡ଼ିଆଳର ଶାସନ ଭାର ନେଲେ ୧୮୮୯ ମସିହାରେ । ତାଙ୍କ ବାପା ତାଙ୍କ ବାପା ପଦ୍ମ ସିଂ ଦେଓଙ୍କ ମୃତ୍ୟୁ ପରେ ସେ ଶାସନ ଭାର ନେଲେ । ସେହି ସମୟରୁ ଖଡ଼ିଆଳରେ ଏକ ନୂଆ ଅଧ୍ୟାୟ ଆରମ୍ଭ ହେଲା। ରାଜା ବ୍ରଜରାଜ ସିଂ ଦେଓଙ୍କ ଶାସନ କାଳର ଅନେକ କାହାଣୀ ଅଛି କିନ୍ତୁ ଆଜି ଆମେ ତାଙ୍କ ପ୍ରେମ କାହାଣୀ କହୁଛୁ ଆପଣଙ୍କୁ। ପାଠକ ବନ୍ଧୁ ରାଜା ବ୍ରଜରାଜ ତିନି, ତିନି , ଥର ବିବାହ କରିଥିଲେ । ପ୍ରଥମ ରାଣୀଙ୍କ ଅକାଳ ମୃତ୍ୟୁ ପରେ ସେ ଆଗଲପୁର ରାଜ କୁମାରୀ ମୁକ୍ତା କୁମାରୀଙ୍କୁ ବିବାହ କରିଥିଲେ। ମୁକ୍ତା କୁମାରୀଙ୍କୁ ରାଜା ବ୍ରଜରାଜ ବହୁତ ପ୍ରେମ କରୁଥିଲେ ହେଲେ ତାଙ୍କରି ବି ଅକାଳରେ ମୃତ୍ୟୁ ଘଟିଥିଲା ଯାହାକି ରାଜାଙ୍କୁ ଅଧିକ ବ୍ୟତୀତ କରିଥିଲା। ସ୍ନେହ ଆଉ ପ୍ରେମର ନିଦର୍ଶନ ଦେବାକୁ ଖଡ଼ିଆଳ ରାଜା ବ୍ରଜରାଜ ସିଂ ଦେଓ କେବେ ପଛଘୁଞ୍ଚା ଦେଉନଥିଲେ। ରାଜା ବ୍ରଜରାଜଙ୍କ ଦ୍ୱିତିୟ ପତ୍ନୀ ମୁକ୍ତା କୁମାରୀ ଯେତେବେଳେ ମୃତ୍ୟୁ ବରଣ କଲେ ସ୍ମୃତି ସମୃଦ୍ଧି ରକ୍ଷା କରିବାକୁ ଯାଇ ବା ଭଲ ପାଇବାର ନିଦର୍ଶନ ଦେବାକୁ ଯାଇ ଏଇ ସ୍ନାନଗାର ( ଗାନ୍ଧେଇବା ଘର ) ଟିକୁ ତିଆରି କରିଥିଲେ। ଯାହାକି ପ୍ରେମର କଥା କୁହେ କିନ୍ତୁ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ବ୍ୟବହାର ଅନୁପଯୋଗୀ ଓ ବଣ ଭଳି ହୋଇଯାଇଛି। ତା'ର ରଙ୍ଗ ହଜି ଯାଇଛି। ଯଦି ଓ ଏବେ ରଙ୍ଗ ହଜି ଯାଇଛି କିନ୍ତୁ ଏସବୁ ଦେଖିଲେ ସେତେବେଳର କଥା ଅନୁଭବ କରିବାକୁ ବାଧ କରି ଦିଏ ଏ ଦୃଶ୍ୟ। ରାଣୀ ମୁକ୍ତା କୁମାରୀ ଏଠାରେ ପ୍ରତେକ ଦିନ ରାଜା ବ୍ରଜରାଜ ସିଂ ଦେଓଙ୍କ ସହିତ ଏ ବାବୁଲିକୁ ଗାଧୋଇବା ପାଇଁ ଆସୁଥିଲେ । ଏ କାନ୍ଥ ବାଡ଼ରେ ସ୍ଥାପତ୍ୟ କଳା ଅଛି ତାହା ହେଉଛି ରାଜସ୍ଥାନୀ ଆକୃତି ଛାପ। ଏଠି ରାଣୀ ମୁକ୍ତା କୁମାରୀ ସ୍ନାନ କରୁଥିଲେ ( ଗାଧୋଉ ଥିଲେ)। ଆଜିବି ଏହାକୁ ସ୍ପର୍ଶ କରି ହୃଦୟରେ ଅନୁଭବ କରନ୍ତି କବି ଲେଖକ ଓ ଲୋକେମାନେ । ବର୍ଷକୁ ଥରେ ଏଇ ପ୍ରେମର ଋତୁ ଆସେ ଓ ଏ ଋତୁ ଆସିଲେ ଏ ଜାଗାକୁ ଅନେକ ଛାତ୍ର ଛାତ୍ରୀ କବି ଲେଖକମାନେ ଆସନ୍ତି ବୁଲିବା ପାଇଁ। ଏହାକୁ ରାଜା ବ୍ରଜରାଜ ସିଂ ଦେଓ ୧୯୦୫ ମସିହାରେ ତିଆରି କରିଥିଲେ। ଏବେ ତାହା ସ୍ମୃତି ବହନ କରୁଛନ୍ତି। କେବଳ ମୁକ୍ତା କୁମାରୀ ବାବୁଲି ନୁହେଁ, ରାଣୀଙ୍କ ନାମରେ ଗୋଟିଏ ଗାଁ ବସାଇଥିଲେ ସେ ହେଉଛି ଏଇ ମୁକ୍ତାପୁର , ଓ ମୁକ୍ତା ସାଗର ପୁଷ୍କରିଣୀ କରିଥିଲେ ଯାହାକି ତାଙ୍କର ପ୍ରେମକୁ ବ୍ୟକ୍ତ କରିଦେଲା । ପରେ ସେ ପ୍ରଥମ ରାଣୀଙ୍କ ଭଉଣୀ ବଣାଇଗଡ ଆଉ ଜଣେ ରାଜ କୁମାରୀଙ୍କୁ ବିବାହ କରିଥିଲେ। ଏ ବାବୁଲିକୁ ଏବେ ରକ୍ଷଣା ବେକ୍ଷଣ ଆବଶ୍ୟକତା ରହିଛି ଆଉ କିଛି ବର୍ଷ ପରେ ଏହା ମାଟିରେ ଲୋପ ପାଇଯାଇ ପାରେ। ସରକାର କିମ୍ବା ଜିଲ୍ଲା ପ୍ରଶାସନ ଯଦି ଏହାର ରକ୍ଷଣ ବେକ୍ଷଣ କରନ୍ତେ ତା'ହେଲେ ଏ ଇତିହାସ କେବେ ଲିଭିବ ନି ସବୁଦିନ ପାଇଁ ରାଜା ବ୍ରଜରାଜ ସିଂ ଦେଓ ଓ ରାଣୀ ମୁକ୍ତା କୁମାରୀଙ୍କ ପ୍ରେମର କାହାଣୀ ସହିତ ସ୍ମୃତି ବଞ୍ଚି ରହିବ ।

## ପାଇଖାନାଭିତରେ ଓଢ଼ଣୀ ଦେଇ ଯୁବତୀଙ୍କ ଆତ୍ମହତ୍ୟା

ଟିଟିଲାଗଡ଼ (ଭାସ୍କର ନ୍ୟୁଜ୍): ଟିଟିଲାଗଡ଼ ସହର ସ୍ୱାଧୀନ ପଡା ର ଜନୈକ ୨୫ ବର୍ଷୀୟା ଯୁବତୀ ଜଣକ ଆଜି ସକାଳ ସମୟରେ ଘର ପଛ ପଟେ ଥିବା ପାଇଖାନା ଭିତରେ ନିଜ ଓଢଣୀ ଦେଇ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି। ତେବେ ପ୍ରାପ୍ତ ସୂଚନା ଅନୁଯାୟୀ ସ୍ୱାଧୀନପଡାର ଚନ୍ଦ୍ରମଣୀ ବଗର୍ତି ଏବଂ ବାସନ୍ତୀ ବଗର୍ତିଙ୍କ ୨୫ ବର୍ଷୀୟା ଝିଅ ନିହାରିକା ବଗର୍ତି ନିଜ ଘର ପଛ ପଟେ ଥିବା ପାଇଖାନା ଭିତରେ ନିଜ ଓଢଣୀ ଦେଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ସକାଳ ୧୦ ଟା ସମୟରେ ଟିଟିଲାଗଡ଼ ସହରର ୩ ନମ୍ବର ୱାର୍ଡ ରେ ସହରାଞ୍ଚଳ ଜନ ସ୍ୱାସ୍ଥ୍ୟ ବିଭାଗ ତରଫରୁ ପାଣି ପାଇପ ଯୋଗେ ଯୋଗାଇଦେଉଥିବା ବେଳେ ନିଜ ଭଉଣୀ ଏବଂ ମା'ଙ୍କ ସହ ମିଶି ଘରେ ପାଣି ଭରୁଥିବା ବେଳେ ନିତ୍ୟକ୍ରମ ପାଇଁ ପାଇଖାନା କୁ ଯାଉଛି ବୋଲି ନିଜ ମା'ଙ୍କୁ ନିହାରିକା କହିଥିବା ବେଳେ ଦୀର୍ଘ ସମୟ ଧରି ପାଇଖାନା ଗେଟ ନ ଖୋଲିବାରୁ ନିହାରିକାର ଭଉଣୀ ଯାଇ ପାଇଖାନା କବାଟ ବାଡେଇଥିବା ବେଳେ ଭିତରୁ କୌଣସି ଉତ୍ତର ନ ଆସିବାରୁ ସାଙ୍ଗେ ସାଙ୍ଗେ ନିଜ ମା' ଏବଂ ପରିବାର ଲୋକଙ୍କୁ ସୂଚନା ଦେଇଥିଲା। ପରିବାର ଲୋକେ ଆସି ପାଇଖାନା କବାଟ ବାଡେଇଥିଲେ ବି କୌଣସି ଉତ୍ତର ନ ମିଳିବାରୁ କବାଟ କୁ ଭାଙ୍ଗି ନିହାରିକାକୁ ଉଦ୍ଧାର କରି ଟିଟିଲାଗଡ଼ ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ ପରିବାର ଲୋକେ। ହେଲେ ଡାକ୍ତର ନିହାରିକାକୁ ମୃତ୍ୟୁ ଘୋଷଣା କରିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ସମଗ୍ର ସ୍ୱାଧୀନପଡାରେ ଶୋକାକୁଳ ବାତାବରଣ ଦେଖା ଦେଇଥିଲା। ଟିଟିଲାଗଡ଼ ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତ ଶବକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା ପୋଲିସ। ଟିଟିଲାଗଡ଼ ହାଟପଦା ପଡା ମସାଣିରେ ଅନ୍ତିମ ସଂସ୍କାର କରାଯାଇଛି। ତେବେ ଗତ ସାତ ଦିନ ପୂର୍ବରୁ ନିହାରିକା ର ପିନ୍ଧାଣି ବା ରିଙ୍ଗ ସେରେମୋନି ଉତ୍ସବ ବେଶ ଧୁମ ଧାମରେ ହୋଇଥିବା ବେଳେ ଆଜି ସମ୍ପୃକ୍ତ ଯୁବତୀଙ୍କ ଆତ୍ମହତ୍ୟାର କାରଣ ଖୋଜୁଛି ପୋଲିସ ।

## କମ୍ବିଂ ଅପରେସନ ବେଳେ ଲ୍ୟାଣ୍ଡମାଇନ୍ ଉଦ୍ଧାର



ଖଇରପୁଟ (ଭାସ୍କର ନ୍ୟୁଜ୍): କମ୍ବିଂ ଅପରେସନ ବେଳେ ଲ୍ୟାଣ୍ଡମାଇନ୍ ଉଦ୍ଧାର କରି ନିଷ୍କ୍ରିୟ କଲା ସୁରକ୍ଷା ବାହିନୀ। ମାଲକାନଗିରି ଛତିଶଗଡ଼ ସୀମାନ୍ତ ବିଜାପୁର ଜିଲ୍ଲା ଆବାପାଲି ରାସ୍ତାରୁ ତିନି କିଲୋଗ୍ରାମ ଓଜନର ଲ୍ୟାଣ୍ଡମାଇନ୍ ଉଦ୍ଧାର ହୋଇଥିଲା। ଏହି ଲ୍ୟାଣ୍ଡମାଇନ୍‌କୁ ସୁରକ୍ଷା ବାହିନୀ ନିଷ୍କ୍ରିୟ କରି ଦେଇଛି। ସୂଚନାନୁଯାୟୀ, ସୀତାପୁର କ୍ୟାମ୍ପରେ ଥିବା ୧୯୬ ବାଟାଲିଆନ ସିଆରପିଏଫ ଯବାନମାନେ କମ୍ବିଂ ଅପରେସନରେ ବାହାରି ଥିବା ବେଳେ ୫୦ ମିଟର ଦୂର ପଗଡଣ୍ଡି ଗାଁ ନିକଟ ରାସ୍ତାରୁ ଏକ ଲ୍ୟାଣ୍ଡମାଇନ୍ ଉଦ୍ଧାର ହୋଇଛି। ସିଆରପିଏଫ୍ ଯବାନଙ୍କୁ ଟାର୍ଗେଟ୍ କରି ନକ୍ସଲମାନେ ଏକ ତିନି କିଲୋଗ୍ରାମ୍ ଓଜନର ଲ୍ୟାଣ୍ଡମାଇନ୍ ଖଞ୍ଜିଥିଲେ। କମ୍ବିଂ ଅପରେସନ ବେଳେ ଯବାନମାନେ ଏହି ଲ୍ୟାଣ୍ଡମାଇନ୍ ଉଦ୍ଧାର କରିଛନ୍ତି।

## ନବନିର୍ବାଚିତ ବଣିକ ସଂଘର ଶପଥ ଗ୍ରହଣ ଉତ୍ସବ



ଟିଟିଲାଗଡ଼ (ଭାସ୍କର ନ୍ୟୁଜ): ଟିଟିଲାଗଡ଼ ମହାବୀର ପଞ୍ଚାୟତ ଧର୍ମଶାଳା ପରିସରରେ ସହରର ନବନିର୍ବାଚିତ ବଣିକ ସଂଘର ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ନିର୍ବାଚନ ଅଧିକାରୀ ଭାବରେ ରହିଥିବା ବରିଷ୍ଠ ସଦସ୍ୟ ତଥା ସାମାଜିକ କର୍ମୀ ରାଧେଶ୍ୟାମ ଅଗ୍ରୱାଲ ସମସ୍ତ ସଦସ୍ୟଙ୍କୁ ଶପଥ ପାଠ କରାଇଥିବା ବେଳେ ଆଗାମୀ ଦିନରେ ସହରର ବିକାଶ ପାଇଁ ତଥା ବ୍ୟବସାୟୀମାନଙ୍କ ହିତକୁ ଆଖି ଆଗରେ ରଖି ସଂଘ କାର୍ଯ୍ୟ କରିବ ବୋଲି ସୂଚନା ପ୍ରଦାନ କରିଥିଲେ । ଏହି ଶପଥ ଗ୍ରହଣ ଉତ୍ସବକୁ ମଣିଷ ଗୁପ୍ତା ପରିଚାଳନା କରିଥିବା ବେଳେ ସଭାପତି ଭାବରେ ଶମ୍ଭୁ ପ୍ରସାଦ ଗୋୟଲ, ଉପସଭାପତି ଭାବରେ ମଣିଷ ଗୁପ୍ତା, ସମ୍ପାଦକ ଭାବରେ ରାଜେଶ କୁମାର ଅଗ୍ରୱାଲ, ସହ ସମ୍ପାଦକ ଭାବରେ ସଞ୍ଜୟ ସୋନି, କୋଷାଧକ୍ଷ ଭାବରେ ଅଙ୍କୁର ଅଗ୍ରୱାଲ ପ୍ରମୁଖ ନିର୍ବାଚିତ ହୋଇଛନ୍ତି । ଏହି ଶପଥ ଗ୍ରହଣ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଟିଟିଲାଗଡ଼ ପୌରପରିଷଦ ଅଧକ୍ଷା ମମତା ଦେବି ଜୈନ, ଉପାଧକ୍ଷା ପୁଷ୍ପା ମଞ୍ଜରୀ ଜାଲ, ପୂର୍ବତନ ବଣିକ ସଂଘ ସଭାପତି ତ୍ରିନାଥ ସରାପଞ୍ଚ ମଞ୍ଚାସୀନ ଥିବା ବେଳେ ଟିଟିଲାଗଡ଼ ସହରର ନାଗରିକ କମିଟିର ସଭାପତି ତଥା ବରିଷ୍ଠ ଆଇନଜୀବି ରାଧାକାନ୍ତ ପାଢ଼ୀ,ମନୋଜ ହାତୀ, କୁମୁଡା ପାହାଡ଼ ସୁରକ୍ଷା ସମିତି ଉପେନ୍ଦ୍ର ବାଗ, ଗରିବ ସେନା ଆବାହକ ବୀରେନ୍ଦ୍ର ବାଗ, ନବୀନ ଜୈନ, ଭୂପେନ ଜୈନ, ଶଶୀ କପୁର ଜୈନ, ମନୋଜ ଦୋଡକା, ନାରୀ ନେତ୍ରୀ ଅଞ୍ଜଳି ବେହେରା, ସୁଧୀର ଅଗ୍ରୱାଲ, ଗୋପାଳ ଜୈନ, ଇଶ୍ୱର ଜୈନ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ସଦସ୍ୟ ହଂସ ରାଜ ଜୈନ ପ୍ରମୁଖ ସମେତ ଶତାଧିକ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ।

## ମହାବିଦ୍ୟାଳୟକୁ ସରକାର ମାନ୍ୟତା ପ୍ରଦାନ କରାନଗଲେ ଆନ୍ଦୋଳନ; ବିଜେପି



ନବରଙ୍ଗପୁର, (ଭାସ୍କର ନ୍ୟୁଜ୍): ନବରଙ୍ଗପୁରର ୫୨ବର୍ଷର ପୁରାତନ ମହାବିଦ୍ୟାଳୟକୁ ସରକାରୀ ମାନ୍ୟତା ନ ମିଳିଲେ ଆନ୍ଦୋଳନ କରାଯିବା ନେଇ ବିଜେପି ନେତା ଗୌରୀ ଶଙ୍କର ମାଝୀ ଚେତାବନୀ ଦେଇଛନ୍ତି । ଶ୍ରୀ ମାଝୀ ଏକ ପ୍ରେସ ବିବୃତିରେ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ କରାଯିବାକୁ ସ୍ୱାଗତ କରୁଛି । ନବରଙ୍ଗପୁର ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ଭାବେ ପରିଗଣିତ ହୋଇଛି । ଏକ ଅନୁନ୍ନତ ଓ ଅବହେଳିତ ପଛୁଆ ଏବଂ ଦାରିଦ୍ରରେ ଓଡିଶାରେ ଏକ ନମ୍ବର ରହି ଚର୍ଚ୍ଚାରେ ରହିଛି । ଶିକ୍ଷା କ୍ଷେତ୍ରରେ ସେପରି ଆଖି ଦୃଶିଆ ସଫଳତା ହାସଲ କରି ନଥିଲା ବେଳେ ଶିକ୍ଷିତ ହାର ବହୁତ କମ୍ । ଜିଲ୍ଲାରେ ଗୋଟିଏ ନୂତନ ଡିଗ୍ରୀ କଲେଜ ସରକାରଙ୍କ ପକ୍ଷରୁ ସ୍ଥାପନା ହୋଇଥିଲେ ମଧ୍ୟ ଜିଲ୍ଲାର ବହୁ ପୁରାତନ ୫୨ ବର୍ଷର ପୁରୁଣା ନବରଙ୍ଗପୁର ମହାବିଦ୍ୟାଳୟକୁ ସରକାରୀ ମାନ୍ୟତା ପ୍ରଦାନ କରିବା ପାଇଁ ପୂର୍ବରୁ ରାଜ୍ୟ ସରକାର ଘୋଷନା କରି ଜିଲ୍ଲାବାସୀଙ୍କୁ ଠକିଥିବା ଅଭିଯୋଗ କରିଛନ୍ତି ବିଜେପି ନେତା ଶ୍ରୀ ମାଝୀ । ନିକଟରେ ଜୟପୁରର ବିକ୍ରମଦେବ ସ୍ୱୟଂ ଶାସିତ ଓ କେନ୍ଦୁଝର ଜିଲ୍ଲାର ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ କରିବା ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ ବୋଲି ଉଲ୍ଲେଖ କରିବା ସହ ନବରଙ୍ଗପୁର ଜିଲ୍ଲାବାସୀଙ୍କ ନ୍ୟାର୍ଯ୍ୟ ଦାବି ନବରଙ୍ଗପୁର ମହାବିଦ୍ୟାଳୟକୁ ସରକାରୀ ମାନ୍ୟତା ପ୍ରଦାନ କରିବା ମଧ୍ୟ ସରକାରଙ୍କ ପ୍ରଥମ କର୍ତ୍ତବ୍ୟ ଅଟେ । ଜିଲ୍ଲା ଏକ ଦାରିଦ୍ର୍ୟତମ ଜିଲ୍ଲା ଭାବେ ପରିଗଣିତ ହୋଇଥିବା ବେଳେ ବେସରକାରୀ ମହାବିଦ୍ୟାଳୟରେ ମୋଟା ଅଙ୍କର ଅର୍ଥ ରାଶି ଦେଇ ନ ପାରି ହଜାର ହଜାର ଆଦିବାସୀ ଛାତ୍ରଛାତ୍ରୀ ପାଠପଢାରେ ଡୋରି ବାନ୍ଧୁଛନ୍ତି । ନବରଙ୍ଗପୁର ମହାବିଦ୍ୟାଳୟକୁ ଯଦି ଅତି ଶୀଘ୍ର ସରକାରୀ ମାନ୍ୟତା ପ୍ରଦାନ କରା ନ ଯାଏ ତେବେ ଜିଲ୍ଲା ବିଜେପି ପକ୍ଷରୁ ଜନଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି ଶ୍ରୀ ମାଝୀ ।

## ବିଦେଶରେ ବାପା, ପୁଅଙ୍କୁ ସ୍ୱର୍ଣ୍ଣ ପଦକ



ନବରଙ୍ଗପୁର, (ଭାସ୍କର ନ୍ୟୁଜ୍): ନବରଙ୍ଗପୁରର ଆନ୍ତର୍ଜାତୀୟ କରାଟେ ଏବଂ କୋବୁଡ ୱିପନ(ଅସ୍ତ୍ରଶସ୍ତ୍ର ଚାଳନା) ପ୍ରତିଯୋଗିତାରେ ସେନ୍‌ସାଇ ଶରତ କୁମାର ରାଉତ ଓ ତାଙ୍କ ପୁଅ ତଥା ଅନ୍ତର୍ଜାତୀୟ ଖେଳାଳି ସନ୍ଦିପ କୁମାର ରାଉତ ଜାପାନର ଟୋକିଓଠାରେ ଚଳିତ ମାସ ୧୧ ଓ ୧୨ରେ ଅନୁଷ୍ଠିତ ଡବ୍ଲୁଏକେଏଫ-ବିଶ୍ୱ ଯୁଥ୍ କରାଟେ ଚାମ୍ପୟନସିପରେ ଭାଗନେଇ ବାପ ପୁଅର ଯୋଡି ଗୋଟିଏ ଲେଖାଁଏ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ଏହି ପଦକ ଜିତି ଜିଲ୍ଲା, ରାଜ୍ୟ ତଥା ଦେଶର ନାମକୁ ଶୀର୍ଷ ସ୍ଥାନରେ ପହଞ୍ଚାଇ ପାରିଛନ୍ତି । ସନ୍ଦୀପ କୁମାର ରାଉତ ୧୫ବର୍ଷରୁ କମ୍ ବ୍ୟକ୍ତିଗତ କରାଟେ କାତା ଇଭେଣ୍ଟରେ ଭାଗ ନେଇ ନିଜର ଦମଦାର ପ୍ରଦର୍ଶନ ଦେଖାଇ ପ୍ରଥମ ସ୍ଥାନ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ବାପା ସେନାସାଇ ଶରତ ୫୫ ବର୍ଷରୁ କମ ବ୍ଲାକବେଲ୍ଟ ମାଷ୍ଟର୍ସ କାଟା ଇଭେଣ୍ଟରେ ନିଜର ଚମତ୍କାରିତା କୌଶଳ ଦେଖାଇ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହି ବାପ ପୁଅ ଆନ୍ତର୍ଜାତୀୟ କରାଟେ ସ୍ୱର୍ଣ୍ଣ ପଦକ ବିଜେତା ଯୋଡିଙ୍କୁ ବିଶ୍ୱ କରାଟେ ଫେଡେରେଶନର ପ୍ରତିଷ୍ଠାତା ଗ୍ରାଣ୍ଡ ମାଷ୍ଟର ନିମୁରା କେଞ୍ଜି ସାନ ଏବଂ ସମ୍ପାଦକ ମାସାକି କେଞ୍ଜୀ ସାନ ଏହି ବାପପୁଅ ଯୋଡିଙ୍କୁ ସ୍ୱର୍ଣ୍ଣ ପଦକ ଓ ମାନପତ୍ର ଦେଇ ସମ୍ମାନିତ କରିଥିଲେ । ବିଶ୍ୱ କରାଟେ ଫେଡରେସନର ସଭାପତି କେ.ଭି.ମନହାରନ ଉପସ୍ଥିତ ରହି ଭାରତ ପାଇଁ ଗୌରବ ଆଣିଥିବାରୁ କୃତୀ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । । ଏହାପରେ ଶରତ କୁମାର ରାଉତଙ୍କୁ ଇଣ୍ଡିଆ ଆମ୍ବାସଡର ଭାବେ ନିଯୁକ୍ତି ଓ କାର୍ଯ୍ୟଭାର ଦିଆଯାଇଛି । ବିଦେଶରେ ନବରଙ୍ଗପୁର ଜିଲ୍ଲା ନାମ ଆଗକୁ ବଢାଇଥିବାରୁ ଜିଲ୍ଲା କ୍ରୀଡା ସଂଘ ଉପସଭାପତି ଏମ.ବାଲ କୃଷ୍ଣ ରାଉ, ଜିଲ୍ଲା କ୍ରୀଡା ସଂଘ ଯୁଗ୍ମ ସମ୍ପାଦକ ତଥା ଟେଲିଫିଲ୍ମ ନିର୍ଦ୍ଦେଶକ ମନୋଜ ପଟ୍ଟନାୟକ, ଜିଲ୍ଲା ଓକିଲ ସଂଘ ସମ୍ପାଦକ ରାମପ୍ରସାଦ ପାତ୍ରଙ୍କ ସମେତ ଜିଲ୍ଲାର କ୍ରୀଡା ପ୍ରେମୀ ଶୁଭେଚ୍ଛା ଜଣାଇଛନ୍ତି । ପ୍ରକାଶ ଥାଉକି ସ୍ଥାନୀୟ ଅନ୍ତର୍ଜାତୀୟ କରାଟେ ଓ କୋବୁଡ ଓନିସର ପ୍ରଶିକ୍ଷକ ହେଉଛନ୍ତି ଶରତ। । ପୁଅ ସନ୍ଦିପ ନବରଙ୍ଗପୁର ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ହିର୍ଲିର ଷଷ୍ଠଶ୍ରେଣୀରେ ଛାତ୍ର । ଦୁହେଁ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଗତ ୭ତାରିଖରୁ ଜାପାନ ଯାତ୍ରା ଆରମ୍ଭ କରିଥିଲେ ।

## ରାଇଘର ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର



ରାଇଘର,(ଭାସ୍କର ନ୍ୟୁଜ) : ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ମିଟିଂ ହଲ୍ ଠାରେ ସୋମବାର ଦିନ ଯୁଗ୍ମ ଅଭିଯୋଗ ଶୁଣାଣୀ ଓ ସମାଧାନ ଶିବିର ଅନୁଷ୍ଠିତ ହୋଇ ଯାଇଛି। ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ଭାସ୍କର ଚନ୍ଦ୍ର ରଇତ, ବିଡ଼ିଓ ଦେବାଶିଷ କର, ରାଇଘର ତହସିଲଦାର ଅତିରିକ୍ତ ତହସିଲଦାର ଜଗୁ ପୂଜାରୀ , ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର, ବ୍ଲକ କୃଷି ଅଧିକାରୀ, ଜିଲ୍ଲା ପଞ୍ଚାୟତ ଅଧିକାରୀ, ଶିଶିର କୁମାର ପାଣି, ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ଚିକିତ୍ସା ଅଧିକାରୀ, ଜିଲ୍ଲା ରାସ୍ତା ଓ ଗୃହ ବିଭାଗ ଅଧିକାରୀ, ବିଦ୍ୟୁତ ବିଭାଗ ଅଧିକାରୀ, ଗ୍ରାମ୍ୟ ଜଳଯୋଗାଣ ବିଭାଗ ଅଧିକାରୀଙ୍କ ସମେତ ଜିଲ୍ଲାର ତଥା ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଅଭିଯୋଗ ନେଇ ଆସିଥିବା ହିତାଧିକାରୀଙ୍କ ଅଭିଯୋଗ ଶୁଣିବା ସହ ସମାଧାନ କରିବା ଦିଗରେ ପ୍ରୟାସ କରାଯିବା ନେଇ ପ୍ରତିଶ୍ରୁତି ଦେଇଥିବା ଦେଖିବାକୁ ମିଳିଥିଲା। ତେବେ ଅଧିକା ବିଦ୍ୟୁତ ବିଲ୍ ଏବଂ ବହୁତ ସମୟ ଲୋ ଭୋଲଟେଜ୍‌ବଶର ସମସ୍ୟା, ତାସହ ସମସ୍ୟାର ସମାଧାନ ହେଉନଥିବା ନେଇ ଅଭିଯୋଗ କାରି ହୋ ହାଲା କରିଥିବା ଦେଖିବାକୁ ମିଳିଥିଲା। ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଶିବିରରେ ମୋଟ ୪୦ଗୋଟି ଆପତ୍ତି ଅଭିଯୋଗ ଆସିଥିଲା। ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ଅଜିତ କୁମାର ନନ୍ଦ ଶିବିରକୁ ପରିଚାଳନା କରିଥିବା ଦେଖିବାକୁ ମିଳିଥିଲା।

## ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପାଇଁ ମନୋନୀତ ସଭ୍ୟସଭ୍ୟାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ନବରଙ୍ଗପୁର,(ଭାସ୍କର ନ୍ୟୁଜ):ଆଗାମୀ ପିଢିର ଭବିଷ୍ୟତକୁ ନୂଆ ରାସ୍ତା ଦେଖାଇବ ସ୍ୱତନ୍ତ୍ର ଉନ୍ନୟନ ପରିଷଦ । ସାଧାରଣତଃ ଏସଡିସି ଆସିବାସୀଙ୍କ କଳା, ସଂସ୍କୃତି ଓ ପରମ୍ପରାକୁ ସଂରକ୍ଷଣ କରିବା ସହ ଭିତ୍ତିଭୂମିର ବିକାଶ ଉପରେ କାର୍ଯ୍ୟ କରୁଥିବା ଧାରଣା ରହିଛି କିନ୍ତୁ ଏସଡିସି କେବଳ କଳା ଓ ସଂସ୍କୃତିର ବିକାଶରେ ସୀମିତ ନରହି ଆଦିବାସୀଙ୍କ ଆଗାମୀ ପିଢି ନିମନ୍ତେ କିଛି କାମ କରିବାକୁ ପଡିବ। ଏସଡିସି ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ନୂଆ ଦୀସା ଦେଖାଇବାକୁ ପଡିବ ବୋଲି କହିଛନ୍ତି। ରାଜ୍ୟ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପଦେଷ୍ଟା ପ୍ରଦୀପ ମାଝୀ । ସ୍ଥାନୀୟ ମିଶନ ଶକ୍ତି ସଭା ଗୃହରେ ଆୟୋଜିତ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ନୂତନ ସଭ୍ୟଙ୍କ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ଶ୍ରୀ ମାଝୀ କହିଛନ୍ତି ସରକାରଙ୍କ ଅନ୍ୟାନ୍ୟ ଯୋଜନା ବ୍ୟତିତ ଲକ୍ଷ୍ୟ ପୂରଣ ହୋଇପାରୁନଥିବା ସ୍ଥାନକୁ ପୂରଣ କରିବାକୁ ଏସଡିସିକୁ କ୍ଷମତା ମିଳିଛି। ଏହାର ପରିସୀମା ବ୍ୟାପକ କରାଯାଇଛି । ତେଣୁ ଆଦିବାସୀଙ୍କ ବିକାଶ ପାଇଁ ସମ୍ବିଧାନରେ ଅନେକ ଆଇନ ପ୍ରଣୟନ ହୋଇଛି। ମାଳ ମାଳ ଯୋଜନା ରହିଛି, ତଥାପି ଆଦିବାସୀ ପଛରେ ରହିଛନ୍ତି। କେଉଁ କାରଣ ପାଇଁ ଜନଜାତି ସମାଜ ଅନ୍ୟ ସମାଜ ସହିତ ସମକକ୍ଷ ହୋଇପାରିନି । ରାଜ୍ୟରେ ଆଦିବାସୀମାନେ ବହୁ ପାରମ୍ପରିକ ସାମଗ୍ରୀ ଉତ୍ପାଦନ କରୁଛନ୍ତି। କିନ୍ତୁ ଏହି ସାମଗ୍ରୀ ନିମନ୍ତେ ବଜାର ବ୍ୟବସ୍ଥା ନଥିବାରୁ ଲୋକଲୋଚନକୁ ଆସିପାରୁନି। ତାହାର କାରଣ ଖୋଜି ଆଦିବାସୀଙ୍କ ଦ୍ରବ୍ୟକୁ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବାକୁ ଡିଜିଟାଲ ପ୍ଲାଟଫର୍ମ ସହ ଯୋଡିବାକୁ ଉଦ୍ୟମ କରାଯାଉଛି । ଅନ୍ୟ ସମ୍ପ୍ରଦାୟଙ୍କ ସହ ସମକକ୍ଷ ହେବାକୁ ଆଦିବାସୀଙ୍କ ବିକାଶ ପାଇଁ ନୂଆ ରୂପରେ କାମ କରାଯିବ। ଏଥିପାଇଁ ୬୨ଟି ଜନଜାତି ସମାଜକୁ ନେଇ ଯୋଜନା ପ୍ରସ୍ତୁତ କରାଯିବ। ସେହିଭଳି ଆଦିବାସୀ ଯୁବକଯୁବତୀଙ୍କୁ ପାଇଲଟ ତାଲିମ ସହ ଅନ୍ୟାନ୍ୟ କ୍ଷେତ୍ରରେ ଦକ୍ଷତା ବୃଦ୍ଧି ପାଇଁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ସମସ୍ତ ସଭ୍ୟଙ୍କୁ ଶ୍ରୀ ମାଝି ୧୦ ଦିନ ସମୟ ଦେଇଛନ୍ତି । ଏହି ଅବସରରେ ସ୍ୱତନ୍ତ୍ର ବିକାଶ ପରିହଦର ମନୋନୀତ ସମସ୍ତ ସଭ୍ୟ ଓ ସଭ୍ୟାଙ୍କୁ ପ୍ରଦୀପ ଫୁଲତୋଡା ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉନ୍ନୟନ ପରିଷଦ ସଭାପତି ଉପେନ୍ଦ୍ର ଗଣ୍ଡ,ଜିଲ୍ଲାପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ,ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଜିଲ୍ଲାପାଳ ଡ଼ଃ. କମଳ ଲୋଚନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ଆଇନଜୀବୀ ସଂଘର ବନ୍ଧୁ ମିଳନ



ନବରଙ୍ଗପୁର,(ଭାସ୍କର ନ୍ୟୁଜ୍): ଜିଲ୍ଲା ଆଇନଜୀବୀ ସଂଘ ତରଫରୁ ଇନ୍ଦ୍ରାବତୀ ଜଳ ଭଣ୍ଡାର ପରିସରରେ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଆଇନଜୀବୀ ସଂଘ ସଭାପତି ନରସିଂହ ତ୍ରିପାଠୀ,ସମ୍ପାଦକ ରାମ ପ୍ରସାଦ ପାତ୍ର ଓ ଉପସଭାପତି ବିଧୁ ଶେଖର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଆଇନଜୀବୀମାନେ ଯୋଗ ଦେଇଥିଲେ। ଏହି ଅବସରରେ ସଙ୍ଗୀତ କାର୍ଯ୍ୟକ୍ରମ, କବିତା ପାଠ ଓ ବିଭିନ୍ନ କୌତୁକ ପ୍ରତିଯୋଗୀତା ଆଇନଜୀବୀ ସୁବୋଧ ଚନ୍ଦ୍ର ବେହ୍ୟାଙ୍କ ମଞ୍ଚ ପରିଚାଳନାରେ ଅନୁଷ୍ଠିତ ହୋଇଥିଲା। ମୁନା ବେହ୍ୟା, ଅମିତାଭ ତ୍ରିପାଠୀ, ମିନାକ୍ଷୀ ପାଢୀ, ପ୍ରଫୁଲ୍ଲ ସିଂ ଓ ଶ୍ରୀକାନ୍ତ କୁମାର ପଣ୍ଡାଙ୍କ ସଙ୍ଗୀତ ପରିବେଷଣ ସମସ୍ତଙ୍କ ମନକୁ ଛୁଇଁଥିଲା। ରାମ ପ୍ରସାଦ ପାତ୍ର, ସଦାଶିବ ସାହୁ, ଗୋପାଳ କୃଷ୍ଣ ପାଣିଗ୍ରାହୀ ଓ ରାକ୍ଷୀ ଜୈନ ନିଜ ନିଜ କବିତା ପାଠ କରିଥିଲେ । ବିଭିନ୍ନ କୌତୁକ ପ୍ରତିଯୋଗିତା ଓ ପ୍ରଶ୍ନ ମଞ୍ଚରେ ଭାଗ ନେଇଥିବା ପ୍ରତିଯୋଗୀମାନଙ୍କୁ ଉପହାର ପ୍ରଦାନ କରାଯାଇଥିଲା । ଆଦିବାସୀ ଗୀତ ଓ ଅନ୍ୟ ଗୀତର ତାଳେ ତାଳେ ଆଇନଜୀବୀମାନେ ନାଚରେ ଝୁମି ଥିଲେ । ସଂଘ କୋଷାଧକ୍ଷ ବାଲାଜୀ ମିଶ୍ର, କାର୍ଯ୍ୟକାରିଣୀ ସଦସ୍ୟ ବିରେନ୍ଦ୍ର କୁମାର ନାୟକ, ରବୀନ୍ଦ୍ର ଜଗନ୍ନାଥ ନାୟକ, ପୁର୍ଣ୍ଣଚନ୍ଦ୍ର ମହାପାତ୍ର,ଆଇନଜୀବୀ ସି.ଏଚ୍.ବାବା ଯୁଗନ୍ଧର,ରବୀନ୍ଦ୍ର ପ୍ରସାଦ ପାଢୀ, ସ୍ୱାଧୀନ ପଟ୍ଟନାୟକ, ଗଜପତି ପଟ୍ଟନାୟକ, ତ୍ରିପତି ମାଝୀ, ହରି ନାରାୟଣ ବେହେରା, ନରେନ୍ଦ୍ର ମହାପାତ୍ର, ଚିଦାନନ୍ଦ ସାହୁ, ବିନୟ ପ୍ରକାଶ ଛାତି, ଶ୍ରୀନିବାସ ପାତ୍ର, ଗୋପାଳ କୃଷ୍ଣ ପାଣିଗ୍ରାହୀ,ବରୁଣ କୁମାର ନାୟକ, ସତିଶ ଚନ୍ଦ୍ର ନାୟକ, ରାଜ କିଶୋର ନାଗ, ପ୍ରଦୀପ କୁମାର ସାହୁ, ସଦାଶିବ ସାହୁ, ସୁରେଶ ଚନ୍ଦ୍ର ନାୟକ, ରଞ୍ଜିତ କୁମାର ଗୁପ୍ତା, ଇମାନିଏଲ ସାମନ୍ତରାୟ, ଶ୍ୟାମପ୍ରସାଦ ମାଝୀ, କିଶୋର ପଟ୍ଟନାୟକ, ଉପେନ୍ଦ୍ର ବିଷୋୟୀ, ଗଙ୍ଗାଧର ଜାନୀ, ନରେଶ କୁମାର ତ୍ରିପାଠି, ତୁଳସୀ ରାମ ସମରଥ,ପ୍ରଫୁଲ୍ଲ ସିଂ,ସେକ୍ ବାବା ଆଲିସା,ସଞ୍ଜୀବ କୁମାର ଭକ୍ତ, ଶ୍ରୀକାନ୍ତ କୁମାର ପଣ୍ଡା,ଶର୍ମିଷ୍ଠା ରଥ, ମିନାକ୍ଷୀ ପାଢୀ, କୁନି ନାଗ, ଅଜିତା ଦାସ, ନମିତା ପଟ୍ଟନାୟକ, ପଙ୍କଜିନୀ ତ୍ରିପାଠୀ, ରାକ୍ଷୀ ଜୈନ,ପ୍ରିତୀ ଚୌଧୁରୀ, ସୁଦର୍ଶନ ପାତ୍ର,ଦାମୋଦର ବୈଧୁରୀ, ଦାମୋଦର ତ୍ରିପାଠୀ. ସିରାଜୁଦ୍ଦିନ ଅହମ୍ମଦ, ତପନ କୁମାର ସିଂ ପ୍ରମୁଖଙ୍କ ସହ ବହୁ ଆଇନଜୀବୀ ଯୋଗଦେଇଥିଲେ।

## ପୋଷ୍ଟକାର୍ଡ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି




ପଦ୍ମପୁର (ଭାସ୍କର ନ୍ୟୁଜ) : ସରକାର ତୁରନ୍ତ ଚୁକ୍ତି ଭିତ୍ତିକ ନିଯୁକ୍ତି ହଟାଇବା ପାଇଁ ଚୁକ୍ତିଭିତ୍ତିକ ଓଡ଼ିଶା କନିଷ୍ଠ ଶିକ୍ଷକ ସଂଘ ପଦ୍ମପୁର ସ୍ଥିତ ବିଜୟାନନ୍ଦ ଉଚ୍ଚ ବିଦ୍ୟାଳୟ ପରିସରରେ ଶିକ୍ଷକମାନେ ପ୍ରତିବାଦ ବୈଠକ କରିଥିଲେ। ପଦ୍ମପୁର ବ୍ଲକର ସମସ୍ତ କନିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରତିବାଦ ସଭା କରିଛନ୍ତି। ସମସ୍ତ କନିଷ୍ଠ ଶିକ୍ଷକ ପୋଷ୍ଟକାର୍ଡ ଜରିଆରେ ଚିଠିଲେଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହସ୍ତକ୍ଷେପ ଲୋଡିଛନ୍ତି। ସମସ୍ତ ଶିକ୍ଷକଙ୍କୁ ନିୟମିତ କରିବାକୁ ଦାବି ହୋଇଛି। ଏହାଛଡା ଇ ମେଲ୍ ଜରିଆରେ ମଧ୍ୟ ଅନୁରୂପ ଦାବି କରାଯିବା ପାଇଁ ସ୍ଥିର ହୋଇଥିବା ସଂଘ କହିଛି। ଯଦି କୌଣସି ପଦକ୍ଷେପ ନିଆ ନଗଲେ ରାଜ୍ୟର ସମସ୍ତ କନିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀ ତାଙ୍କ ପରିବାର ଲୋକଙ୍କ ସହ ପଞ୍ଚାୟତ ସ୍ତରରୁ ଆରମ୍ଭ କରି ରାଜଧାନୀ ପର୍ଯ୍ୟନ୍ତ ରାଜ ରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏଥିପାଇଁ ଯେ କୌଣସି ପ୍ରକାରର ସମସ୍ୟା ଉପୁଜିବ, ସେଥିପାଇଁ ଓଡ଼ିଶା ସରକାର ଦାୟୀ ରହିବେ ବୋଲି ବ୍ଲକ ସଂଘ ସଭାପତି ନୀଳମାଧବ ପାଣିଗ୍ରାହୀ କହିଛନ୍ତି। ବୈଠକରେ କୁହାଯାଇଛି, ମୁଖ୍ୟମନ୍ତ୍ରୀ ୧୫-୧୦-୨୦୨୨ରେ ଓଡ଼ିଶା ମାଟିରୁ ଚୁକ୍ତି ଭିତ୍ତିକ ଯୁଗ ଶେଷ ହେଲା ଘୋଷଣା କରିଥିଲେ। ଏଥି ମଧ୍ୟରେ ପ୍ରାୟ ୫ ମାସ ବିତିଲାଣି, କିନ୍ତୁ ଆଜିବି ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ପ୍ରାୟ ୧୦ ହଜାର କନିଷ୍ଠ ଶିକ୍ଷକ ଓ ଶିକ୍ଷୟତ୍ରୀ ସ୍ୱଳ୍ପ ଦରମାରେ ଚୁକ୍ତିଭିତ୍ତିକରେ କାର୍ଯ୍ୟ କରୁଛନ୍ତି। ରାଜ୍ୟରେ ୫୭ ହଜାର କର୍ମଚାରୀଙ୍କର ଚୁକ୍ତିଭିତ୍ତିକ ନିଯୁକ୍ତି ପ୍ରଥା ଉଚ୍ଛେଦ ହୋଇଛି କିନ୍ତୁ କନିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀ ରାଜ୍ୟ ସରକାରଙ୍କ ଓଆରଭି ୧୯୭୫ ଧାରା ପାଳନ ସହ ଡି.ଏଲ.ଇ.ଡି , ବି. ଇଡି ତାଲିମ୍ ପାଇ ଚୟନ ମୂଳକ ପରୀକ୍ଷା ଏବଂ ଓ ଟି ଇ ଟି ବାଧ୍ୟତାମୂଳକ ପରୀକ୍ଷା ଦେଇ ନିଯୁକ୍ତି ପାଇଥିଲେ ହେଁ ଚୁକ୍ତିଭିତ୍ତିକ ପ୍ରଥାରୁ ମୁକୁଳି ପାରିନାହାଁନ୍ତି। ବହୁବାର ଆଲୋଚନା ପରେ ମୁଖ୍ୟ ଶାସନ ସଚିବ କେନ୍ଦ୍ରର ଯୋଜନା କହି ଏଡାଇ ଦେଇଛନ୍ତି। ପାନୀୟ ଜଳ ଯୋଗାଣ କନିଷ୍ଠଯନ୍ତ୍ରୀ, ଏନ ଏଚ ଏମ ନର୍ସିଂ ଅଫିସରମାନଙ୍କୁ ନିୟମିତ କରାଯାଇଛି, ଅଥଚ ଶିକ୍ଷକଙ୍କୁ ଅଣଦେଖା କରାଯାଇଛି। ଏଥିରୁ ସହଜରେ ଅନୁମେୟ ନିୟମିତ ବ୍ୟବସ୍ଥା ସମ୍ପୂର୍ଣ୍ଣ ରାଜ୍ୟ ସରକାରଙ୍କ ଅଧିନରେ ରହିଛି। କିନ୍ତୁ ପ୍ରାଥମିକ ଶିକ୍ଷା ଏବଂ କନିଷ୍ଠ ଶିକ୍ଷକଙ୍କୁ କାହିଁକି ଅବହେଳା କରାଯାଉଛି ତାହା ବୁଝି ହେଉନାହିଁ ବୋଲି କ୍ଷୋଭର ସହ କହିଛନ୍ତି ଶିକ୍ଷକ ଶିକ୍ଷୟିତ୍ରୀ। ପ୍ରତିବାଦବୈଠକରେ ସଂଘ ସଭାପତି ନୀଳମାଧବ ପାଣିଗ୍ରାହୀ, ଉପ ସଭାପତି ଗୋବିନ୍ଦ ମାଝୀ, କେଦାରନାଥ ହୋତା,ଜ୍ୟୋତିରାଣୀ ସାବତ ,ପ୍ରିୟଙ୍କା ପାଣିଗ୍ରାହୀ, ଗିଲେଇ ସିତାମା, ପ୍ରଭା ସେଠୀ,ବନିତା ଗୌଡ଼ ସମେତ ବ୍ଲକର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ସରକାର ଅତି ଶୀଘ୍ର ଏହାର ସମାଧାନ ନକଲେ ଆନ୍ଦୋଳନ ତୀବ୍ର ହେବ ବୋଲି ସଂଘର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କହିଛନ୍ତି।



ଯେହୁ କ୍ଷମା ଗୁଣେ ପର ତିରସ୍କାର
ଉପେକ୍ଷା କରଇ ଭବେ,
ଏହି ଚରାଚର ବ୍ରହ୍ମାଣ୍ଡ ଆୟତ୍ତ
ହୁଅଇ ତାହାର ଲବେ।

-ପଲ୍ଲୀକବି ନନ୍ଦକିଶୋର ବଳ



ବୈକୁଣ୍ଠ ସମାନ ଆହା ଅଟେ ସେହି ଘର,
ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର

-ଭକ୍ତକବି ମଧୁସୂଦନ ରାଓ



## ଖୋର୍ଦ୍ଧା-ବଲାଙ୍ଗିର ରେଳ ପ୍ରକଳ୍ପ

# ଦୂର ହେଲା ଶେଷ ପ୍ରତିବନ୍ଧକ

ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳରୁ ପଶ୍ଚିମାଞ୍ଚଳ ଜିଲ୍ଲାଗୁଡ଼ିକୁ ସଂଯୋଗ କରିବା ପାଇଁ ଉଦ୍ଦିଷ୍ଟ ଖୋର୍ଦ୍ଧା-ବଲାଙ୍ଗିର ରେଳପଥର ନିର୍ମାଣ କାର୍ଯ୍ୟ ଗତ ୨୦୧୪ ମସିହାରୁ ଆରମ୍ଭ ହୋଇଥିଲେ ହେଁ ଏ ପର୍ଯ୍ୟନ୍ତ ଅସମ୍ପୂର୍ଣ୍ଣ ରହିଛି । ଦୀର୍ଘ ଆଠବର୍ଷ ଧରି ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର କାର୍ଯ୍ୟ ଧୀର ମନ୍ଥର ଗତିରେ ଚାଲିଛି । ପୂର୍ବ ଓ ପଶ୍ଚିମ ଓଡ଼ିଶା ମଧ୍ୟରେ ଖୋର୍ଦ୍ଧା-ବଲାଙ୍ଗିର ପ୍ରକଳ୍ପ ମୁଖ୍ୟ ସଂଯୋଗକାରୀ ରେଳପଥ ହୋଇଥିବାରୁ ଏହାକୁ ଓଡ଼ିଶାର 'ଜୀବନ ରେଖା' କହିଲେ ଅତ୍ୟୁକ୍ତି ହେବନାହିଁ । ଏହି ରେଳପଥ ନିର୍ମାଣ କାର୍ଯ୍ୟରେ ସବୁଠାରୁ ବଡ଼ ପ୍ରତିବନ୍ଧକ ସାଜିଛି ଜମି ଅଧିଗ୍ରହଣରେ ବିଳମ୍ବ । ଗତ ୧୯୯୪-୯୫ ଆର୍ଥିକ ବର୍ଷରୁ ମଞ୍ଜୁରୀ ପାଇଥିବା ଏହି ପ୍ରକଳ୍ପକୁ ଚୂଡାନ୍ତ ଅନୁମତି ପାଇବାକୁ ୨୦ବର୍ଷରୁ ଅଧିକ ସମୟ ଲାଗିଥିଲା । ତେବେ ଓଡ଼ିଶା ସରକାର ତଥା ରାଜ୍ୟବାସୀଙ୍କ ବାରମ୍ବାର ଦାବି ଓ ସ୍ୱର ଉତ୍ତୋଳନ ପରେ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହେଲା ଏବଂ ଏବେ ଆଉ ମାତ୍ର ୬୮ କିଲୋମିଟର କାର୍ଯ୍ୟ ବାକି ରହିଛି । ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟର ଅନୁମତି ମିଳିନଥିବାରୁ ଏହି ୬୮ କିଲୋମିଟର ନିର୍ମାଣ କାର୍ଯ୍ୟ ଅଟକି ରହିଛି । ମାତ୍ର ସୁଖର କଥା ଦୁଇଦିନ ପୂର୍ବେ ଅବଶିଷ୍ଟ ୬୮ କିଲୋମିଟର ରେଳପଥ ନିର୍ମାଣ ପାଇଁ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ଅନୁମତି ମିଳିଛି, ଯଦ୍ୱାରା ଓଡ଼ିଶାର ଏହି ବହୁ ପ୍ରତୀକ୍ଷିତ ରେଳ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା କ୍ଷେତ୍ରରେ ଶେଷ ପ୍ରତିବନ୍ଧକ ଦୂର ହୋଇଛି । ପରିବେଶ ମଞ୍ଜୁରୀ ମିଳିସାରିଥିବାରୁ ଏଣିକି ଦଶପଲ୍ଲାରୁ ପୁରୁଣା କଟକ ମଧ୍ୟରେ ଥିବା ଜଙ୍ଗଲ ଜମିରେ ରେଳପଥ ବିଛାଇବା କାର୍ଯ୍ୟ ନିର୍ବିଘ୍ନରେ ଆରମ୍ଭ ହେବ ଓ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମଗ୍ର ପ୍ରକଳ୍ପ ସମ୍ପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି । ଖୋର୍ଦ୍ଧା-ବଲାଙ୍ଗିର ରେଳପଥର ସମୁଦାୟ ଦୈର୍ଘ୍ୟ ହେଉଛି ୨୮୯ କିଲୋମିଟର । ସେଥିମଧ୍ୟରେ ୪ ହଜାର ୯୧୮ ଏକର ଘରୋଇ ଜମି ସମେତ ୧୨୭୫.୮୧ ଏକର ସରକାରୀ ଜମି ଏବଂ ୧୮୪୪.୪୦ ଏକର ଜଙ୍ଗଲ ଜମି ଅନ୍ତର୍ଭୁକ୍ତ । ସରକାରୀ ଓ ଘରୋଇ ଜମି ଅଧିଗ୍ରହଣ ଆଉ ପ୍ରାୟ ୫ ପ୍ରତିଶତ ବାକି ଥିବାବେଳେ ଅବଶିଷ୍ଟ ୬୮ କିଲୋମିଟର ଜଙ୍ଗଲ ଜମି ପାଇଁ ପରିବେଶ ମଞ୍ଜୁରୀ ଆବଶ୍ୟକ ପଡୁଥିଲା । ଜମି ଅଧିଗ୍ରହଣ କାର୍ଯ୍ୟ ପ୍ରାୟତଃ ଶେଷ ହୋଇଥିବାରୁ ଏବେ ରେଳବାଇ କେତେ ଶୀଘ୍ର ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରିବା ଲାଗି ପଦକ୍ଷେପ ନେଉଛି, ତା'ଉପରେ ସମସ୍ତଙ୍କର ଦୃଷ୍ଟି ନିବଦ୍ଧ ରହିଛି । ଗତ ୨୦୨୧-୨୨ ଆର୍ଥିକ ବର୍ଷର ବଜେଟ୍‌ରେ ଖୋର୍ଦ୍ଧା-ବଲାଙ୍ଗିର ରେଳପଥ ବାବଦରେ ୧୦୦୦କୋଟି ଟଙ୍କା ବରାଦ୍ ହୋଇଥିବା ସ୍ଥଳେ ଚଳିତବର୍ଷ ଅର୍ଥାତ୍ ୨୦୨୨-୨୩ରେ ତାହାକୁ କମାଇ ୯୯୧ କୋଟି ଟଙ୍କା ମଞ୍ଜୁର କରାଗଲା । ମାତ୍ର ଆସନ୍ତା ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଉପସ୍ଥାପିତ ହୋଇଥିବା ବଜେଟ୍‌ରେ ଏହି ରେଳପଥ ପାଇଁ ୧୬୦୦କୋଟି ଟଙ୍କା ବରାଦ୍ ହୋଇଥିବାରୁ ନିର୍ମାଣ କାର୍ଯ୍ୟ ଅନେକାଂଶରେ ଆଗେଇଯିବା ଲାଗି ପଥ ପ୍ରସ୍ତୁତ ହୋଇଛି । ତେବେ ଅଭିଜ୍ଞତାରୁ ଦେଖାଯାଇଛି ଯେ, ପୂର୍ବବର୍ଷ ଗୁଡ଼ିକରେ ପ୍ରକଳ୍ପ ପାଇଁ କେନ୍ଦ୍ରରୁ ଯେଉଁ ପରିମାଣ ଅର୍ଥ ମଞ୍ଜୁର କରାଯାଇଛି, ତାହାକୁ ଠିକ୍ ଭାବରେ ଖର୍ଚ୍ଚ କରାଯାଇ ପାରୁନାହିଁ । ରାଜ୍ୟ ସରକାର ଏହି ରେଳପଥ ପ୍ରକଳ୍ପକୁ ଯଥେଷ୍ଟ ଗୁରୁତ୍ୱ ଦେଇ ନିୟମିତ ଭାବରେ ନିଜ ଭାଗର ଅନୁଦାନ ପ୍ରଦାନ କରିବା ସଙ୍ଗେ ସଙ୍ଗେ ଜମି ଅଧିଗ୍ରହଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ନିମନ୍ତେ ତତ୍ପରତା ଦେଖାଇଛନ୍ତି । କେନ୍ଦ୍ର ସରକାର ଆସନ୍ତା ଆର୍ଥିକ ବର୍ଷରେ ଏଥିପାଇଁ ଅଧିକ ଅର୍ଥ ବରାଦ୍ କରିବା ନିଶ୍ଚିତ ଭାବରେ ସ୍ୱାଗତଯୋଗ୍ୟ ମନେହୁଏ । ମାତ୍ର ଏହାକୁ ସମ୍ପୂର୍ଣ୍ଣ କରିବା ଦିଗରେ ଅନୁରୂପ ତତ୍ପରତା ପ୍ରକାଶ କରିବାର ଯଥେଷ୍ଟ ଆବଶ୍ୟକତା ରହିଛି । କାରଣ ଏହି ପ୍ରକଳ୍ପ ରାଜ୍ୟର ଏକାଧିକ ଅନୁନ୍ନତ ଜିଲ୍ଲାର ଭାଗ୍ୟ ପରିବର୍ତ୍ତନରେ ବିଶେଷ ସହାୟକ ହେବା ସଙ୍ଗେ ସଙ୍ଗେ ସେମାନଙ୍କ ଆର୍ଥିକ ବିକାଶ ଓ ଗମନାଗମନ କ୍ଷେତ୍ରରେ ନୂଆ ଦିଗନ୍ତର ସନ୍ଧାନ ଦେବ ।

## ନୀତିବାଣୀ

ସୃଷ୍ଟିର ଅନ୍ତିମ ସମୟ ନିକଟବର୍ତ୍ତୀ। ତେଣୁ ହୃଦୟରେ ଭଗବତ୍ ଚେତନା ଜାଗ୍ରତ ହେବା ନିହାତି ଜରୁରି।

-ସାଧୁବାଣୀ

# ରାଜଯୋଗ ଭୋଗ-ରାହୁଲ ଗାନ୍ଧୀଜୀ



ଅଜୟ କୁମାର ବେହେରା
ଅରୁଣୋଦୟ ନଗର, କଟକ
ମୋ-୯୪୩୭୦୩୧୨୫୩

ବର୍ତ୍ତମାନ ଆମ ଦେଶରେ ସରକାରରେ ଭାରତୀୟ ଜନତା ଦଳ ଓ ମୋଦିଜୀ କର୍ଣ୍ଣଧାର। ସରକାରଙ୍କ ଆଭିମୁଖ୍ୟରେ କ'ଣ ଦୋଷ ତ୍ରୁଟି ରହୁଛି ବା ରହିଛି ପୁଣି ଦେଶର ପ୍ରଜାଙ୍କୁ ଥିବା ଅନେକ ଅଗୋଚରର ଦିଗରେ ଏହାକୁ ବୟାନ କରିବାରେ ବିରୁଦ୍ଧ ଦଳରେ ଥିବା ଭାରତୀୟ କଂଗ୍ରେସ ଦଳର ଅନେକ ନେତାଙ୍କ ମଧ୍ୟରୁ ରାହୁଲଜୀ ଜଣେ।

ଜ୍ୟୋତିଷରେ ରାଜଯୋଗ, ଧାରା ଅଛି। ଶାସନରେ ରହି ପୁଣି ଶାସନକୁ ବିରୁଦ୍ଧ କରିବାରେ ଦୁଇ ପ୍ରକାର ରାଜଯୋଗ ରହିଛି। ଗୋଟିଏ ନିର୍ବାଚନ ମଣ୍ଡଳୀ ଭୋଟ ପାଇଁ ପାର୍ଥୀ ହେବା ଏକ ଏକ ରାଜଯୋଗ ନରହିଲେ ହୋଇନପାରେ। ଜଣେ ନିର୍ବାଚନରେ ବହୁମତ ପ୍ରାପ୍ତ ହେଲେ ବି ନିଶ୍ଚେ ପ୍ରତିଦ୍ୱନ୍ଦ୍ୱୀ ହରିଲେ ବି କିଛି ଜନତାଙ୍କର ସେ ନିଶ୍ଚେ ମତ ହାସଲ କରିଛନ୍ତି। ସଭାରେ କଥା କହୁ କହୁ ଅନେକ ଲୋକଙ୍କୁ ତନ୍ମୟ କରନ୍ତି। ଅନେକ ଭୁଲ ତଥ୍ୟ କହିଲେ ବି ଲୋକେ ତତ୍କାଳ ଶୁଣି ବକ୍ତାଙ୍କର ଜୟ ଜୟକାର କରନ୍ତି । ଇଂରାଜୀରେ 'ସରି' କହିଦେଲେ ଲୋକ ଚଳନୀରେ କ୍ଷମା ହେବା ଦେଖାଯାଏ କିନ୍ତୁ ଅନେକ ଭ୍ରାନ୍ତି ଲୋକଙ୍କ ମୁଣ୍ଡରେ ତତ୍କାଳ ବକ୍ତବ୍ୟରେ ପଶି ଯାଇଥାଏ।

ରାଜା ତ୍ରିଶଙ୍କୁ ସ୍ୱଦେହରେ ସ୍ୱର୍ଗକୁ ଯିବା ପାଇଁ ଉଦ୍ୟମୀ ଥିଲେ। ସେପରି ବିଦ୍ୟାଜ୍ଞାତା ଖୋଜରେ ବାହାରି ଯାହାଙ୍କୁ ପଚାରିଲେ, ସେମାନେ ସୌଜନ୍ୟ ଦୃଷ୍ଟିରୁ ବାରଣ କରିଲେ। ଏପରି କାର୍ଯ୍ୟ ଅମଙ୍ଗଳ ପ୍ରଦ ବୋଲି କହିଲେ, ହେଲେ ତ୍ରିଶଙ୍କୁ ଝୁଙ୍କ ଥିଲା ସେ ଏମିତି ଆଚାର୍ଯ୍ୟ ଖୋଜି ପହଞ୍ଚିଗଲେ ବିଶ୍ୱାମିତ୍ରଙ୍କ ପାଖରେ। ତତ୍କାଳ ଦୁଇ ପ୍ରତିଦ୍ୱନ୍ଦ୍ୱୀ ଭାବରେ। ବଶିଷ୍ଟ ଓ ବିଶ୍ୱାମିତ୍ର ବଶିଷ୍ଟ ମନା କରିଥିବା କଥା ତ୍ରିଶଙ୍କୁ କହି କାର୍ଯ୍ୟଟିକୁ ବିଶ୍ୱାମିତ୍ରଙ୍କ ଅନୁକମ୍ପା ହାସଲରେ ଲାଗି ସମ୍ମତି ପାଇଁ କାର୍ଯ୍ୟ ଆରମ୍ଭ କରି ତାଙ୍କ ତପଃ ଶକ୍ତିରେ ସ୍ୱର୍ଗଗାମୀ ହେବାକୁ ଲାଗିଲେ। ମାତ୍ର ଦେବଶକ୍ତିର ସମୂହ ବିରୁଦ୍ଧରେ ସେ ତଳକୁ ଖସିବାକୁ ବାଧ୍ୟ ହେଲେ। ଏଣେ ବିଶ୍ୱାମିତ୍ରଙ୍କୁ ଗୁହାରୀ ବିଶ୍ୱାମିତ୍ର ତାଙ୍କୁ ତିଷ୍ଠି କହିଲେ ତା'ପରେ ତ୍ରିଶଙ୍କୁ ଅଧା ସ୍ୱର୍ଗରେ ଶେଷରେ ରହିଲେ ।

ଏମିତି ଅନେକ କିଛି କାର୍ଯ୍ୟରେ ଅଧାରେ ରହନ୍ତି। ରାଜନୀତି କରି ଏମ୍‌ପି, ଏମ୍‌ଏଲ୍‌ଏ ଯାଏ ଯାଇ ହେଉଛନ୍ତି ମାତ୍ର ମନ୍ତ୍ରୀ ପଦ ପାଇପାରୁ ନାହାଁନ୍ତି। ପୁଣି ଅନେକ ପୂର୍ଣ୍ଣସମୟ ପଦରେ ରହିପାରୁନାହାଁନ୍ତି। ତଥାପି ତାଙ୍କର ରାଜଯୋଗ ନିଶ୍ଚୟ ଅଛି। ଗ୍ରହର ଫଳ ଦଶା ବିଦ୍ୟାରେ ଭୋଗ ହୋଇ ଆସିଲେ ରାଜଯୋଗ ଭୋଗ ହୋଇପାରେ। ନହେଲେ ଗର୍ଜପ ସାତଭାଗ ଦିଗ ବର୍ଷଣ ନାସ୍ତି ହୋଇଥାଏ।

ରାଜଯୋଗ ଭୋଗ ବଂଶାନୁକ୍ରମିକ ଯାହା ଦୈବଦତ୍ତ ପରିବେଶ ଆଉ ପୌରୁଷରେ କିଛି ପ୍ରାପ୍ତି। ବଂଶାନୁକ୍ରମିକ ଜମିଦାରୀରେ ଜମିଦାର ଦାୟାଦ ଜମିଦାରୀ ଅଳ୍ପ ରାଜଯୋଗରେ ପାଇପାରନ୍ତି ମାତ୍ର ପୌରୁଷ ଯୋଦ୍ଧା ସଂକଳ୍ପରେ ହାସଲ ହୋଇପାରେ।

ଯେଉଁଠି କଂସ ରାଜୁତି ସେଠାରେ ଅଷ୍ଟମଲ୍ଲ ଯେଉଁ ଦୁର୍ଯ୍ୟୋଧନ ରାଜୁତି ତାଙ୍କ ପାଇଁ ଦୁଃଶାସନ ପ୍ରକ୍ରିୟା ଯହିଁରେ ରାଜ ହୁକୁମ ଭୟ ଲଗାଯିବା ଦେଖାଯାଏ। ରାଜ ସପକ୍ଷରେ ନରହିଲେ ଉଚ୍ଛନ୍ନ ଭୋଗିବାକୁ ପଡ଼ିବ।

ରାଜା ତ ରାଜଯୋଗ ଭୋକ୍ତା ମାତ୍ର ରାଜ ବହୁ ଛାୟାରେ ଏମିତି କିଛି ରହନ୍ତି ସେମାନେ ବି ରାଜଯୋଗ କିଛି ପାଇଥାନ୍ତି। ସେମାନେ ରାଜବାହୁଛାୟାରେ ବେପରୱା ରହନ୍ତି। ରାଜ ସମ୍ବନ୍ଧ ପାଇଁ ବିଭିନ୍ନ ଉପାୟ ଅଛି, ଏ ମଧ୍ୟରେ ବଣିକମାନେ ରାଜ ଅନୁମୋଦନ ବାଣିଜ୍ୟ କରନ୍ତି। ରାଜ ବଶୀଭୂତ ପାଇଁ ଭୋଗ ପ୍ରଦାନସ୍ତର ଏମାନେ ଜାଣିଥାନ୍ତି ଫଳରେ ଏ ବି ରାଜଯୋଗରେ ବେଳେ ବେଳେ ଆସନ୍ତି। ବାମନ ହୋଇ ଚାନ୍ଦ ଧରିବା ରାଜ ସମ୍ବନ୍ଧରୁ ଏମାନେ ପାରନ୍ତି।

ଅନେକ ରାଜଯୋଗର ହୀକାରୀ ଅଛନ୍ତି। ଏମାନେ କିଛି କ୍ଷେତ୍ର ମନ୍ଦିର ପ୍ରାଙ୍ଗଣ ଭୋଜନୀ ପ୍ରଦାନ, ଦାନଗ୍ରହଣରେ ଭାଗ ନେଉଛନ୍ତି। ଏ ସବୁ ବି କ୍ଷେତ୍ର ଓ ଏମାନେ ସେ ସ୍ଥାନର କ୍ଷତ୍ରୀୟ ଅନ୍ୟଜଣେ ଏପରି ନବାଗତ ଆସିଲେ ତାକୁ ଗାଳିଗୁଲଜ କରି ତଡୁଛନ୍ତି। ଏପରି ଭାବରେ ରାଜନୀତିରେ ଅନେକ ଦଳ ଅନେକ ନେତା କିଏ ଶାସନରେ ଓ କିଏ ବିରୁଦ୍ଧ ଦଳରେ ଅଛନ୍ତି। କିଏ ଭୋଟରେ ହାରି ସ୍ତର ଛାଡ଼ି ନାହାଁନ୍ତି। ଏମିତି ରାହୁଲଜୀ ଜଣେ ତାଙ୍କର ଅନେକ ସ୍ୱପ୍ନ ଅଛି ତାକୁ ସେ ସାକାର ପାଇଁ ଚେଷ୍ଟିତ।

# ଦେଶର ସମୃଦ୍ଧି ଶିଶୁର ବିକାଶ ଉପରେ ନିର୍ଭରଶୀଳ



ଡାକ୍ତର ଲକ୍ଷ୍ମଣ ସାହୁ
ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ - ୪
ଦୂରଭାଷ : ୯୦୪୦ ୧୫୧୪୭୫

ଯେକୌଣସି ଦେଶର ସୁସ୍ଥ ବିକାଶ ପାଇଁ ନାଗରିକମାନେ ସଚେତନ ଓ ପ୍ରସ୍ତୁତ ହେବା ଉଚିତ୍। ଯେଉଁମାନେ ଗଣତାନ୍ତ୍ରିକ ସମାଜର ମୂଲ୍ୟବୋଧ ଉପରେ ବିଶ୍ୱାସ କରନ୍ତି ଓ ମାନବ ଉଚ୍ଚ ମୂଲ୍ୟବୋଧ ସହିତ ଜଡ଼ିତ ଅଛନ୍ତି । ନାଗରିକମାନଙ୍କ ବ୍ୟକ୍ତିତ୍ୱ ସମାଜ ଓ ଦେଶର ପରିଚୟକୁ ଏକ ନୂଆ ରୂପ ଦେଇଥାଏ । ଯେକୌଣସି ବ୍ୟକ୍ତିର ସଂସ୍କୃତି ଓ ଚରିତ୍ର ନିର୍ମାଣର ମୂଳଦୁଆ ପିଲାବେଳୁ ସାଇତି ରଖାଯାଇଥାଏ। ପିଲା ନିଜ ବୟସର ପ୍ରାରମ୍ଭିକ ପର୍ଯ୍ୟାୟରେ ଯାହା ଦେଖେ, ଶୁଣେ ଓ ପଢ଼େ, ତାହା ତା'ର ବ୍ୟକ୍ତିତ୍ୱ ଓ ଭବିଷ୍ୟତ ନିର୍ଣ୍ଣୟ କରେ । ପିଲାମାନଙ୍କର ନିରୀହ ଚେହେରା ହେଉଛି ଦେଶର ଉଜ୍ଜ୍ୱଳ ଭବିଷ୍ୟତର ସଙ୍କେତ। ତେଣୁ ଦେଶର ଭବିଷ୍ୟତକୁ ସୁନ୍ଦର ଓ ସୁଖମୟ କରିବା ପାଇଁ ପିଲାମାନଙ୍କର ସମସ୍ତ ପ୍ରକାର ବିକାଶ କେବଳ ଆବଶ୍ୟକ ନୁହେଁ, ଏହା ମଧ୍ୟ ଜରୁରୀ ଅଟେ । ବ୍ୟକ୍ତିତ୍ୱ ଗଠନରେ ଭଲ ସାହିତ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ପିତାମାତା ଓ ଗୁରୁଙ୍କ ପରେ ପୁସ୍ତକ ଓ ଉତ୍ତମ ସାହିତ୍ୟ ଜଣେ ବ୍ୟକ୍ତିର ସର୍ବୋତ୍ତମ ମାର୍ଗଦର୍ଶକ। ପ୍ରଥମେ ଦେବତା, ଦେବୀ, ରାଜା, ମହାରାଜା, ପଶୁ, ପକ୍ଷୀ ଓ ଅନ୍ୟାନ୍ୟ ପୁରାଣ-ଐତିହାସିକ ଚରିତ୍ର ଉପରେ ଆଧାର କରି ଜେଜେବାପା, ଜେଜିମା, ମାତା, ପିତା ଓ ଘରର ଅନ୍ୟ ବରିଷ୍ଠ ମାନଙ୍କ ଦ୍ୱାରା କୁହାଯାଇଥିବା କାହାଣୀ । ଯାହା ପିଲାଙ୍କ ଉପରେ ଯଥେଷ୍ଟ ପ୍ରଭାବ ପକାଉଥିଲା ।

ମନୋରଞ୍ଜନ ଶିକ୍ଷର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହେବା ସହିତ ଶିଶୁର ବୌଦ୍ଧିକ, ନୈତିକ ଓ ମାନସିକ ବିକାଶରେ ସାହାଯ୍ୟ କରିଥାଏ । ପରେ ଶିଶୁ ସାହିତ୍ୟ ମଧ୍ୟ ଏଥିରେ ସ୍ଥାନ ପାଇଲା। ଆମମାନଙ୍କ ମଧ୍ୟରୁ ଅନେକ ତଥା ଆମର ପୂର୍ବର ପିଢ଼ି ଓ ପରେ ଏହି ଶିଶୁ ସାହିତ୍ୟରୁ ବହୁତ କିଛି ଶିଖିଥିଲେ । ଆମେ ଅନେକ ଶିଶୁ ପତ୍ରିକା ଓ ଚିତ୍ରକଳା କିମ୍ବା କାହାଣୀ, ବ୍ୟଙ୍ଗ ପ୍ରଭୃତି ପଢ଼ିଛେ। ଧର୍ମ ବିଜ୍ଞାନ, ଇତିହାସ ତଥା ଅନ୍ୟାନ୍ୟ ବିଷୟରେ ସୂଚନା ପାଇଛେ । ଦୁନିଆର ଅନେକ ପୁରାଣ ତଥା ଐତିହାସିକ ଚରିତ୍ର ବିଷୟରେ ଜାଣିବାର ସୁଯୋଗ ପାଇଛେ। ଏସବୁ ପଢ଼ି ଜୀବନରେ ନୈତିକ ମୂଲ୍ୟବୋଧ, ଗୁଣ, ଆଦର୍ଶ ଓ ନୀତି ଯେପରିକି ଜ୍ଞାନ, ବୁଦ୍ଧି, ନମ୍ରତା, ବିଚକ୍ଷଣତା, ଦୟା, ସତ୍ୟ, ଗୁଣ ଓ ଅହିଂସାର ମହତ୍ତ୍ୱକୁ ଉପଲବ୍ଧ କରିଛେ । ଯାହା ଫଳରେ ଆମେ ଗଠନ ମୂଳକ ବିକାଶରେ ଅତ୍ୟନ୍ତ ସହାୟକ ହୋଇପାରିଛେ । ଆମର ବ୍ୟକ୍ତିତ୍ୱ ଗଠନ ନିମନ୍ତେ ପ୍ରାଚୀନ କାଳର ସାଧୁ, ଧାର୍ମିକ ଲେଖକ ଓ ନୀତି ନିର୍ମାତାମାନେ ବହୁତ ଦୂରଦୃଷ୍ଟି ସମ୍ପନ୍ନ ଥିଲେ । ସେମାନେ ମନୋବୈଜ୍ଞାନିକ ପଦ୍ଧତିରେ ମାନବିକ ଅର୍ଥ ବୁଝିବା ପରେ ବିଶୃଙ୍ଖଳିତ ସମାଜରେ ଧର୍ମ ଓ ନୀତି ପାଇଁ ଉପଯୁକ୍ତ ବାର୍ତ୍ତା ଦେବାପାଇଁ ଅନେକ କାହାଣୀ ସୃଷ୍ଟି କରିଥିଲେ ।

ବିଦ୍ୟାଳୟର ଶିକ୍ଷା କ୍ଷେତ୍ରରେ କିଛି ସମୟ ପାଇଁ ଗ୍ରହଣ କରାଯାଇଥିବା ନବସୃଜନ ପ୍ରକ୍ରିୟାରେ ପିଲାମାନଙ୍କ ନିକଟରେ ପହଞ୍ଚିବା ପାଇଁ କାହାଣୀକୁ ଏକ ମାଧ୍ୟମ କରିବା ଅପରିହାର୍ଯ୍ୟ । ଏହା ଏକ ମାନସିକ ସତ୍ୟ ଯେ ପିଲାମାନଙ୍କୁ ଶିକ୍ଷିତ କରିବାର ପଦ୍ଧତି ମଜାଳିଆ ହେବା ଉଚିତ୍ । ମାନସିକ ରୋଗ ବିଶେଷଜ୍ଞମାନଙ୍କ ତଥ୍ୟାନୁଯାୟୀ, ଯେ କୌଣସି ବିଷୟ ଲବ୍ଧ ଜ୍ଞାନ ସହଜରେ ମନୋରଞ୍ଜନ ମାଧ୍ୟମରେ ପିଲାମାନଙ୍କ ମନକୁ ଆକର୍ଷିତ କରି ଆଣିପାରିବ । କାହାଣୀ କହିବା ଏହା ପାଇଁ ଏକ ଉତ୍ତମ ମାଧ୍ୟମ ହୋଇପାରେ । ଛବି ମାଧ୍ୟମରେ ପିଲାମାନଙ୍କୁ ଦିଆଯାଇଥିବା ସୂଚନା ସେମାନଙ୍କ ମନରେ ଏକ ଚିରନ୍ତନ ପ୍ରଭାବ ପକାଇଥାଏ । ରଙ୍ଗିନ ଛବି ଭରା କାହାଣୀ ପଢିବା ପରେ ଅର୍ଥ ହାସଲ କରିବାରେ ପିଲାଙ୍କୁ ଏପରି କୌଣସି ଅଧିକ କଷ୍ଟକର ପ୍ରକ୍ରିୟା ଅତିକ୍ରମ କରିବାକୁ ପଡିବ ନାହିଁ । ଯେହେତୁ ସେ ଏକ କାହାଣୀ ଶୁଣିବା କିମ୍ବା କାହାଣୀ ପଢ଼ିବା ଓ ଏହାକୁ ବୁଝିବା ପରେ ଏହାର ଅର୍ଥ ପାଇବାକୁ ସହଜ ହେବ।

ଏହି ଦୃଷ୍ଟିକୋଣରୁ ଚିତ୍ରିତ ପୁସ୍ତକର ଗୁରୁତ୍ୱ ବହୁଗୁଣିତ ମନେ ହୁଏ। ଏହା ସବୁଠାରୁ ବିଡ଼ମ୍ବନାର ବିଷୟ ଯେ ଆଜିର ପିଲା ଟେଲିଭିଜନ୍ ଓ ଭିଡିଓ ଗେମ୍ ନିଶାରେ ହଜିଯାଇଛି। ସୁସ୍ଥ ଶିଶୁ ସାହିତ୍ୟ ସହିତ ସେମାନଙ୍କର ସଂଯୋଗ ଦୂରରୁ ଦୃଶ୍ୟମାନ ହୁଏ ନାହିଁ । ଟେଲିଭିଜନ୍ କିମ୍ବା ମୋବାଇଲର ଛୋଟ ପରଦା ହେଉ, ଶିଶୁମାନଙ୍କର ସୁସ୍ଥ ବିକାଶରେ ସହାୟକ ହେବା ପରିବର୍ତ୍ତେ ବାଧକ ହୋଇଛି । ସମାଜରେ ପ୍ରଦର୍ଶିତ ସାଂସ୍କୃତିକ ପ୍ରଦୂଷଣକାରୀ ମାଧ୍ୟମ ପାଲଟିଛି । ବର୍ତ୍ତମାନ ଅଧିକାଂଶ ଛୋଟ ପରଦା ପ୍ରୋଗ୍ରାମ କିମ୍ବା ଆନିମେସନ୍ ଚଳଚ୍ଚିତ୍ର ପିଲାମାନଙ୍କ ମଧ୍ୟରେ ହିଂସା, ଦୁଷ୍କର୍ମ ଓ ଶତ୍ରୁତା ଦେଖାଏ। ସେମାନେ ଉଦାସୀନତାର ଭାବନା ସୃଷ୍ଟି କରୁଛନ୍ତି ଓ ପିଲାମାନଙ୍କର ମନ-ମସ୍ତିଷ୍କ ଉପରେ ଆଘାତ ସୃଷ୍ଟି କରୁଛନ୍ତି । ଯାହାଦ୍ୱାରା ଅନେକ ସାମାଜିକ ଓ ମାନସିକ ବିକୃତି ସୃଷ୍ଟି ହେଉଛି । ପିଲାମାନଙ୍କର ସ୍ୱାସ୍ଥ୍ୟ ମଧ୍ୟ ଗଭୀର ଭାବେ ପ୍ରଭାବିତ ହେଉଛି । ସେଥିରେ ମାନବ ସମ୍ବେଦନଶୀଳତା ତଥା ଗଣତାନ୍ତ୍ରିକ ମୂଲ୍ୟବୋଧ ପାଇଁ କୌଣସି ସ୍ଥାନ ନାହିଁ ।

ଏସବୁ କାରଣରୁ ଆମ ଦେଶରେ ଶିଶୁ ଅପରାଧ ସଂଖ୍ୟା ଦିନକୁ ଦିନ ବଢିବାରେ ଲାଗିଛି । କିଶୋର ଅବସ୍ଥାରେ ପହଞ୍ଚିଥିବା ପିଲାମାନଙ୍କର କୋମଳ ମନ ଗଭୀର ଭାବରେ ପ୍ରଭାବିତ ହେଉଛି । ହିଂସା ପ୍ରତିହିଂସା ଦ୍ୱାରା ସେମାନଙ୍କର ମାନସିକତା ଓ ସମ୍ବେଦନଶୀଳତା କ୍ଷତିଗ୍ରସ୍ତ ହେଉଛି । ଟେଲିଭିଜନରେ ଅଶ୍ଳୀଳ ଚଳଚ୍ଚିତ୍ର ଆଦି ପ୍ରସାରିତ ଦ୍ୱାରା ହେଉ ଅବା ମୋବାଇଲ୍ ଛୋଟ ପରଦାରେ ଅଶ୍ଳୀଳତା ଭିଡିଓ ଦେଖିବା ଫଳରେ ସେମାନଙ୍କ ମନ ଅଶ୍ଳିଳ ଆଡ଼କୁ ଅଗ୍ରସର ହେଉଛି। ଏହି ଅଶ୍ଳୀଳତା ଓ ଅନ୍ୟାନ୍ୟ ଯୌନ କାର୍ଯ୍ୟକଳାପ କେବଳ ସେମାନଙ୍କୁ ପ୍ରଲୋଭିତ କରେ ନାହିଁ। ବରଂ ସେମାନଙ୍କୁ ଅଳ୍ପ ବୟସରେ ବୟସ୍କତାର ଅନୁଭୂତି ସହିତ ସଜାଇଥାଏ। ଗତ କିଛିବର୍ଷ ହେଲା ସହପାଠୀ କିମ୍ବା ଅନ୍ୟ ନିରୀହ ଝିଅମାନଙ୍କ ସହିତ କିଶୋର ପିଲାମାନଙ୍କ ଦ୍ୱାରା ବଳାତ୍କାର ଘଟଣା ବୃଦ୍ଧି ପାଇଥିବା ଏହାର ପ୍ରମୁଖ ଦୃଷ୍ଟାନ୍ତ। ସେହିଭଳି ମଦ୍ୟପାନର ପ୍ରବୃତ୍ତି ବୃଦ୍ଧି ପାଇବା ଫଳରେ କୋମଳ ଫୁଲ କଳିକା ଗୁଡିକ ବଢିବା ପୂର୍ବରୁ ଅକାଳରେ ଝଡ଼ି ପଡୁଛନ୍ତି ।

ତେଣୁ ଏଭଳି ପରିସ୍ଥିତିରେ ପିଲାମାନଙ୍କୁ ଟେଲିଭିଜନ୍ ଓ ମୋବାଇଲ୍ ମାଧ୍ୟମରେ ବ୍ୟାପିଥିବା ଅପସାଂସ୍କୃତିକ ପ୍ରଦୂଷଣରୁ ରକ୍ଷା କରିବା ପାଇଁ ଶିକ୍ଷାରେ ଶିଶୁ ସାହିତ୍ୟ ସହିତ ସଂଯୋଗ କରିବା ସମ୍ପୂର୍ଣ୍ଣ ଆବଶ୍ୟକ ଅଟେ । ଶିଶୁମାନଙ୍କ ଦରୋଟି ଓଠରେ ଦୁନିଆଁ ହସେ, ଦେଶରେ ସମୃଦ୍ଧି ଘଟେ । ଏହି ବିଷୟରେ ଗମ୍ଭୀର ଚିନ୍ତା କରାଯିବା ଉଚିତ୍...!!!

# ଦିଲ୍ ତୋ.. ବଚ୍ଚା ହୈ..ଜୀ



ସୌମ୍ୟଶ୍ରୀ ପାଣିଗ୍ରାହୀ
କୁଜଙ୍ଗ,ଜଗତ୍‌ସିଂହପୁର
ମୋ: ୭୦୦୮୬୦୧୧୬୧

ବଡ଼ ନିରୀହ ଭାବେ ପିଲାଟି ମୋତେ ଡ଼ାକିଦେଲା "ଅଙ୍କଲ..."। ବେଶୀ ବଡ଼ ନୁହେଁ, ଜମ୍ମା ୫-୬ ବର୍ଷର ପିଲାଟିଏ ହେବପରା। ଆମ କାର୍ଯ୍ୟାଳୟର କେହିଜଣେ କର୍ମଚାରୀଙ୍କ କୁନିଝିଅଟେ। ସେ' ବା କୁଆଡୁ ବୁଝିବ ଯେ 'ଅଙ୍କଲ' ଡାକ ପଛର ଯନ୍ତ୍ରଣାକୁ। ସତ କହୁଛି, ମୁଁ ଆଜିପର୍ଯ୍ୟନ୍ତ ଅନ୍ୟ ଅନେକ ଡାକ ଶୁଣିଥିଲେ ମଧ୍ୟ ଏଇ ଅଙ୍କଲ ଡ଼ାକଟା ଶୁଣିନଥିଲି। ନିଜକୁ ମୁଁ ଆଜି ପର୍ଯ୍ୟନ୍ତ ପିଲାଟିଏ ବୋଲି ଭାବୁଥିବାରୁ ମୁଁ ବି କାହାକୁ ମଉସା, କାହାକୁ ବଡ଼ଭାଇ/ଭାଇନା ନଚେତ ଅଙ୍କଲ ବୋଲି ଡ଼ାକିଥାଏ। ମାତ୍ର ଆଜି ଯେତେବେଳେ ମୋତେ କେହିଜଣେ ଅଙ୍କଲ ଡ଼ାକିଦେଲା, ମୁଁ ନିଜ ବୟସ ବିଷୟରେ ସଚେତନ ହେଲି। ସତରେ କ'ଣ ମୋ ଯୌବନ ଚାଲିଯାଇ ମୁଁ ପ୍ରୌଢ଼ ପାଲଟି ଗଲଣି କି? ଥରେ ନିଜ ବଢୁଥିବା ପେଟକୁ ଚାହିଁଲି। ଥରେ ସେହି କୁନି ଝିଅଟିର ମୁହଁକୁ ଅନେଇଲି ବଡ଼ କରୁଣ ଭାବେ। ସେ କ'ଣ ବୁଝିଲା କେଜାଣି ଆହୁରି ଦୁଃଖ କରିବା ପାଇଁ ପୁଣି ଥରେ ଡାକିଲା "ଅଙ୍କଲ..." ଏଥର ପୁଣି ଅପେକ୍ଷାକୃତ ବଡ଼ପାଟିରେ । ମୋ ଚାରିପଟରୁ କେହି ହଳ ଆଖି ମୋ ଆଡକୁ ବୁଲି ଚାହିଁଲେ।

ମୁଁ ଏ ଅପମାନର ଜ୍ୱାଳାକୁ ହଜମ କରିନପାରି ପାଖରେ ଛିଡ଼ା ହୋଇଥିବା ଆଉ ଜଣେ ସମବୟସ୍କା ତରୁଣୀଙ୍କୁ ଦେଖେଇ ପଚାରିଲି, " ଆଛା, ମୁଁ ଯଦି ଅଙ୍କଲ ହେଲି, ତାହାହେଲେ ଯେ କିଏ.. ?" ବିଶ୍ୱାସ କରନ୍ତୁ, ଛାତି ମୋର କୋରି ହେଇଗଲା, ତା'ର କଥା ଶୁଣି। ମୋ କଟା ଘା'ରେ ଚୁନ ଟିକେ ବୋଳିଦେଲା ପରି, ପିଲାଟି ବଡ଼ ସହଜ ଭାବରେ କହିଲା, 'ଯେ ପରା ଦିଦି..ବଡ଼ଭଉଣୀ" । ବିଶ୍ୱାସ କରନ୍ତୁ ଏଥର ମୋତେ ଲାଗିଲା, ଯେମିତି ସତରେ ମୁଁ ବୁଢ଼ା ହୋଇଯାଇଛି। କୁନି ପିଲାମାନେ ମୋତେ ଅଙ୍କଲ ଡ଼ାକିଲେଣି ମାନେ ମୁଁ ନିଶ୍ଚୟ ସେଇ ପର୍ଯ୍ୟାୟରେ ପହଞ୍ଚିସାରିଲିଣି । ଏଥର ମୁଁ ଆଉ ସହିପାରିଲିନି, ପଚାରିଦେଲି, 'ମୁଁ ଅଙ୍କଲ ହେଲେ, ଯେ ଦିଦି କେମିତି ଯେ ?' ପିଲାଟି ଏଥର ମୋତେ ମୁହେଁ ମୁହେଁ ଜବାବ ଦେଲା 'ଅଙ୍କଲ, ତୁମ ପେଟ ବାହାରିଛି ପା'।

ମୁଁ କି ଆଉ ସେ ଜାଗାରେ ରହେ। ସାମାନ୍ୟ ପିଲାଟେ ପାଖରେ ହାରିଯାଇଥିବା ଲୋକଟେ ପରି ମୁଁ ଆଉ କଥା ଆଗକୁ ନବଢେଇ ଚୁପ୍ ରହିଗଲି ସିନା ହେଲେ ଘରେ ପହଞ୍ଚି ନିଜକୁ ଆଉଥରେ ନିରେଖି ଦେଖିବାକୁ ଭାରି ଇଚ୍ଛା ହେଲା। ହଁ, ପେଟ ସାମାନ୍ୟ ବାହାରି ପଡ଼ିଛି। ମୁଣ୍ଡରେ ଚୁଟି ମଧ୍ୟ ଅଳ୍ପ କେତେଟା ଧଳା ପଡ଼ି ଅସିଲାଣି। ପଛପଟେ ପୁଣି ଗୋଲାକାର କିଛି କିଛି ଚନ୍ଦା ହେବାକୁ ଆରମ୍ଭ କରିଛି। ଆଜିକାଲି ମୁଁ ଆଉ ପରିଶ୍ରମ କରିପାରୁନି। ଅଳ୍ପକିଛି କାମ କଲାପରେ ଥକ୍କା ଲାଗୁଛି। ଗତମାସରେ ଡାକ୍ତରୀ ପରୀକ୍ଷା କରେଇଥିଲି। ଉଚ୍ଚ ରକ୍ତଚାପ, ବ୍ଲଡ଼ ସୁଗାର ଆଦି ସାମାନ୍ୟରୁ ଅଧିକ ରହୁଛି। ବାରମ୍ବାର ପରିସ୍ରା ଲାଗୁଛି ଏସବୁ ଡାଇବେଟିସ (ମଧୁମେହ)ର ଲକ୍ଷଣ ପରା। କୁହାଯାଏ, ଏହା ରାଜାମାନଙ୍କର ରୋଗ ପୁଣି ରୋଗମାନଙ୍କ ଭିତରେ ବି ରାଜା। ଥରେ ଯାହାକୁ ହୁଏ, ବାକି ସବୁ ରୋଗକୁ ବନ୍ଧୁବାନ୍ଧବ କୁଟୁମ୍ବ ପରି ଡାକିଆଣେ। ସତରେ କ'ଣ ମୁଁ ଏଇ ବୟସରୁ ମଧୁମେହ ରୋଗୀ ?

ଏଣେ ବେଳକୁ ଯାଇ ଚେତା ପଶିଲା, ମୁଁ କେବଳ ଶାରୀରିକ ଭାବେ ନୁହେଁ ମାନସିକ ଭାବେ ମଧ୍ୟ ଦୁର୍ବଳ ହେବାକୁ ଆରମ୍ଭ କରିଛି। ମନ ଭିତରେ ଆଉ ଆଗଭଳି ଉତ୍ସାହ ନାହିଁ। ସକାଳୁ ଶୀଘ୍ର ଉଠିପଡ଼ି ମଝିରେ କିଛି କିଛି ଖେଳାଖେଳି ଆରମ୍ଭ କରିଥିଲି, ଏବେ ଆଉ ପାରୁନି। ସକାଳୁ ଉଠିବା ଆଉ ସମ୍ଭବ ହେଉନି। ଗୋଡ଼ହାତ ସବୁ ସନ୍ଧ୍ୟା ପରେ ଶିଥିଳ ପଡ଼ିଆସୁଛନ୍ତି। ମୋଟାମୋଟି ଭାବେ ଜୀବନରେ ସ୍ଫୁର୍ତ୍ତି, ଆଉ ନାହିଁ। ଅତ୍ୟଧିକ ମାନସିକ ଚାପ ମୁଁ ନେଇ ପାରୁନାହିଁ। ଅତଏବ ମୁଁ ବୁଢ଼ା ହେଇଯାଉଛି। ଅନ୍ତତଃ ମୁଁ ଯୁବକ ହୋଇ ରହିବାକୁ ଚାହିଁଲେ ମଧ୍ୟ ଶରୀର ସହଯୋଗ କରୁନାହିଁ। ତେଣୁ ମୁଁ ଇଚ୍ଛା ନଥିଲେ ବି ଧୀରେ ଧୀରେ ବୁଢ଼ା ପାଲଟି ଯାଉଛି। ଏମିତିରେ ମୁଁ ଅଙ୍କଲ..ଡାକ ଶୁଣିବିନି ତ' ଆଉ କିଏ ଶୁଣିବ ?

ସତ କହିଲେ, ଆପଣଙ୍କ ମଧ୍ୟରୁ ଅନ୍ୟକେହି କ'ଣ ଏ ସମସ୍ୟାର ସାମ୍ନା କରିନାହାନ୍ତି ? ମୁଁ ଯେଉଁ ମାନସିକତା ପାଇଁ ବ୍ୟତିବ୍ୟସ୍ତ ହେଉଛି, ଆପଣମାନେ କ'ଣ ଏକଥା କେବେ ଭାବି ନାହାନ୍ତି ? ମୋ ସମବୟସ୍କ ବନ୍ଧୁମାନଙ୍କର

## ବିକଳ୍ପ ବିଚାର-୭୩

ଣା ଅଧିକେ ପ୍ରାୟ ସେହି ଅବସ୍ଥା। କାହାର ସ୍ୱାସ୍ଥ୍ୟଗତ ଅନେକ ସମସ୍ୟା ବାହାରିଲାଣି ତ' ବ୍ୟାଙ୍କରେ ଥିବା ଅନେକ ସାଙ୍ଗ ଅର୍ଦ୍ଧାଧିକ ଚନ୍ଦାପଣର ଶିକାର ପାଲଟି ସାରିଲେଣି। ସେମାନେ ଏଥିପାଇଁ ବଦଳୁଥିବା ଜୀବନଶୈଳୀ ଏବଂ କର୍ମକ୍ଷେତ୍ରର ଚାପକୁ ଯେତେ ଦୋଷ ଦେଲେ ବି, ଆମର ମାନସିକତା ହିଁ ଏଥିପାଇଁ ସମ୍ପୂର୍ଣ୍ଣ ଦାୟୀ ବୋଲି ମୁଁ କହିବି। ଖାଦ୍ୟପେୟର ଅନିୟମିତତା, ଶାରିରୀକ ପରିଶ୍ରମ ନକରିବା ଏବଂ ସ୍ଥଳ ବିଶେଷରେ ରାତିରାତି ଉଜାଗର ରହିବା ଆଦି ମଧ୍ୟ ସ୍ୱାସ୍ଥ୍ୟହାନୀର କାରଣ ହେଉନାହିଁ କି ? ଯା ବାଦେ ମେଦ ବହୁଳତାକୁ ଆମ ସମୟର ସବୁଠାରୁ ଚିନ୍ତାଜନକ ବିଷୟ ଭାବେ ଗ୍ରହଣ କରାଯାଇପାରେ।

କର୍ମକ୍ଷେତ୍ରରେ ଚାପ ଯୋଗୁଁ ଆତ୍ମହତ୍ୟା କରିବା ଆଜି ନୂଆ କଥା ହୋଇନାହିଁ। ଆର୍ଥିକ ସ୍ଥିତିରେ ଉନ୍ନତି ମଧ୍ୟ ଆମ ଖାଦ୍ୟପେୟ ଓ ଜୀବନଶୈଳୀକୁ ପ୍ରଭାବିତ କରୁଛି। ଏଣୁ ମନ ଭିତରେ ସୁକୋମଳ ଶିଶୁଟିଏ ଅଥବା ଉଦ୍ଦାମ ଯୁବକଟିଏ ଥିଲେ ମଧ୍ୟ ଶରୀରର ସ୍ଥିତାବସ୍ଥା ତାକୁ ବୁଢ଼ା ସଜେଇ ଦେଉଛି। ଏମିତିରେ କେବଳ ସେଇ କୁନିଝିଅଟି ନୁହେଁ, ଅନ୍ୟ କେହି ମଧ୍ୟ ଆମକୁ 'ଅଙ୍କଲ..' ନହେଲେ 'ମଉସା..' ବୋଲି ବି ଡ଼ାକି ଦେଇପାରେ।

ସେ ଡ଼ାକ ପାଖରେ ସମସ୍ୟା ନାହିଁ, ବରଂ କିଛିନା କିଛି ତ୍ରୁଟି ରହୁଛି ଆମ ମାନସିକତାରେ। ଗତକାଲି 'ଭାଲେଣ୍ଟାଇନ୍ସ ଡେ' ଗଲା। ଫେସ୍‌ବୁକ୍ ଓ ହ୍ୱାଟସ୍ ଆପରେ ଅଭିନନ୍ଦନର ସୁଅ ଛୁଟିଲା। ସମସ୍ତେ ନିଜର ପ୍ରୀୟବନ୍ଧୁ ନଚେତ ବାନ୍ଧବୀ ସହ ଫଟୋ ଉଠେଇଲେ, ମଜାମସ୍ତୀ କଲେ ଏବଂ ସଗର୍ବେ ଜଣାଇଲେ ଦୁନିଆକୁ ନିଜର ପ୍ରେମର ଇସ୍ତାହାରକୁ। କିଏ ହୋଟେଲରେ ଭୋଜୀ କଲା ତ' କିଏ ନିକାଞ୍ଚନ ସମୁଦ୍ର କୂଳରେ କିଛି ନିରୋଳା ମୁହୂର୍ତ୍ତ ବିତେଇଲା। ଯିଏ ଯେମିତି ପାରିଲା, ନିଜ ବାଗରେ ମନେଇଲା ଏଇ ପ୍ରେମର ମହାପର୍ବକୁ। ସଭିଏଁ ଯୁବ ସୁଲଭ ଉଦ୍ଦାମରେ ମସଗୁଲ ଥିବାବେଳେ ମୁଁ କ'ଣ କରୁଥିଲି । ମୁଁ ବ୍ୟସ୍ତ ଥିଲି ମୋ ଦୁନିଆରେ । ମୋ ବହିଖାତା, ଅଫିସର ଫାଇଲ୍ ପତ୍ର ଓ ଯାବତୀୟ ଜଞ୍ଜାଳ ତଥା ପାରିବାରିକ ବୋଝ ତଳେ ମୁଁ ପେଶୀ ହୋଇଯାଇଥିଲି। ଏତେସବୁ ବ୍ୟସ୍ତତା ଭିତରେ ପ୍ରେମ ପାଇଁ ମନରେ ସ୍ପୃହା ଆସିବ କିପରି ? ନିଜକୁ ମାନସିକ ଭାବେ ଚାପମୁକ୍ତ ରଖିଲେ ସିନା ମୁଁ ପ୍ରେମରେ ପାଗଳ ହେବା ପାଇଁ ସମୟ ବାହାର କରିବି ? ନିଜକୁ ଯଦି ମୁଁ ଯୁବକ ବୋଲି ଭାବୁନାହିଁ, ତେବେ ମନରେ ପ୍ରେମର ପୁଲକ ଆଉ ଯୁବ ସୁଲଭ ଚପଳତା ମିଶା ଉଦ୍ଦାମତା ଆସିବ କୁଆଡୁ ? ଅତଏବ ମୁଁ ଏଇ ଚୂଡ଼ାନ୍ତ ଫଇସଲା କଲି ଯେ, ମୁଁ ବୁଢ଼ା ହୋଇଗଲିଣି ।

ନାଁ, ଆଉ ନୁହେଁ, ବହୁତ ହେଇଗଲା। ସେ କୁନିଝିଅଟିର 'ଅଙ୍କଲ' ଡ଼ାକ ମୋ ପାଇଁ ଏକ ସତର୍କ ଘଣ୍ଟି। ନିଜକୁ ବଦଳେଇବି ନିଶ୍ଚୟ, ଯେମିତି କି ଆସନ୍ତା ଥରକୁ ସେଇ ଝିଅଟି ମୋତେ 'ଅଙ୍କଲ' ଡ଼ାକି ନପାରେ। ମନ ଭିତରର କୁନିପିଲାଟିକୁ ମୁଁ ବାହାରକୁ ଆଣିବି। ଶରୀରର ଗଢଣକୁ ବଦଳେଇବାକୁ ଚେଷ୍ଟା କରିବି। ଯେମିତି କି ସେ ମୋତେ ଅଙ୍କଲ..ଡ଼ାକିଲେ ମଧ୍ୟ, ମୁଁ ମନେ ମନେ କହିପାରିବି, 'ଦିଲ ତୋ ବଚ୍ଚା ହୈ..ଜୀ' ।

# ଏଲନ୍ ମସ୍କ ସାମାଜିକ ଗଣମାଧ୍ୟମ ଟ୍ୱିଟରକୁ କାହିଁକି କିଣିଲେ ?

ଅସିତ ମହାନ୍ତି
ସୁଜନପୁର , ଯାଜପୁର
ମୋ- ୯୩୪୮୭୬୮୮୧୨

ପ୍ରାୟ ଏକ ମାସର ଆଶା ଏବଂ ଆଶଙ୍କା ପରେ, ଏକ ଶତ୍ରୁତା ନିଆଯିବା ଅଫର୍ ସହିତ, ଏଲନ୍ ମସ୍କ ଶେଷରେ ଟ୍ୱିଟରର ନୂତନ ମାଲିକ ହୋଇପାରିଛନ୍ତି । ମସ୍କ ନିଜକୁ ଏକ 'ମୁକ୍ତ ବକ୍ତବ୍ୟ ସଂପୂର୍ଣ୍ଣବାଦୀ' ବୋଲି କହିଛନ୍ତି ଏବଂ ଘୋଷଣା କହିଛନ୍ତି ଯେ 'ମୁକ୍ତ ବକ୍ତବ୍ୟ ହେଉଛି ଏକ କାର୍ଯ୍ୟ କରୁଥିବା ଗଣତନ୍ତ୍ରର ମୂଳଦୁଆ, ଏବଂ ଟ୍ୱିଟର ହେଉଛି ଡିଜିଟାଲ୍ ଟାଉନ୍ ସ୍କୋୟାର ଯେଉଁଠାରେ ମାନବିକତାର ଭବିଷ୍ୟତ ପାଇଁ ଗୁରୁତ୍ୱପୂର୍ଣ୍ଣ ବିଷୟ ବିତର୍କ ହେଉଛି।' କିନ୍ତୁ ଏଲନ୍ ମସ୍କଙ୍କର ଏହି ଉକ୍ତି ବାସ୍ତବ କି ? ଅନ୍ୟ ପ୍ଲାଟଫର୍ମ ପରି ଟ୍ୱିଟର ଦୁନିଆର ସବୁଠୁ ବଡ ସୋସିଆଲ ମିଡିଆ ପ୍ଲାଟଫର୍ମ ନୁହେଁ । ତେବେ ଏହାର କାରଣ କଣ ଯେ ଦୁନିଆର ସବୁଠାରୁ ଧନୀ ବ୍ୟକ୍ତି ଏଲନ୍ ମସ୍କ ଏହି ସୋସିଆଲ୍ ମିଡିଆ ପ୍ଲାଟଫର୍ମରେ ଏତେ ଆଗ୍ରହୀ ହେଲେ ଯେ ସେ ଏହି ପ୍ଲାଟଫର୍ମରେ ନିଜର ଟେସଲା ଷ୍ଟକ୍ ବିକ୍ରୟ କରିବାକୁ ମଧ୍ୟ ପ୍ରସ୍ତୁତ ଥିଲେ। ଏଲନ୍‌ଙ୍କ ପାଇଁ ଟ୍ୱିଟର କେବଳ ସୋସିଆଲ ମିଡିଆ ପ୍ଲାଟଫର୍ମ ନୁହେଁ। ବାସ୍ତବରେ ଏହା ଏକ ମାର୍କେଟିଂ ଉପକରଣ, ଯେଉଁଠାରେ ସେ ତାଙ୍କର ବିଭିନ୍ନ ଉତ୍ପାଦକୁ ବିଭିନ୍ନ ଉପାୟରେ ପ୍ରୋତ୍ସାହିତ କରିପାରିବେ । ଏବେ ପ୍ରଶ୍ନ ହେଉଛି ଟ୍ୱିଟର କାହିଁକି ଅନ୍ୟ ସୋସିଆଲ ମିଡିଆ ପ୍ଲାଟଫର୍ମ କାହିଁକି ନୁହେଁ? କାରଣ ମସ୍କ ଏହି ପ୍ଲାଟଫର୍ମରେ ସକ୍ରିୟ, ଏବଂ ତାଙ୍କର ୮୦ ମିଲିଅନରୁ ଅଧିକ ଅନୁସରଣକାରୀ ଅଛନ୍ତି । ଯେତେବେଳେ ବି ସେ ଏକ ନୂତନ ଉତ୍ପାଦ ଲଞ୍ଚ କରନ୍ତି, ରିଟ୍ୱିଟ୍ କରନ୍ତି, ପସନ୍ଦ କରନ୍ତି ଏବଂ ମନ୍ତବ୍ୟ ଦିଅନ୍ତି । ୫୦୦ରୁ ୬୦୦ ମିଲିଅନରୁ ଅଧିକ ଲୋକ ଏହାକୁ ପସନ୍ଦ କରିଥାନ୍ତି । ଏଲନ୍ ସର୍ବଦା ଏଥିରୁ ଅଧିକ ଲାଭ କରନ୍ତି ଏବଂ ସେହି କାରଣରୁ ଏଲନ୍ ଟ୍ୱିଟରରେ କିଛି ମଜାଦାର ପୋଷ୍ଟ ଜାରି ରଖିଛନ୍ତି । ଏହା ଏକ କୌତୁହଳର ବିଷୟ ଯେ ଆମେରିକାର ବଜାର ଏଲୋନଙ୍କ ଟ୍ୱିଟରେ ପ୍ରଭାବିତ ହୁଏ ଏବଂ ଏହା ଏତେ ମାତ୍ରାରେ ପରିବର୍ତ୍ତନ ହୁଏ ଯେ ବର୍ତ୍ତମାନ ଏହା ଏକ ନିୟମ ଯେ ତାଙ୍କୁ ଟୁଇଟ୍ କରିବା ପୂର୍ବରୁ SEC (ସୁରକ୍ଷା ଏବଂ ବିନିମୟ ଆୟୋଗ)ରୁ ଅନୁମତି ନେବାକୁ ପଡୁଥିଲା । ଯେଉଁଥିରୁ ସେ ବହୁତ ସମୟ ଧରି ମୁକ୍ତି ପାଇବାକୁ ଚେଷ୍ଟା କରୁଥିଲେ । ଯେତେବେଳେ ଦୁନିଆର ସବୁଠାରୁ ଧନୀ ବ୍ୟକ୍ତି ଏକ ଉତ୍ପାଦ କିମ୍ବା କମ୍ପାନୀ ସହିତ ଜଡିତ ହୁଏ ଲୋକମାନେ ଭାବିବାକୁ ଲାଗିଲେ ଯେ ନିର୍ଦ୍ଦିଷ୍ଟ ଉତ୍ପାଦ କିମ୍ବା ସଂସ୍ଥା ଭଲ ପ୍ରଦର୍ଶନ କରିବ ଏବଂ ଲୋକମାନେ ଏଲନ୍‌ଙ୍କ ଟ୍ୱିଟରୁ ଭବିଷ୍ୟବାଣୀ କରିବେ ଯେଉଁଠାରେ ସେ ପରବର୍ତ୍ତୀ ସମୟରେ ବିନିଯୋଗ କରିବେ ଏବଂ ସେହି କାରଣରୁ ଲୋକମାନେ ତାଙ୍କର ଏକକ ଟ୍ୱିଟରୁ ଉତ୍ସାହିତ ହୁଅନ୍ତି। ବିଶେଷକରି ଅପରିପକ୍ୱ ନିବେଶକମାନେ ଅଧିକ ଉତ୍ସାହିତ ହୁଅନ୍ତି । ବିଟକଏନ୍ କ୍ଷେତ୍ରରେ ମଧ୍ୟ ସମାନ ଘଟଣା ଘଟିଥିଲା, ଏଲନ୍ ଟ୍ୱିଟ୍ କରିଥିଲେ ଯେ ଟେସଲା ବିଟକଏନ୍ ବ୍ୟବହାର କରିବ। ତେଣୁ ବିଟକଏନ୍ ବହୁତ ଉଚ୍ଚତାକୁ ଉଠିଯାଇଥିଲା ଏବଂ ଏହା ପରେ ଏଲନ୍ ଟ୍ୱିଟ୍ କଲେ ଏହା ପରିବେଶ ପାଇଁ ଏକ ସମସ୍ୟା, ତେଣୁ ବିଟକଏନ୍ ବ୍ୟବହାର ହୋଇନପାରେ । ଏହା ପରେ ବିଟକଏନ୍ ମୂଲ୍ୟ ୧୦% ହ୍ରାସ ପାଇଲା । ସେହିଭଳି, ସେ ୨୦୧୮ରେ ଟୁଇଟ୍ କରିଥିଲେ ଯେ ସେ ଟେସଲାକୁ ଘରୋଇକରଣ କରିବେ । ଟେସଲାର ମୂଲ୍ୟ ବଢ଼ିବାରେ ଲାଗିଲା କିନ୍ତୁ ସେ ଏହାକୁ ଘରୋଇକରଣ କରିନଥିଲେ। ଯାହା ବଜାରକୁ ପ୍ରଭାବିତ କରିଥିଲା । ଯଦି ଆପଣ ବଜାରକୁ ପ୍ରଭାବିତ କରିପାରିବେ, ତେବେ ତାହା ଏକ ବଡ ସୁବିଧା । ଯଦି ଆପଣ ସଠିକ୍ ସମୟରେ ବିନିଯୋଗ କରିପାରିବେ ଏବଂ ପ୍ରତ୍ୟାହାର କରିପାରିବେ, ତେବେ ଆପଣ ଏକ ବଡ଼ ଲାଭ କରିପାରିବେ । ୧୪ ମାର୍ଚ୍ଚରେ, ଏଲୋନ୍ $୩ ବିଲିଅନରେ ଟ୍ୱିଟରର ୯.୨% ଅଂଶଧନ କିଣିଥିଲେ ଯାହା ତାଙ୍କୁ ଟ୍ୱିଟରର ସର୍ବାଧିକ ଅଂଶୀଦାର କରିଥିଲା । ୧୪ ମାର୍ଚ୍ଚରେ ସେୟାର କିଣିବା ପରେ ମଧ୍ୟ ଏଲନ କୌଣସି ସ୍ଥାନରେ ପ୍ରକାଶ କରିନଥିଲେ ଯେ ସେ ଟ୍ୱିଟରର ସେୟାର କ୍ରୟ କରିଛନ୍ତି, ଠିକ୍ ଭାରତରେ SEBI ପରି, ଆମେରିକାରେ SEC ଅଛି ଯାହା ସେୟାର ବଜାରକୁ ନିୟନ୍ତ୍ରଣ କରିଥାଏ । ଯେତେବେଳେ କେହି ଅଂଶଧନର ୫% ରୁ ଅଧିକ କିଣନ୍ତି, ତେବେ ଏହାକୁ ୧୦ ଦିନ ମଧ୍ୟରେ ପ୍ରକାଶ କରିବାକୁ ପଡିବ । ଯେଉଁଥିରେ ନିୟମ ଅନୁଯାୟୀ ୧ଲକ୍ଷ ଡଲାର ଜୋରିମାନା ଦେବାକୁ ପଡେ, ଯାହା ପାଇଁ ଏଲୋନଙ୍କୁ ଜରିମାନା ମଧ୍ୟ କରାଯାଇଥିଲା। କିନ୍ତୁ ତା'ପରେ ମଧ୍ୟ ସେ ପ୍ରକାଶ କରିନାହାଁନ୍ତି ଯେ ସେ ୧୦ ଦିନ ମଧ୍ୟରେ ଟ୍ୱିଟରର ସେୟାର କିଣିଛନ୍ତି। ସେ ଏହା କାହିଁକି କଲେ ? ବାସ୍ତବରେ ୧ ଲକ୍ଷ ଡଲାରର ଜରିମାନା ହେଉଛି ତାଙ୍କ ନେଟ୍ ମୂଲ୍ୟର ୦.୦୦୦୦୩% । ଜରିମାନା ୧ ଲକ୍ଷ ଡଲାର ହୋଇପାରେ କିନ୍ତୁ ଏଲନ୍ ଗୋଟିଏ ଦିନରେ $700M ରୋଜଗାର କରିଥିଲେ । ତେବେ, ଦେଖନ୍ତୁ ସେ କିପରି ପଇସା କମାଇବାର କୌଶଳ ଜାଣନ୍ତି ? ଏଲନ୍ ଅନୁଭବ କଲେ ଯେ ଟ୍ୱିଟର ମାଧ୍ୟମରେ ସେ ଯେଉଁ ବ୍ୟବସାୟ କରିବାକୁ ଚାହୁଁଛନ୍ତି ସେଥିରେ କେତେଗୁଡ଼ିଏ ପ୍ରତିବନ୍ଧକ ଆସୁଛି । ଏଥିରୁ ମୁକ୍ତ ହେବାକୁ ହେଲେ ଏହି ପ୍ଲାଟଫର୍ମ ଉପରେ ନିଜର ଅଧିକାର ରହିବା ଆବଶ୍ୟକ । ତେଣୁ ଅଚାନକ ୨୫ ମାର୍ଚ୍ଚ ରେ ଏଲୋନ ଟ୍ୱିଟର ରେ କହିଲେ ଯେ ଟ୍ୱିଟରରେ କଥା କହିବାର ସ୍ୱାଧୀନତା ହେବା ବାଞ୍ଛନୀୟ । ତାଙ୍କର ଅନୁସରଣକାରୀମାନେ ବୁଝିପାରିଥିଲେ ଯେ ଆଗାମୀ ଦିନରେ କିଛି ନା କିଛି ହେବ । ଏହି ଟ୍ୱିଟରେ ସେ ଦେଖିଲେ ତାଙ୍କ ଟ୍ୱିଟ୍‌କୁ ଲୋକମାନେ ପସନ୍ଦ କରୁଛନ୍ତି। ଏହାପରେ ଲୋକମାନେ ଟ୍ୱିଟର ସେୟାରରେ ପଇସା ବିନିଯୋଗ କରିବା ଆରମ୍ଭ କଲେ। ଏହାପରେ ସେ କହିଲେ ଟ୍ୱିଟରରେ ଏଡିଟ୍ ବଟନ ହେବା ଦରକାର ଇତ୍ୟାଦି। ତାଙ୍କର ଅନୁସରଣକାରୀମାନେ ବୁଝିପାରିଥିଲେ ଯେ ଏଭଳି ଟ୍ୱିଟ୍‌ସ୍‌ର ଶୃଙ୍ଖଳା ଆସିବା ଦର୍ଶାଏ ଯେ କିଛି ନା କିଛି ଘଟିବାର ଆଶଙ୍କା ରହିଛି । ଶେଷରେ ୨୬ ଏପ୍ରିଲ ୨୦୨୨ରେ ଏଲନ୍ ମସ୍କ ଟ୍ୱିଟରର ମାଲିକ ହେଲେ । ତେଣୁ, ଏଲନ୍ ମସ୍କ ଅଭିଜାତ୍ୟ ଶ୍ରେଣୀ, ବିଶ୍ୱର ରାଜନୈତିକ ନେତା ତଥା ବିଶ୍ୱ ବଜାରକୁ ଟ୍ୱିଟର ମାଧ୍ୟମରେ ନିଜର ଆଧିପତ୍ୟ ବିସ୍ତାର କରିବା ପାଇଁ ଏହି ପଦକ୍ଷେପ ନେଇଛନ୍ତି । ମନେ ରଖିବା ଉଚିତ୍ ଯେ ଏଲନ୍ ମସ୍କ ଜଣେ ବ୍ୟପାରୀ, ସେ ତାଙ୍କର ଲାଭ ପାଇଁ ସବୁକିଛି କରିପାରନ୍ତି। ଲୋକମାନଙ୍କୁ ତାଙ୍କ ପକ୍ଷରେ ନେବା ପାଇଁ ସେ ଗଣତନ୍ତ୍ରରେ ବାକ୍ ସ୍ୱାଧୀନତାର ପ୍ରଶ୍ନ ଉଠାଇଛନ୍ତି । ଏହା କେବଳ ଏକ ବାହାନା ଛଡା ଆଉ କିଛି ନୁହେଁ । ବ୍ୟପାରୀମାନଙ୍କର ଗଣତନ୍ତ୍ର ସହିତ କୌଣସି ସମ୍ପର୍କ ନାହିଁ । ସେମାନଙ୍କର ଦରକାର ମୁନାଫା ।

## ଶିକ୍ଷା ବ୍ୟବସ୍ଥାର କରୁଣ ଦୃଶ୍ୟ

# ଶହେ ମିଟର ଦୂରତାରେ ୨ଟି ବିଦ୍ୟାଳୟ, ଛାତ୍ରଛାତ୍ରୀ ଅଭାବ



ଧର୍ମଗଡ଼, (ଭାସ୍କର ନ୍ୟୁଜ୍): ବିଦ୍ୟାଳୟ ଖୋଲା, ଶିକ୍ଷକ ବି ଅଛନ୍ତି ହେଲେ ପିଲା ଅନୁପସ୍ଥିତ। ଗାଁ'ରେ ବିବାହ ଉତ୍ସବ ହେଉଥିବା ଯୋଗୁ ପିଲାଙ୍କ ଅନୁପସ୍ଥିତି ଥିବା ଯୁକ୍ତି ବାଢ଼ନ୍ତି ଶିକ୍ଷକ। ଧର୍ମଗଡ଼ ବ୍ଲକ୍ ଟେଣ୍ଡାପାଲି ଅନ୍ତର୍ଗତ ମଝିରପଡ଼ା ପ୍ରାଥମିକ ବିଦ୍ୟାଳୟରେ ଏଭଳି ଦୃଶ୍ୟ ଦେଖିବାକୁ ମଙ୍ଗଳବାର ଦିନ ମିଳିଥିଲା। ତେବେ ଏହି ବିଦ୍ୟାଳୟରେ ମୋଟ ୧୧ଜଣ ପିଲା ଥିବାବେଳେ ୨ଜଣ ଶିକ୍ଷକ ଅଛନ୍ତି। ଜଣେ ଶିକ୍ଷକ ମଙ୍ଗଳବାର ଦିନ ଛୁଟିରେ ଥିବା ପ୍ରଧାନ ଶିକ୍ଷକ କହିଛନ୍ତି। ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରେ ୩ଜଣ, ୨ୟ-୦, ୩ୟ-୬, ୪ର୍ଥ-୦ ଓ ପଞ୍ଚମରେ ୨ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ସେହିଭଳି ଏହି ବିଦ୍ୟାଳୟଠାରୁ ମାତ୍ର ଶହେ ମିଟର ଦୂରରେ ତେଲି ପଡା ପ୍ରାଥମିକ ବିଦ୍ୟାଳୟର ଅବସ୍ଥିତ ରହିଛି। ଏଠାରେ ମୋଟ ୨୧ଜଣ ଛାତ୍ରଛାତ୍ରୀ ରହିଥିବା ବେଳେ ମଙ୍ଗଳ ଦିନ ହାତ ଗଣତି ୬-୭ଜଣ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ରହିଥିଲା। ତେବେ ଏଠାରେ ୨ଜଣ ଶିକ୍ଷକନିଯୁକ୍ତି ମଧ୍ୟରୁ ଜଣେ ଶିକ୍ଷକଙ୍କ ପରଲୋକ ଘଟିଛି। ସବୁଠି ମଜାଦାର ବିଷୟ ବିଦ୍ୟାଳୟମାନଙ୍କରେ ପିଲା ଅନୁପସ୍ଥିତ ରହୁଥିବାବେଳେ ମାଧାହ୍ନ ଭୋଜନରେ କିନ୍ତୁ ଉପସ୍ଥିତ ଦର୍ଶା ଯାଉଥିବା ଅଭିଯୋଗ ହୁଏ। ଅନ୍ୟପଟେ ସରକାରଙ୍କ ଗାଇଡ଼ଲାଇନ୍ ଅନୁଯାୟୀ ପିଲାଙ୍କ ଉପସ୍ଥିତି ସଂଖ୍ୟା ବଢିବା ଦାୟିତ୍ୱ ଶିକ୍ଷକମାନଙ୍କର ଥିବାବେଳେ ଏଠାରେ କିନ୍ତୁ ବ୍ୟତିକ୍ରମ ଦେଖାଯାଉଛି। ପିଲା ଆସିଲେ କି ଗଲେ ଶିକ୍ଷକଙ୍କ ନିଘା ରହୁନାହିଁ। କେବଳ ପିଲାଙ୍କ ପାଇଁ ଆସୁଥିବା ଅନେକ ସୁବିଧାର ଅର୍ଥକୁ ବାଟ ମାରଣା କରିବା ଉଦ୍ଦେଶ୍ୟ ରଖୁଥିବା ଲୋକେ ପ୍ରକାଶ କରନ୍ତି। ଅନେକ ସମୟରେ ଶିକ୍ଷକମାନେ ଅନୁପସ୍ଥିତ ରହିବା ଓ ଡେରିରେ ବିଦ୍ୟାଳୟ ଖୋଲିବା ଓ ଅପରାହ୍ନ ୨-୩ ଘଣ୍ଟାରୁ ସ୍କୁଲ୍ ବନ୍ଦ କରିବା ଏହା ଏକ ରୀତିମତ ଅଭ୍ୟାସ୍‌ରେ ପରିଣତି ହୋଇଥିବା କୁହାଯାଏ। ହେଲେ ଶିକ୍ଷା ବିଭାଗ ଜାଣି ଜାଣି ମଧ୍ୟ ନିରବ ରହିବା ନୀତିକୁ ଅଞ୍ଚଳର ବୁଦ୍ଧିଜୀବୀମାନେ ସମାଲୋଚନା କରନ୍ତି। ଏନେଇ ଧର୍ମଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ ନବ କିଶୋର ସାହୁଙ୍କୁ ଯୋଗାଯୋଗ କରିଥିଲେ ହିଁ ସମ୍ଭବ ହୋଇ ନ ଥିଲା।

## କାର୍ଯ୍ୟରତ ସାମ୍ବାଦିକଙ୍କୁ ପିଇଓଙ୍କ ଆକ୍ରମଣ



କୋକସରା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ୍‌ର କାର୍ଯ୍ୟରତ ଜଣେ ଦୈନିକ ଖବରକାଗଜର ସାମ୍ବାଦିକଙ୍କୁ ଖବର ସଂଗ୍ରହବେଳେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ, ବରାଡଙ୍ଗା ପଞ୍ଚାୟତରେ ସୋମବାର ପଞ୍ଚାୟତସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଥିଲା। ତେବେ ସାମ୍ବାଦିକ କିଶନ କୁମାର ପଟ୍ଟନାୟକ ସେଠାକୁ ଖବର ସଂଗ୍ରହ କରିବା ପାଇଁ ଯାଇଥିଲେ। ତେବେ ପଞ୍ଚାୟତ କାର୍ଯ୍ୟାଳୟର ବିଭିନ୍ନ ସ୍ଥାନରେ ଏକାଧିକ ମଦ ବୋତଲ ଗଡୁଥିବା ଦେଖିବାକୁ ପାଇଁ ଏ ସମ୍ପର୍କରେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସତୀଶ ରଥଙ୍କ ପ୍ରତିକ୍ରିୟା ନେବା ସମୟରେ ରାଗି ଯାଇ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହିତ ଜୀବନରୁ ମାରିଦେବା ପାଇଁ ଧମକ ଦେଇଥିଲେ। ଏମିତି କି ତଣ୍ଟି ଚିପି ମୋବାଇଲ ଛଡେଇବାକୁ ଚେଷ୍ଟା କରିଥିଲେ। ତେବେ କାହିଁକି ଏପରି କରୁଛନ୍ତି ବୋଲି ପଚାରିବାରୁ ସାମ୍ବାଦିକ ଦେଖେଇ ହେଉଛୁ ବୋଲି କହିବା ସହିତ ସେ ମୋବାଇଲ ଫୋନ ଟାଣି ଥିଲେ। ପରେ ସାମ୍ବାଦିକ ଜଣକ ସମ୍ପୃକ୍ତ ମଦ୍ୟପ ପିଇଓଙ୍କ ନାଁରେ ଆମପାଣି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ଆମପାଣି ଥାନା କେଶ ନଂ ୧୪/୨୩ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ଚତୁର୍ଭୁଜ ନାଏକ ପ୍ରକାଶ କରିଛନ୍ତି। ଏଭିଯୋଗ ପ୍ରଦାନ ସମୟରେ ସାମ୍ବାଦିକ ଶରତ ଚନ୍ଦ୍ର ରାଉତ, ସନତ କୁମାର ପ୍ରଧାନୀ, ବିଜୟ ପଣ୍ଡା, ଜଗଦୀଶ ନାଏକ, ଦୁଷ୍ମନ୍ତ ପାଟ୍ଟଯୋଷୀ ପ୍ରମୁଖ ଉପସ୍ଥିତ ଥିଲେ।

## ପରିବେଶ ସୁରକ୍ଷା ସଚେତନତା

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ନିକଟ ଲକ୍ଷ୍ମୀପୁର ପଞ୍ଚାୟତର ଭବାନୀପୁର ପ୍ରାଥମିକ ବିଦ୍ୟାଳୟଠାରେ ପ୍ରଧାନ ଶିକ୍ଷକ ସୁଧିର କୁମାର ରଥଙ୍କ ସଭାପତିତ୍ୱରେ ପରିବେଶ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଲକ୍ଷ୍ମୀପୁର ପଞ୍ଚାୟତର ସରପଞ୍ଚ ରମେଶ ଚନ୍ଦ୍ର ନାଏକ, ସମ୍ମାନୀତ ଅତିଥିଭାବେ କଳାହାଣ୍ଡି ଜିଲ୍ଲା ମିଳିତ ସାମ୍ବାଦିକ ସଂଘର ସଭାପତି ନାରାୟଣ ପ୍ରସାଦ ନାୟକ ଯୋଗଦାନ କରି ଉପସ୍ଥିତ ଥିବା ଛାତ୍ରଛାତ୍ରୀ, ଅବିଭାବକ ଏବଂ ସେ ଅଞ୍ଚଳର ଜନସାଧାରଣଙ୍କୁ ପରିବେଶ ସଚେତନତା ଉପରେ ବିଭିନ୍ନ ପ୍ରକାର ଦିଗଦର୍ଶନ ଦେବା ସହ କହିଥିଲେ, ରହିଲେ ବନ ବଞ୍ଚିବେ ଜନ, ବୃକ୍ଷ ଆମର ବନ୍ଧୁଭଳି ଆଦି ସ୍ଲୋଗାନ ଦେଇଥିଲେ।




ଯେଉଁ ଛାତ୍ରଛାତ୍ରୀ ବୃକ୍ଷଟିଏ ଲଗାଇ ତାହାର ଯତ୍ନ ନେଇ ବଡ କରିବ ତାଙ୍କୁ କଳାହାଣ୍ଡି ମିଳିତ ସାମ୍ବାଦିକ ସଂଘ ତରଫରୁ ପୁରସ୍କୃତ କରାଯିବ ଆଦି ପ୍ରତିଶ୍ରୁତି ଦେବାସହ ସେମାନଙ୍କ ମନରେ ଉତ୍ସାହ ଭରି ଦେଇଥିଲେ। ଉକ୍ତ ସଭାରେ ଗଣମାଧ୍ୟମର ପ୍ରତିନିଧି ତଥା ମିଳିତ ସାମ୍ବାଦିକ ସଂଘର କର୍ମକର୍ତ୍ତା ମଧୁସୁଦନ ମହାପାତ୍ର, ବିରଞ୍ଚି ନାରାୟଣ ଯୋଶୀ, ସଂଗ୍ରାମ କେଶରୀ ମହାପାତ୍ର ଓ ସୀମାଞ୍ଚଳ ତ୍ରିପାଠୀ ପ୍ରମୁଖ ଯୋଗଦେଇ ପ୍ରଧାନ ଶିକ୍ଷକଙ୍କ ଏହି ପରି ଏକ ମହତ୍ତ୍ୱ କାର୍ଯ୍ୟ ହାତକୁ ନେଇଥିବାରୁ ଭୁରିଭୁରି ପ୍ରସଂଶା କରିବା ସହ ଆଗାମୀ ଦିନରେ ଏହା ଏକ ଉଦାହରଣ ସୃଷ୍ଟି କରିବାକୁ ଯାଉଛି। ପରିବେଶ ସୁରକ୍ଷାକୁ ନେଇ ସମସ୍ତ ବିଦ୍ୟାଳୟମାନଙ୍କରେ ଏହିପରି କାର୍ଯ୍ୟକ୍ରମ ଆୟୋଜନ କରାଗଲେ ବ୍ୟାପକ ସଚେତନା ସୃଷ୍ଟି କରାଯାଇ ପାରନ୍ତା। ପ୍ରଧାନ ଶିକ୍ଷକ ଶ୍ରୀ ରଥ ସୂଚନା ଦେଇଥିଲେ। ସେ ଗ୍ରାମର ମହିଳା ଓ ପୁରୁଷମାନଙ୍କୁ ନେଇ ଏକ କମିଟି ଗଠନ କରି ସେମାନଙ୍କ ସହ ଗ୍ରାମର ଘରଘର ବୁଲି ବୃକ୍ଷରୋପଣ ସହ ଜଙ୍ଗଲକୁ କିପରି ସୁରକ୍ଷା ଦିଆଯାଇପାରିବ ଏହି ସଂର୍ପକରେ ବୁଝାଇଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କଦ୍ୱାରା ଏକ ସଚେତନତା ଗୀତିନାଟ୍ୟ ପରିବେଶଣ କରାଯାଇଥିଲା। ସର୍ବଶେଷରେ ବିଦ୍ୟାଳୟର କକ୍ଷୟତ୍ରୀ ସିକ୍ତା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଗୁଡ଼ର ଅଭାବୀ ବିକ୍ରି ନେଇ ଆଖୁଚାଷୀଙ୍କ ମନରେ ଅସନ୍ତୋଷ





ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ୍): ଆଖୁ ସମସ୍ତ ମିଠାର ଜନ୍ମଦାତା। ଆଖୁରୁ ଗୁଡ଼, ଚିନି, ମିଶ୍ରି ଆଦି ପ୍ରସ୍ତୁତ ହୁଏ। ଏଗୁଡିକ ଶର୍କରା ଜାତୀୟ ଖାଦ୍ୟ। ଏହା ଶରୀର ପକ୍ଷେ ଏକାନ୍ତ ଉପକାରୀ ତେଣୁ ଲୋକଙ୍କୁ ମିଠାର ଆବଶ୍ୟକତା ଥିବାରୁ ଏହାର ଚାହିଦା ମଧ୍ୟ ବେଶୀ ରହିଛି। କଳାହାଣ୍ଡି ଜିଲ୍ଲାର ଗୋଲାମୁଣ୍ଡା ଓ ଧର୍ମଗଡ଼ ବ୍ଲକର ନଦୀକୂଳିଆ ଅଞ୍ଚଳମାନଙ୍କରେ ବହୁ ପରିମାଣରେ ଆଖୁଚାଷ କରାଯାଏ। ବିଶେଷ କରି ଖମାର ହଳଦୀ, ବେହେରାଗୁଡା, ଚିଚିଆ, ପଞ୍ଜିଆ, କୁମ୍ଭାରୀ, ଲାକୁରଭଟ୍ଟା, ଲୁହାଗାଁ, କାନାଗାଁ, ଗତାଗୁଡା, କାଙ୍କେରି ଆଦି ଗ୍ରାମମାନଙ୍କରେ ବହୁ ମାତ୍ରାରେ ଆଖୁଚାଷ କରାଯାଇଥାଏ। ଆଖୁଚାଷ ପାଇଁ ନିଗିଡା ଦୋରସା ଉର୍ବର ମାଟି ନଦୀକୂଳିଆ ଅଞ୍ଚଳରେ ଉପଯୋଗୀ ଥିବାରୁ ଚାଷୀମାନେ ଆଗ୍ରହ ପ୍ରକାଶ କରି ଦୀର୍ଘବର୍ଷରୁ ଏହି ସ୍ଥାନମାନଙ୍କରେ ଆଖୁଚାଷ କରିଆସୁଛନ୍ତି। କିନ୍ତୁ ଉକ୍ତ ସ୍ଥାନର ଚାଷୀମାନେ ଏତେ ପରିମାଣରେ ଆଖୁଚାଷ କରିଆସୁଥିଲେ ମଧ୍ୟ ଉଚିତ ମୂଲ୍ୟ ପାଇ ପାରୁନଥିବାରୁ ଆଖୁଚାଷୀଙ୍କ ପ୍ରତି ଘୋର ପରିତାପର ବିଷୟ ପାଲଟିଛି। ଆଖୁଚାଷ ପାଇଁ କହିବାକୁ ଗଲେ ପ୍ରତିବର୍ଷ ନୂଆ ଚାଷୀ ଆଗ୍ରହ ସହ ନିଜକୁ ଦୁଇ ପଇସା ରୋଜଗାର ସହ ପରିବାର ପ୍ରତିପୋଷଣ ଆଶାରେ ନିଜକୁ ନିୟୋଜିତ କରୁଛନ୍ତି। ଖାଲି ଏତିକି ନୁହେଁ। ଚାଷୀ ଅନ୍ୟ ଚାଷ ଅପେକ୍ଷା ଆଖୁଚାଷ ପ୍ରତି ଆଗ୍ରହ ଥାଇ ପ୍ରତିବର୍ଷ ଫେବୃଆରୀ ଓ ମାର୍ଚ୍ଚ ମାସ ସମୟରେ ଆଖୁଚାଷ ଆରମ୍ଭ କରିଥାଏ। କାର୍ଯ୍ୟ ଆରମ୍ଭ ପୂର୍ବରୁ ପ୍ରଥମେ ସାର ଦେଇ ଜମିକୁ ଭଲ ଭାବରେ ପର୍ଯ୍ୟାୟ କ୍ରମେ ୧୨/୧୫ ଥର ଚଷାଯାଏ। ପରେ ଲଙ୍ଗଳରେ ୮୦/୯୦ ସେମି ବ୍ୟବଧାନରେ ସିଆର କରାଯାଏ। ଆଖୁର ପ୍ରତ୍ୟେକ ଗଣ୍ଡିରେ ଆଖିଥାଏ ଓ ତାହାକୁ ଲଗାଯିବା ସମୟରେ ଆଖି ଯେଭଳି ଉପରକୁ ରହେ ତାହାକୁ ଧ୍ୟାନଦେଇ ଲଗାଯାଇଥାଏ। ପୁଣି ଆଖୁ ଦେଢ଼ମାସ କି ଦୁଇ ମାସ ପରେ ରାସାୟନିକ ସାର ପ୍ରୟୋଗ କରି ହୁଡା ଟେକାଯାଏ। ଏହିଭଳି ଭାବରେ ଚାଷୀ ନିଜ ରକ୍ତ ନିଗାଡ ହାଡ଼ ପରିଶ୍ରମ କରି ପରିବାର ସହ ନିୟୋଜିତ ହୋଇ ଆଖୁଚାଷ କରିଥାଏ। କିନ୍ତୁ ଅମଳ ସମୟରେ ଆଖୁକୁ କଟାଯାଇ ମସିନ ପେଲା କଲ ସହ ବଳଦ ସାହାଯ୍ୟରେ ଆଖୁରସ ବାହାରିଥାଏ। ପୁଣି ତାହାକୁ ବଡ କଡେଇ ଦ୍ୱାରା ସିଝାଇଯାଇ ସେଥିରୁ ଗୁଡ଼ ପ୍ରସ୍ତୁତ କରି ଭେଲା କରି ତାହାକୁ ବଜାରରେ ବିକ୍ରି କରିଥାନ୍ତି। ଏଣେ ବର୍ଷ ତମାମ ଧରି ହେଉଥିବା ଆଖୁଚାଷ ଅମଳ ପରେ କେଜି ପ୍ରତି ୫୦ ଟଙ୍କା ଦରରେ ଗୁଡ଼ ବିକ୍ରି ହେଉଥିବା ବେଳେ ଚାଷୀ ତାର ଉଚିତ ମୂଲ୍ୟ ପାଇ ପାରୁନି ବୋଲି ଚାଷୀମାନେ ଦୁଃଖର ସହ ପ୍ରକାଶ କରିଛନ୍ତି। ଯାହାକି ଶାଗ ମାଛ ଦରରେ ବିକ୍ରି ହେଉଛି କହିଲେ ମଧ୍ୟ ଅତ୍ୟୁକ୍ତି ହେବନି। ତେବେ ଅମଳ ପରେ ଗୁଡ଼ର ସଂରକ୍ଷଣ ନେଇ ବ୍ୟବସ୍ଥା ନଥିବାରୁ ଏହା ଆଖୁଚାଷୀଙ୍କ ପାଇଁ ସମସ୍ୟା ଉପୁଜୁଛି। ତେବେ ଏଭଳି ସ୍ଥିତିରେ ଆଖୁଚାଷୀମାନଙ୍କର ଉତ୍ପାଦନ ବୃଦ୍ଧି ସହ ସରକାର ସଂରକ୍ଷଣ ବ୍ୟବସ୍ଥା କରନ୍ତେ ତାହେଲେ ଯାଇ ଆଖୁଚାଷୀ ଉଚିତ ମୂଲ୍ୟ ପାଇବା ସହ ଲାଭବାନ ହୋଇପାରନ୍ତେ ବୋଲି ଚାଷୀ ମହଲରେ ଦାବି କରିଛନ୍ତି।

## ଆଦର୍ଶ ବିଦ୍ୟାଳୟର ବାର୍ଷିକୋତ୍ସବ

ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍): ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁର ନିକଟସ୍ଥ ଧଅଁରାଭଟାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଲାଞ୍ଜିଗଡ଼ ବିଧାୟକଙ୍କ ପ୍ରତିନିଧି ପ୍ରଦୀପ କୁମାର ଘଡ଼େଇ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ଓଡ଼ିଆ ଶିକ୍ଷକ ଅକ୍ଷୟ କୁମାର ରଥ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପୂର୍ବତନ ଅଧକ୍ଷା ମିଲି ଷଣ୍ଢ, ହିନ୍ଦୀ ଶିକ୍ଷକ ଅରୁଣ କୁମାର ସାହୁ, ଗଣିତ ଅଧାପକ ରାଜଲକ୍ଷ୍ମୀ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ବିଦ୍ୟାଳୟର ଅଧକ୍ଷ କ୍ଷୀରେଶ୍ୱର ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ଅବସରରେ ଛାତ୍ରଛାତ୍ରୀମାନଙ୍କୁ ନେଇ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଭବାନୀଶଙ୍କର ମିଶ୍ର, ସୋନମ ସୁହାସିନୀ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସନ୍ତୋଷ ମେହେର ଓ ଗୀତାଞ୍ଜଳି ରାଉତ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

## ହରଗୌରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ୍ ଅନ୍ତର୍ଗତ କୁଶୁର୍ଲା ହରଗୌରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଛିଯାଇଛି। ଉକ୍ତ କାର୍ଯ୍ୟକ୍ରମଟି ଅଧକ୍ଷ ସୁବୋଧ କୁମାର ଶତପଥୀଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ମୁଖ୍ୟ ଅତିଥି ଭାବରେ ମାନ୍ୟବର ନର୍ଲା ବିଧାୟକ ଭୁପିନ୍ଦର ସିଂ ଯୋଗ ଦେଇଥିବାବେଳେ ଯୁବ ଉଦ୍ୟୋଗୀ ବିଭୁପ୍ରସାଦ ସାହୁ, ଜିଲ୍ଲା ପରିଷଦ ସଦସ୍ୟ ସୁରେଶ ଚୌଧୁରୀ ଉପସ୍ଥିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜନୀତି ବିଜ୍ଞାନର ଅଧ୍ୟାପକ ବିରେନ୍ଦ୍ର ସାହୁ, ଇତିହାସ ଅଧ୍ୟାପକ ଲମ୍ବୋଦର ସାହୁକାର, ଇଂଗ୍ରାଜୀ ଅଧ୍ୟାପକ ଗଗନ ବିହାରୀ ମହାପାତ୍ର, ପିତାମ୍ବର ସାହୁ, ରାଜକିଶୋର ରଣା, ପ୍ରସନ୍ନ ବେହେରା, ଜ୍ୟୋତିମାଳା ରାଉତ, ଧ୍ରୁବଚରଣ ସାହୁ, ଚୁଡାମଣି ସାହୁ ପ୍ରମୁଖ ଯୋଗଦେଇଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥିବାବେଳେ ବିଭିନ୍ନ ବିଭାଗର କ୍ରୀଡ଼ାରେ ପ୍ରତିଯୋଗିତାରେ ଭାଗ ନେଇ କୃତିତ୍ୱ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରଯାଇଥିଲା।

## ପୂରଣ ହେଲା ଦୀର୍ଘ ୫୦ ବର୍ଷର ପୋଲ ନିର୍ମାଣ ଦାବି



ଧର୍ମଗଡ଼, (ଭାସ୍କର ନ୍ୟୁଜ୍): ବର୍ଷା ଦିନରେ ଯାତାୟାତ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଥିବା ଏବଂ ଦୀର୍ଘ କିଲୋମିଟର ରାସ୍ତା ବୁଲି ଆସି ଧର୍ମଗଡ଼ ଉପଖଣ୍ଡ ମହକୁମା କୁ ପହଞ୍ଚୁ ଥିବା କନା ଗାଁ ଅଞ୍ଚଳବାସୀଙ୍କ ପାଇଁ ଏବେ ଆସିଛି ଉତ୍ସାହ ଏବଂ ଖୁସି। ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଧର୍ମଗଡ଼କୁ ସଂଯୋଗ ପାଇଁ କନା ଗାଁ ଏବଂ ଥନଟକୁ ସଂଯୋଗ ପାଇଁ ତେଲ ନଦୀ ଉପରେ ପୋଲ ନିର୍ମାଣ ପାଇଁ ଆଦେଶ ଦେବା ସହିତ ପୋଲ ନିର୍ମାଣ କାମ ଆରମ୍ଭ ହୋଇଯାଇଛି। ଯାହାକୁ ନେଇ ଅଞ୍ଚଳବାସୀଙ୍କ ଭିତରେ ଖୁସି ବ୍ୟକ୍ତ କରିବା ସହିତ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ୍ ଜଣାଇଛନ୍ତି। ଦୀର୍ଘ ୫୦ ବର୍ଷ ହେବ ଥନଟ ଏବଂ କନା ଗାଁକୁ ସଂଯୋଗ ପାଇଁ ତେଲ ନଦୀ ଉପରେ ପୋଲ ନିର୍ମାଣ ପାଇଁ ଦାବି ହୋଇ ଆସୁଥିଲା ତେବେ ଏହି ଦାବି ଏବେ ପୂରଣ ହୋଇଛି। କନା ଗାଁ ତଥା ଆଖପାଖ ଅଞ୍ଚଳର ଲୋକେ ଧର୍ମଗଡ଼କୁ ଯାତାୟାତ ପାଇଁ ଦୀର୍ଘ ୧୫ରୁ ୨୦ କିଲୋମିଟର ବୁଲି କି ଆସିବାକୁ ପଡୁଥିବା ବେଳେ ଏହି ପୋଲ ନିର୍ମାଣ ହେଲେ ମାତ୍ର ୭ କିଲୋମିଟର ଅତିକ୍ରମ କରି ଧର୍ମଗଡ଼ରେ ପହଞ୍ଚି ହେବ। ଖରାଦିନେ ନଦୀରେ ଅସ୍ଥାୟୀ ରାସ୍ତା ନିର୍ମାଣ କରାଯାଉଥିବାରୁ ଲୋକଙ୍କ ଯାତାୟାତ ସୁବିଧା ହେଉଥିବା ବେଳେ ବର୍ଷା ଦିନେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇ ଦୀର୍ଘ କିଲୋମିଟର ଯାତାୟାତ କରିଥାନ୍ତି। ତେବେ ଏହି ନଦୀ ରାସ୍ତା ଦେଇ ୧୦ଟି ପଞ୍ଚାୟତର ହଜାର ହଜାର ଲୋକ ନିର୍ଭର କରୁଥିବା ବେଳେ ଗୋଲାମୁଣ୍ଡା ବ୍ଲକ୍ ଅଞ୍ଚଳର ଲୋକ ମଧ୍ୟ ଯାତାୟାତ କରିଥାନ୍ତି। କନା ଗାଁ, ଗତାଗୁଡ଼ା, ଶାଗୁନଭାଡ଼ି, ଲୁହ ଗାଁ ଅଞ୍ଚଳର ଲୋକଙ୍କୁ ଧର୍ମଗଡ଼ ଯାତାୟାତ ତଥା ଶିକ୍ଷା ସ୍ୱାସ୍ଥ୍ୟ ବାଣିଜ୍ୟରେ ଏହି ପୋଲ ବିଶେଷ ସହାୟକ ହେବ। ୧୯ କୋଟି ୫୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେଉଥିବା ଏହି ପୋଲ କାମ ଆସନ୍ତା ୨୦୨୫ ମସିହା ମେ ମାସରେ ସମାପ୍ତ କରିବାକୁ ଧାର୍ଯ୍ୟ କରାଯାଇଛି। ପୋଲ ନିର୍ମାଣ କାମ ଆରମ୍ଭ ହୋଇଥିବାରୁ ଅଞ୍ଚଳର ଲୋକମାନଙ୍କ ମଧ୍ୟ ଉତ୍ସାହ ଦେଖାଯାଇଥିବା ବେଳେ ଦୀର୍ଘ କିଲୋମିଟର ବୁଲିବାରୁ ବଞ୍ଚିତ ହେବା ସହିତ କମ୍ ସମୟ ମଧ୍ୟରେ ଧର୍ମଗଡ଼ ପହଞ୍ଚିବେ ଏବଂ ତାଙ୍କର ଦୀର୍ଘ ୫୦ ବର୍ଷର ଦାବି ପୁରଣ ହେବ ତେଣୁ ସେମାନେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ୍ ଜଣାଇଛନ୍ତି।

# ବିଭିନ୍ନ ଗ୍ରାମ ପରିଦର୍ଶନରେ ବ୍ଲକ୍ ଉପାଧ୍ୟକ୍ଷ



କୋକସରା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ୍ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ସୋମବାର ବ୍ଲକର ବିଭିନ୍ନ ଗ୍ରାମକୁ ଗ୍ରସ୍ତ କରିବା ସହିତ ଆନ୍ଧ୍ରରେ ମୃତ୍ୟୁ ବରଣ କରିଥିବା ଶ୍ରମିକଙ୍କ ପରିବାରରକୁ ସାକ୍ଷାତ କରିଛନ୍ତି। ପ୍ରଥମେ ବ୍ଲକ୍ ଉପାଧ୍ୟକ୍ଷ ବଡପୋଡାଗୁଡା ଗ୍ରାମରେ ପହଞ୍ଚି ମହାଜନଗୁଡ଼ା ବଡପୋଡ଼ାଗୁଡ଼ା ରାସ୍ତା ବିଷୟରେ ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ। ଏବଂ ଗ୍ରାମବାସୀମାନେ ବଡପୋଡ଼ାଗୁଡ଼ାରୁ ରଏନ୍‌ଗୁଡା ସଂଯୋଗ କରୁଥିବା ରାସ୍ତାକୁ ପ୍ରଧାନମନ୍ତ୍ରୀ କିମ୍ବା ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ସାମିଲ କରିବା ପାଇଁ ଅନୁରୋଧ କରିଥିଲେ। ସେଠାରୁ ବ୍ଲକ୍ ଉପାଧ୍ୟକ୍ଷ ପୋଡ଼ାଗୁଡା ପଞ୍ଚାୟତର ମଙ୍ଗଳପୁର ଗ୍ରାମରେ ପହଞ୍ଚିଥିଲେ। ସେଠାରେ ଗ୍ରାମବାସୀମାନେ ପୋଡାଗୁଡା ମଙ୍ଗଳପୁର ରାସ୍ତାର ସ୍ଥାୟୀ ସମାଧାନ କରିବା ପାଇଁ କହିଥିଲେ। ଏବଂ ଗ୍ରାମର ଠାକୁରାଣୀ ମନ୍ଦିର ନିର୍ମାଣ କାର୍ଯ୍ୟ ପାଇଁ ଅନୁଦାନ ଦେବା ପାଇଁ ଅନୁରୋଧ କରିଥିଲେ। ସେଠାରୁ ବ୍ଲକ୍ ଉପାଧ୍ୟକ୍ଷ ଆନ୍ଧ୍ରରେ ମୃତ୍ୟୁ ବରଣ କରିଥିବା ପୋଡାଗୁଡା ପଞ୍ଚାୟତ ରାଜୀବ କୋଲୋନୀର ମୃତ ଦାଦନ ଶ୍ରମିକ କୃତ୍ତିକ ମାଝୀଙ୍କ ପରିବାରକୁ ସାକ୍ଷାତ କରି କିଛି ଆର୍ଥିକ ସାହାଯ୍ୟ ପ୍ରଦାନ କରିଥିଲେ। ଏବଂ ସାନପୁଅଙ୍କୁ ଆବାସିକ ବିଦ୍ୟାଳୟରେ ପାଠପଢ଼ା ବ୍ୟାବସ୍ଥା କରିବା ପାଇଁ କହିବା ସହିତ ତାଙ୍କ ସ୍ତ୍ରୀଙ୍କୁ ବିଧବା ଭତ୍ତା, ଏନ୍‌ଏଫ୍‌ବିଏଫ୍ ଯୋଜନାରେ ଶୀଘ୍ର ସାମିଲ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସେଠାରୁ ଆମପାଣି ପଞ୍ଚାୟତ ଅଭିମୁଖେ ବାହାରି ବିରିମୁହାଣ ଛକରେ ପହଞ୍ଚି ସ୍ଥାନୀୟ ଲୋକ ଓ ଆମପାଣି ବନପାଳ ମନୀଷା ପଟ୍ଟନାୟକ ସହିତ ବିରିମୁହାଣ କୁଟୁରୁ ଓ କାଦୋମଲି ରାସ୍ତା ବିଷୟରେ ଆଲୋଚନା କରିଥିଲେ। ପରେ ଆନ୍ଦିଝରନ ଗ୍ରାମରେ ପହଞ୍ଚି ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଏଥି ସହିତ ସରକାରୀ ନିୟମ ଅନୁସାରେ ଯୋଗ୍ୟ ହିତାଧିକାରୀ ଜଙ୍ଗଲ ଜମିପଟା କେମିତି ଶୀଘ୍ର ପାଇ ପାରିବେ ସେନେଇ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ କାଦୋମଲି ଗ୍ରାମକୁ ଗ୍ରସ୍ତ କରି ଲୋକଙ୍କ ସହିତ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରି ସମସ୍ୟାର ସମାଧାନ କରିବା ପାଇଁ କହିଥିଲେ। ସେଠାରୁ ବିରିମୁହାଣ ଗ୍ରାମରେ ପହଞ୍ଚି ସ୍କୁଲ୍ ପରିଦର୍ଶନ କରିବା ସହ ଛାତ୍ରଛାତ୍ରୀମାନଙ୍କୁ ମଧାହ୍ନ ଭୋଜନ, ପାଠପଢା, ଶିକ୍ଷକମାନେ ଉପସ୍ଥିତ କେମିତି ରହୁଛନ୍ତି ସେ ବିଷୟରେ ଅଭିଭାବକ ଓ ଛାତ୍ରଛାତ୍ରୀମାନଙ୍କୁ ପଚାରି ବୁଝିଥିଲେ। ପରେ ନିର୍ମାଣଧିନ ସ୍କୁଲ୍ କୋଠା କାର୍ଯ୍ୟ ଦତାରଖ କରି ଶିକ୍ଷକମାନଙ୍କ ସହିତ ସ୍କୁଲର ସୁବିଧା ଅସୁବିଧା ବିଷୟରେ ଆଲୋଚନା କରି ଫେରିଛନ୍ତି। ତାଙ୍କ ସହିତ ଆମପାଣି ଜିଲ୍ଲା ପରିଷଦ ହେମନ୍ତ ମାଝୀ, ମନୋରଞ୍ଜନ ବାଣୁଆ, ତାପସ ରାୟ, ସଞ୍ଜୟ ସିଙ୍ଗଲ, ବିନୋଦ ସିଂ ସମେତ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ।

## ରାଶିଫଳ

**ବୁଧବାର, ୧୫ ଫେବୃଆରୀ ୨୦୨୩**



**ମେଷ:** ଆଜି ପୂର୍ବସ୍ଥିରୀକୃତ ସ୍ଥାନକୁ ଯାତ୍ରା କରିପାରନ୍ତି। ବନ୍ଧୁମିଳନ ସହ ସାମୂହିକ ଆଲୋଚନା ମଧ୍ୟ ଫଳପ୍ରଦ ହୋଇପାରିବ। ବ୍ୟବସାୟ ଓ ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ସହଜ ଓ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। କର୍ମକ୍ଷେତ୍ରରେ ପ୍ରତ୍ୟେକଙ୍କର ପ୍ରତ୍ୟେକ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବାର ଆଶଙ୍କା ରହିଛି।



**ବୃଷ:** ଆଜି ଆର୍ଥିକ ସହାୟତା ପ୍ରଦାନ କରିବାର ମାର୍ଗ ଉନ୍ମୁକ୍ତ ହୋଇଯିବ। ଆକସ୍ମିକ ଭାବରେ ନିମନ୍ତ୍ରିତ ହୋଇ ଆଲୋଚନାରେ ନିଜକୁ ସାମିଲ କରିବାକୁ ପଡିପାରେ। ଦୀର୍ଘ ଦିନର ସୁଚିନ୍ତିତ ନୂତନ ଗୃହ ବାଣିଜ୍ୟାରମ୍ଭ କରିପାରନ୍ତି। ଜଣେ ଅନ୍ତରଙ୍ଗ ବନ୍ଧୁଙ୍କ କଥା ବାରମ୍ବାର ମନରେ ଆଲୋଡନ ସୃଷ୍ଟି କରିବ।



**ମିଥୁନ:** ଆଜି କୌଣସି ବିବାଦୀୟ ଘଟଣାରେ ହସ୍ତକ୍ଷେପ ଆପଣଙ୍କୁ ମହଙ୍ଗା ପଡିପାରେ। ସାଧାରଣ କଥାକୁ କେନ୍ଦ୍ରକରି ପାରିବାରିକ ଅସ୍ଥିରତା ସକାଶେ ମନ ଭଲ ରହିବ ନାହିଁ। ପରିସ୍ଥିତିବଶତଃ ନୂତନ ବନ୍ଧୁ ସମ୍ପର୍କ ଯୋଡିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ।



**କର୍କଟ:** ଆଜି ପ୍ରତ୍ୟେକ କ୍ଷେତ୍ରରେ ପ୍ରତିବନ୍ଧକ ଲାଗି ରହିବ କିନ୍ତୁ ଆପଣ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବେ। ମନର ସରସତା ଉଭେଇ ଯାଇପାରେ। ଗୃହ ସମସ୍ୟା, ଗାଡିମୋଟର ସମ୍ପର୍କୀୟ ପ୍ରତିବନ୍ଧକ ଲାଗି ରହିବ। ବନ୍ଧୁବାନ୍ଧବ, ଧାରକରଜ ପ୍ରଭୃତିକୁ କେନ୍ଦ୍ରକରି କଳହର ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ।



**ସିଂହ:** କର୍ମକ୍ଷେତ୍ରର ବିଭିନ୍ନ ସମସ୍ୟା ବିଷୟରେ ସମାଧାନର ଚିନ୍ତା ମନକୁ ସାମୟିକ ବିବ୍ରତ କରିପାରେ। ବନ୍ଧୁଙ୍କ ମାଧ୍ୟମରେ ଅଭିଳଷିତ ଜିନିଷ ପାଇପାରିବେ। ତରବରିଆ ଯାତ୍ରାକରନ୍ତୁ ନାହିଁ, ସତର୍କ ନ ରହିଲେ ସାଧାରଣ ଆଘାତ ଲାଗିପାରେ। ରଚନାତ୍ମକ କାମ, ପରିବହନ, ବ୍ୟବସାୟ ସକାଶେ ଦିନଟି ବହୁତ ଭଲ।



**କନ୍ୟା:** ଆଜି ଆପଣ କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଥାକୁ ସରଳ ଓ ସହଜରେ ଗ୍ରହଣ କରି ପାରିବେ ନାହିଁ। ସମୟ ସୁବିଧାକୁ ନେଇ ବନ୍ଧୁଙ୍କ ପାଖରେ ଅଭାବ ଅସୁବିଧା ଜଣାନ୍ତୁ, ଅବଶ୍ୟ ଆଶା ପୂରଣ ହୋଇଯିବ, ଏଥିରେ ଆଦୌ ସନ୍ଦେହ ନାହିଁ। ଅନ୍ୟମାନଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିବା କାମଗୁଡିକର ସମୀକ୍ଷା କରି ବ୍ୟସ୍ତତା ଅନୁଭବ କରିବେ।



**ତୁଳା:** ଆଜି କର୍ମକ୍ଷେତ୍ରରେ ଅବ୍ୟବସ୍ଥା, ପାରିବାରିକ ଜୀବନକୁ ପ୍ରଭାବିତ କରିବ। ଅବଶ୍ୟ ବହୁଳାଂଶରେ ସୁଫଳ ପାଇପାରିବେ। ମିତ୍ରତା ବନ୍ଧନରେ ଆବଦ୍ଧ ହେବା ସହ ସାମ୍ବାଦିକତା, ସଙ୍ଗୀତ, ଚଳଚ୍ଚିତ୍ର କ୍ଷେତ୍ରରେ ଦ୍ରୁତୋନ୍ନତି ପରିଲକ୍ଷିତ ହୋଇପାରେ।



**ବିଛା:** ଆଜି ସମସ୍ୟା ମଧ୍ୟରେ ପ୍ରତ୍ୟେକ କାମକୁ ସମ୍ପନ୍ନ କରିବେ। ସାମାଜିକ ସ୍ତରରେ ଯେଉଁ ଆଶା ନେଇ କାହା ପାଇଁ କିଛି କରିବେ, ପ୍ରତିବଦଳରେ କିଛି ପାଇବେ ନାହିଁ। ଆଜିର ଯାତ୍ରା ସମୟରେ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହୋଇପାରନ୍ତି। ବାଣିଜ୍ୟ, ବ୍ୟବସାୟ, ପରିବହନ, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ପାଇବେ। ମାତା ପିତାଙ୍କ ସାହାର୍ଯ୍ୟ ଦ୍ୱାରା ଆର୍ଥିକ ଅସୁବିଧାରୁ ମୁକ୍ତି ପାଇ ପାରିବେ।



**ଧନୁ:** ଆଜି ଆଧାତ୍ମିକ ଭାବଧାରାକୁ ପରିପୁଷ୍ଟ କରିବେ। ଶାନ୍ତ ଓ ସୁଶିଳତାର ଝଲକରେ ଆତ୍ମୀୟସ୍ୱଜନଙ୍କ ମନ କିଣି ନେଇପାରନ୍ତି। କିନ୍ତୁ ପାରିବାରିକ ଭୁଲ୍ ବୁଝାମଣା ହେତୁ ଅଭାବ ନ ଥିଲେ ମଧ୍ୟ ମାନସିକ ଅସ୍ଥିରତା ଲାଗି ରହିବ। ଯାନବାହନ କିମ୍ବା ଯାନ୍ତ୍ରିକ ଜିନିଷ କିଣିବା ସକାଶେ ମନ ବଳାଇ ପାରନ୍ତି। ମନୋରଞ୍ଜନର ଅବସର ପ୍ରାପ୍ତ ହେବ। ଉତ୍ସାହବର୍ଦ୍ଧକ ସୂଚନା ପ୍ରାପ୍ତ ହେବ। ସ୍ୱାସ୍ଥ୍ୟ ଖରାପ ହୋଇପାରେ।



**ମକର:** ଆଜି ମନ ଚାହୁଁଥିବା କାମ କରିବାରେ ପ୍ରତିବନ୍ଧକ ସୃଷ୍ଟିହେବ। ଅବଶ୍ୟ ନିକଟ ସମ୍ପର୍କୀୟଜନଙ୍କ ଆଶ୍ୱାସନା ମନକୁ ଲାଘବ କରିଦେଇପାରେ। ବ୍ୟବସାୟ, ପରିବହନରେ ଉନ୍ନତି ଘଟିବ। ଶ୍ରବଣା ନକ୍ଷତ୍ର ଅନ୍ୟର ବିନା ସାହାଯ୍ୟରେ ବ୍ୟକ୍ତିଗତ ବ୍ୟବସ୍ଥା ଦ୍ୱାରା କେତେକାଂଶରେ ଉପକୃତ ହୋଇପାରନ୍ତି। ଯେଉଁମାନେଙ୍କ ନୂଆ ନୂଆ ବିବାହ ହୋଇଛି, ସେମାନେ ନିଜର ସାଥିଙ୍କ ଠାରୁ ବହୁତ ଖୁସି ପାଇବେ ।



**କୁମ୍ଭ:** ଆଜି ସମସ୍ତ ସମସ୍ୟା ଓ ଶତ୍ରୁତାର ପରିସମାପ୍ତି ଘଟାଇପାରନ୍ତି। କିନ୍ତୁ ବାରମ୍ବାର ସ୍ଥାନ ଓ କାମର ପରିବର୍ତ୍ତନ ଚିନ୍ତା ମନରେ ଆଲୋଡନ ସୃଷ୍ଟି କରିବ। କିନ୍ତୁ ମନ ବୁଝିଲା ଭଳି କଥା କିମ୍ବା ଲୋଭନୀୟ ପ୍ରତିଶ୍ରୁତି ଦେଇ ବନ୍ଧୁଙ୍କୁ ଆପଣେଇ ନେଇ ପାରନ୍ତି। ସ୍ୱାସ୍ଥ୍ୟରେ ଦ୍ରୁତ ଉନ୍ନତି ପରିଲକ୍ଷିତ ହେବାରୁ ଆଶ୍ୱସ୍ତି ଲାଭ କରିବେ।



**ମୀନ:** ଆଜି କର୍ଯ୍ୟ ସାମାନ୍ୟ ବିଳମ୍ବିତ ସମୟରେ ସମ୍ପନ୍ନ ହେବ। ପ୍ରତ୍ୟେକ ଦୃଷ୍ଟିକୋଣରୁ ଦିନଟି ବହୁତ ଭଲ ଏବଂ ଆଶାଜନକ ସୁଫଳ ନିଶ୍ଚିତ ପାଇବେ। ଶିଳ୍ପ, ବ୍ୟବସାୟ, ନିର୍ମାଣ ଓ ପରିବହନ କ୍ଷେତ୍ରରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ। ଅତି ଭଲ ସମ୍ପର୍କ ରହିଥିବା ନିଜ ଲୋକଙ୍କ ଈର୍ଷାପରାୟଣତା ହେତୁ ବ୍ୟସ୍ତ ହେବେ।



ଶ୍ରୀପତିଙ୍କ ଛୁରି

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକ ତେସିଙ୍ଗା ପଞ୍ଚାୟତ ବିଶୋଳଶାସନ ଗ୍ରାମରେ ଗତ ରବିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିବାରୁ ୮ଟି ପରିବାର ସର୍ବସ୍ୱ ହରାଇଛନ୍ତି । ଖବର ପାଇ ଆଜି ବିଧାୟକ ପ୍ରଫୁଲ୍ଲ ସାମଲ ବିଶୋଳ ଠାରେ ପହଞ୍ଚି ବିପନ୍ନ ପରିବାରକୁ ସମବେଦନା ଜଣାଇବା ସହ ମାଗଣା ରନ୍ଧାଖାଦ୍ୟ ଯୋଗାଇ ଦେବାକୁ ବିଡ଼ିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହା ସହିତ ସର୍ବସ୍ୱ ହରାଇଥିବା ପରିବାରବର୍ଗଙ୍କ ବାବଦରେ ସଠିକ୍ ଆକଳନ କରି ଯଥାଶୀଘ୍ର ସରକାରୀ ସହାୟତା ଯୋଗାଇ ଦେବାକୁ ବିଧାୟକ ଶ୍ରୀ ସାମଲ ଉପସ୍ଥିତ ଥିବା ତହସିଲଦାରଙ୍କୁ କହିଥିଲେ । ଏଥିରେ ବ୍ଲକ ଅଧ୍ୟକ୍ଷା ସୁମତି ସେଠୀ, ଜିଲ୍ଲା ପରିଷଦ ସଭ୍ୟ ବଦ୍ରିନାରାୟଣ ରାଉତ, ସମାଜସେବୀ ରାଜେନ୍ଦ୍ର ଖଣ୍ଡାଇଙ୍କ ସମେତ ପଞ୍ଚାୟତସ୍ତରୀୟ ନେତୃତ୍ୱମାନେ ଉପସ୍ଥିତ ଥିଲେ । ସେହିପରି ବିଜୁମହିଳା ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦିକା ସୁଜାତା ଜେନା, ବିଜେପି ନେତା ବଦ୍ରିନାରାୟଣ ଧଳ, ଜିଲ୍ଲା ସମ୍ପାଦିକା ତପସ୍ୱିନୀ ମହାପାତ୍ର, ବସନ୍ତ କୁମାର ରାଉତ, କୈଳାସ ସାହୁ ପ୍ରମୁଖ ବିପନ୍ନଙ୍କୁ ଭେଟି ପାଲ ଓ ଶୁଖିଲା ଖାଦ୍ୟ ପ୍ରଦାନ କରିବା ସହ ସମବେଦନା ଜଣାଇଛନ୍ତି ।



# ଅମର ଶହୀଦ ଯବାନଙ୍କ ସ୍ମୃତିରେ ବିଶାଳ ତ୍ରିରଙ୍ଗା ଯାତ୍ରା




କାକଟପୁର, (ଭାସ୍କର ନ୍ୟୁଜ୍) : ଗ୍ରାମୀଣ ଚାରିଟେବୁଲ ସେବା ଟ୍ରଷ୍ଟ ପକ୍ଷରୁ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ବିଶ୍ୱାମିତ୍ର ମଠରୁ ଆରମ୍ଭ ହୋଇ ମା' ମଙ୍ଗଳା ମନ୍ଦିର ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି । ପୁଲଓ୍ୱାମା ଆକ୍ରମଣକୁ ୪ବର୍ଷ ପୂର୍ତ୍ତି ଅବସରରେ ସାରା ଦେଶ ଆଜି ଭାରତୀୟ ଯବାନମାନଙ୍କ ସେହି ବୀରତ୍ୱର ଗାଥା ଓ ବଳିଦାନକୁ ସ୍ମରଣ କରିବା ସହିତ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି । ୧୪ ଫେବୃଆରୀ ୨୦୧୯ । ପୂର୍ବବର୍ଷ ଭଳି ସେଦିନ ମଧ୍ୟ ଭାଲେଣ୍ଟାଇନ ଡେ' ପାଳନ କରୁଥିଲେ ଦେଶର ଯୁବବର୍ଗ । ହେଲେ ହଠାତ ଦ୍ୱିପ୍ରହର ୩.୩୦ ଏପରି ଏକ ଖବର ଆସି ପହଞ୍ଚିଲା ଯାହା ସମଗ୍ର ଦେଶରେ ଶୋକର ଛାୟା ଖେଳାଇଦେଇଥିଲା । ଅଚାନକ ଯେମିତି ସବୁକିଛି ବଦଳି ଗଲା । ସ୍ତବ୍ଧ ହୋଇଗଲା ସମଗ୍ର ଦେଶ । ଯେତେବେଳେ ଖବର ମିଳିଲା ଜମ୍ମୁ କାଶ୍ମୀର ପୁଲଓ୍ୱାମାରେ ଏକ ବଡ ଧରଣର ଆତଙ୍କୀ ଆକ୍ରମଣ ହୋଇଛି । ଆଉ ଏହି ଆକ୍ରମଣରେ ୪୦ ସେଣ୍ଟ୍ରାଲ ରିଜର୍ଭ ପୁଲିସ୍ ଫୋର୍ସ କର୍ମଚାରୀଙ୍କର ମୃତ୍ୟୁ ହୋଇଛି ।୨୦୧୯ ମସିହା ଫେବୃଆରୀ ୧୪ ତାରିଖରେ ଦେଶକୁ ଦୋହଲାଇ ଦେଇଥିଲା ଏହି ଆକ୍ରମଣକୁ ୪ ବର୍ଷ ପୂରିଛି । ଆକ୍ରମଣ ସେ ଦୃଶ୍ୟ ଆଖି ସାମ୍ନାକୁ ଆସିବା କ୍ଷଣି ଆଜି ବି ଶିହରି ଉଠେ ଦେହ । ଶହୀଦଙ୍କ ପାଇଁ ଆଜି ବି ଲୁହ ଗଡାଉଛନ୍ତି ଦେଶବାସୀ । ଆକ୍ରମଣରେ ଦେଶ ପାଇଁ ଜୀବନ ଦେଇଥିବା ସହିଦଙ୍କୁ ଆଜି ବି ଝୁରୁଛି ମାଟି, ଆଉ ଦେଶ ପାଇଁ ହସି ହସି ପ୍ରାଣବଳୀ ଦେଇଥିବା ସହିଦଙ୍କୁ ମନେ ପକାଇ ଗୁମୁରି କାନ୍ଦୁଛନ୍ତି ପରିବାର ଆଉ ମାତୃଭୂମି । ଜମ୍ମୁ-ଶ୍ରୀନଗର ରାଷ୍ଟ୍ରୀୟ ରାଜମାର୍ଗ ଦେଇ ୨୫୦୦ ଯବାନଙ୍କୁ ନେଇ ୭୮ଟି ବସ୍ ଯାଉଥିଲା । ଆଉ ସବୁଦିନ ପରି ଯବାନମାନେ ନିଜ ଗନ୍ତବ୍ୟ ସ୍ଥଳକୁ ଆଗେଇ ଚାଲିଥିଲେ । ସିଆରପିଏଫ୍ ଯବାନଙ୍କ ଗାଡି ପୁଲଓ୍ୱାମା ପହଁଚିବା ପୂର୍ବରୁ ହିଁ ରାସ୍ତାର ଆରପଟରୁ ଆସୁଥିବା ଗୋଟିଏ କାର୍ ଗାଡିକୁ ଧକ୍କା ଦେଇଥିଲା । କେହି କିଛି ବୁଝିବା ପୂର୍ବରୁ ଏତେ ଜୋର୍‌ରେ ବିସ୍ଫୋରଣ ହୋଇଥିଲା ଯେ ଏଥିରେ ସାରା ଦେଶର ଛାତି ଥରି ଉଠିଲା । ବିସ୍ଫୋରଣ ଶବ୍ଦ ଏତେ ତୀବ୍ରଥିଲା ଯେ ଆଖପାଖ ୧୦ରୁ ୧୨ କିଲୋମିଟର ଯାଏଁ ସାରା ଅଞ୍ଚଳ ଏକ ପ୍ରକାର ଥରି ଯାଇଥିଲା । ରାସ୍ତାରେ ପଡିଥିଲା ଯବାନଙ୍କ ଖଣ୍ଡ ବିଖଣ୍ଡିତ ରକ୍ତାକ୍ତ ଶରୀର । କେହି କିଛି ବୁଝିବା ଆଗରୁ ସବୁକିଛି ଶୂନ୍ୟ ହୋଇଯାଇଥିଲା । ଆତଙ୍କବାଦୀ ଆଦିଲ୍ ଅହମ୍ମଦର ଆତ୍ମଘାତୀ ବିସ୍ଫୋରଣରେ ଘଟଣାସ୍ଥଳରେ ହିଁ ଟଳିପଡିଲେ ସିଆରପିଏଫର ଅନେକ ଯବାନ । କେବଳ ଏତିକି ନୁହେଁ, କୋହଲା ପାଗର ସୁଯୋଗ ନେଇ ଯବାନଙ୍କ ଉପରେ ଆତଙ୍କବାଦୀ ପୁଣି କରିଥିଲେ ଅନ୍ଧାଧୁନ୍ ଗୁଳିମାଡ଼ । ଭାରତୀୟ ସେନା ପୁଲଓ୍ୱାମା ଆକ୍ରମଣର ଠିକ୍ ୧୨ ଦିନ ପରେ ଆତଙ୍କୀଙ୍କ ଉପରେ ଆକ୍ରମଣ କରିଥିଲା । ଫେବୃୟାରୀ ୨୬ ଭାରତୀୟ ବାୟୁସେନା ପାକ୍ ସ୍ଥିତ ବାଲାକୋଟର ଆତଙ୍କୀ ସଂଗଠନ ଜୈସ୍-ଏ-ମହମ୍ମଦ ଉପରେ ଏୟାର୍ ଷ୍ଟ୍ରାଇକ୍ କରିଥିଲା । କିନ୍ତୁ ଆଜିର ଦିନଟି ସବୁଦିନ ପାଇଁ ଭାରତୀୟଙ୍କ ମନରେ ଏକ ଅଭୁଲା ସ୍ମୃତି ହୋଇ ରହିବ । ଆଉ ସମସ୍ତଙ୍କ ମନରେ ପ୍ରତିଶୋଧର ନିଆଁ ଜଳୁଥିବ । କାରଣ ଆଜିର ଦିନରେ ନିଜର ବୀର ପୁତ୍ରଙ୍କୁ ହରାଇଥିଲା ଥିଲା ଦେଶ । ପ୍ରିୟବ୍ରତ ବିଶ୍ୱାଳ, ରୁପରଞ୍ଜନ ସାହୁ, ସମାଜସେବୀ ନିରଞ୍ଜନ ମୁଦୁଲି, ନରେଶ ପତି, ଲିକୁ ବେହେରା, ସୁବ୍ରତ ସ୍ୱାଇଁ, ମଳୟରଞ୍ଜନ ଦାସ, ଜିତେନ୍ଦ୍ର ସ୍ୱାଇଁ, ପିଣ୍ଟୁ ଭାଇ, ବିଶ୍ୱଜିତ ସେଠୀ, କ୍ଷେତ୍ର ମୋହନ ସାହୁ ପ୍ରିନ୍ସପାଲ ଜାହାନ ପବ୍ଲିକ ସ୍କୁଲ ଓ କାକଟପୁର ମଙ୍ଗଳା ମହାବିଦ୍ୟାଳୟର ବହୁ ଛାତ୍ରଛାତ୍ରୀ, ବ୍ରିଲିଆଣ୍ଟ ଶିକ୍ଷାକେନ୍ଦ୍ର । ପୋଲିସ ଓ ମିଡ଼ିଆ ବନ୍ଧୁମାନଙ୍କ ସହଯୋଗରେ ତିରଙ୍ଗା ଯାତ୍ରା ସଫଳ ହୋଇଛି । ସେଥିପାଇଁ ଆଜିର ଦିନକୁ କଳା ଦିବସ ଭାବେ ଘୋଷଣା କରାଯାଇଥିଲା ।

# ସାର କାରଖାନାକୁ ଗ୍ରାମବାସୀଙ୍କ ବିରୋଧ

## ପୋଲିସ ଛାଉଣୀରେ ପାଚେରୀ ନିର୍ମାଣ ଆରମ୍ଭ



ଛତ୍ରପୁର, (ଭାସ୍କର ନ୍ୟୁଜ୍) : ଗଞ୍ଜାମ ଜିଲ୍ଲା ଚମାଖଣ୍ଡି ଥାନା ଅନ୍ତର୍ଗତ କାଳିପଲ୍ଲୀରେ ହେବାକୁ ଥିବା ଟେକ୍ନିକାଲ ଏମୋନିୟମ ନାଇଟ୍ରେଟ ପ୍ଲାଣ୍ଟକୁ ଗ୍ରାମବାସୀ ବିରୋଧ ଜାରୀ ରଖିଛନ୍ତି । ପ୍ଲାଣ୍ଟ ବିରୋଧକୁ ନେଇ ଗତ ୪ ତାରିଖରେ ଜିଲ୍ଲା ପ୍ରଶାସନ ଓ କାଳିପଲ୍ଲୀ ବାସିନ୍ଦାଙ୍କ ମଧ୍ୟରେ ଏକ ବୈଠକ ବସିଥିଲା । ଆଉ ବୈଠକରେ ରି-ନୋଟିଫଇକେସନ ପାଇଁ ଏକ ୫ଜଣିଆ ଟିମ୍ ଓ ମୁମ୍ବାଇ ଯିବାକୁ ଏକ ଟିମ୍ ଗଠନ କରିବା ସହିତ ମୁମ୍ବାଇ ଯିବା ନିମନ୍ତେ ଅନ୍ୟ ଏକ ଟିମ୍ ଗଠନ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ କାଳିପଲ୍ଲୀ ବାସିନ୍ଦାଙ୍କୁ କୁହାଯିବା ସହିତ ୭ଦିନ ସମୟ ଦିଆଯାଇଥିଲା । ଏନେଇ କାଳିପଲ୍ଲୀ ବାସିନ୍ଦାଙ୍କ ପକ୍ଷରୁ ଟିମ୍ ଗଠନ ହେବା ସମ୍ପର୍କରେ ଜିଲ୍ଲା ପ୍ରଶାସନକୁ ଜଣାଇ ଦିଆଯାଇଛି । କିନ୍ତୁ ଜିଲ୍ଲା ପ୍ରଶାସନ ଏନେଇ କୌଣସି ପଦକ୍ଷେପ ନନେଇ ଆଜି ଶତାଧିକ ପୋଲିସର ଉପସ୍ଥିତିରେ ପ୍ଲାଣ୍ଟର ପାଚେରୀ କାମ ଆରମ୍ଭ କରିଛି କମ୍ପାନୀ । ଯାହାକି ସମ୍ପୂର୍ଣ୍ଣ ରୂପେ ବେଆଇନ କାମ । ପ୍ଲାଣ୍ଟର ପାଚେରୀ କାମ ସମ୍ପର୍କରେ ଗ୍ରାମବାସୀଙ୍କୁ ଜଣାଇ ଦିଆଯାଇନାହିଁ । ତେଣୁ ଏନେଇ ପୁଣି ଗ୍ରାମବାସୀଙ୍କୁ ନେଇ ଏକ ବୈଠକ କରାଯିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି କାଳିପଲ୍ଲୀ ଗାଁ ସଭାପତି । ସେପଟେ ଟାଟା କମ୍ପାନୀ ପ୍ରତିଷ୍ଠା ନେଇ ଜନଶୁଣାଣୀ ହୋଇଥିବା ବେଳେ ଟେକନିକାଲ ଏମୋନିୟମ ନାଇଟ୍ରେଟ ପ୍ଲାଣ୍ଟ ନେଇ କେ?ଣସି ଜନଶୁଣାଣୀ ହୋଇନାହିଁ । ଯାହାଫଳରେ ଗ୍ରାମବାସୀ ଏହି ପ୍ଲାଣ୍ଟର ଆଭିମୁଖ୍ୟକୁ ନେଇ ଚିନ୍ତାରେ ରହିଥିବା ବେଳେ ଏହି ପ୍ଲାଣ୍ଟ ହେବା ଦ୍ୱାରା ସ୍ଥାନୀୟ ଗ୍ରାମବାସୀ ବିଭିନ୍ନ ରୋଗରେ ପଡ଼ିବା ନେଇ ସମ୍ଭାବନା ରହିଛି । ତେଣୁ ପ୍ଲାଣ୍ଟକୁ ନିର୍ମାଣ କରାଇ ଦିଆଯିବ ନାହିଁ । ପ୍ଲାଣ୍ଟ ନିର୍ମାଣ କାର୍ଯ୍ୟ ଆରମ୍ଭ ହୁଏ ତେବେ ବିରୋଧ କରାଯିବ ବୋଲି କହିଛନ୍ତି ଗ୍ରାମବାସୀ । ଗ୍ରାମବାସୀ ପୂର୍ବରୁ ଅନେକ ଥର ପ୍ଲାଣ୍ଟ କାମକୁ ବିରୋଧ କରୁଥିବା ଯୋଗୁଁ ଧସ୍ତାଧସ୍ତି ହେବା ସହିତ ଉତ୍ତେଜନା ମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା । ତେଣୁ ଆଜି ଯେପରି କୌଣସି ସେଭଳି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନହୁଏ ତାହାକୁ ଆଖି ଆଗରେ ରଖି ନିଜେ ଗଞ୍ଜାମ ଏସ୍ପି, ଅତିରିକ୍ତ ଏସ୍ପିଙ୍କ ସମେତ ଜିଲ୍ଲାର ବହୁ ଥାନାର ଅଧିକାରୀ ଓ ବ୍ୟାପକ ପୋଲିସ ଫୋର୍ସ ପ୍ଲାଣ୍ଟ ନିକଟରେ ମୁତୟନ ରହିଛନ୍ତି । କମ୍ପାନୀର ଏଭଳି ବେଆଇନ କାମକୁ ଅନେକେ ନିନ୍ଦା କରିଛନ୍ତି ।

# 'ବଡ଼ପୂଜା' ପାଇଁ ପ୍ରସ୍ତୁତି ବୈଠକ

କରଞ୍ଜିଆ, (ଭାସ୍କର ନ୍ୟୁଜ୍): ବାଥୁଡି ସମାଜର ବାର୍ଷିକ ପୂଜା ଶିମିଳିପାଳର ଅଠରଦେଉଳ ଠାରେ ଅନୁଷ୍ଠିତ ହୋଇଆସୁଥିବା ଏହି ପୂଜାକୁ 'ବଡ଼ପୂଜା' ବୋଲି କହିଥାନ୍ତି । ଏହି ବଡ଼ପୂଜା ବର୍ଷକରେ ମାତ୍ର ଥରେ ଶିମିଳିପାଳର ଅଠରଦେଉଳ ଠାରେ ଅନୁଷ୍ଠିତ ହୋଇଥାଏ । ଏହି ପୂଜା ମୟୁରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର ଦେହୁରୀମାନେ କରିଥାନ୍ତି । ଏହି ଆଧାରରେ ଚଳିତ ବର୍ଷ ଅଠରଦେଉଳ ଶିମିଳିପାଳ 'ବଡ଼ପୂଜା' ପାଇଁ ପ୍ରତିଗ୍ରାମର ଦେହୁରୀମାନେ କୁମାରୀ ଠାରେ ଏକତ୍ରିତ



ହୋଇ ପ୍ରସ୍ତୁତି ବୈଠକ କରିଥିଲେ । ବୈଠକର ନିଷ୍ପତ୍ତି ଅନୁଯାୟୀ ଏହି ବଡ଼ପୂଜା ମାର୍ଚ୍ଚ ୨୩ ତାରିଖରୁ ଆରମ୍ଭ ହୋଇ ଏପ୍ରିଲ ୧ ପର୍ଯ୍ୟନ୍ତ ଚାଲିବ । ଏହି ତିଥି ଅନୁଯାଇ ଦୁଇ ଜିଲ୍ଲାର ପ୍ରତିଗ୍ରାମର ଦେହୁରୀମାନେ ଅଠରଦେଉଳ ପୂଜା ପାଇଁ ଯାତ୍ରା କରିଥାନ୍ତି । ଏହି ବୈଠକରେ ବିଳାପଘା, ଛତୁରିସାହି, ଘୁଁଚିନାଳି, ସାନ କାଶୀରିଆ, ବଡ଼ କାଶରିଆ, ମୁଆପାଳ, ବସନ୍ତପୁର, କପଣ୍ଡ, କୁମାରୀ, ଯଶିପୁର, ବୁଢାବଣ, ସିମିଗାଁ, ତଣ୍ଡ, ଅଳକୁଦର ଗ୍ରାମବାସୀ ଯୋଗ ଦେଇଥିବାବେଳେ ଆଲୋଚନାରେ ଅଠର ଦେଉଳ ମ୍ୟାନେଜମେଣ୍ଟ ଟ୍ରଷ୍ଟର ସଭାପତି ଭାରତୀ ଦାସ, ଉପସଭାପତି ନଳିନ ଦାସଙ୍କ ସହିତ ଦେହୁରୀ ଝଡ଼େଶ୍ୱର ରାଉତ, ଦେହୁରୀ ସୁକାନ୍ତ ନାଏକ, ସୁରେନ୍ଦ୍ର ମଢେଇ, ବିଜୟ ନାଏକ, ସନ୍ତୋଷ ଖଣ୍ଡେଇ ସୁଗ୍ରୀନ ନାଏକ, ଗ୍ରାମ ପଧାନ ଅଳକୁଦର ଗ୍ରାମର ରମେଶ ଦାସ ଓ କୁମାରୀ ଗ୍ରାମବାସୀ ବୃନ୍ଦ ଉପସ୍ଥିତ ରହି ଆଲୋଚନା କରିଥିଲେ । 'ବଡ଼ପୂଜା' ପୂର୍ବରୁ ଶିମିଳିପାଳର କୋର ଅଞ୍ଚଳକୁ ସଫେଇ କରିବା ଓ ଜଙ୍ଗଲରେ ଯେପରି ନିଆଁ ନଲାଗେ ସେଥିପାଇଁ ସଚେତନ କାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଇଥିଲେ ।

# ବିପଦ ସଙ୍କୁଳରେ ଜୀବନ ଯାତ୍ରା : ସରକାରୀ ଯୋଜନା ଅପହଞ୍ଚ





ତାଳଚେର, (ଭାସ୍କର ନ୍ୟୁଜ୍) : ବାଜିରେ ଲାଗିଛି ଜୀବନ, ପରିବାର ପ୍ରତିପୋଷଣ ପେଟପାଟଣା ଆଗରେ ହାରମାନିଛି ଡ଼ରଭୟ ! ଏ କୌଣସି ପର୍ଯ୍ୟଟନସ୍ଥଳ ନୁହେଁ ଯେଉଁଠି ପର୍ଯ୍ୟଟକ ପ୍ରାକୃତିକ ପରିବେଶର ଭରପୁର ମଜା ଉଠାଇଥାନ୍ତି ଜଳଯାତ୍ରାର । କାହା ପାଇଁ ଏହା ମଜା ହୋଇପାରେ କିନ୍ତୁ ସଜା ଭୋଗୁଛନ୍ତି ସ୍ଥାନୀୟ ବାସୀନ୍ଦା । ଏ ହୃଦୟ ବିଦାରକ ଦୃଶ୍ୟ କୌଣସି ଉପାନ୍ତ ଅଞ୍ଚଳର ନୁହେଁ, ଏ ହେଉଛି ଖୋଦ୍ କଳାହୀରାର ସହର । ତାଳଚେର ସବଡ଼ିଭିଜନ୍ କଣିହଁ ବ୍ଲକ ଅନ୍ତର୍ଗତ ଗଦାଶିଳା ପଞ୍ଚାୟତର ଶଗଡ଼ିପାଳ, ଗୁରୁବାହାଳ, ଚିନ୍ତାମଣିପୁର ଗ୍ରାମବସୀଙ୍କ ପ୍ରଚ୍ଛଦ କାହାଣୀ ବା ବାସ୍ତବିକତା ହେଲା ଆମ ସ୍ଥାନୀୟ ନେତାଙ୍କ ପାରିବା ପଣିଆ । ସବୁଠାରୁ ଅଧିକ ସମସ୍ୟା ଓ ସାଂଘାତିକ ପରିସ୍ଥିତି ଦେଇ ଗତିକରନ୍ତି ରୋଗୀ ଏବଂ ଗର୍ଭବତୀ ମହିଳା । କି ଖରା, କି ବର୍ଷା, କି ଶୀତ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବାକୁ ଏକମାତ୍ର ବିକଳ୍ପ ହୁଲିଡ଼ଙ୍ଗା । ସରକାର ବିକାଶ କ୍ଷେତ୍ରରେ ଅଧୁରା ସ୍ୱପ୍ନ ରୂପାୟନ କରିବାରେ ଗାଁ ଠୁ ସହର ଚାରିଆଡ଼େ ଶିଳ୍ପାୟନ କରିଦେଲେ ମା'କୁ ସମ୍ମାନ ଗାଁକୁ କାମ ଦେଇ ସମସ୍ତଙ୍କ ମୁହଁରେ ହସ ଫୁଟାଇବା କରୁଥିବା ପ୍ରଚାର ତାଳଚେର ଅଞ୍ଚଳରେ ଏହା ମିଥ୍ୟା ପ୍ରମାଣିତ ହୋଇଛି । ସ୍ୱାଧୀନତା ୭୬ବର୍ଷ ପରେ ବି ଗାଁ ଠୁ ସହର ଅସୁରକ୍ଷିତ ଜୀବନ, ନିଜ ଭବିଷ୍ୟତ ପୀଢ଼ିଙ୍କ ପାଇଁ ଏଇ ସ୍ୱପ୍ନ ଏପ୍ରକାର ମୌଳିକ ସୁବିଧା, ଏଇ ଦିନ ଦେଖିବାକୁ କ'ଣ ପବିତ୍ର ବାବୁ ସମିତି ତାଳଚେର ଅନେକ ବୀରପୁରୁଷ ବଳୀଦାନ ଦେଇଥିଲେ ବୋଲି ଆଜି ଜନସାଧାରଣଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ? ସରକାର ତାଳଚେରରୁ ଏତେ ମାତ୍ରାରେ ରାଜସ୍ୱ ନେଲାପରେ ତାଳଚେର ପ୍ରତି ବୈମାତୃକ ପୋଷଣ କରିବାକୁ ନେଇ ବୁଦ୍ଧିଜୀବୀ ମହଲରେ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ କାହିଁକି ଆଜି ତାଳଚେର ବିକାଶ ଠାରୁ ବହୁ ଦୂରରେ ରହିଛି । ଏହା ଏକ ଉଦ୍‌ବେଗଜନକ ବିଷୟ । ଯେବେ ଠାରୁ ତାଳଚେର କଳାହୀରା ସହରର ମୁକୁଟ ପିନ୍ଧିଛି ସେବେ ଠାରୁ ଆଜି ପର୍ଯ୍ୟନ୍ତ ମୌଳିକ ସମସ୍ୟାକୁ ନେଇ କୌଣସି ଲୋକପ୍ରତିନିଧି ଲୋକସଭା, ବିଧାନସଭାରେ ଉପଯୁକ୍ତ ଫରମରେ କେବେ ଉପସ୍ଥାପନ କରିନାହାନ୍ତି ବୋଲି କୁହାଯାଉଛି । ସରକାରଙ୍କ ପାଖରେ ତାଳଚେର ଅଣଦେଖା ହୋଇ ରହିଗଲା । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଏସବୁ ଗ୍ରାମଗୁଡ଼ିକ ଯାତାୟତ କରିବା ନେଇ ସିଏସଆର ଅର୍ଥ ବିନିଯୋଗରେ କରେଡ଼େଇ ନିକଟରେ ଏକ ବ୍ରିଜ ଅଧାଗଢ଼ା ଅବସ୍ଥାରେ ଦୀର୍ଘବର୍ଷ ପଡ଼ି ରହିଥିବାରୁ ଅଞ୍ଚଳବାସୀ ଏହି ଦଶା ଭୋଗୁଛନ୍ତି । ବ୍ରାହ୍ମଣୀ ନଦୀର ଗଭୀର ଜଳରେ ବିପଦପୂର୍ଣ୍ଣ ହୁଲି ଡ଼ଙ୍ଗା ମାଧ୍ୟମରେ ଯାତାୟତ କରିଥାନ୍ତି । ତେବେ ଏହି ବ୍ରିଜଟି ନିର୍ମାଣ କାର୍ଯ୍ୟ କେବେ ସରିବ ତାକୁ ନେଇ ଅଞ୍ଚଳବାସୀ ଉଠାଇଛନ୍ତି ପ୍ରଶ୍ନ ?

## ମାତୃପିତୃ ପୂଜନ ଦିବସରେ
# ୨୧ୟୁନିଟ୍ ରକ୍ତ ସଂଗ୍ରହ

ରାଜକନିକା, (ଭାସ୍କର ନ୍ୟୁଜ୍) : ମାତୃ ପିତୃ ପୂଜନ ଦିବସକୁ ନିଆରା ଢଙ୍ଗରେ ପାଳିଛି ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ । ଏହି ଦିବସ ଉପଲକ୍ଷେ କେନ୍ଦ୍ରାପଡା ଜିଲ୍ଲା ରକ୍ତ ଭଣ୍ଡାରରେ ଏକ ରକ୍ତଦାନ ଶିବିରର ଆୟୋଜନ କରା ଯାଇଥିଲା । ଫେବ୍ରୁଆରୀ ୧୪ ତାରିଖ ଏହି ଦିବସ କୌଣସି ଯୁବକ/ଯୁବତୀଙ୍କୁ ପଚାରିଲେ ସେମାନେ ଏହି ଦିନକୁ ପ୍ରେମ ଦିବସର ଆଖ୍ୟା ଦିଅନ୍ତି କିନ୍ତୁ ଆମ ଓଡ଼ିଶାରେ ଏହି ଦିବସକୁ ପିତୃମାତୃ ପୂଜନ ଦିବସ ରୂପେ ପାଳନ କରାଯାଏ । ଆମ୍ଭେ ପଶ୍ଚାତ ସଭ୍ୟତାର ଏହି ପର୍ବକୁ ଅନୁକରଣ ନକରି ପୂଜ୍ୟପୂଜାର ଦିବସ ପିତୃମାତୃ ପୂଜନ ଦିବସକୁ ପୂଜ୍ୟପୂଜାର ପରମ୍ପରାରେ ପାଳନ କଲେ ଆମ ଓଡ଼ିଶାର ସଂସ୍କୃତି ବଜାୟ ରହିବ ବୋଲି କହିଛନ୍ତି ଟ୍ରଷ୍ଟର ସଭାପତି ଦମନ ମହାନ୍ତି । ରକ୍ତଦାନ ଏକ ମହତ ଦାନ ଏହା ସମସ୍ତେ ଜାଣନ୍ତି । ରକ୍ତ ପାଇଁ ଯେପରି କାହାରି ଜୀବନ ନଯାଉ ଏବଂ ରକ୍ତ ଭଣ୍ଡାରରେ ରକ୍ତର ଅଭାବ ଦୂର ହେଉ ଏଥିପାଇଁ ଅଣ୍ଟା ଭିଡ଼ିଥିଲେ ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ସଦସ୍ୟଗଣ । ତତ୍ ସହିତ ଆଜି ଥିଲା ଟ୍ରଷ୍ଟର ସକ୍ରିୟ ସଦସ୍ୟ ଶ୍ରୀ କେଦାର ସ୍ୱାଇଁଙ୍କର ଜନ୍ମ ଦିବସ । ଏହି ପରିପ୍ରେକ୍ଷୀରେ ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ଆୟୋଜନ କରିଥିଲେ ଏକ ରକ୍ତଦାନ ଶିବିର । ଯାହାକୁ ରକ୍ତ ଭଣ୍ଡାରର ଅଧିକାରୀ ଏହି ଜୀବନଦାନ କାର୍ଯ୍ୟ ପାଇଁ ଧନ୍ୟବାଦ୍ ଅର୍ପଣ କରିଥିଲେ । ଏହି ରକ୍ତଦାନ ଶିବିରରେ ରକ୍ତଦାନ କରି ଅନ୍ୟମାନଙ୍କ ଜୀବନ ବଞ୍ଚାଇ ଥିବା ରକ୍ତଦାତାମାନେ ହେଲେ ରଶ୍ମି ରଞ୍ଜନ ବାରିକ, କେଦାର ସ୍ୱାଇଁ, ସରସ୍ୱତୀ ସ୍ୱାଇଁ, ତୁଷାର କାନ୍ତ ମହାନ୍ତି, ବ୍ରଜକିଶୋର ଦାସ, ଧନଞ୍ଜୟ କର, ସୁନନ୍ଦା ଭୂୟାଁ, ଲିଜା ସ୍ୱାଇଁ, ସୁବାସ ସ୍ୱାଇଁ, ବିକାଶ ରଞ୍ଜନ ସାହୁ, ଶାନ୍ତନୁ ମଲିକ, ମଧୁସୂଦନ ସ୍ୱାଇଁ, ଜିତେନ୍ଦ୍ର ରାଉତ, ବାସୁଦେବ ଦାସ, ପ୍ରୀତି ରଞ୍ଜନ ସାମଲ, ଅନନ୍ତ ଚରଣ ସାମଲ, ତାରକେଶ୍ୱର୍ ମାସୁଦ୍, ସୁଜିତ୍ କୁମାର ସାହୁ, ରାକେଶ ରାଉତ, ଆନନ୍ଦ ପ୍ରସାଦ ନାୟକ ଓ ଟ୍ରଷ୍ଟର ଅନ୍ୟ ସଦସ୍ୟମାନେ ସଭାପତି ଦମନ କୁମାର ମହାନ୍ତି, ଅଜୟ ସେଠୀ ଓ କାଳନ୍ଦୀ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ । ଏହି ରକ୍ତଦାନ ଶିବିରରେ ମୋଟ ୨୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା ।

# ନଦିଆ ସାର୍‌ଙ୍କ ସ୍ମୃତିଚାରଣ

କରଞ୍ଜିଆ, (ଭାସ୍କର ନ୍ୟୁଜ୍): କରଞ୍ଜିଆ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ଇଂରାଜୀ ଶିକ୍ଷକ ସ୍ୱର୍ଗତ ନଦିଆ କିଶୋର ରାୟଙ୍କ ସ୍ମୃତି ଉଦେଶ୍ୟରେ ତାଙ୍କ ଛାତ୍ରମାନଙ୍କ ପ୍ରୟାସରେ ଏକ ସ୍ମରଣିକା ଗତକାଲି ସ୍ୱର୍ଗତ ନଦିଆ ସାର୍‌ଙ୍କ ଏକାଦଶାହ ତିଥିରେ ଲୋକାର୍ପିତ ହୋଇଯାଇଛି । ଏହି ଲୋକାର୍ପିତ ଉତ୍ସବରେ ଇଟରନିଟି ପତ୍ରିକାର ସମ୍ପାଦକ ହରେକୃଷ୍ଣ ମହାନ୍ତ ସ୍ୱର୍ଗତ ନଦିଆ କିଶୋର ରାୟଙ୍କ ବିଷୟରେ ଏକ ସ୍ମରଣିକା ପ୍ରକାଶନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିବା ସହିତ ମଞ୍ଚ ପରିଚାଳନା କରିଥିଲେ । ଏହି ଲୋକାର୍ପଣ ତିଥିରେ ଅତିଥିଭାବେ ହିନ୍ଦୁସ୍ଥାନ ଏରୋନେଟିକ ଲିମିଟେଡ଼ର ପ୍ରାକ୍ତନ ଜିଏମ୍ ଆଶୀଷ କୁମାର ରାଏ, ଅବସରପ୍ରାପ୍ତ ଏଡିଜେ ହେମନ୍ତ କୁମାରୀ ସେଠି, ଆରଏନ ଡିଗ୍ରୀ କଲେଜର ଅଧ୍ୟକ୍ଷ ଡ଼ ଭାଗବତ ଲେଙ୍କା, ଶ୍ରୀମା ମହିଳା କଲେଜର ଅଧ୍ୟକ୍ଷ ନଟବର ଗିରି, ଭକ୍ତି ମୋଳୟ ପତ୍ରିକାର ସମ୍ପାଦକ ରବୀନ୍ଦ୍ର ନାଥ ମୋହନ୍ତ, ଇନ୍ଦ୍ରଧନୁ ପ୍ରତିଷ୍ଠାନର ସଞ୍ଜୀବ କୁମାର ସାହୁ ପ୍ରମୁଖ ଯୋଗ ଦେଇ ପତ୍ରିକା ଉନ୍ମୋଚନ କରିବା ସହିତ ନଦିଆ ସାର୍‌ଙ୍କ ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଧେଶ୍ୟାମ ନାଏକ, ନିହାର କାନ୍ତି ଦାସ, ଲିପ୍ସା ଗିରି, ସୁଜାତା ଗିରି, ଅଧ୍ୟାପକ ଦିଲ୍ଲୀପ ପୃଷ୍ଟି ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ନଦିଆ କିଶୋର ରାଏଙ୍କ ଛାତ୍ର ବତ୍ସଳତା, ପରୋପକାରିତା ନେଇ ସ୍ମୃତିଚାରଣ କରିଥିଲେ । ଏହି ଏକାଦଶାହ ତିଥିରେ ପ୍ରଥମେ ଉପସ୍ଥିତ ଥିବା ଅତିଥି, ଶୁଭେଚ୍ଛୁମାନେ ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ନିରବ ପ୍ରାଥନା କରିବା ସହିତ ପୁଷ୍ପାର୍ଘ୍ୟ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଦେଇଥିଲେ । ଶେଷରେ ସିଦ୍ଧାର୍ଥ ରାଏ ଧନ୍ୟବାଦ ଅର୍ପଣ କରିଥିଲେ ।

# ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ତିହିଡ଼ି,(ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ଥାନା ତାଳପଦା ପଞ୍ଚାୟତ ଗଦାଧରପୁର ଗ୍ରାମର ବିଷ୍ଣୁମୋହନ ସାହୁଙ୍କ ଝିଅ କୁନୁରି ସାହୁ(୨୨)ଙ୍କ ମୃତଦେହକୁ ପୋଲିସ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରିଛି । ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବେଚ୍ଛଦ ପାଇଁ ପଠାଇଥିବା ଜଣାପଡ଼ିଛି । ପ୍ରକାଶ ଯେ, କନୁରି ସୋମବାର ରାତିରେ ତାଳପଦା ଗଦାଧରପୁର ଗ୍ରାମରେ ଚାଲିଥିବା ଚବିଶ ପ୍ରହର ନାମଯଜ୍ଞ ଦେଖିବାକୁ ଯାଇ ଘରକୁ ଫେରିନଥିଲା । ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ କୁନୁରିର ସନ୍ଧାନ ପାଇନଥିଲେ । ମାତ୍ର ମଙ୍ଗଳବାର ସକାଳୁ ମୁକୁନ୍ଦପୁର ପଞ୍ଚାୟତ ଅଧୀନ ବୁଧପୁର ଛତରାବଜାର ନିକଟରେ ଥିବା ଏକ ଅଶ୍ୱତ୍ଥ ଗଛରେ କୁନୁରିର ମୃତଦେହ ଝୁଲୁଥିବା ଦେଖି ସ୍ଥାନୀୟ ଲୋକେ ତାଙ୍କ ବାପାଙ୍କୁ ଖବର ଦେଇଥିଲେ । ପରେ କୁନୁରିର ବାପା ଏ ସମ୍ପର୍କରେ ଥାନାରେ ଲିଖିତ ଭାବେ ଜଣାଇଥିଲେ । ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି ।

# ଧାନମଣ୍ଡି ଅବ୍ୟବସ୍ଥାକୁ ନେଇ ବଢୁଛି ଅସେନ୍ତାଷ

## ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ଘେରି ଜବାବ୍ ମାଗିଲେ ଚାଷୀ

ଢେଙ୍କାନାଳ, (ଭାସ୍କର ନ୍ୟୁଜ୍) : ଚଳିତ ବର୍ଷ ଧାନ କିଣାରେ ବ୍ୟାପକ ଅବ୍ୟବସ୍ଥା ଦେଖାଦେଇଛି । ଯାହାକୁ ନେଇ ଚାଷୀ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି । ଏପରିକି ଆଜି ଢେଙ୍କାନାଳ ସଦର ବ୍ଲକ ଗୋବିନ୍ଦପୁର ଓ ତାଳବରେକୋଟ ସେପେଟ ସନ୍ତୁପୁର ପଞ୍ଚାୟତ ଆଦି ଅଞ୍ଚଳର ଚାଷୀମାନେ ଜିଲ୍ଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇ ଘେରାଉ କରିଥିଲେ । ଅଧିକାରୀଙ୍କ ଚାମ୍ବରକୁ ଯାଇ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ଜବାବ ମାଗିଥିଲେ । ଫଳରେ ଜିଲ୍ଲା ଯୋଗାଣ ଅଧିକାରୀ ନିରୋଦ ରଞ୍ଜନ ଦାସଙ୍କ ଚାମ୍ବରକୁ ଯାଇ ତାଙ୍କୁ ଘେରାଉ କରିଥିଲେ । ଚାଷୀଙ୍କ ଅଭିଯୋଗ ମୁତାବକ ଚାଷୀମାନଙ୍କୁ ସରକାରଙ୍କ ପକ୍ଷରୁ ଅନ୍‌ଲାଇନ୍‌ରେ ଦିଆଯାଉଥିବା ଟୋକନ ଏକ ପ୍ରହସନ ପାଲଟି ଯାଇଛି । ମିଲର ବିଭାଗୀୟ ଅଧିକାରୀଙ୍କ ସଲାସୁତରା ଯୋଗୁ ଟୋକନ ଅବଧି ଶେଷ ହେବାକୁ ବସିଥିଲ ମଧ୍ୟ ଚାଷୀଙ୍କ ଧାନ ନିଆଯାଇ ନାହିଁ । ଫଳରେ ଚାଷୀ ଟୋକନ ପାଇଥିଲେ ମଧ୍ୟ ତାହା ଧାନ କାମରେ ଆସୁନାହିଁ । ଅପରପକ୍ଷରେ ଧାନ ମଣ୍ଡିରେ କଟନୀ ଛଟନୀ କରି ବିପୁଳ ଓଜନ କାଟୁଥିବା ଚାଷୀଙ୍କୁ ଉତ୍ତେଜିତ କରିଛି । ଫଳରେ ଆଜି ଢେଙ୍କାନାଳ ଜିଲ୍ଲାର ସନ୍ତୁପୁରେ, ଗୋବିନ୍ଦପୁର ଓ ତାଳବରେକୋଟ ଆଦି ପଞ୍ଚାୟତର ଚାଷୀମାନେ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ଜବାବ ମାଗିଥିବା ଜଣାପଡିଛି ।

# ପରିବେଶ ସୁରକ୍ଷା ନେଇ ଆଲୋଚନାଚକ୍ର




ବାଲିପାଟଣା (ଭାସ୍କର ନ୍ୟୁଜ୍): ବାଲିପାଟଣାସ୍ଥିତ ଶିଶୁ ଅନନ୍ତ ମହାବିଦ୍ୟାଳୟ ପ୍ରାଙ୍ଗଣରେ ଓଡିଶା ପରିବେଶ ସମିତି ଆନୁକୁଲ୍ୟରେ ପରିବେଶ ସୁରକ୍ଷା ସମ୍ବନ୍ଧରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ନିମାଇ ଚରଣ ଜେନାଙ୍କ ଅଧ୍ୟକ୍ଷତାରେ ସଭାର ଆୟୋଜନ କରାଯାଇଥିଲା । କଲିକତା ୟୁକୋ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟ ଏହି ସଭାର ମୁଖ୍ୟ ପ୍ରଯୋଜକ ଥିଲେ । ଓଡିଶା ପରିବେଶ ସମିତିର ସଭାପତି ଡ. ସୁନ୍ଦର ନାରାୟଣ ପାତ୍ର, ଉପ ସଭାପତି ବିଜୟ କେତନ ପଟ୍ଟନାୟକ, ସମ୍ପାଦକ ଜୟକୃଷ୍ଣ ପାଣିଗ୍ରାହି, ସହ ସମ୍ପାଦକ ମନୋରଞ୍ଜନ ମିଶ୍ର ଏବଂ ଆଜୀବନ ସଦସ୍ୟ ରମେଶ ଚନ୍ଦ୍ର ପଣ୍ଡା ଏବଂ ସମାଜସେବୀ ମନୋରଞ୍ଜନ ବାରିକ ପ୍ରମୁଖ ଯୋଗଦାନ କରି ପରିବେଶ ସୁରକ୍ଷା ବିଷୟରେ ନିଜ ନିଜର ଅଭିଭାଷଣ ରଖିଥିଲେ । ଏହି ଅବସରରେ ମହାବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ ଏବଂ ପରିବେଶ ସୁରକ୍ଷା ପାଇଁ ଶପଥ ପାଠ କରାଯିବା ସହିତ ପରିବେଶ ସୁରକ୍ଷା ସମ୍ବନ୍ଧରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ କରାଯାଇ କୃତୀ ଛାତ୍ରଛାତ୍ରୀ ଯଥା ପ୍ରଭଞ୍ଜନ ପରିଡା, ସୌମଶ୍ରୀ ସାହୁ, ସୁବ୍ରତ ନାୟକ, ସ୍ୱୟଂପ୍ରଭା ସାହୁ, ବିଶ୍ୱଜିତ ମହାନ୍ତି, ଅନ୍ନପୂର୍ଣ୍ଣା ମହାପାତ୍ର, ଶୁଭଲକ୍ଷ୍ମୀ ସାହୁ, ଶୁଭସ୍ମିତା ବେହେରା, ପ୍ରଭାସିନୀ ଆଚାର୍ଯ୍ୟ ଏବଂ ସସ୍ମିତା ବସ୍ତିଆଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ସଭାକୁ ଜାତୀୟ ସେବା ଯୋଜନା ଅଧିକାରୀ ତଥା ଇଂରାଜୀ ପ୍ରଧାପକ ସହଦେବ ମଲିକ୍ ପରିଚାଳନା କରିଥିବା ବେଳେ ଇଂରାଜୀ ଅଧାପିକା ସୁଜାତା ଦାସ, ଲିଜିନା ସାହୁ ଏବଂ ସ୍ୱେଚ୍ଛାସେବୀମାନେ ପୂର୍ଣ୍ଣ ସହଯୋଗ କରିଥିଲେ । ସଭା ଶେଷରେ ଯୁକ୍ତ ଦୁଇ ବିଜ୍ଞାନ ଛାତ୍ରୀ ସ୍ୱୟଂପ୍ରଭା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଶିଫଳ

ବୁଧବାର, ୧୫ ଫେବୃଆରୀ ୨୦୨୩



**ମେଷ:** ଆଜି ପୂର୍ବସ୍ଥିରୀକୃତ ସ୍ଥାନକୁ ଯାତ୍ରା କରିପାରନ୍ତି । ବନ୍ଧୁମିଳନ ସହ ସାମୂହିକ ଆଲୋଚନା ମଧ୍ୟ ଫଳପ୍ରଦ ହୋଇପାରିବ । ବ୍ୟବସାୟ ଓ ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ସହଜ ଓ ସୁବିଧାରେ ଲକ୍ଷ୍ୟ ହାସଲ କରିବେ । କର୍ମକ୍ଷେତ୍ରରେ ପ୍ରତ୍ୟେକଙ୍କର ପ୍ରତ୍ୟେକ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବାର ଆଶଙ୍କା ରହିଛି ।



**ବୃଷ:** ଆଜି ଆର୍ଥିକ ସହାୟତା ପ୍ରଦାନ କରିବାର ମାର୍ଗ ଉନ୍ମୁକ୍ତ ହୋଇଯିବ । ଆକସ୍ମିକ ଭାବରେ ନିମନ୍ତ୍ରିତ ହୋଇ ଆଲୋଚନାରେ ନିଜକୁ ସାମିଲ କରିବାକୁ ପଡିପାରେ । ଦୀର୍ଘ ଦିନର ସୁଚିନ୍ତିତ ନୂତନ ଗୃହ ବାଣିଜ୍ୟାରମ୍ଭ କରିପାରନ୍ତି । ଜଣେ ଅନ୍ତରଙ୍ଗ ବନ୍ଧୁଙ୍କ କଥା ବାରମ୍ବାର ମନରେ ଆଲୋଡନ ସୃଷ୍ଟି କରିବ ।



**ମିଥୁନ:** ଆଜି କୌଣସି ବିବାଦୀୟ ଘଟଣାରେ ହସ୍ତକ୍ଷେପ ଆପଣଙ୍କୁ ମହଙ୍ଗା ପଡିପାରେ । ସାଧାରଣ କଥାକୁ କେନ୍ଦ୍ରକରି ପାରିବାରିକ ଅସ୍ଥିରତା ସକାଶେ ମନ ଭଲ ରହିବ ନାହିଁ । ପରିସ୍ଥିତିବଶତଃ ନୂତନ ବନ୍ଧୁ ସମ୍ପର୍କ ଯୋଡିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ ।



**କର୍କଟ:** ଆଜି ପ୍ରତ୍ୟେକ କ୍ଷେତ୍ରରେ ପ୍ରତିବନ୍ଧକ ଲାଗି ରହିବ କିନ୍ତୁ ଆପଣ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବେ । ମନର ସରସତା ଉଭେଇ ଯାଇପାରେ । ଗୃହ ସମସ୍ୟା, ଗାଡିମୋଟର ସମ୍ପର୍କୀୟ ପ୍ରତିବନ୍ଧକ ଲାଗି ରହିବ । ବନ୍ଧୁବାନ୍ଧବ, ଧାରକରଜ ପ୍ରଭୃତିକୁ କେନ୍ଦ୍ରକରି କଳହର ଆଶଙ୍କାକୁ ଏଡାଇ ଦିଆଯାଇ ନପାରେ ।



**ସିଂହ:** କର୍ମକ୍ଷେତ୍ରର ବିଭିନ୍ନ ସମସ୍ୟା ବିଷୟରେ ସମାଧାନର ଚିନ୍ତା ମନକୁ ସାମୟିକ ବିବ୍ରତ କରିପାରେ । ବନ୍ଧୁଙ୍କ ମାଧ୍ୟମରେ ଅଭିଳଷିତ ଜିନିଷ ପାଇପାରିବେ । ତରବରିଆ ଯାତ୍ରାକରନ୍ତୁ ନାହିଁ, ସତର୍କ ନ ରହିଲେ ସାଧାରଣ ଆଘାତ ଲାଗିପାରେ । ରଚନାତ୍ମକ କାମ, ପରିବହନ, ବ୍ୟବସାୟ ସକାଶେ ଦିନଟି ବହୁତ ଭଲ ।



**କନ୍ୟା:** ଆଜି ଆପଣ କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଥାକୁ ସରଳ ଓ ସହଜରେ ଗ୍ରହଣ କରି ପାରିବେ ନାହିଁ । ସମୟ ସୁବିଧାକୁ ନେଇ ବନ୍ଧୁଙ୍କ ପାଖରେ ଅଭାବ ଅସୁବିଧା ଜଣାନ୍ତୁ, ଅବଶ୍ୟ ଆଶା ପୂରଣ ହୋଇଯିବ, ଏଥିରେ ଆଦୌ ସନ୍ଦେହ ନାହିଁ । ଅନ୍ୟମାନଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିବା କାମଗୁଡିକର ସମୀକ୍ଷା କରି ବ୍ୟସ୍ତତା ଅନୁଭବ କରିବେ ।



**ତୁଳା:** ଆଜି କର୍ମକ୍ଷେତ୍ରରେ ଅବ୍ୟବସ୍ଥା, ପାରିବାରିକ ଜୀବନକୁ ପ୍ରଭାବିତ କରିବ । ଅବଶ୍ୟ ବହୁଳାଂଶରେ ସୁଫଳ ପାଇପାରିବେ । ମିତ୍ରତା ବନ୍ଧନରେ ଆବଦ୍ଧ ହେବା ସହ ସାମ୍ବାଦିକତା, ସଙ୍ଗୀତ, ଚଳଚ୍ଚିତ୍ର କ୍ଷେତ୍ରରେ ଦ୍ରୁତୋନ୍ନତି ପରିଲକ୍ଷିତ ହୋଇପାରେ ।



**ବିଛା:** ଆଜି ସମସ୍ୟା ମଧ୍ୟରେ ପ୍ରତ୍ୟେକ କାମକୁ ସମ୍ପନ୍ନ କରିବେ । ସାମାଜିକ ସ୍ତରରେ ଯେଉଁ ଆଶା ନେଇ କାହା ପାଇଁ କିଛି କରିବେ, ପ୍ରତିବଦଳରେ କିଛି ପାଇବେ ନାହିଁ । ଆଜିର ଯାତ୍ରା ସମୟରେ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହୋଇପାରନ୍ତି । ବାଣିଜ୍ୟ, ବ୍ୟବସାୟ, ପରିବହନ, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ପାଇବେ । ମାତା ପିତାଙ୍କ ସାହାର୍ଯ୍ୟ ଦ୍ୱାରା ଆର୍ଥିକ ଅସୁବିଧାରୁ ମୁକ୍ତି ପାଇ ପାରିବେ ।



**ଧନୁ:** ଆଜି ଆଧ୍ୟାତ୍ମିକ ଭାବଧାରାକୁ ପରିପୁଷ୍ଟ କରିବେ । ଶାନ୍ତ ଓ ସୁଶୀଳତାର ଝଲକରେ ଆତ୍ମୀୟସ୍ୱଜନଙ୍କ ମନ କିଣି ନେଇପାରନ୍ତି । କିନ୍ତୁ ପାରିବାରିକ ଭୁଲ୍ ବୁଝାମଣା ହେତୁ ଅଭାବ ନ ଥିଲେ ମଧ୍ୟ ମାନସିକ ଅସ୍ଥିରତା ଲାଗି ରହିବ । ଯାନବାହନ କିମ୍ବା ଯାନ୍ତ୍ରିକ ଜିନିଷ କିଣିବା ସକାଶେ ମନ ବଳାଇ ପାରନ୍ତି । ମନୋରଞ୍ଜନର ଅବସର ପ୍ରାପ୍ତ ହେବ । ଉତ୍ସାହବର୍ଦ୍ଧକ ସୂଚନା ପ୍ରାପ୍ତ ହେବ । ସ୍ୱାସ୍ଥ୍ୟ ଖରାପ ହୋଇପାରେ ।



**ମକର:** ଆଜି ମନ ଚାହୁଁଥିବା କାମ କରିବାରେ ପ୍ରତିବନ୍ଧକ ସୃଷ୍ଟିହେବ । ଅବଶ୍ୟ ନିକଟ ସମ୍ପର୍କୀୟଜନଙ୍କ ଆଶ୍ୱାସନା ମନକୁ ଲାଘବ କରିଦେଇପାରେ । ବ୍ୟବସାୟ, ପରିବହନରେ ଉନ୍ନତି ଘଟିବ । ଶ୍ରବଣା ନକ୍ଷତ୍ର ଅନ୍ୟର ବିନା ସାହାଯ୍ୟରେ ବ୍ୟକ୍ତିଗତ ବ୍ୟବସ୍ଥା ଦ୍ୱାରା କେତେକାଂଶରେ ଉପକୃତ ହୋଇପାରନ୍ତି । ଯେଉଁମାନେଙ୍କ ନୂଆ ନୂଆ ବିବାହ ହୋଇଛି, ସେମାନେ ନିଜର ସାଥିଙ୍କ ଠାରୁ ବହୁତ ଖୁସି ପାଇବେ ।



**କୁମ୍ଭ:** ଆଜି ସମସ୍ତ ସମସ୍ୟା ଓ ଶତ୍ରୁତାର ପରିସମାପ୍ତି ଘଟାଇପାରନ୍ତି । କିନ୍ତୁ ବାରମ୍ବାର ସ୍ଥାନ ଓ କାମର ପରିବର୍ତ୍ତନ ଚିନ୍ତା ମନରେ ଆଲୋଡନ ସୃଷ୍ଟି କରିବ । କିନ୍ତୁ ମନ ବୁଝିଲା ଭଳି କଥା କିମ୍ବା ଲୋଭନୀୟ ପ୍ରତିଶ୍ରୁତି ଦେଇ ବନ୍ଧୁଙ୍କୁ ଆପଣେଇ ନେଇ ପାରନ୍ତି । ସ୍ୱାସ୍ଥ୍ୟରେ ଦ୍ରୁତ ଉନ୍ନତି ପରିଲକ୍ଷିତ ହେବାରୁ ଆଶ୍ୱସ୍ତି ଲାଭ କରିବେ ।



**ମୀନ:** ଆଜି କର୍ଯ୍ୟ ସାମାନ୍ୟ ବିଳମ୍ବିତ ସମୟରେ ସମ୍ପନ୍ନ ହେବ । ପ୍ରତ୍ୟେକ ଦୃଷ୍ଟିକୋଣରୁ ଦିନଟି ବହୁତ ଭଲ ଏବଂ ଆଶାଜନକ ସୁଫଳ ନିଶ୍ଚିତ ପାଇବେ । ଶିଳ୍ପ, ବ୍ୟବସାୟ, ନିର୍ମାଣ ଓ ପରିବହନ କ୍ଷେତ୍ରରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ । ଅତି ଭଲ ସମ୍ପର୍କ ରହିଥିବା ନିଜ ଲୋକଙ୍କ ଈର୍ଷାପରାୟଣତା ହେତୁ ବ୍ୟସ୍ତ ହେବେ ।



ଜ୍ୟୋତିଷ ଶାସ୍ତ୍ରୀ

ଜ୍ୟୋର୍ତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରିବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ଅର୍ବାନ କୋପରେଟିଭ ବ୍ୟାଙ୍କର ନିର୍ଦ୍ଦ୍ୱନ୍ଦରେ ନିର୍ବାଚିତ ସର୍ବ କନିଷ୍ଠ ନିର୍ଦ୍ଦେଶକ ତଥା ସମାଜସେବୀ ଫକୀର ଚରଣ ଖଟୁଆଙ୍କ ପୁତ୍ର ଯୁବନେତା ରଶ୍ମୀରଞ୍ଜନ ଚୌଧୁରୀ ଓଡିଶା ରାଜ୍ୟର ସର୍ବୋଚ୍ଚ ସମବାୟ ଅନୁଷ୍ଠାନ ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କକୁ ଅପ୍ରତିଦ୍ୱନ୍ଦୀ ସର୍ବକନିଷ୍ଠ ନିର୍ଦ୍ଦେଶକ ଭାବେ ନିର୍ବାଚିତ ହୋଇଥିବାରୁ ଦଳମତ ନିର୍ବିଶେଷରେ ଜିଲ୍ଲାର ବିଭିନ୍ନ ସମବାୟ ଅନୁଷ୍ଠାନର କର୍ମକର୍ତ୍ତା ଓ କର୍ମଚାରୀମାନଙ୍କ ପକ୍ଷରୁ ଶ୍ରୀ ଚୌଧୁରୀଙ୍କୁ ଅଭିନନ୍ଦନ ଜଣାଇବା ସହିତ ସମବାୟ କ୍ଷେତ୍ରରେ ଓଡିଶାର ଜନସାଧାରଣ, କୃଷକ, କ୍ଷୁଦ୍ରଚାଷୀ, ନାମମାତ୍ର ଚାଷୀ ଓ ଶ୍ରମିକମାନଙ୍କର ବୃହତ୍ତର ସ୍ୱାର୍ଥ ପ୍ରତି ଦୃଷ୍ଟି ଦେବାକୁ ପରାମର୍ଶ ଦେଇଛନ୍ତି। ପ୍ରଫୁଲ୍ଲ କୁମାର ରାଉତ, ପ୍ରମୋଦ କୁମାର ରାଉତରାୟ, ବିଜୟ କୁମାର ସ୍ୱାଇଁ, ସୁନାକର ସାହୁ, ପ୍ରଫୁଲ୍ଲ କୁମାର ସ୍ୱାଇଁ, ପ୍ରଦୀପ୍ତ କୁମାର ରାଉତ, ବିଧୁଭୂଷଣ ମହାପାତ୍ର, ଉମେଶ ପାଢୀ, ଫକିର ଚରଣ ବାରିକ, ଉମାକାନ୍ତ ପତି, ବ୍ରଜକିଶୋର ନାୟକ, ମହେଶ ପାଢୀ ପ୍ରମୁଖ ବିଭିନ୍ନ ଅଞ୍ଚଳରୁ ଯୁବବନ୍ଧୁମାନେ ଶ୍ରୀ ଚୌଧୁରୀଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି।



## ନଅକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ

ଆସିକା, (ଭାସ୍କର ନ୍ୟୁଜ୍): ଆସିକା ବ୍ଲକ ଅନ୍ତର୍ଗତ ପଡାଳ ଗ୍ରାମରେ ନଅ କୁଣ୍ଡିୟ ଗାୟତ୍ରୀ ମହାଜଜ୍ଞ ଅନୁଷ୍ଠିତ ହୋଇ ଯାଇଛି। ପଡାଳ ଗ୍ରାମର କାଳେଶ୍ୱର ମନ୍ଦିର ପରିସରରେ ନଅ କୁଣ୍ଡିୟ ଗାୟତ୍ରୀ ମହାଜଜ୍ଞ କାର୍ଯ୍ୟକ୍ରମ ରେ ପ୍ରଥମ ଦିନରେ ପବିତ୍ର ଋଷୁକୁଲ୍ୟ ଓ ବଡ଼ ନଦୀର ସଙ୍ଗମ ସ୍ଥଳରେ ମହିଳା ମାନେ ପଂହଁଚି ରୀତିନୀତି ଅନୁଯାଇ ପୂଜା ପାଠ କରି କଳସ ଯାତ୍ରା ସହ ନଗର ପରିକ୍ରମା କରାଯାଇଥିଲା। ବ୍ରାହ୍ମଣ ର ମନ୍ତ୍ର ପାଠ ରେ କମ୍ପି ଉଠୁଥିଲା ସାରା ପରିବେଶ। ଏହି ଗାୟତ୍ରୀ ଯଂଜ୍ଞ ର ମୂଳ ଉଦେଶ୍ୟ ଜନକଲ୍ୟାଣ ମଙ୍ଗଳ ମୟ ହେଉ ବୋଲି ଏହି ନଅ କୁଣ୍ଡିୟ ଗାୟତ୍ରୀ ମହା ଯଂଜ୍ଞ କାର୍ଯ୍ୟକ୍ରମ କରାଯାଇଥିଲା। ପ୍ରଥମ ଦିନରେ ବିଧାୟିକା ମଞ୍ଜୁଳା ସ୍ୱାଇଁ ଉପସ୍ଥିତ ରହି ଏହି ଗାୟତ୍ରୀ ଯଂଜ୍ଞ ରେ ଅଂଶ ଗ୍ରହଣ କରିଥିଲେ। ତିନି ଦିନ ଧରି ହୋମ ଯଂଜ୍ଞ ଓ ଅର୍ଣ୍ଣ ପ୍ରାସାଦ ର ବ୍ୟବସ୍ଥା କରାଯାଇଥିବା ବେଳେ ଏଥିରେ ସହଯୋଗ କରିଥିଲେ କବିସୂର୍ଯ୍ୟନଗର ଅଞ୍ଚଳ ର ସମାଜ ସେବି କଳସ ଯାତ୍ରା ରେ ଉପସ୍ଥିତ ରହି ଥିବା ବେଳେ ପଡାଳ ଗ୍ରାମବାସୀ ଓ ଗାୟତ୍ରୀ ପରିବାର ଙ୍କ ସହଯୋଗ ରେ ଏହି କାର୍ଯ୍ୟକ୍ରମ ହୋଇ ଥିବା ଆୟୋଜକ ମାନଙ୍କ ଠାରୁ ସୂଚନା ମିଳିଛି।

## ପ୍ରସିଦ୍ଧ ଝିକିମିକି ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ



ବୋଲଗଡ଼, (ଭାସ୍କର ନ୍ୟୁଜ୍): ବୋଲଗଡ଼ ବ୍ଲକ ଅନ୍ତର୍ଗତ ଫାଶୀଓଦା ଗ୍ରାମ ପଂଚାୟତ ଅଧିନସ୍ଥ ପ୍ରସିଦ୍ଧ ଝିକିମିକି ପୀଠ ଠାରେ ଚାରି ଦିନ ଧରି ଚାଲିଥିବା ପ୍ରଭୁ ଶ୍ରୀ ଶ୍ରୀ ରଘୁନାଥ ଦେବଙ୍କ ଦଶମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୂତି ଅନୁଷ୍ଠିତ ହୋଇଯାଇଛି। ନିର୍ଦ୍ଧାରିତ ନୀତି ପୂର୍ବକ ପୂଜା ପାଠ କରାଯାଇ ଶନିବାର ଠାରୁ ଆରମ୍ଭ ହୋଇ ମଙ୍ଗଳ ବାର ପର୍ଯ୍ୟନ୍ତ ମହା ସମାରୋହରେ ଅନୁଷ୍ଠିତ ହୋଇଥିଲା। ଯଜ୍ଞର ଅଧିବାସ ଦିବସରେ ନିକଟ ପୁଷ୍କରିଣୀରେ ସଂକଳ୍ପ ଧାରୀମାନେ କଳସ ଯାତ୍ରାରେ ଜଳ ଆଣି ଘଟ ସ୍ଥାପନ କରିଥିଲେ। ମହାଯଜ୍ଞ ଆରମ୍ଭରେ ସର୍ବଦେବ ଆବାହନ, ଅଗ୍ନୀ ସ୍ଥାପନ ଓ ସୂର୍ଯ୍ୟପୂଜା ଓ ରୀତିନୀତି ଅନୁସାରେ ବରିଷ୍ଠ ବ୍ରାହ୍ମଣଙ୍କ ଦ୍ୱାରା ପୂଜା କାର୍ଯ୍ୟ ସମାପନ ହୋଇଥିଲା। ପ୍ରତିଦିନ ନାମ ସଙ୍କୀର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ବହୁସଂଖ୍ୟାରେ ଭକ୍ତ ମାନେ ଯୋଗ ଦେଇ ଠାକୁରଙ୍କ ଆଶିଷ ଲାଭ କରିଥିଲେ। ନୟାଗଡ଼ ଜିଲ୍ଲାର ସୀମାନ୍ତ ଗ୍ରାମ ପଂଚାୟତର ସମସ୍ତ ଗ୍ରାମବାସୀ ଏବଂ ଫାଶୀଓଦା ଗ୍ରାମ ପଞ୍ଚାୟତର ଜନସାଧାରଣ ମାନେ ସହଯୋଗ ଓ ପରିଚାଳନା କରିଥିଲେ। ରଘୁନାଥ ଦେବ ପୂଜା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି ଶ୍ରଦ୍ଧାଳୁ ମାନଙ୍କୁ ପ୍ରସାଦ ବଣ୍ଟନରେ ସହାୟତା କରିଥିଲେ।

## ଯୁବ ବ୍ୟବସାୟୀଙ୍କ ଆତ୍ମହତ୍ୟା

ଚନ୍ଦାହାଣ୍ଡି, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ସଦର ଗ୍ରାମର ବରିଷ୍ଠ ବ୍ୟବସାୟୀ ନରେନ୍ଦ୍ର ଦାସ ଓରଫ ଟୁକୁନା(୪୦) ଆତ୍ମହତ୍ୟା କରିଥିବା ଜଣାପଡିଛି। ସୂଚନା ରୁ ପ୍ରକାଶ ଆଜି ଦିନ ପ୍ରାୟ ୧୨.୩୦ମିନିଟ ସମୟରେ ନରେନ୍ଦ୍ର ଦାସ ଙ୍କୁ ପରିବାର ବର୍ଗ ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ନେଇଥିଲେ। ତେବେ ଡାକ୍ତର ସନ୍ଦିପ ଶତପଥି ମୃତ୍ୟୁ ହୋଇଯାଇଥିବା କହିବା ସହ ବେକରେ ରଶି ଲଗେଇ ଆତ୍ମହତ୍ୟା କରିଥିବା ନେଇ ଚନ୍ଦାହାଣ୍ଡି ପୋଲିସକୁ ସୂଚନା ଦେଇଥିଲେ। ଏନେଇ ମୃତ ନରେନ୍ଦ୍ର ଙ୍କ ଭଉଣୀ ମିନୀ ବେହେରା ଚନ୍ଦାହାଣ୍ଡି ଥାନାରେ ଏକ ଲିଖିତ ଏତଲା ଦେଇ ଥିଲେ। ଉକ୍ତ ଏତଲାରେ ତାଙ୍କ ଭାଇ ଓ ତାଙ୍କ ସ୍ତ୍ରୀ କୌଣସି ବିଷୟ କୁ ନେଇ ଝଗଡା ହେଉଥିବା ନେଇ ନରେନ୍ଦ୍ର ଙ୍କ ପୁଅ ଧନଞ୍ଜୟ ତାଙ୍କ ପିଉସୀ ମିନୀ ବେହେରା ଙ୍କ ଘରକୁ ଯାଇ କହିଥିଲେ। ତୁରନ୍ତ ମିନୀ ବେହେରା ନରେନ୍ଦ୍ର ଙ୍କ ଘରେ ପହଞ୍ଚି ଦେଖିବା ବେଳକୁ ନରେନ୍ଦ୍ର ଅଚେତ ଅବସ୍ଥାରେ ତଳେ ପଡି ରହିଥିଲେ। ତାଙ୍କୁ ସେମାନେ ଡାକ୍ତରଖାନା ନେବାପରେ ଡାକ୍ତର ମୃତ ଘୋଷଣା କରିଥିଲେ। ଦୀର୍ଘ ଦିନ ହେବ ସ୍ୱାମୀ ସ୍ତ୍ରୀ ଙ୍କ ମଧ୍ୟରେ ଝଗଡା ରହିଥିଲା ବୋଲି ତାଙ୍କ ଭଉଣୀ ପ୍ରକାଶ କରିଛନ୍ତି। ଏତଲାକୁ ଭିତ୍ତି କରି ଆଇଆଇସି ଉମେଶ ଚନ୍ଦ୍ର ନାୟକ ଓ ଏଏସଆଇ ହୃଷିକେଶ ପଟେଲ ଡାକ୍ତରଖାନା ପହଞ୍ଚି ଶବ ଜବତ କରିବା ସହ ଚନ୍ଦାହାଣ୍ଡି ଥାନା ଅପମୃତ୍ୟୁ ମାମଲା ୩/ ୨୩ ପ୍ରକାରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛନ୍ତି। ପ୍ରକାଶ ଥାଉକି ନରେନ୍ଦ୍ର ଦାସ ଜଣେ ଯୁବ ବ୍ୟବସାୟୀ ହେବାସହ ଖୁବ୍ କମ ଦିନରେ ପ୍ରତିଷ୍ଠିତ ବ୍ୟବସାୟୀ ହୋଇ ସମସ୍ତ ଙ୍କ ସହ ଉତ୍ତମ ସମ୍ପର୍କ ରଖି ଗ୍ରାମାଞ୍ଚଳର ବହୁ ଯୁବକଙ୍କୁ ଆତ୍ମନିର୍ଭରଶୀଳ କରିଥିଲେ।

## ଆତଙ୍କୀ ସଂଗଠନ ସହ ଲିଙ୍କ୍ ଅଭିଯୋଗ
## ଅବଦୁର ରେହମାନଙ୍କୁ ୭ବର୍ଷ ୫ମାସ ଜେଲ୍ ଦଣ୍ଡ

ନୂଆଦିଲ୍ଲୀ : ଭାରତ ବିରୋଧରେ ଆତଙ୍କବାଦୀ ଷଡ଼ଯନ୍ତ୍ର ତଥା ଦେଶ ଦ୍ରୋହ ମାମଲାରେ ଲିପ୍ତ ଥିବା ଅବଦୁର ରେହମାନ ଓ ତା'ର ୩ ସହଯୋଗୀଙ୍କୁ ଦୋଷୀ ସାବ୍ୟସ୍ତ କରାଯିବା ସହ ଦଣ୍ଡାଦେଶ ଘୋଷଣା କରାଯାଇଛି। ଏମାନଙ୍କ ମଧ୍ୟରେ ଅବଦୁରକୁ କଟକରୁ ଗିରଫ କରାଯାଇଥିଲା। ମଙ୍ଗଳବାର ଦିଲ୍ଲୀର ପଟିଆଲା ହାଉସ୍‌କୋର୍ଟ ସେମାନଙ୍କ ଦଣ୍ଡାଦେଶ ଘୋଷଣା କରିଛନ୍ତି। ପ୍ରତ୍ୟେକ ଦୋଷୀଙ୍କୁ ୭ବର୍ଷ ୫ମାସ ଲେଖାଏଁ ଜେଲ ଦଣ୍ଡ ଓ ୨୫ହଜାର ଟଙ୍କା ଲେଖାଏଁ ଜରିମାନା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଅବଦୁର ଅନ୍ୟ ୩ସହଯୋଗୀ ହେଲେ ମହମ୍ମଦ ଆଶିଫ୍, ଜାଫର ମାସୁଦ୍ ଓ ଅବଦୁଲ ସାମି। ଦିଲ୍ଲୀ ପୋଲିସର ସୂଚନା ଅନୁସାରେ କଟକରୁ ଗିରଫ ହୋଇଥିବା ଅବଦୁର ବେଆଇନ ଭାବେ ପାକିସ୍ତାନ ଗସ୍ତ କରି ସେଠାରେ ଆତଙ୍କବାଦୀ ଟ୍ରେନିଂ ନେଇଥିଲା। ସେଠାରୁ ଫେରିବା ପରେ ସେ ଆତଙ୍କବାଦୀ ଷଡ଼ଯନ୍ତ୍ରରେ ଲିପ୍ତ ରହିଥିଲା। ୨୦୧୫ରେ ଦିଲ୍ଲୀ ପୋଲିସ ଆତଙ୍କବାଦୀ ଲିଙ୍କରେ ଥିବା ଅବଦୁର ରେହମାନ ସମେତ ୪ଜଣଙ୍କୁ ଗିରଫ କରିଥିଲା। ସୂଚନାଯୋଗ୍ୟ ଯେ, ଅବଦୁରର ଘର ହେଉଛି କଟକ ଜିଲ୍ଲା ଜଗତ୍‌ପୁର ପଶ୍ଚିମକଚ୍ଛ ଗାଁରେ। ସେ ଅଲ୍‌କାଏଦା ଇଣ୍ଡିଆନ ସବ୍‌କଣ୍ଟିନେଣ୍ଟର ସଦସ୍ୟ ମଧ୍ୟ ରହିଥିଲା। ତା'ଠାରୁ ମୋବାଇଲ, ଟାବ୍‌ଲେଟ ଓ ପାର୍ସପୋଟ ମଧ୍ୟ ଜବତ କରାଯାଇଥିଲା। ବେଆଇନ ଭାବେ ମଦ୍ରାସା ଚଳାଇବା, ଅସ୍ତ୍ରଶସ୍ତ୍ର ତାଲିମ ଦେବା ଓ ଉତ୍ତେଜକ ଭାଷଣ ଦେବା ପ୍ରମାଣ ପୋଲିସ ହାତରେ ଲାଗିଥିଲା। ଅବଦୁରକୁ ବାରମ୍ବାର ପୋଲିସ ମଧ୍ୟ ରିମାଣ୍ଡରେ ନେଇ ବହୁ ତଥ୍ୟ ହାସଲ କରିଥିଲା। ଅନ୍ୟ ପକ୍ଷରେ ଦଣ୍ଡାଦେଶ ପରେ ଅବଦୁରର ଓକିଲ ଦଣ୍ଡାଦେଶ କମ୍ କରିବା ପାଇଁ ଅପିଲ କରିଥିଲେ। ସେମାନଙ୍କ ରୋଜଗାର ନଥିବାରୁ ପରିବାର ପରିପୋଷଣରେ ଅସୁବିଧା ହେବ ବୋଲି ତାଙ୍କ ଓକିଲ ଦର୍ଶାଇଥିଲେ। ତେବେ ଦୋଷୀମାନେ ପ୍ରାୟ ୭ବର୍ଷ ୨ମାସ ଜେଲ ଦଣ୍ଡ ଭୋଗି ସାରିଥିବାରୁ ଖୁବ୍ ଶୀଘ୍ର ସେମାନେ ଜେଲ୍‌ରୁ ମୁକୁଳିବେ ବୋଲି ଆଶା କରାଯାଉଛି।


**झारखण्ड सरकार, ग्रामीण कार्य विभाग**
**मुख्य अभियंता का कार्यालय**
**102, द्वितीय तल्ला, अभियंत्रण भवन, कचहरी रोड, राँची**

पत्रांक– दिनांक–

**शुद्धि पत्र**

एदत् द्वारा सूचित किया जाता है कि ग्रामीण कार्य विभाग, कार्य प्रमण्डल, देवघर के ई–निविदा आमंत्रण संख्या– 289/2022-23/RWD/DEOGHAR, दिनांक– 11.02.2023, PR No.- 290015, आईडेन्टीफिकेशन संख्या/पैकेज संख्या– RWD/DEOGHAR/~~14~~/SRPKG-03/2022-23 के स्थान पर RWD/DEOGHAR/27/SRPKG-03/2022-23 पढ़ा जाय।

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है। अन्य शेष यथावत रहेगें। नोडल पदाधिकारी

PR 290312 Rural Work Department (22-23)_D ई–प्रोक्युर्मन्ट सेल



**लोक स्वास्थ्य यांत्रिकी खण्ड जांजगीर-चांपा (छ.ग.)**

**ऑन लाईन निविदा प्रथम एवं द्वितीय आमंत्रण सूचना**

जिला जल एवं स्वच्छता मिशन जांजगीर–चांपा की ओर से कार्यपालन अभियंता एवं सदस्य सचिव, जिला जल एवं स्वच्छता मिशन द्वारा एकीकृत पंजीयन व्यवस्था के अन्तर्गत उपयुक्त श्रेणी में पंजीकृत ठेकेदारों से निम्नांकित कार्यो हेतु प्रपत्र 'अ' (प्रतिशत दर) ऑन लाईन निविदायें आमंत्रित की जाती है।

कार्य का नाम:– जल जीवन मिशन अंतर्गत रेट्रोफिटिंग/सोलर/एकल ग्राम योजनाओं के अन्तर्गत विभिन्न विकासखण्डों के ग्रामों में उच्चस्तरीय जलागार निर्माण, जल वितरण प्रणाली, पंपिंगमेन प्रणाली, सबमर्सिबल पंप स्थापना, स्वीच रूम निर्माण, क्लोरिनेटर रूम निर्माण, क्लोरिनेटर स्थापना, घरेलू नल कनेक्शन एवं उससे संबंधित समस्त कार्य।

| क्र. | निविदा क्र. | सिस्टम निविदा क्र. | विकासखण्ड | ग्राम | कार्य की अनुमानित लागत (रू. लाख में) |
|---|---|---|---|---|---|
| 1 | 151/04.01.2023 | 119856 | सक्ती | केरिबंधा, नवापारा एवं गड़गोड़ी | 180.99 |
| 2 | 153/04.01.2023 | 119859 | सक्ती | मसानियाखुर्द बोईरडीह लवसरा | 409.66 |
| 3 | 155/04.01.2023 | 119861 | जैजैपुर | हसौद | 394.56 |
| 4 | 156/04.01.2023 | 119862 | जैजैपुर | हरेतीखुर्द बोईरडीह | 219.55 |

उपरोक्त कार्यों की निविदा की सामान्य शर्ते, धरोहर राशि, विस्तृत निविदा विज्ञप्ति निविदा दस्तावेज व अन्य जानकारी वेबसाईट https://eproc.cgstate.gov.in पर देखी एवं दिनांक 16/2/2023 से दिनांक 1/3/23 के मध्य भरी जा सकती है।

कार्यपालन अभियंता
लोक स्वास्थ्य यांत्रिकी विभाग
जांजगीर–चांपा (छ.ग.)

G-98454/ 8


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ନ୍ୟୁଜିଲାଣ୍ଡରେ...

ଠପ ହୋଇ ପଡିବାରୁ ସେମାନେ ଅନ୍ଧାରରେ ରହିଛନ୍ତି। ଏହି ସାମୁଦ୍ରିକ ଝଡରେ ନ୍ୟୁଜିଲାଣ୍ଡର ବ୍ୟାପକ କ୍ଷୟକ୍ଷତି ହୋଇଛି। ଉତ୍ତର ଦ୍ୱୀପରେ ଭୂସ୍ଖଳନ ଘଟିଛି। ଏପରିକି ସାମୁଦ୍ରିକ ଝଡ ପ୍ରଭାବରେ ନ୍ୟୁଜିଲାଣ୍ଡର କରମାଡେକ ଦ୍ୱୀପ ପୁଞ୍ଜରେ ଭୂମିକମ୍ପ ଅନୁଭୂତ ହୋଇଛି। ଦେଶର ଇତିହାସରେ ତୃତୀୟ ଥର ପାଇଁ ଏହି ଜରୁରି ପରିସ୍ଥିତି ଜାରି କରାଯାଇଛି। ଜରୁରି ପରିସ୍ଥିତି ଜାରି ପାଇଁ ସରକାର ବିରୋଧୀ ଦଳର ମତ ଲୋଡିଥିଲେ। ବିରୋଧୀ ସହମତ ହେବା ପରେ ଏହା ଲାଗୁ କରାଯାଇଛି। ନ୍ୟୁଜିଲାଣ୍ଡର ଜରୁରି କାଳୀନ ପରିଚାଳନା ମନ୍ତ୍ରୀ କହିଛନ୍ତି ଯେ, ଏହା ଏକ ଅପ୍ରତ୍ୟାଶିତ ଘଟଣା। ପ୍ରଳଙ୍କରୀ ବନ୍ୟା ଯୋଗୁଁ ରାସ୍ତାଘାଟ ଧୋଇଯାଇଛି ଓ ଭୂସ୍ଖଳନ ଘଟି ଚାଲିଛି। ଆଗକୁ ଅଧିକ ପରିମାଣର ବର୍ଷା, ବନ୍ୟା ଓ ପବନର ଆଶଙ୍କ ଥିବାରୁ ଜରୁରି ସ୍ଥିତି ଘୋଷଣା କରାଯାଇଛି ବୋଲି ସେ କହିଥିଲେ।

### ଦୁର୍ଘଟଣାରେ ଦୁଇ...

ସେମାନେ ଏକ ବାଇକରେ ତିର୍ତ୍ତୋଲରୁ କଟକ ଅଭିମୁଖେ ଆସୁଥିବାବେଳେ ଟୋଲଗେଟ୍‌ରେ ଛିଡ଼ା ହୋଇଥିବା ଏକ ମିକ୍‌ଚର ମେସିନକୁ ପଛରୁ ଧକ୍କା ଦେଇଥିଲେ। ଦୁର୍ଘଟଣା ପରେ ବାଇକରେ ନିଆଁ ଲାଗିଯାଇଥିଲା। ପୋଲିସ ଦୁଇଜଣଙ୍କୁ ଉଦ୍ଧାର କରି କଟକ ବଡ଼ ଡାକ୍ତରଖାନାକୁ ପଠାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ମଝି ଚିଲିକାରେ...

ପାଣି କମ୍ ଥିବାରୁ ଡଙ୍ଗାଟି ଅଟକିଥିବା କୁହାଯାଉଛି। ଶେଷରେ ଦୀର୍ଘ ପରିଶ୍ରମ ପରେ ଡଙ୍ଗାଟିକୁ ସେ ସ୍ଥାନରୁ ଘୁଞ୍ଚା ଯାଇଥିବା ସୂଚନା ମିଳିଛି।

### ସହିଦ ଯବାନଙ୍କୁ...

ଦେଶ ପାଇଁ ଜୀବନ ଦେଇ ଥିବା ଶହୀଦଙ୍କୁ ଆଜି ବି ଝୁରୁଛି ମାଟି ଆଉ ଦେଶ। ଦେଶ ପାଇଁ ହସିହସି ପ୍ରାଣ ବଳୀ ଦେଇଥିବା ସେହି ଶହୀଦଙ୍କୁ ମନେ ପକାଇ ଗୁମୁରି ଗୁମୁରି କାନ୍ଦୁଛନ୍ତି ସେମାନଙ୍କ ପରିବାର ଆଉ ମାତୃଭୂମି। ଏହି ଆତଙ୍କୀ ଆକ୍ରମଣ ପଛରେ ପାକିସ୍ତାନର ହାତ ଥିଲା ବେଳେ ଏହା ପଛରେ ଜାମୁ କାଶ୍ମୀରର ଜଣେ ଯୁବକଙ୍କ ସଂପୃକ୍ତି ମଧ୍ୟ ରହିଥିବା ଜଣାପଡିଥିଲା। ଏହାପରେ ଭାରତ ପକ୍ଷରୁ ଏହାର ପ୍ରତି ଜବାବ ଦିଆଯାଇଥିଲା।

### ଆସ ନୂଆ...

ଆଗାମୀ ୫ବର୍ଷରେ ମିଶନ ଶକ୍ତି ଗ୍ରୁପ୍ ଗୁଡିକୁ ୫୦ହଜାର କୋଟି ଟଙ୍କା ଋଣ ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। କୋରାପୁଟର ମିଶନ ଶକ୍ତି ଇଣ୍ଡଷ୍ଟ୍ରିଆଲ ପାର୍କକୁ ଏହି ଅବସରରେ ପ୍ରଶଂସା କରିବା ସହ ମିଶନ ଶକ୍ତି ଗ୍ରୁପ୍‌କୁ ସହାୟତା କରିବାକୁ ସବୁ ଜିଲ୍ଲାର ଜିଲ୍ଲାପାଳଙ୍କୁ ଶ୍ରୀ ପଟ୍ଟନାୟକ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଆମର ସମସ୍ତ ବିକାଶମୂଳକ ପ୍ରକଳ୍ପ ଗୁଡିକ ଖୁବ୍ କମ୍ ସମୟ ମଧ୍ୟରେ କାର୍ଯ୍ୟକାରୀ ହୋଇଛି। ହିତାଧିକାରୀଙ୍କ ନିକଟରେ ପହଞ୍ଚିଛି କଲ୍ୟାଣକାରୀ ପଦକ୍ଷେପ। ସେହିପରି ଲକ୍ଷ୍ୟ ହାସଲ ପାଇଁ ଜିଲ୍ଲାମାନଙ୍କ ମଧ୍ୟରେ ପ୍ରତିଯୋଗିତା ଜରୁରି ବୋଲି ସେ ମତ ରଖିଥିଲେ। ଅନ୍ୟ ପକ୍ଷରେ ୫-ଟି ଓ ମୋ' ସରକାର ଆଧାରରେ କିପରି ପ୍ରଶାସନକୁ ଅଧିକ ଲୋକାଭିମୁଖୀ କରାଯାଇ ପାରିବ ସେ ନେଇ ରୋଡ ମ୍ୟାପ୍ ପ୍ରସ୍ତୁତ କରାଯାଉଥିବା କହିଥିଲେ ରାଜ୍ୟ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର। ସେ କହିଥିଲେ ଜାଗା ମିଶନ, ମୁକ୍ତା, ଡିଙ୍କ୍ ଫର୍ମ ଟ୍ୟାପ୍ ଭଳି ସହରାଞ୍ଚଳରେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଉଛି। ସାରା ଦେଶରେ ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ଯୋଜନା କାର୍ଯ୍ୟକାରୀ କରିବାରେ ଓଡ଼ିଶା ହେଉଛି ପ୍ରଥମ। ଯକ୍ଷ୍ମା ନିରାକରଣ, ଶିଶୁ ମୃତ୍ୟୁ ହାର ହ୍ରାସ କ୍ଷେତ୍ରରେ ଓଡ଼ିଶା ଉଲ୍ଲେଖନୀୟ ସଫଳତା ହାସଲ କରିଛି ବୋଲି ସେ କହିଥିଲେ। ଏପରିକି ମହାମାରୀ କରୋନା ସମୟରେ ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ଆଇସିୟୁ ସୁବିଧା ସହ ସ୍ୱତନ୍ତ୍ର କୋଭିଡ ହସ୍ପିଟାଲ ପ୍ରସ୍ତୁତ କରିଥିଲା। ଅନ୍ୟ ପକ୍ଷରେ ଏହି ସମ୍ମିଳନୀରେ ମିଶନ ଶକ୍ତି ସଚିବ ସୁଜାତା ଆର୍ କାର୍ତ୍ତିକେୟନ କହିଥିଲେ ଯେ ଆଗାମୀ ୩ବର୍ଷରେ ୫୦ହଜାର ଏସ୍‌ଏଚ୍‌ଜିକୁ ଏସ୍‌ଏମ୍‌ଇରେ ପରିଣତ କରାଯିବ। ଏବେ ସୁଦ୍ଧା ୭୦ ଲକ୍ଷ ମହିଳାଙ୍କ ଦ୍ୱାରା ୬ଲକ୍ଷ ଗ୍ରୁପ୍ ହୋଇସାରିଛି। ଆସନ୍ତା ୩ବର୍ଷ ଭିତରେ ପ୍ରତି ଜିଲ୍ଲାରେ ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କ ପାଇଁ ଶିଳ୍ପ ପାର୍କ ସ୍ଥାପନ କରାଯିବ। ଏହି ଅବସରରେ ଫ୍ଲାଏ ଆସ୍ ଟୀକା ପ୍ରସ୍ତୁତ କରୁଥିବା କୋରାପୁଟ ବୋରିଗୁମାର ଏସ୍‌ଏଚ୍‌ଜିକୁ ମିଶନ ଶକ୍ତି ସଚିବ ପ୍ରଶଂସା କରିଥିଲେ। ଏହି ସମ୍ମଳନୀରେ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ଅର୍ଥ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ପ୍ରମୁଖ ଯୋଗ ଦେଇଥିବା ବେଳେ ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଜି ଭାତିମାଥନନ୍ ଯୋଗ ଦେଇଥିଲେ।


**ODISHA HYDRO POWER CORPORATION LTD.,**
O/o Sr. GENERAL MANAGER, HIRAKUD HYDRO ELECTRIC PROJECT,
POST BOX. NO. 5, BURLA – 768017, DISTRICT: SAMBALPUR (ODISHA),
PHONE: 0663-2950721(O), 2950765(R), E-Mail: srgmhps_burla@yahoo.co.in
CIN : U40101OR1995SGC003963

No. HHEP/C&P-2/641 Date :13.02.2023

**TENDER CALL NOTICE NO. HHEP-07/2023**

Sealed Tenders are invited from the reputed manufacturer / authorized dealer / reputed suppliers for supply of the following materials as mentioned below

| Sl. No | Name of work | Cost of tender (Non-Refundable) | EMD in Rs. (in shape of DD/BC) |
|---|---|---|---|
| 1 | Supply of Gymnastic materials for Hira Hydel Recreation centre of HHEP, Burla | Rs. 708/- (Rs. 600/- + GST 18%) | 1450/- |

- Sale of tender paper :16.02.2023(11.00AM)to 27.02.2023 upto 03.00PM
- Receipt of tender paper: 27.02.2023 upto 03.30PM
- Date & time of opening of tender: 27.02.2023 at 04.00PM

Further details like tender specification, corrigendum to the tender call notice etc can only be available in our website www.ohpcltd.com.

Sd/-
C&P Head, HHEP, Burla

CAD-4827 OIPR 04008/11/0057/2223



**OFFICE OF THE PURI MUNICIPALITY, PURI** C-2453

Letter No. 1137 Dated. 13.02.2023

QUOTATION CALL NOTICE

Puri Municipality invites sealed quotation from the eligible suppliers/Decorators/Firms for temporary lighting arrangement of branded company on different occasions within Municipality area, so as to reach the office of Executive Officer, Puri Municipality on or before dt.28.02.2023 by 05 P.M. through Registered Post/Speed Post only. The terms & condition, technical specification & quotation paper will be available in the website www.puriunicipality.nic.in & www.puri.nic.in from dt. 15.02.2023 11A.M.to dt.28.02.2023 by 5 P.M. & the same will be opened on dt. 01.03.2023 at 11A.M. in presence of bidders or their authorized representatives who wish to attend.

The authority reserves the right to reject any or all the quotations without assigning any reason thereof.

Sd/-Executive Officer,
Puri Municipality, Puri

OIPR 13159/11/0057/2223



**OFFICE OF THE PANCHAYAT SAMITI , KUJANG .**
**"e"Procurement Notice** i-429
Bid Identification No.- BDO/KUJANG PS-01/2022-23
e-mail ID- ori-kujang@nic.in

Tender Call Notice No. 514 Date 10.02.2023

1.Name of Works : Civil Works ( Building Construction )
2. No. of works : 02 Nos.
3. Bid Value : Rs.30.89 lakhs (each)
3. Period of completion : 06 months

**Date and Time Schedule:**

| Start | End | Opening |
|---|---|---|
| 10.00 A.M. on Dt: 22-02.2023 | 5.00 P.M on Dt: 02.03 2023 | 11.00A.M on Dt: 03.03 - 2023 |

Tender details can be seen from the procurement portal: www.tendersodisha .gov.in

OIPR 19308/11/0002/2223



**OFFICE OF THE SR. GENERAL MANAGER (ELECTRICAL)**
**UPPER INDRAVATI HYDRO ELECTRIC PROJECT, MUKHIGUDA,** CAD-4806
DIST: KALAHANDI-766026, E-mail: sgmel_uihep@ohpcltd.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C Building, Vanivihar Chhak, Janpath, Bholnagar, Bhubaneswar-751022,
Tel: 91-0674-2542983, 2542802, 2545526, 2542826, Fax:2542102, E-Mail: ohpc.co@gmail.com / md@ohpcltd.com
WEB: www.ohpcltd.com, CIN: U40101OR1995SGC003963
ISO 9001-14001 18001 Certified

'e'- Procurement Notice

NOTICE INVITING TENDER NO.UIHEP/50/2022-23 DATED.13.02.2023

The Unit Head, UIHEP, Mukhiguda, Dist.- Kalahandi invites percentage rate bids in double cover system i.e. Cover-I (Technical Bid) & Cover II (Price Bid) in **Online mode** from eligible contractors for the work as detailed in the table below.

| Sl. No. | Name of work | Approx. Estimated cost (in Rs.) | EMD (in Rs.) (online) | Class of Contractor | Cost of bid document (in Rs.) (online) | Period of contract |
|---|---|---|---|---|---|---|
| 1 | Metal spreading at 400 KV Switchyard (From the road adjacent to ICT-1 Tie Breaker to Stone Pitching edge) of UIHEP, Mukhiguda. | 25,55,451/- (Excluding GST) | 25,555/- | 'C' & 'B' Class Civil Contractors registered with State Govt./Central Govt. / MES / Railways | 6,000/-+ GST @18% = 7080/- | Three (03) months from date of handing over of site by Engineer-in-Charge. |

Availability of tender document in the portal: From 21.02.2023 (10:00 Hrs) to 04.03.2023 (up to 13:00 Hrs.)
Last date & time of submission of tenders in the portal: 04.03.2023 up to 13:00 Hrs.
The date & time of opening of the bid: 04.03.2023 at 16:30 Hrs (Only Technical Bid)
The bidders have to participate in **ONLINE** bidding only. Further details can be seen and tender document can be downloaded from the e-Procurement Portal "https://tendersodisha.gov.in".

Sd/-Unit Head
UIHEP, Mukhiguda

OIPR 04007/11/0034/2223



**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
**ଆକାଶ ଶୋଭା ବିଲଡିଂ,**
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ପତ୍ର ସଂଖ୍ୟା ୪୬୩୮/ଭୁ.ଉ.କ., ଭୁବନେଶ୍ୱର ତା ୦୮.୦୨.୨୦୨୩ ରିଖ
KNL-453/93

**ସୂଚନା**

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି କଳିଙ୍ଗ ନଗର ପ୍ଲଟେଡ୍ ଡେଭଲପମେଣ୍ଟ ସ୍କିମ୍, ମୌଜା- ଶ୍ରୁବୁଦ୍ଧିପୁର, ଭୁବନେଶ୍ୱର ଅନ୍ତର୍ଗତ **LIG** ପ୍ଲଟ୍ ନଂ**-K-4-699** କୁ ଶ୍ରୀ କୈଳାସ ଚନ୍ଦ୍ର ସ୍ୱାଇଁ, ପିତା-ଯଦୁମଣି ସ୍ୱାଇଁ, ଗ୍ରାମ-ରାମଚନ୍ଦ୍ରପୁର, ପୋଷ୍ଟ-ଅସ୍ତରଙ୍ଗ, ଥାନା-କାକଟପୁର, ଜିଲ୍ଲା-ପୁରୀଙ୍କୁ ଆବଣ୍ଟନ କରାଯାଇଥିଲା। ଆବଣ୍ଟନଗ୍ରାହୀ ଶ୍ରୀ କୈଳାସ ଚନ୍ଦ୍ର ସ୍ୱାଇଁ ଗତ ତା-୦୪.୦୮.୨୦୧୮ ରିଖରେ ମୃତ୍ୟୁ ବରଣ କରିଅଛନ୍ତି। (**Death certificate** Registration **No. D-2018:21-00002-000469 dt.14.08.2018).**

**Legal heir Misc. certificate Case.No. e-LHC/58 of 2020 dated 04.04.2020** ଅନୁଯାଇ ତାଙ୍କର ଉତ୍ତରାଧିକାରୀ (୧) ସୁଲୋଚନା ସ୍ୱାଇଁ(ସ୍ତ୍ରୀ), (୨) ପୁଷ୍ପଲତା ସ୍ୱାଇଁ (ବିବାହିତା କନ୍ୟା), (୩) ସ୍ନେହଲତା ସ୍ୱାଇଁ ( ବିବାହିତା କନ୍ୟା) ଏବଂ (୪) ଶ୍ରୀଧର ସ୍ୱାଇଁ (ପୁତ୍ର) ଅଟନ୍ତି।

ବର୍ତ୍ତମାନ ପୁଷ୍ପଲତା ଦାସ ଓରଫ ସ୍ୱାଇଁ ଓ ସ୍ନେହଲତା ସୁନ୍ଦରରାୟ ଓରଫ ସ୍ୱାଇଁ ପଞ୍ଜିକୃତ ନାଦାବି ପତ୍ର (Registered deed of Relinquishment No.1082218192 dated 28.12.2022) ମାଧ୍ୟମରେ ଉକ୍ତ ପ୍ଲଟ୍‌ରେ ଥିବା ନିଜର ଅଧିକାରକୁ ଶ୍ରୀଧର ସ୍ୱାଇଁ ଓ ସୁଲୋଚନା ସ୍ୱାଇଁଙ୍କୁ ହସ୍ତାନ୍ତର କରିଅଛନ୍ତି। ସୁତରାଂ ଉକ୍ତ ପ୍ଲଟଟି ଶ୍ରୀଧର ସ୍ୱାଇଁ ଓ ସୁଲୋଚନା ସ୍ୱାଇଁଙ୍କ ନାମରେ ମ୍ୟୁଟେସନ କରାଯିବା ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହାଲେ ଉକ୍ତ ସୂଚନା ପ୍ରକାଶନର ପନ୍ଦର(୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ସତ୍ୱ ପରିବର୍ତ୍ତନ ଆଇନ୍ ଅନୁଯାୟୀ ସଂପାଦନ କରାଯିବ।

ସ୍ୱା/-ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

CAD-4816 OIPR 13033/11/0500/2223



**कार्यपालक अभियंता का कार्यालय, पथ निर्माण विभाग, पथ प्रमण्डल, देवघर**

**ई–प्रोक्योरमेंट सूचना (4th Call)**

ई–पुनर्निविदा प्रसंग संख्या - RCD/DEOGHAR/292/2022-23 (4th Call) दिनांक – 11.02.2023

| | | |
|---|---|---|
| 1. | कार्य का नाम | बिलासी–छत्तीसी–सर्कुलर पथ (कुल लंबाई–0.900 कि0मी0) के नाली को कवर (Cover) कर पथ का निर्माण कार्य (अवशेष कार्य) |
| 2. | प्राक्कलित राशि (रुपये में) | रुपये 5,47,89,144/– (पाँच करोड़ सैतालीस लाख नवासी हजार एक सौ चौवालीस रुपये मात्र)। |
| 3. | कार्य समाप्ति की अवधि | 04 (चार) माह। |
| 4. | निविदा प्राप्ति की अंतिम तिथि एवं समय | 06.03.2023 (12:00 बजे दिन तक) |
| 5. | वेबसाईट पर निविदा प्रकाशित होने की तिथि एवं समय | 14.02.2023 (10:30 बजे पूर्वाह्न) |
| 6 | निविदा आमंत्रित करने वाले का नाम एवं पता | कार्यपालक अभियंता का कार्यालय, पथ निर्माण विभाग, पथ प्रमण्डल, देवघर। |
| 7 | प्रोक्युरमेंट अधिकारी का सम्पर्क नम्बर | **06432-275640** |
| 8. | ई–प्रोक्युरमेंट सेल का हेल्पलाईन नम्बर | 0651–2401010 |

अतिरिक्त जानकारी के लिए वेबसाईट http://jharkhandtenders.gov.in पर देखें। **कार्यपालक अभियंता**
PR 290149 Road (22-23)_D **पथ निर्माण विभाग, पथ प्रमण्डल, देवघर**



**झारखंड सरकार**
**कृषि, पशुपालन एवं सहकारिता विभाग**
**(सहकारिता प्रभाग)**
**झारखण्ड राज्य लघुवनोपज सहकारी विकास एवं विपणन संघ लिट् (झाम्फकोफेड)**
**(झारखंड सरकार का उपक्रम)**
**चतुर्थ तल, पशुपालन–सहकारिता भवन, हटिया, राँची– 834003, झारखंड**
**E.mail I.D.:- mdjhamfcofed@gmail.com Ph No :0651-3510563/7004790869**
**Web Site: - www.jhamfcofed.com**

**e-Auction के तहत लघुवनोपज की बिक्री हेतु इच्छा की अभिव्यक्ति का आमंत्रण**

**झारखण्ड राज्य लघुवनोपज सहकारी विकास एवं विपणन संघ लि. (झाम्फकोफेड)** एक राज्य स्तरीय शीर्ष सहकारी संघ है। वर्ष 2022 में जनजातीय कार्य मंत्रालय भारत सरकार द्वारा संचालित "Mechanism for Marketing of Minor Forest Produce (MFP) through Minimum Support Price (MSP) and Development of Value Chain for MFP" योजना अंतर्गत न्यूनतम समर्थन मूल्य पर आहरित तथा रामराज शीतगृह राँची में भण्डारित **5000** Quintal (Aprox) बीज सहित इमली (Seeded Tamarind- Harvesting Season 2022) एवं 60 Quintal बीज रहित इमली (Deseeded tamarind- Harvesting Season 2022) की बिक्री NCDEX e-Markets Ltd., BSE e-Agriculture Markets Ltd. तथा Railtel Corporation of India Ltd. के क्रमशः Online Platform www.neml.in, www.bsebeam.com, https://jhamfcofed.enivida.com पर e-Auction (e-निविदा) के माध्यम से दिनांक 03.03.2023 को निष्पादित किया जाना है। e-Auction में भाग लेने हेतु इस व्यवसाय से जुड़े उद्यमियों, व्यापारियों, फर्म आदि का निःशुल्क Registration दिनांक 15.02.2023 से दिनांक 01.03.2023 के अपराह्न 5 बजे तक उपरोक्त e-Auction platform पर किया जा सकता है। अधिक जानकारी के लिए www.neml.in, www.bsebeam.com, https://jhamfcofed.enivida.com अथवा **झाम्फकोफेड कार्यालय (दूरभाष :– 06513510563/8825331461)** से सम्पर्क किया जा सकता है। बिना कारण e-निविदा रद्द करने/संशोधित करने का अधिकार अधोहस्ताक्षरी के पास सुरक्षित होगा।

ह0/–
प्रबंध निदेशक
झाम्फकोफेड

PR 290323 Co-opretive(22-23).D



**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
**ଆକାଶ ଶୋଭା ବିଲଡିଂ,**
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ପତ୍ର ସଂଖ୍ୟା ୪୬୨୯/ଭୁ.ଉ.କ., ଭୁବନେଶ୍ୱର ତା ୦୮.୦୨.୨୦୨୩ ରିଖ
EAB-52/80

**ସୂଚନା**

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ବରଗଡ଼ ହାଉସିଂ ସ୍କିମ୍, ବରଗଡ଼, ଭୁବନେଶ୍ୱର ଅନ୍ତର୍ଗତ ଗୃହ ନଂ EB-758 କୁ ଶ୍ରୀ ଚନ୍ଦ୍ରଶେଖର ସେନାପତି, ପିତା-ୱାଇ. ତ୍ରିଲୋଚନ ରାଓ, ଗ୍ରାମ- ପରବେଶି ଷ୍ଟ୍ରିଟ୍ ସୁତାହାଟ, ପୋଷ୍ଟ-କଟକ, ଥାନା-ମଙ୍ଗଳାବାଗ, ଜିଲ୍ଲା-କଟକ, ଓଡ଼ିଶାଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ଚନ୍ଦ୍ରଶେଖର ସେନାପତି ଉକ୍ତ ଗୃହକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଡି.ଚନ୍ଦ୍ରକଳା, ସ୍ୱାମୀ-ଡି.ସତୀଶ, ଗ୍ରାମ-ଟାଙ୍ଗଟୀ ସାହି, ପୋଅ- ବକ୍ସିବଜାର, ଏମ.ସି.- କଟକ, ଜିଲ୍ଲା-କଟକଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କଠାରେ ଆବେଦନ କରିଅଛନ୍ତି।
ଏଣୁ ଉକ୍ତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହାହେଲେ ଏହି ସୂଚନା ପ୍ରକାଶନର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ ସଂପାଦନ କରାଯିବ।

ସ୍ୱା/-ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

CAD-4820 OIPR 13033/11/0504/2223



e-mail ID –eephctcii@gmail.com
sephdctc521@gmail.com

**GOVERNMENT OF ODISHA** C-2445
**OFFICE OF THE SUPERINTENDING ENGINEER,**
**P. H. DIVISION, CUTTACK**

e-procurement Notice for Bid identification No. SEPH-DIVISION, CTC- 67 of 2022-23

1. Name of the work : - 1 No of P.H. work
2. Estimated cost : - Rs. 231.53 Lakhs
3. Period of completion : - 2 months
4. Date & time of availability of bid document in the portal : - From 11.00 AM of 15.02.2023 to 5.00PM of 01.03.2023
5. Last date / time of receipt of bids in the portal : - 5.00 PM of 01.03.2023
6. Date & time of opening of bids : - 11.00 AM of 02.03.2023
7. Name and address of the officer inviting bid : - The Superintending Engineer, P.H. Division, Cuttack-753004, Odisha. Ph. (0671) 2979063, email :-eephctcii@gmail.com sephdctc521@gmail.com

Further details can be seen from e-procurement portal https://www.tendersodisha.gov.in

Superintending Engineer
P.H. Division, Cuttack

OIPR 13225/11/0006/2223



କଣିହାଁ, (ଭାସ୍କର ନ୍ୟୁଜ୍): ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକକୁ ସୋମବାର ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ ଗସ୍ତ କରିଥିଲେ। ଏହି ଅବସରରେ ଟାକୁଆ ଗ୍ରାମ କୁ ଯାଇ ଟିକିରା ନଦୀ କୂଳରେ ଥିବା ପଶ୍ଚିମେଶ୍ୱର ମନ୍ଦିର ଦର୍ଶନ କରିଥିଲେ। ଟିକିରା ନଦୀକୂଳ କ୍ଷୟ ହେଉଥିବା ଯୋଗୁଁ ଏହାର ନିରାକରଣ ପାଇଁ ଜିଲ୍ଲା ଜଳ ସମ୍ପଦ ବିଭାଗ ତରଫରୁ ୧୫ଲକ୍ଷ ଟଙ୍କାରେ ନିର୍ମାଣ ପାଇଁ ଥିବା ନଦୀ ସରୁକ୍ଷା ବନ୍ଧର ଭୂମି ପୂଜନ ଅନୁଷ୍ଠିତ ହୋଇଥିଲା। ଏହା ବାଦ୍ ଟୋଲକବେଡା ଚେମିଣୀଘଣ୍ଟି ପାଦଦେଶରେ ଥିବା ବିଷ୍ଣୁ ମନ୍ଦିର ଓ ଐତିହାସିକ ଗୁମ୍ଫା ସୁ ବ୍ୟବସ୍ଥା କରାଯିବା ଦିଗରେ ଗ୍ରାମବାସୀ ଓ ସ୍ଥାନୀୟ ପ୍ରଶାସନିକ ଅଧିକାରୀ ସହିତ ଆଲୋଚନା କରିଥିଲେ। ବିଧାୟକଙ୍କ ସହିତ ଏମପିଙ୍କ ପ୍ରତିନିଧି ନିର୍ମଳ ସାହୁ,ଜିଲ୍ଲାପରିଷଦ ସଭ୍ୟ ରଞ୍ଜନ କୁମାର ସାହୁ ,କଣିହାଁ ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ, ସରପଞ୍ଚ ବୃନ୍ଦାବନ ପ୍ରଧାନ, ରୁକ୍ମିଣୀ ପ୍ରଧାନ, କଣିହାଁ ବ୍ଲକ ଜୋନ -୯ ସଭାପତି ସୁନିଲ୍ ପ୍ରଧାନ, ଯୁବ କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ରୀୟ ସାହୁ, ଉଭୟ ଗ୍ରାମର ସଭାପତି, ସମ୍ପାଦକ ଓ ସ୍ଥାନୀୟ ବ୍ଲକ ପ୍ରଶାସନ ଅଧିକାରୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଦଳୀୟ କର୍ମକର୍ତ୍ତା ସାମିଲ୍ ହୋଇଥିଲେ।



# ଜନବସତି ଭିତରେ ଚାଲିଛି ଇଟାଭାଟି



ବଢୁଛି ପ୍ରଦୂଷଣ, ତହସିଲ୍ କର୍ତ୍ତୃପକ୍ଷ ନିରବଦ୍ରଷ୍ଟା

ଜଗତସିଂହପୁର, (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲାର ୮ଟି ବ୍ଲକରେ ଥିବା ୧୯୮ ପଞ୍ଚାୟତରେ ବର୍ତ୍ତମାନ ବ୍ୟାପକ ଭାବେ ଇଟା ବ୍ୟବସାୟୀ ସକ୍ରିୟ ହୋଇଛନ୍ତି। ବର୍ତ୍ତମାନ ଗୃହ ନିର୍ମାଣ, ପାଇଖାନା ଓ ସରକାରୀ ଯୋଜନା କାର୍ଯ୍ୟକାରି କରିବା ପାଇଁ ବ୍ୟାପକ ଭାବେ ଇଟାର ଆବଶ୍ୟକତା ରହିଛି। ତେବେ ଚିମିନି ଭାଟି ଇଟାର ମୂଲ୍ୟ ଅଧିକ ରହୁଥିବା ସମୟରେ ଓପନ ଭାଟି ଇଟା ମୂଲ୍ୟ ଟିକେ କମ ରହୁଥିବାରୁ ଓପନ ଭାଟି ଇଟା ପ୍ରତି ଚାହିଦା ବଢ଼ିଛି। ଏଭଳି ସ୍ଥିତିରେ ଇଟା ବ୍ୟବସାୟୀମାନେ ଓପନ ଭାଟି ଇଟା ତିଆରି କରି ଜନବସତି ନିକଟରେ ବେଧଡ଼କ ଇଟା ଭାଟି ପୋଡ଼ିଚାଲିଛନ୍ତି। ତହସିଲରୁ ଅନୁମତି ନ ନେଇ ସ୍ଥାନୀୟ ଆରଆଇ ସର୍କଲର ଆରଆଇ ମାନଙ୍କୁ ହାତଗୁଞ୍ଜା ଦେବା ସହିତ ଚୋରା କୋଇଲା ଆଣି ବେଆଇନ ଭାବେ ଚଳାଇଥିବା ଇଟାଭାଟି ଯୋଗୁ ପରିବେଶ ପ୍ରଦୂଷଣ ହେଉଛି। ମିଳିଥିବା ସୂଚନା ଅନୁସାରେ ଜଗତସିଂହପୁର ତହସିଲ ଅଧିନ କାଳିଆବୋରା, ବଣିଆସାହିଡ଼ିହ, ପୁରୁଣାଗଡ଼, ଯୋତ, ଗଡଡୁଣି ପଡ଼ିଆ ପ୍ରଭୃତି ସ୍ଥାନରେ ବେଆଇନ ଭବେ ଇଟାଭାଟିରେ ନିଆଁ ଲଗାଯାଉଛି। ସେହିପରି ତିର୍ତ୍ତୋଲ ତହସିଲ, କୁଜଙ୍ଗ ତହସିଲ, ଏରସମା ତହସିଲ ସମେତ ସମସ୍ତ ତହସିଲ ଅଞ୍ଚଳରେ ବ୍ୟାପକ ଭାବେ ଚୋରା ଇଟା ଭାଟି କାରବାର ଚାଲିଛି। କେତେକ ମାଫିଆ ବାହାର ରାଜ୍ୟ ଓ ବାହାର ଜିଲ୍ଲାରୁ ଇଟା ଶ୍ରମିକମାନଙ୍କୁ ଆଣି ଆଗୁଆ ଇଟା ଭାଟି କରିବା ପାଇଁ କାର୍ଯ୍ୟ ଆରମ୍ଭ କରିଛନ୍ତି। ଏପରିକି ଜିଲ୍ଲା ଶ୍ରମ ବିଭାଗ ନିକଟରେ କେତେକ ଇଟା କାରିଗର ବାହାର ଜିଲ୍ଲା ଓ ରାଜ୍ୟରୁ ଆସି ଠିକାରେ ଇଟା କାମ କରୁଛନ୍ତି ସେ ସଂପର୍କରେ ସୂଚନା ମିଳୁନାହିଁ। ଏତଦ୍‌ଭିନ୍ନ ସ୍ଥାନୀୟ କେତେକ ଇଟା କାରିଗର ଠିକାଦାରମାନଙ୍କ ନିର୍ଦ୍ଦେଶକ୍ରମେ ବ୍ୟାପକ ଭାବେ ଇଟା ପକାଇ ଚାଲିଛନ୍ତି। ତେବେ ଇଟା ପାଇଁ ମାଟି ଉଠାଇବା ନିମନ୍ତେ ଆରଆଇ ସର୍କଲ ଓ ତହସିଲ କର୍ତ୍ତୃପକ୍ଷଙ୍କ ଠାରୁ ଅନୁମତି ନେଉନାହାଁନ୍ତି ବା ମାଟି ଉଠାଇବା ପାଇଁ ରୟାଲିଟି ଦେଉନାହାଁନ୍ତି। ଏଭଳି ସ୍ଥିତିରେ ରାଜ୍ୟ ସରକାର ରାଜସ୍ୱ ହରାଉଥିବା ସମୟରେ ସରକାରୀ ଅନାବାଦି, ଚିରକାଳ ଓ ଗୋଚର ଜମିରୁ ମାଟି ଉଠାଇ ଠିକା ମାଫିଆମାନେ ବେଧଡ଼କ ଇଟା କାରବାର ଚଳାଉଛନ୍ତି। ଏପରିକି ନଦୀ ବନ୍ଧ ପାର୍ଶ୍ୱ, ସଫେଇ ବନ୍ଧ ପାର୍ଶ୍ୱରୁ ବ୍ୟାପକ ମାଟି ଉଠାଣ କାର୍ଯ୍ୟ ଆରମ୍ଭ ହେଉଥିବାରୁ ବନ୍ଧ ଦୁର୍ବଳ ହେବାର ସମ୍ଭାବନା ରହିଛି। ବର୍ତ୍ତମାନ ବଜାରରେ ଓପନ ଭାଟି ଇଟାର ମୂଲ୍ୟ ହଜାର ପିଛା ୬ ହଜାରରୁ ଉର୍ଦ୍ଧ୍ୱ ଦାମ ଥିବାରୁ ଇଟା ମାଫିଆମାନେ ବେଆଇନ ଭାବେ ଇଟା କାରବାର ବ୍ୟାପକ ଭାବେ ଚଳାଇଛନ୍ତି। ବିଡ଼ମ୍ବନାର ବିଷୟ ଯେ ବିନା ଅନୁମତିରେ ଇଟାଭାଟି ଲାଗାଇବାରୁ କେତେକ ସ୍ଥାନରେ ଗ୍ରାମବାସୀମାନେ କୋଇଲା ଧୂଆଁରେ ଅଣନିଶ୍ୱାସୀ ହୋଇପଡୁଛନ୍ତି। ଏଣେ ବିଦ୍ୟୁତ କାଟ ଯୋଗୁଁ ଲୋକମାନେ ନାହିଁନଥିବା ଅସୁବିଧା ଭୋଗୁଥିବା ବେଳେ ଇଟା ଭାଟି ନିଆଁ ଆହୁରି ଅତିଷ୍ଠ କରିଛି। ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେଇ ବେଆଇନ ଇଟାଭାଟି ବନ୍ଦ କରିବା ଦିଗରେ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଛତୁ ଫୁଟିଲା ଭଳି ବଢି ଚାଲିଛି ବେଆଇନ ଇଟାଭାଟି

ଧରାକୋଟ, (ଭାସ୍କର ନ୍ୟୁଜ୍): ଧରାକୋଟ ବ୍ଲକ ଅନେକ ସ୍ଥାନରେ ଖୋଲା ଖୋଲି ଇଟା ମାଫିଆଙ୍କ ରାଜ ଚାଲିଛି। ପ୍ରଶାସନ ନିୟମକୁ ବେଖାତିର କରି ସବୁଠି ଗଢି ଉଠିଛି ବେଆଇନି ଇଟା ଭାଟି। ପ୍ରଦୂଷଣ ଆଇନକୁ ଆଖିଠାର ମାରି ରାଜସ୍ୱ ବିଭାଗକୁ ହାତର କରି କରିଛନ୍ତି ରାଜ। କୋଇଲା ଓ ଖାଇରେ ଇଟା ପୋଡି ପରିବେଷଣ ପ୍ରଦୂଷଣ କରୁଥିଲେ ମଧ୍ୟ ସେଥିପ୍ରତି ସତେ ଯେମିତି ପ୍ରଶାସନ ର ନିଘା ନାହିଁ। ଏପରିକି ଅନେକ ଇଟା ଭାଟିରେ ଶିଶୁ ଶ୍ରମିକମାନେ ଶ୍ରମ ଦାନ କରୁଥିବାର ମଧ୍ୟ ନଜିର ରହିଛି। ତଥାପି ପ୍ରଶାସନ ସବୁ ଦେଖି ଚୁପ। ପ୍ରଶାସନ ପକ୍ଷରୁ ବେଆଇନ କାରବାରକୁ ରୋଖିବା ଓ ରାଜସ୍ୱ ସଂଗ୍ରହକୁ ଗୁରୁତ୍ୱର ଦିଆଯିବା ସହ ଜଳ, ଜମି, ଜଙ୍ଗଲ ଗ୍ରାମ



ପରିବେଶ ସୁରକ୍ଷାକୁ ସରକାରଙ୍କ ପକ୍ଷରୁ ଗୁରୁତ୍ୱର ଦିଆ ଯାଉଥିବା ବେଳେ ଧରାକୋଟ ତହସିଲ ଅଞ୍ଚଳ ରେ ଏହାର ଘୋର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଧରାକୋଟ ତହସିଲରେ ଛତୁ ଫୁଟିଲା ଭଳି ଗଢି ଚାଲିଛି ବେଆଇନ ମାଟି ଇଟା ଭାଟି। ସବୁଠାରୁ ଉଦବେଗର ବିଷୟ ହେଲା, ବର୍ତ୍ତମାନ କିଛିଦିନ ହେଲା ଜଙ୍ଗଲ ଧୂଆଁରୁ ଧରାକୋଟ ଅଞ୍ଚଳ ବାସିନ୍ଦା ମୁକ୍ତି ପାଇ ଥିବା ବେଳେ ଏବେ ପୋଡା ଯାଉଥିବା ମାଟି ଇଟା ର ଧୂଆଁ ଗ୍ରାମାଅଞ୍ଚଳ ରେ ପରିବେଶ ପ୍ରଦୂଷଣ କରିବା ସାଙ୍ଗକୁ ଜନସାଧାରଣଙ୍କ ମୁଣ୍ଡ ବିନ୍ଧାର କାରଣ ପାଲଟିଛି। ଏହି ବେଆଇନ ଇଟାଭାଟି ଧରପଗଡ଼ ରୋକିବା ପାଇଁ ଖୋଦ ଉପଜିଲ୍ଲାପାଳ ମହାଶୟ ସ୍ଥାନୀୟ ତାହସିଲକୁ ନିର୍ଦ୍ଦେଶ ଦେବାପରେ ବି କୌଣସି କାଯ୍ୟାନୁଷ୍ଠାନ ନିଆ ଯାଇନଥିବା ଦେଖିବାକୁ ମିଳିଛି। ଏପରିକି ଧରାକୋଟ ତହସିଲର ବିଭିନ୍ନ ସର୍କଲରେ ଯଥା ଧରାକୋଟ, ସିଙ୍ଗିପୁର, କାଇଠିରା, ଝଡ଼ବାନ୍ଧ, ପଣିବନ୍ଧ, ପୁଟୁ, ମୁଣ୍ଡମରାଇ, ଦଶମଇଲି, ବେଠୁଆର, ଲକ୍ଷ୍ମୀପୁର, ଦାମଦରପଲ୍ଲୀ, ଓଳମ୍ବା, ଚାରିଛକ, ତାଳପାଟଣା, କ. ରାମଚନ୍ଦ୍ରପୁର, ବରଡାବାଲି, ଭରତପଲ୍ଲୀ, ମାଣିକ୍ୟପୁର, ସୁନାପଲ୍ଲୀ, ଜଗମୋହନ, କାନିଗିରିଡି ଆଦି ସ୍ଥାନରେ ବେଆଇନ ଇଟାଭାଟି ଇଟାଭାଟି ରହିଥିବା ବେଳେ ପ୍ରଶାସନ ନିରବ। ଯାହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଛି।

## ବିବାହ ପ୍ରତିଶ୍ରୁତି ଦେଇ ଦୁଷ୍କର୍ମ

କରଞ୍ଜିଆ, (ଭାସ୍କର ନ୍ୟୁଜ୍): କରଞ୍ଜିଆ ଥାନା ଅନ୍ତର୍ଗତ ଛେଳିଆପୋଷିରେ ବିବାହର ପ୍ରତିଶ୍ରୁତି ଦେଇ ଦୁଷ୍କର୍ମ ହୋଇଥିବା ଅଭିଯୋଗ ହୋଇଛି। ଘଟଣା ଅନୁଯାଇ ଛେଳିଆପୋଷି ଗ୍ରାମର ବିରେନ ମୁର୍ମୁ ନାମକ ଯୁବକ ସେହି ଗ୍ରାମର ଜଣେ ୨୦ ବର୍ଷୀୟା ଯୁବତୀଙ୍କୁ ବିବାହ କରିବି କହି ବାରମ୍ବାର ତାଙ୍କୁ ଦୁଷ୍କର୍ମ କରିଚାଲିଥିଲା। ହେଲେ ଦୁଲାରୀ ବିବାହ କରିବାକୁ ଜିଦ କରିବାରୁ ବିରେନ ସଫା ସଫା ମନା କରିଦେଇଥିଲା। ଫଳରେ ଦୁଲାରୀ କରଞ୍ଜିଆ ଥାନାରେ ବିରେନ ମୁର୍ମୁଙ୍କ ନାମରେ ଦୁଷ୍କର୍ମ ଅଭିଯୋଗ ଦାୟର କରିଥିଲେ। ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅନ୍ୟପକ୍ଷେ ଅଭିଯୁକ୍ତ ଫେରାର ହୋଇ ଯାଇଥିବା ଜଣାପଡ଼ିଛି।

## ଘୁଷୁରୀ ଚୋରିକୁ କେନ୍ଦ୍ରକରି ମାର୍‌ପିଟ୍

ବାଲିପାଟଣା, (ଭାସ୍କର ନ୍ୟୁଜ୍) : ଘୁଷୁରୀ ଚୋରିକୁ କେନ୍ଦ୍ର କରି ଦୁଇ ପକ୍ଷ ପରସ୍ପର ମଧ୍ୟରେ ମାର୍‌ପିଟ ହୋଇ ପାଞ୍ଚ ଜଣ ଆହତଙ୍କ ମଧ୍ୟରୁ ଦୁଇ ଜଣ ଗୁରୁତର ହୋଇ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବେଳେ ଦୁଇ ଥାନାରେ ଅଟକ ଥିବା ସୂଚନା ମିଳିଛି। ମିଳିଥିବା ସୂଚନା ଅନୁଯାୟୀ ବାଲିପାଟଣା ଥାନା ଅନ୍ତର୍ଗତ ଚଢେଇବର ଗ୍ରାମ ଦିଲ୍ଲିପ ଦାଶ (୩୦) ପିତା ପୂର୍ଣ୍ଣ ଚନ୍ଦ୍ର ଦାଶ ଙ୍କ ପାଖକୁ ଘୁଷୁରୀ କିଣିବା ପାଇଁ ଏହି ଥାନା ଅନ୍ତର୍ଗତ ସୋମଣା ଶାସନ ଗ୍ରାମର ବାପି ଦାଶ (୩୦) ପିତା ଅଶୋକ ଦାଶ ଏବଂ ତାଙ୍କ ସାଥି ଆସିଥିଲେ ଏବଂ ମୁଲଚାଲ କରି ଫେରି ଯାଇଥିଲେ। ଗତକାଲି ବିଳମ୍ବିତ ରାତିରେ ଦିଲ୍ଲିପଙ୍କ ୫୦ଟି ଘୁଷୁରୀ ଚୋରି ହୋଇଯାଇଥିଲା ଯାହାର ଆନୁମାନିକ ତିନି ଲକ୍ଷ ଟଙ୍କା ହେବ। ଆଜି ବାପି ଦାଶ ଟୁକୁନା ଦାଶ (୩୨) ପିତା ପୂର୍ଣ୍ଣ ଦାଶ, ଅର୍ଜୁନ ଦାଶ (୧୬) ପିତା ଅଶୋକ ଦାଶ, ଅଶୋକ ଦାଶ (୩୮) ପିତା ଆହାନ ଦାଶ ଚଢେଇବର ଦେଇ ଯାଉଥିବା ବେଳେ ଦିଲିପ ଦାଶ, ଓଲା ଦାଶ ପିତା ପୂର୍ଣ୍ଣ ଦାଶ, ମୁନା ଦାଶ ପିତା ସୁର ଦାଶ, କହ୍ନେଇ ଦାଶ ପିତା ସୁର ଦାଶ, ମାନସ ଦାଶ ପିତା ଅଜୟ ଦାଶ ଚୋରି କରିଥିବା ସନ୍ଦେହରେ ସେମାନଙ୍କୁ ଅଟକାଇ ଗଣ୍ଡଗୋଳ କରିଥିଲେ ପରେ ଉଭୟ ପକ୍ଷରେ ମାର୍‌ପିଟ୍ ହୋଇ ପାଞ୍ଚ ଜଣ ଆହତ ହୋଇଥିଲେ ସେଥିମଧ୍ୟରୁ ବାପି ଏବଂ ଟୁକୁନା ଗୁରୁତର ହୋଇ ପ୍ରଥମେ ବାଳକାଟି ମେଡିକାଲ ଏବଂ ପରେ କ୍ୟାପିଟାଲ ହସ୍ପିଟାଲରେରେ ଭର୍ତ୍ତି ହୋଇଥିବା ଏବଂ କହ୍ନେଇ ଦାଶ ଏବଂ ମାନସ ଦାଶ ଥାନାରେ ଅଟକ ଥିବା ସୂଚନା ମିଳିଛି।

## ମରଣାନ୍ତକ ଆକ୍ରମଣ, ଜେଲ୍ ଗଲା ଯୁବକ

କରଞ୍ଜିଆ, (ଭାସ୍କର ନ୍ୟୁଜ୍): ସାମାନ୍ୟ ବଚସାକୁ କେନ୍ଦ୍ରକରି ମରଣାନ୍ତକ ଆକ୍ରମଣ କରି ଜେଲ ଗଲା ଯୁବକ. ଘଟଣା କ୍ରମେ କରଞ୍ଜିଆ ଥାନା ଅନ୍ତର୍ଗତ କୁଞ୍ଜିଆ ଗ୍ରାମ ରେ ଘଟିଛି ଓଘଟଣ, ସେହି କୁଞ୍ଜିଆ ଗ୍ରାମ ରେ ଅଶୋକ ହୋ, (୨୬) ପିତା ଦୁଲୁମ ହୋ ଓ ଜଗବନ୍ଧୁ ମହାନ୍ତ (୫୫) ର ଘର ତେବେ ଜଗବନ୍ଧୁ ମହାନ୍ତ ଅଶୋକ ହୋ କୁ ଦେଖିଲେ କମେଣ୍ଟ ମାରେ ତେବେ ଗତ ୧୧ ତାରିଖ ଦିନ ଗ୍ରାମ ରାସ୍ତା ରେ ଅଶୋକ ହୋ ଯାଉଥିବାବେଳେ ଜଗବନ୍ଧୁ ମହାନ୍ତ କମେଣ୍ଟ କରିଛି ଏହି କଥା ରେ ଉଭୟ ପାଟିତୁଣ୍ଡ କରିଥିଲେ। ଏଥିରେ ରାଗିଯାଇ ଅଶୋକ ନିଜ ଘରକୁ ଯାଇ ଏକ ଟାଙ୍ଗିଆ ଆଣି ଜଗବନ୍ଧୁ ମହାନ୍ତଙ୍କୁ ହାଣି ଥିଲା ଯୋଉଥିରେ ଜଗବନ୍ଧୁ ଆହତ ହୋଇ କରଞ୍ଜିଆ ଡାକ୍ତର ଖାନା ରେ ଚିକିତ୍ସାନିମନ୍ତେ ଆସିଥିଲା ହେଲେ ଜଗବନ୍ଧୁ ମୁମୁର୍ଷୁ ଅବସ୍ଥାରେ ଥିବାରୁ ତାଙ୍କୁ କେନ୍ଦୁଝର ପୁଣି କେନ୍ଦୁଝର ରୁ କଟକ ସ୍ଥାନାନ୍ତର କରାଯାଇଛି. ଏହି ଗଜଟଣାରେ ଜଗବନ୍ଧୁଙ୍କ ଝିଅ ସାବିତ୍ରୀ ମହାନ୍ତ୧୩ ତାରିଖ ଦିନ କରଞ୍ଜିଆ ଥାନା ରେ ଅଭିଯୋଗ କରିଥିଲେ ତାଙ୍କ ଅଭିଯୋଗ କୁ ଭିତ୍ତିକରୀ ଥାନାରେ ୪୫୧/୨୩ ନମ୍ବରରେ ମାମଲା ରୁଜୁ କରି ଅଭିଯୁକ୍ତ ଅଶୋକ ହୋକୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି ପୋଲିସ। ଏହି ଘଟଣା ର ତଦନ୍ତ ଭାର ଥାନା ଏସ ଆଇ ଅଜୟ କୁମାର ରାଉଳଙ୍କୁ ଦାୟିତ୍ୱ ଦିଆଯାଇଛି ବୋଲି ଆଇଆଇସି ସୁଚନ୍ଦ୍ର ମହାଳିକ ସୂଚନା ଦେଇଛନ୍ତି।

## ପୁଲୱାମା ସହିଦଙ୍କୁ ଶ୍ରଦ୍ଧାଞ୍ଜଳି

କେନ୍ଦ୍ରାପଡା, (ଭାସ୍କର ନ୍ୟୁଜ୍): ସାମାଜିକ ସଂଗଠନ 'ଜୟରାଷ୍ଟ୍ର' ପକ୍ଷରୁ ପୁଲୱାମା ଦିବସ ସ୍ଥାନୀୟ ପବ୍ଲିକ ରିଡିଂରୁମ ପରିସରରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଦୁଇମିନିଟ ନୀରବ ପ୍ରାର୍ଥନା କରାଯିବା ସହିତ ସହିଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ବରିଷ୍ଠ ସାମ୍ବାଦିକ ମାତୃଦ□ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ପୁଲୱାମାରେ ସହିଦ ହୋଇଥିବା ଭାରତୀୟ ଜବାନମାନଙ୍କ ବଳିଦାନ ଯୁବସମାଜ ପାଇଁ ଏକ ପ୍ରେରଣାର ଉତ୍ସହୋଇ ରହିବ ବୋଲି ବକ୍ତାମାନେ କହିଥିଲେ । ଦେଶର ସୁରକ୍ଷା ପାଇଁ ପ୍ରତି ଭାରତୀୟ ସଦାସର୍ବଦା ଜାଗ୍ରତ ରହିବା ପାଇଁ ଅତିଥିମାନେ ବକ୍ତବ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରଶ୍ମିରଞ୍ଜନ ସ୍ୱାଇଁ, ନିହାର ରଞ୍ଜନ ପରିଡା, ବଳରାମ ବେହେରା, ଦୁର୍ଗାଚରଣ ପତି, ମୃତ୍ୟୁଞ୍ଜୟ ପରିଡା, ଜଗବନ୍ଧୁ ବେହୁରା, କବିତା ପ୍ରଧାନ, ବାସନ୍ତୀ ମହାପାତ୍ର, ରାଜେନ୍ଦ୍ର ମହାପାତ୍ର, ସୁଶାନ୍ତ ନାୟକ, ସୌମେନ୍ଦ୍ର ମଣ୍ଡଳ, ନିରଞ୍ଜନ ପରିଡା, ମାନସ ରଞ୍ଜନ ମଲ୍ଲ ପ୍ରମୁଖ ଏହି ସଭାରେ ଉପସ୍ଥିତ ଥିଲେ ।

## ଅଗ୍ନି ବିପନ୍ନଙ୍କୁ ସହାୟତା

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକ ତେସିଙ୍ଗା ପଞ୍ଚାୟତ ବିଶୋଳଶାସନ ଗ୍ରାମରେ ଗତ ରବିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିବାରୁ ୮ଗୋଟି ପରିବାର ସର୍ବସ୍ୱ ହରାଇ ନିସ୍ୱ ହୋଇପଡିଛନ୍ତି। ଖବର ପାଇ ଆଜି ବିଧାୟକ ପ୍ରଫୁଲ୍ଲ ସାମଲ ବିଶୋଳ ଠାରେ ପହଞ୍ଚି ବିପନ୍ନ ପରିବାରକୁ ସମବେଦନା ଜଣାଇବା ସହ ମାଗଣା ରନ୍ଧାଖାଦ୍ୟ ଯୋଗାଇଦେବାକୁ ବିଡ଼ିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ବ୍ଲକ ଅଧ୍ୟକ୍ଷା ସୁମତି ସେଠୀ, ଜିଲ୍ଲା ପରିଷଦ ସଭ୍ୟ ବଦ୍ରିନାରାୟଣ ରାଉତ, ସମାଜସେବୀ ରାଜେନ୍ଦ୍ର ଖଣ୍ଡାଇଙ୍କ ସମେତ ପଞ୍ଚାୟତ ସ୍ତରୀୟ ନେତୃତ୍ୱ ମାନେ ଉପସ୍ଥିତ ଥିଲେ।ସେହିପରି ସୋମବାର ଦିନ ବିଜୁମହିଳା ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦିକା ସୁଜାତା ଜେନା ବିପନ୍ନ ମାନଙ୍କୁ ଭେଟି ସମବେଦନା ଜଣାଇବା ସହ ବସ୍ତ୍ର ଓ ସହାୟତା ପ୍ରଦାନ କରି ସ୍ଥାନୀୟ ବିଡିଓ ଓ ତହସିଲଦାରଙ୍କ ସରକାରୀ ସହାୟତା ପ୍ରଦାନ ପାଇଁ ପଦକ୍ଷେପ ନେବାକୁ ଆଲୋଚନା କରିଥିଲେ। ବିଜେପି ନେତା ବଦ୍ରିନାରାୟଣ ଧଳ, ଜିଲ୍ଲା ସମ୍ପାଦିକା ତପସ୍ୱିନୀ ମହାପାତ୍ର, ବସନ୍ତ କୁମାର ରାଉତ, କୈଳାସ ସାହୁ ପ୍ରମୁଖ ବିପନ୍ନଙ୍କୁ ଭେଟି ପାଲ ଓ ଶୁଖିଲା ଖାଦ୍ୟ ପ୍ରଦାନ କରିବାସହ ସମବେଦନା ଜଣାଇଛନ୍ତି। କଂଗ୍ରେସ ଜିଲ୍ଲା ସଭାପତି ସୁବ୍ରତ ଦାସ, ରଜନୀକାନ୍ତ ଚାନ୍ଦ,ବିଜୟ ମହାନ୍ତି ପ୍ରମୁଖ ଭେଟି ବାସନକୁସନ ଓ ଅନ୍ୟାନ୍ୟ ସାମଗ୍ରୀ ପ୍ରଦାନ କରିଥିଲେ।

## ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା କାର୍ଯ୍ୟରେ ଅନିୟମିତତା

କୋରେଇ, (ଭାସ୍କର ନ୍ୟୁଜ୍): କେନ୍ଦ୍ର ସରକାର ଗମନା ଗମନର ସୁଧାର ଆଣିବା ପାଇଁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ମାଧ୍ୟମରେ ରାସ୍ତା ଗୁଡିକୁ ଉନ୍ନତି କରଣ କରାଯାଉଛି। ବର୍ତ୍ତମାନ ସାରା କୋରେଇ ବ୍ଲକର ବିଭିନ୍ନ ଗ୍ରାମ୍ୟ ରାସ୍ତାରେ ଏହି ଯୋଜନାରେ କାର୍ଯ୍ୟ ଆରମ୍ଭ ହୋଇଛି। କୋଟି କୋଟି ଟଙ୍କା ବେୟ ବେରାଦରେ ରାସ୍ତା କାର୍ଯ୍ୟ ଚାଲୁଥିବା ବେଳେ ଅନେକ କାର୍ଯ୍ୟ ରେ ଅନିୟମିତତା ଦେଖିବାକୁ ମିଳୁଛି। ରାସ୍ତା କାମ ଚାଲୁଥିବା ବେଳେ ବିଭାଗୀୟ ଅଧିକାରୀ ରହୁନଥିବା ଅଭିଯୋଗ ହେଉଛି। ଯାହା ଫଳରେ ଠିକାଦାର ନିଜର ମନ ମାନି ଚଲାଇ ମୁନଫା କମାଇବାରେ ବ୍ୟସ୍ତ। କୋରେଇ ବ୍ଲକର ଏନଏଚ ୨୧୫ ଅମୃତିଆ ଭାୟା ଆଳିଆ, ବେଗନା, ମହୁଲିଆ ରାସ୍ତା କାମ ଅତି ନିମ୍ନମାନର ହେଉଥିବା ଅଭିଯୋଗ ଆଣିଛନ୍ତି ଉକ୍ତ ଗ୍ରାମବାସୀ। ଏହି ରାସ୍ତା କୃଷି କ୍ଷେତ୍ରକୁ ଲାଗି ରହିଥିବା ହେତୁ ପାଣି ନିଷ୍କାସନ ପାଇଁ କୌଣସି କଲଭଟ କରାଯାଉନାହିଁ, ପାଣି ମାଡ଼ ହେଉଥିବା ରାସ୍ତା ଉଭୟ ପାର୍ଶ୍ୱରେ କଂକ୍ରିଟ ୱାଲ ହେଉନାହିଁ,ରାସ୍ତା କଡ଼ରୁ ପୋକଲିନ ମେସିନ ଦ୍ୱାରା ମାଟି ଉଠାଇ ବଡ଼ବଡ଼ ଗର୍ତ୍ତମାନ ହେଉଛି। ଯାହାଦ୍ୱାରା ଖୁବ କମ ଦିନରେ ମୃତ୍ତିକା କ୍ଷୟ ହୋଇ ରାସ୍ତା ଧୋଇଯିବାର ଆଶଙ୍କା ଦେଖାଦେଇଛି, ଯେଉଁ ମାଟି ରାସ୍ତାରେ ପଡୁଛି ପାଣି ପଡି ରୋଲିଂ ହେଉନାହିଁ ଏବଂ ଯେଉଁ ବଜୁରୀ ରାସ୍ତାରେ ପଡୁଛି ଖୁବ କମ ପରିମାଣର ପଡୁଥିବା ଭଳି ଅନେକ ଅଭିଯୋଗ ଲିଖିତ ଭାବରେ ଚିଫ କନଷ୍ଟ୍ରକ୍ସନ ଇଞ୍ଜିନିଅରଙ୍କୁ ଅଭିଯୋଗ ଜଣାଇଛନ୍ତି। ଏଠି ପ୍ରଶ୍ନ ଉଠେ କାହା ବଳରେ ଠିକାଦାର ଏପରି ନିମ୍ନମାନର କାର୍ଯ୍ୟ କରିବା ବିଭାଗୀୟ ଅଧିକାରୀ ଜାଣି ଅଜଣା ହେବା କୋଉଠି ନା କୋଉଠି ଉଭୟଙ୍କ ମଧୁ ଚନ୍ଦ୍ରିକାରେ ଏପରି କାର୍ଯ୍ୟ ହେଉଥିବା ଆଲୋଚନା ହେଉଛି। ଖୋଦ ଗ୍ରାମ୍ୟଉନ୍ନୟନ ବିଭାଗର ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇଙ୍କ ପାଖ ବ୍ଲକ କୋରେଇ ହୋଇଥିବା ବେଳେ ଏପରି ନିମ୍ନମାନର କାର୍ଯ୍ୟ ହେଉଥିବା ଅଞ୍ଚଳର ବୁଦ୍ଧିଜୀବୀମାନେ ସହଜରେ ହଜମ କରି ପାରୁନାହାନ୍ତି। ଚର୍ଚ୍ଚା ହେଉଛି କୁଆଡେ ଜିଲ୍ଲା ର ବିଭିନ୍ନ ମୋହତ୍ସବ ପାଇଁ ଠିକାଦାରମାନେ ମୋଟା ଅଙ୍କର ଅର୍ଥ ଦେଇ ଏଭଳି ନିମ୍ନମାନର କାର୍ଯ୍ୟ କରୁଛନ୍ତି ଯାହାଫଳରେ ବିଭାଗୀୟ ଅଧିକାରୀମାନେ ମୁହଁରେ ତୁଣ୍ଡିଦେଇ ବସିଛନ୍ତି। ଯଥାଶୀଘ୍ର ପ୍ରଶାସନ ଉକ୍ତ ରାସ୍ତା କାର୍ଯ୍ୟ କୁ ଅନୁଧ୍ୟାନ କରି ଠିକ ଭାବରେ କାର୍ଯ୍ୟ କରିବାକୁ ଅଞ୍ଚଳ ବାସୀ ଦାବି କରୁଛନ୍ତି।

## ଆଶା ଓ ଅଙ୍ଗନବାଡି କର୍ମୀଙ୍କୁ କିଟ୍ସ ବଣ୍ଟନ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀର ବ୍ଲକ ବିଷ୍ଣୁପୁର ଓ ଜଳମଣ୍ଡୁଆ ଠାରେ ଆହ୍ୱାନ ଫାଉଣ୍ଡେସନ ପକ୍ଷରୁ ସ୍ୱାସ୍ଥ୍ୟ ଭିତ୍ତିକ ଉପକରଣ ବଣ୍ଟନ କରାଯାଇଛି। ଜିଲ୍ଲା ସଂଯୋଜକ ତଥା ନିର୍ଗୁଣ୍ଡି ସରପଞ୍ଚ ସତ୍ୟବ୍ରତ ପାଲଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ପ୍ରଣୀତକାନ୍ତି ସାମଲ ଯୋଗଦେଇ ଦୁଇଗୋଟି ପଞ୍ଚାୟତର ଆଶା ଓ ଅଙ୍ଗନବାଡି କର୍ମୀମାନଙ୍କୁ ଉପକରଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ସରପଞ୍ଚ ଅମୂଲ୍ୟ ନାୟକ, ସମିତିସଭ୍ୟ ଜଗତଜୀବନ ବାରିକ ପ୍ରମୁଖ ଏଥିରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଆହ୍ୱାନ ଫାଉଣ୍ଡେସନ ସଭ୍ୟ ସୁପ୍ରୀତ ମହାକୁଡ଼, ସଜନ ରାଉତ, ବଳରାମ ଦାସ, ଦୀପକ ଦାସ, ତାପସ ଦାସ, ଅତିଶ ଦାସ, ମିଥୁନ ମହାକୁଡ଼ ପ୍ରମୁଖ ପରିଚାଳନା କରିଥିଲେ।

## ଯୌତୁକ ଜନିତ ବଧୂ ହତ୍ୟା ଅଭିଯୋଗ

ଜଗତସିଂହପୁର, (ଭାସ୍କର ନ୍ୟୁଜ୍): ପୁଣି ଯୌତୁକ ଜୁଇରେ ଜଳିଲେ ମହିଳା। ପରିବାର ପକ୍ଷରୁ ଥାନାରେ ଏତଲା ଦିଆଯାଇଥିଲେ ସୁଧା ପୋଲିସ ଆସାମୀ ମାନଙ୍କୁ ଗିରଫ ନ କରି ଓଲଟା ଘଟଣାକୁ ରଫାଦଫା କରିବାକୁ ବାଧ କରୁଛି ପୀଡ଼ିତାଙ୍କ ପରିବାରକୁ। ଏଭଳି ସଂଗୀନ ଅଭିଯୋଗ ଆସିଛି ଜଗତସିଂହପୁର ଜିଲ୍ଲା ବନ୍ଦର ମେରାଇନ ଥାନା ଅନ୍ତର୍ଗତ ଫୁଲପାଟଣା ଅଞ୍ଚଳରୁ। ସୂଚନା ମୁତାବକ ଗତ ୨ ବର୍ଷ ତଳେ ପୁରୀ ଜିଲ୍ଲା କାକଟପୁର ଥାନା ଅନ୍ତର୍ଗତ ନଗର ଗ୍ରାମର ଲୋଚନ ବେହେରା ଓ ବୁଲା ବେହେରାଙ୍କ ଦ୍ୱିତୀୟ ଝିଅ ତଥା ୨୨ ବର୍ଷୀୟ ଟୁକୁନି ବେହେରା ଜଗତସିଂହପୁର ଜିଲ୍ଲା ବନ୍ଦର ମେରାଇନ ଥାନା ଫୁଲପାଟଣା ଗ୍ରାମର କାହ୍ନୁ ଚରଣ ବେହେରାଙ୍କ ପୁଅ



ସୁଜିତ ବେହେରାଙ୍କୁ ବିବାହ କରିଥିଲେ। ବିବାହ ସମୟରେ ଦାବି ମୁତାବକ କନ୍ୟାପକ୍ଷ ଯୌତୁକ ଦେଇଥିଲେ। ବିବାହର କିଛିଦିନ ପରେ ଅଧିକ ଯୌତୁକ ଦାବି କରି ଟୁକୁନିର ସ୍ୱାମୀ, ଶାଶୂ, ଶ୍ୱଶୂର, ନଣନ୍ଦ ଏବଂ ନଣଦେଇ ଯୌତୁକ ନିର୍ଯ୍ୟାତନା ଦେଇଥିଲେ। ଏହି ଖବର ଜାଣିବା ପରେ ଟୁକୁନିର ପରିବାର ଝିଅର ଶାଶୂଘରକୁ ଯାଇ ବାରମ୍ବାର ବୁଝାଶୁଝା କରିବା ସହ ଯୌତୁକ ଦେବା ପାଇଁ ଅକ୍ଷମତା ପ୍ରକାଶ କରିଥିଲେ। କିନ୍ତୁ ଗତ ଫେବୃୟାରୀ ୧୦ ତାରିଖ ରାତିରେ ଏହି ଯୌତୁକ ଲୋଭୀ ରାକ୍ଷସ ମାନେ ଟୁକୁନିକୁ ମାରି ରଶିରେ ଟାଙ୍ଗି ଦେବାର ଧମକ ଦେଇଥିଲେ। ଭୟଭୀତ ହୋଇପଡ଼ିଥିବା ଟୁକୁନି ନିଜ ପରିବାର ଲୋକଙ୍କୁ ଘଟଣା ସଂପର୍କରେ ଫୋନ ମାଧ୍ୟମରେ ଜଣାଇଥିଲେ ଏବଂ ତାଙ୍କୁ ଏଠାରୁ ନେଇଯିବା ପାଇଁ କହିଥିଲେ। କିନ୍ତୁ ରାତି ପ୍ରାୟ ୪ଟା ସମୟରେ ଟୁକୁନି ରଶି ଲଗାଇ ମୃତ୍ୟୁ ବରଣ କରିଥିବାର ଖବର ଶ୍ୱଶୂର କାହ୍ନୁ ଚରଣ ଦେଇଥିଲେ। ତେବେ ଏହା ଏକ ଉଦ୍ଦେଶ୍ୟ ପ୍ରଣୋଦିତ ହତ୍ୟାକାଣ୍ଡ ବୋଲି ଟୁକୁନିଙ୍କ ପରିବାର ଲୋକେ ବନ୍ଦର ମେରାଇନ ଥାନାରେ ଏତଲା ଦେଇଥିଲେ। କିନ୍ତୁ ବର୍ତ୍ତମାନ ସୁଧା ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ନ୍ୟାୟ ପାଇଁ ଆଜି ଜଗତସିଂହପୁର ଏସପିଙ୍କ ଦ୍ୱାରସ୍ଥ ହୋଇଛନ୍ତି ପୀଡ଼ିତାଙ୍କ ପରିବାର। ତେବେ ଆଗକୁ ପୋଲିସ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ତାହା ଦେଖିବାକୁ ବାକି ରହିଲା।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ



ଭୁବନ, (ଭାସ୍କର ନ୍ୟୁଜ୍): ଭୁବନ ସହର ଉପକଣ୍ଠସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୩ତମ ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ପ୍ରଭାତ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଢେଙ୍କାନାଳ ସାଂସଦ ମହେଶ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ସ୍ୱଳ୍ପ ଦରମାରେ ଶିଶୁ ମନ୍ଦିରର ଗୁରୁଜୀ, ଗୁରୁମାଙ୍କ ଉନ୍ନତମାନର ଶିକ୍ଷାଦାନ ଓ ପଠନ ଶୈଳୀକୁ ଉଚ୍ଚ ପ୍ରଶଂସା କରିଥିଲେ ଏବ ଂସାରା ରାଜ୍ୟରେ ଶିଶୁମନ୍ଦିର ନିଜର ସ୍ୱତନ୍ତ୍ର ସ୍ଥାନ ହାସଲ କରି ପାରିଛି ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟ ବକ୍ତାଭାବେ ବିଦ୍ୟାଭାରତୀର ସହମନ୍ତ୍ରୀ ପୂର୍ବକ୍ଷେତ୍ର ହେମନ୍ତ କୁମାର ପାଣିଗ୍ରାହୀ ଶିଶୁ ଗଠନ ଦିଗରେ ଗୁଣାତ୍ମକ ଶିକ୍ଷା ସଂପର୍କରେ ମାର୍ଗଦର୍ଶନ କରିଥିଲେ। ସମ୍ମାନିତ ଅତିଥି ଭାବେ ନଗରପାଳ ଶୁଭେନ୍ଦୁ କୁମାର ସାହୁ, ପୁରୀ ଗୋବର୍ଦ୍ଧନ ପୀଠ ଆଦିତ୍ୟ ବାହିନୀ ମହାସଚିବ ପଣ୍ଡିତ ମାତୃ ପ୍ରସାଦ ମିଶ୍ର ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟା ଇନ୍ଦୁଲତା ସାହୁ ବାର୍ଷିକ ବିବରଣୀ ପାଠ ମାଧ୍ୟମରେ ବିଦ୍ୟାଳୟର ସଫଳତା ସହିତ ଅଭାବ ଅସୁବିଧା ସଂପର୍କରେ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରିଚାଳନା କମିଟି ସଂପାଦକ ଜଗବନ୍ଧୁ ବିହାରୀ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଯୁଗ୍ମ ସଂପାଦକ ନିରଂଜନ ଗୁରୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ୩୩ ଜଣ କୃତୀ ବିଦ୍ୟାର୍ଥୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ଶିଶୁମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସମସ୍ତ ଗୁରୁଜୀ, ଗୁରୁମା ସକ୍ରିୟ ଅଂଶଗ୍ରହଣ ଓ ସହଯୋଗ କରିଥିଲେ।

## ସାଇବର ଠକାମିର ଶିକାର ହେଲେ ଆଡ୍‌ଭୋକେଟ୍

ବାଲିପାଟଣା, (ଭାସ୍କର ନ୍ୟୁଜ୍): ବାଲିପାଟଣା ଥାନା ଅନ୍ତର୍ଗତ ମଝିହରା ଗ୍ରାମର ଆଡ୍‌ଭୋକେଟ୍ ଲକ୍ଷ୍ମୀଧର ତ୍ରିପାଠୀଙ୍କୁ ଗତ ଜାନୁଆରୀ ମାସ ୯ ତାରିଖ ଦିନ ସଂଧ୍ୟା ୬ଟା ସମୟରେ ଏକ ଫୋନ୍ ଆସିଥିଲା। ଫୋନ୍ କରିଥିବା ଅଭିଯୁକ୍ତ ନିଜକୁ ବାଲିପାଟଣା ଷ୍ଟେଟ୍ ବ୍ୟାଙ୍କ ମ୍ୟାନେଜର ପରିଚୟ ଦେଇ ଲକ୍ଷ୍ମୀଧରଙ୍କୁ ତାଙ୍କର ଏଲ୍‌ଆଇସି ଟଙ୍କା ଏକ ଲକ୍ଷ ୨୩ ହଜାର ଆସିଥିବା କହି ସେହି ଟଙ୍କାକୁ ତାଙ୍କ ଆକାଉଣ୍ଟରେ ପଠାଇବା ପାଇଁ ହେଲେ ଏକ ଲିଙ୍କ୍ ମାଧ୍ୟମରେ ଟଙ୍କା ପଠାଇ ବାକୁ କହିଥିଲେ। ଏହି କଥାକୁ ବିଶ୍ୱାସ କରି ଲକ୍ଷ୍ମୀଧର ଅଭିଯୁକ୍ତର କଥା ଅନୁସାରେ ଲିଙ୍କ ମାଧ୍ୟମରେ ୮୦ ହଜାର ଟଙ୍କା ପଠାଇଥିଲେ। ଆଶ୍ଚର୍ଯ୍ୟର କଥା ହେଉଛି ଲକ୍ଷ୍ମୀଧରଙ୍କ ପୁଅ ବାରମ୍ବାର ମନା କରିବା ସତ୍ତ୍ୱେ ଠକ କଥାକୁ ବିଶ୍ୱାସ କରି ଟଙ୍କା ପଠାଇ ଥିଲେ। ସେହିଦିନ ବ୍ୟାଙ୍କକୁ ଆସି ୮୦ ହଜାର ଟଙ୍କା ହଡପ ହୋଇଥିବା ଜାଣିବାକୁ ପାଇଥିଲେ। ଲକ୍ଷ୍ମୀଧର ସାଇବର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଅଭିଯୁକ୍ତ ସାକ୍ଷୀଗୋପାଳସ୍ଥିତ ହିରନ୍ୟପଦା ଗ୍ରାମର ସୁପ୍ରଭାତ ମହାପାତ୍ର(ପୁପୁନ୍)କୁ ସାଇବର ଥାନା ପୋଲିସ ଗତ କାଲି ଗିରଫ କରିଥିବା ସୁଚନା ମିଳିଛି।

## ପ୍ରାଣୀ ଚିକିତ୍ସାଳୟ ଗୃହ ନିର୍ମାଣରେ ଅନିୟମିତତା, ବର୍ଷିଲେ ବିଧାୟକ

ବାଲିପାଟଣା, (ଭାସ୍କର ନ୍ୟୁଜ୍): ପ୍ରାଣୀ ଚିକିତ୍ସାଳୟ ଗୃହ ନିର୍ମାଣ କୁ ଅଚାନକ ପରିଦର୍ଶନ ରେ ଆସି ନିର୍ମାଣ ଅନିୟମିତତା କୁ ନେଇ ବିଧାୟକ ବର୍ଷିଲେ। କଥାରେ ଅଛି ଘରେ ନପଶୁଣୁ ଚାଳ ବାଜିଲାଣି।ସେହିପରି ଦୃଶ୍ୟ ଦେଖିବାକୁ ମିଳିଛି ବାଲିପାଟଣା ପ୍ରାଣୀ ଚିକିତ୍ସାଳୟ ପରିସରରେ ନବ ନିର୍ମାଣ କରାଯାଉଥିବା ଗୃହ କ୍ଷେତ୍ରରେ। ଏଠାରେ ଉଲ୍ଲେଖଯୋଗ୍ୟ ବାଲିପାଟଣା ବଜାର କେନ୍ଦ୍ର ସ୍ଥଳରେ ଥିବା ପ୍ରାଣୀ ଚିକିତ୍ସା କେନ୍ଦ୍ର ଦୀର୍ଘ ଦିନ ହେଲାଣି ପ୍ରଶାସନିକ ଅବହେଳାର ଶିକାର ହୋଇ ଆସିଛି।ବ୍ୟବହାର ନହେବାରୁ ତଥା ବିଭାଗୀୟ ଅଧିକାରୀମାନଙ୍କ ଅପାରଗତାରୁ ବହୁ ପୁରାତନ ଏହି ଚିକିତ୍ସା କେନ୍ଦ୍ର ଭୁତ କୋଠିରେ ପରିଣତ ହୋଇଥିଲା। ଏପରିକି ବର୍ଷା ଦିନେ ଚିକିତ୍ସା କେନ୍ଦ୍ର ଯିବାପାଇଁ ଡଙ୍ଗା ଆବଶ୍ୟକ ପଡିଥାଏ।ତେବେ ଯାହା ହେଉ ବାରମ୍ବାର ଗଣ ମାଧ୍ୟମରେ ଖବର ପ୍ରକାଶିତ ହେବା ପରେ ଓଡିଶା ସରକାରଙ୍କ ନିଦ



ଭାଙ୍ଗିଥିଲା।ପ୍ରଥମ ପର୍ଯ୍ୟାୟରେ କେବଳ ଅଫିସ ଗୃହ ନିର୍ମାଣ ପାଇଁ ପ୍ରାୟ ପଚାଶ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ଓସିସି ଗୃହ ନିର୍ମାଣ କରିବାର ଦାୟିତ୍ୱ ନେଇଥିଲେ ମଧ୍ୟ ବାସ୍ତବରେ କାର୍ଯ୍ୟ କିଏ କରୁଛି ଏବଂ କେଉଁ ଆଧାରରେ କରୁଛି ତାହା ଏବେ ମଧ୍ୟ ଅନ୍ଧାରରେ। ଏପରିକି ପକୃତ ବ୍ୟୟ ଅଟକଳ କେତେ ? କେତେ ସ୍କୋୟାର ଫୁଟର ଗୃହ ନିର୍ମାଣ କରାଯାଉଛି ? କେଉଁ ମେଟେରିଆଲ ବ୍ୟବହାର କରାଯିବ ? ପ୍ଲିଣ୍ଟ ଲେବୁଲ କେତେ ? ଯେଉଁ ସିମେଣ୍ଟ ଓ ରଡ଼ ବ୍ୟବହାର କରାଯାଉଛି ସବୁକିଛି ଅନ୍ଧାରରେ। ଏହାର ମୁଖ୍ୟ କାରଣ ହେଉଛି ସୂଚନା ଫଳକ।ନିୟମ ଅନୁସାରେ କୌଣସି ଜାଗାରେ କଂଷ୍ଟ୍ରକ୍ସନ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ଆଗ କାର୍ଯ୍ୟର ବିସ୍ତୃତ ବିବରଣୀ ଥାଇ ସୂଚନା ଫଳକ ସେଠାରେ ମରାଯିବା କଥା ମାତ୍ର ଏଠାରେ କିନ୍ତୁ ନିୟମର ଧଜିଆ ଉଡାଇଦେଇଛନ୍ତି ବିଭାଗୀୟ ଅଧିକାରୀ।ନିଜସ୍ୱ ଗୃହ ନିର୍ମାଣ କରିବା ପରି ଚାରିପଟେ ନେଳି ଜାଲ ଘେରାଇ ଭିତରେ ଚାଲିଛି ମନୋମୁଖୀ କାର୍ଯ୍ୟ। ଛାତ ପଡିବା ପାଇଁ ରଡ଼ ଭିଡାହେଲାଣି ହେଲେ ସାଧାରଣ ଲୋକ ଠାରୁ ସ୍ଥାନୀୟ ପ୍ରଶାସନ ଏପରିକି ଖୋଦ ବିଧାୟକ ମଧ୍ୟ ଆଜି ପୂର୍ବରୁ ଜାଣି ନାହାଁନ୍ତି କାମ କେଉଁ ବିଭାଗ କରୁଛି ଓ କେତେ ଟଙ୍କାର କାର୍ଯ୍ୟ।ପୁନଃ ଘରର ସିଡି ମଧ୍ୟ ତିଆରି ହେଉନାହିଁ।ଆଜି ଏ ସମ୍ପର୍କିତ ଅଭିଯୋଗ ବିଧାୟକ ଡ ଅରବିନ୍ଦ ଢ଼ାଲିଙ୍କ ପାଖରେ ପହଞ୍ଚିବା ପରେ ସେ ତୁରନ୍ତ ଘଟଣା ସ୍ଥଳକୁ ଆସିଥିଲେ। ବିଧାୟକ ଏହି ଅଚାନକ ଗସ୍ତ ଦେଖି କାମ କରୁଥିବା କୁଜି ଠିକାଦାର ତଟସ୍ଥ ହୋଇ ଯାଇଥିଲେ।ବିଧାୟକ ପହଞ୍ଚିବା ସମୟରେ ଛାତ ପଡ଼ିବାକୁ ଶ୍ରମିକ ମାନେ ରଡ଼ ଭିଡୁଥିଲେ ମଧ୍ୟ ନିକଟରେ କୌଣସି ଯନ୍ତ୍ରୀ ଉପସ୍ଥିତ ନଥିଲେ। ବିଧାୟକ ଏହାକୁ ନେଇ ସୁପରଭାଇଜରଙ୍କୁ ପ୍ରଶ୍ନ କରିଥିଲେ ମଧ୍ୟ ସେ କିଛି ସନ୍ତୋଷ ଜନକ ଉତ୍ତର ଦେଇ ପାରିନଥିଲେ। ସୂଚନା ଫଳକ ନଥିବାରୁ ଭୀଷଣ ବିରକ୍ତ ହୋଇଥିଲେ ବିଧାୟକ। ଏଥି ସହିତ ସେ ବିଧାନସଭାରେ ଏ ସମ୍ପର୍କରେ ପ୍ରଶ୍ନ କରିବେ ବୋଲି ଗଣ ମାଧ୍ୟମ ଆଗରେ ପ୍ରକାଶ କରିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ବାଲିପାଟଣା ବ୍ଲକ ଅଫିସ ଠାରୁ ମାତ୍ର ଶହେ ମିଟର ଦୂରରେ ଏପରି ନିମ୍ନମାନର କାର୍ଯ୍ୟ ଓ ନିୟମ ବହିର୍ଭୁତ କାର୍ଯ୍ୟ ଚାଲୁଥିବାକୁ ସ୍ଥାନୀୟ ବୁଦ୍ଧିଜୀବୀମାନେ ସହଜରେ ଗ୍ରହଣ କରିପାରି ନାହାନ୍ତି।

## ଜଗନ୍ନାଥଙ୍କ ଜମିରୁ ମୂଲ୍ୟବାନ ଗଛ କାଟିନେଲେ



ନିମାପଡା, (ଭାସ୍କର ନ୍ୟୁଜ୍): ନିମାପଡା ତହସିଲ ଅଞ୍ଚଳରେ ଶହ ଶହ କୋଟି ଟଙ୍କାର ଜମିରେ ଥିବା ମୂଲ୍ୟବାନ ଗଛକୁ ପ୍ରଭାବଶାଳୀ ଦଳୀୟ କର୍ମୀ ବିକିଦେବା ସହ ଜାଗାକୁ ଜବରଦଖଲ କରି ରଖିଛନ୍ତି। ଅନେକ ସ୍ଥାନରେ ସରକାରୀ ଜମିକୁ ଜବରଦଖଲ କରାଯାଇ ମାଟି ଓ ବାଲି ଉଠାଯାଉଛି । ବାରମ୍ବାର ଏ ଦିଗରେ ପ୍ରତିବାଦର ସ୍ୱର ଉଠୁଥିଲେ ମଧ୍ୟ ତହସିଲଦାର କୌଣସି ପଦକ୍ଷେପ ନେଉନାହାଁନ୍ତି। ଯାହାପାଇଁ ବ୍ୟାପକ ପରିମାଣର ସରକାରଙ୍କ ଭୂସମ୍ପତ୍ତି ଲୁଣ୍ଠନ ହେବା ସହ ମୂଲ୍ୟବାନ ଗଛ ଚୋରି ହେଉଛି। ମିଳିଥିବା ସୂଚନା ଅନୁଯାୟୀ ପୁରୀ ଜିଲ୍ଲା ନିମାପଡା ତହସିଲ ଅରିଷଣ୍ଡ ରାଜସ୍ୱ ମୌଜାରେ ଥିବା ତାଳବଣିଆ ବାଲିତୋଟାରେ ଆକାଶୀ, ପଟାଶ, ଶଗୁଆନ, ତାଳ, ଲୁମ୍ବ ଆଦି ବିଭିନ୍ନ କିସମର ଗଛ ରହିଛି। କେତେକ ବ୍ୟକ୍ତି ଏହି ଗଛକୁ ବିକ୍ରି କରୁଥିବା ବେଳେ କଣ ପାଇଁ ତହସିଲଦାର ନିରବ ରହୁଛନ୍ତି, ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ଜନମତ ପ୍ରକାଶ ପାଇଛି । ରାଜସ୍ୱ ବିଭାଗ ତହସିଲଦାରଙ୍କୁ ପତିତ ଅନାବାଦୀ ଗୋଚର ରକ୍ଷିତ ଉନ୍ନତ ଯୋଜନାରେ ଥିବା ଜମିକୁ ରକ୍ଷଣାବେକ୍ଷଣ ପାଇଁ ଦେଇଥିବା ବେଳେ ତହସିଲ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ୧୯୨୭ ମସିହା ବନ୍ଦୋବସ୍ତରେ ଜଗନ୍ନାଥ ମହାପ୍ରଭୁ ମାଫର୍ତ ଶ୍ରୀନିବାସ ରାମାନୁଜ କାଳିକା ଦେବୀ ସାହି ପୁରୀଙ୍କ ନାମେର ଭୂ ସମ୍ପତ୍ତି ରହିଅଛି। ୫୦ ଏକରରୁ ଉର୍ଦ୍ଧ୍ୱ ବାଲିତୋଟା ଖରପଡିଆ ବନ୍ଦେହବସ୍ତ ତୋଟା, ବଗତୋଟ, ବଡଦଣ୍ଡା ଆଦି ଜମିକୁ ଜବରଦଖଲକାରୀମାନେ ଜବରଦଖଲ କରି ରଖିଥିବା ବେଳେ କେତେକ ରାସ୍ତାକୁ ନିଜ ଦଖଲକୁ ନେଇ ରାସ୍ତା ଓ ଜମି ଉପରେ ବେଆଇନ ଗୃହ ନିର୍ମାଣ କରିଥିବା ବେଳେ କ'ଣ ପାଇଁ ତହସିଲଦାର ପଦକ୍ଷେପ ନେଉନାହାଁନ୍ତି। ଏନେଇ ଧୀରେଧୀରେ ଜନଅସନ୍ତୋଷ ବଢିବାରେ ଲାଗିଛି।



ନୂଆଦିଲ୍ଲୀ: ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆର୍‌ଏସ୍‌ଏସ୍) ୨୦୨୫ରେ ନିଜର ଶତାବ୍ଦୀ ବର୍ଷ ପାଳନ କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଛି। ଏହା ପୂର୍ବରୁ ଆର୍‌ଏସ୍‌ଏସ୍ ଅଯୋଧ୍ୟାରେ ନିଜର ଏକ ମୁଖ୍ୟାଳୟ କରିବାକୁ ଇଚ୍ଛାପ୍ରକାଶ କରି ଆବାସ ବିକାଶ ପରିଷଦ ଠାରେ ୧୦୦ ଏକର ଜମି ପାଇଁ ଆବେଦନ କରିଛି। ସଂଘ ଏହି ଜମି ଗ୍ରୀନ୍ ଫିଲ୍ଡ୍‌ସିପ୍ ଯୋଜନାରେ ନେବାକୁ ଚାହୁଁଛି। ଯଦି ସବୁକିଛି ଠିକ୍‌ଠାକ୍ ହୁଏ ତେବେ ଅଯୋଧ୍ୟା ଆର୍‌ଏସ୍‌ଏସ୍‌ର ଗଡ଼ ଭାବେ ପରିଚିତିଲାଭ କରିବ। ବର୍ତ୍ତମାନ ନାଗପୁରଠାରେ ଆର୍‌ଏସ୍‌ଏସ୍‌ର ମୁଖ୍ୟାଳୟ ରହିଛି। ପାଖାପାଖି ୧ଏକର ଜମିରେ ଏହା ନିର୍ମାଣ ହୋଇଛି।

# 'ସମୃଦ୍ଧି ପାଇଁ ସାମୂହିକ ସୁରକ୍ଷା ଅନିବାର୍ଯ୍ୟ'

ବେଙ୍ଗାଲୁରୁ: ବେଙ୍ଗାଲୁରୁ ଠାରେ ଏରୋ ଇଣ୍ଡିଆ ୨୦୨୩ ଅବସରରେ ଆୟୋଜିତ ହୋଇଥିବା ପ୍ରତିରକ୍ଷା ମନ୍ତ୍ରୀ ମାନଙ୍କ ସମ୍ମିଳନୀରେ ରକ୍ଷା ମନ୍ତ୍ରୀ ଶ୍ରୀ ରାଜନାଥ ସିଂହ ୨୭ ଟି ଦେଶର ପ୍ରତିରକ୍ଷା ଏବଂ ସହ ପ୍ରତିରକ୍ଷା ମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ । ଏହି ସମ୍ମିଳନୀର ମୁଖ୍ୟ ବିଷୟବସ୍ତୁ ଥିଲା ପ୍ରତିରକ୍ଷା କ୍ଷେତ୍ରରେ ବର୍ଦ୍ଧିତ ନିୟୋଜନ ଜରିଆରେ ଭାଗିଦାରୀ ସମୃଦ୍ଧି। ଏଥିରେ ସାମର୍ଥ୍ୟ ନିର୍ମାଣ ପାଇଁ ସହଯୋଗକୁ ଗଭୀର କରିବା (ନିବେଶ, ଗବେଷଣା ଏବଂ ଉନ୍ନୟନ, ମିଳିତ ଉଦ୍ୟୋଗ, ସହ - ବିକାଶ, ସହ - ଉତ୍ପାଦନ ଏବଂ ପ୍ରତିରକ୍ଷା ଉପକରଣ ଗୁଡ଼ିକର ବ୍ୟବସ୍ଥା ମାଧ୍ୟମରେ), ଏହା ସହିତ ତାଲିମ, ସ୍ପେସ୍, ଏଆଇ ଏବଂ ସାମୁଦ୍ରିକ ସୁରକ୍ଷା ବିକଶିତ କରିବା ପାଇଁ ଏଥି ସମ୍ବନ୍ଧିତ ଦିଗ ଗୁଡ଼ିକର ସମାଧାନ କରିବାକୁ ଉଦ୍ୟମ କରିଥିଲା । ତାଙ୍କ ଉଦ୍‌ଘାଟନୀ ଭାଷଣରେ ରକ୍ଷା ମନ୍ତ୍ରୀ ଦିନକୁ ଦିନ ଜଟିଳ ହେଉଥିବା ବିଶ୍ୱ ସୁରକ୍ଷା ଦୃଶ୍ୟପଟରେ ଅଧିକ ସହଯୋଗର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ସେ ଉଲ୍ଲେଖ କରିଥିଲେ ଯେ କାର୍ଯ୍ୟକ୍ରମର ବିଷୟବସ୍ତୁ ସ୍ୱିଡ୍ ବର୍ତ୍ତମାନ ସମୟର ବିଶେଷତାକୁ ବର୍ଣ୍ଣିତ




କରେ ଯେଉଁଥିରେ ଭୂ - ରାଜନୈତିକ ଏବଂ ସୁରକ୍ଷା ବାସ୍ତବତାଅର୍ଥ ବ୍ୟବସ୍ଥା, ସୁରକ୍ଷା, ସ୍ୱାସ୍ଥ୍ୟ କିମ୍ବା ଜଳବାୟୁ କ୍ଷେତ୍ରରେ ଯେ କୌଣସି ବଡ଼ ଧରଣର ପରିବର୍ତ୍ତନ ବିଶ୍ୱରେ ପ୍ରତିକୂଳ ପରିସ୍ଥିତି ସୃଷ୍ଟି କରେ ଏବଂ ଯେତେବେଳେ କୌଣସି ଅଞ୍ଚଳର ଶାନ୍ତି ଏବଂ ନିରାପତ୍ତା ପ୍ରତି ବିପଦ ଆସେ, ସେତେବେଳେ ସମଗ୍ର ବିଶ୍ୱ ଏହାର ପ୍ରଭାବକୁ ଏକାଧିକ ଉପାୟରେ ଅନୁଭବ କରିଥାଏ ବୋଲି ଶ୍ରୀ ରାଜନାଥ ସିଂହ ମତ ରଖିଥିଲେ । ସେ ଦର୍ଶାଇ ଥିଲେ ଯେ ଏକ ପରସ୍ପର ସହ ଆଭ୍ୟନ୍ତରୀଣ ଭାବରେ ସଂଯୁକ୍ତ ତଥା ନେଟୱର୍କ ଭିତ୍ତିକ ଦୁନିଆରେ ଝଟକା ଏବଂ ବିଶୃଙ୍ଖଳାର କ୍ଷିପ୍ର ସଂଚରଣ ଦ୍ୱାରା ନିଜ ଦେଶକୁ ଅନ୍ୟ ଦେଶର ପ୍ରସଙ୍ଗରୁ ଅଲଗା ରଖିବା ଅସମ୍ଭବ ହୋଇ ପଡିଥାଏ । ଏକ ସାଧାରଣ, ନିରାପଦ ଏବଂ ସମୃଦ୍ଧ ଭବିଷ୍ୟତ ପାଇଁ ସମସ୍ତଙ୍କ ସମସ୍ୟାର ଉପଯୁକ୍ତ ଭାବରେ ସମାଧାନ ହେବା ପାଇଁ ଶିଖର ସମ୍ମିଳନୀ, ବୈଠକ ଏବଂ କନକ୍ଲେଭ ସମୟରେ ନିୟମିତ ପାରସ୍ପରିକ ଆଲୋଚନା ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ । ସମଗ୍ର ବିଶ୍ୱରୁ ନୂତନ ଚିନ୍ତାଧାରା ଆହରଣ ପାଇଁ ଭାରତ ସର୍ବଦା ନିଜକୁ ଉନ୍ମୁକ୍ତ ରଖି ଆସିଛି, ବିଭିନ୍ନ ଚିନ୍ତାଧାରାର ସମ୍ମିଶ୍ରଣ ଏବଂ ପ୍ରତିଯୋଗିତା ଆମକୁ ଏକ ବିଶ୍ୱ ସ୍ତରୀୟ ଚିନ୍ତାଧାରାର କେନ୍ଦ୍ରରେ ପରିଣତ କରିଛି। ଆମର ପ୍ରାଚୀନ ନୈତିକତା ଆମକୁ କେବଳ ପାରସ୍ପରିକ ଲାଭ ପାଇଁ ସହଯୋଗ ଦିଗରେ କାର୍ଯ୍ୟ କରିବାକୁ ମାର୍ଗଦର୍ଶନ କରାଏ ନାହିଁ, ବରଂ ଏକ ପରିବାର ଭାବରେ ସମ୍ପୂର୍ଣ୍ଣ ମାନବତାର ଶିକ୍ଷାପ୍ରଦ ସ୍ୱୀକୃତି ଦେବା ପାଇଁ ଦେଣ - ନେଣ ଦୃଷ୍ଟିକୋଣ ଠାରୁ ଆଗକୁ ଯାଇ କାର୍ଯ୍ୟ କରେ, ଯାହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ଶ୍ରୀ ରାଜନାଥ ସିଂହ କହିଥିଲେ । ସେ କୋଭିଡ୍ - ୧୯ ସହିତ ମୁକାବିଲା ପାଇଁ ବିଶ୍ୱ ସ୍ତରୀୟ ପ୍ରୟାସ ସମ୍ପର୍କରେ ସୂଚାଇ କହିଥିଲେ ଯେ ମହାମାରୀ ଏହି ବିଷୟକୁ ସୂଚାଇ ଦେଇଛି କି ବିଶ୍ୱର ସମୃଦ୍ଧି ବିଭିନ୍ନ କ୍ଷେତ୍ରରେ ସବୁ ଦେଶଙ୍କ ମଧ୍ୟରେ ଅଧିକ ସମନ୍ୱୟ ଆବଶ୍ୟକ କରେ, ଯାହା ମଧ୍ୟରୁ ପ୍ରତିରକ୍ଷା ଏବଂ ନିରାପତ୍ତା ସବୁଠୁ ବେଶୀ ଗୁରୁତ୍ୱପୂର୍ଣ୍ଣ ଅଟେ । ରକ୍ଷା ମନ୍ତ୍ରୀ ବିକାଶ ଏବଂ ସମୃଦ୍ଧି ପାଇଁ ସାମୂହିକ ସୁରକ୍ଷାକୁ ଅପରିହାର୍ଯ୍ୟ (ଅତ୍ୟାବଶ୍ୟକ ସର୍ତ୍ତ) ଭାବରେ ବର୍ଣ୍ଣନା କରିଥିଲେ । ଆତଙ୍କବାଦ, ବେଆଇନ ଅସ୍ତ୍ର କାରବାର, ଡ୍ରଗ୍ସ ଚୋରା ଚାଲାଣ, ମାନବ ଚାଲାଣ ଇତ୍ୟାଦି ବିଶ୍ୱର ସୁରକ୍ଷା ପ୍ରତି ବିପଦ ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ଏହିସବୁ ଆହ୍ୱାନର ମୁକାବିଲା କରିବା ପାଇଁ ନୂତନ ରଣନୀତି ପ୍ରସ୍ତୁତ କରିବାର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । 'ପୁରାତନ ପୈତୃକ କିମ୍ବା ନବ - ଉପନିବେଶବାଦୀ ଦୃଷ୍ଟାନ୍ତ ଗୁଡ଼ିକ ଦ୍ୱାରା ଏଭଳି ସୁରକ୍ଷା ପ୍ରସଙ୍ଗ ଗୁଡ଼ିକର ମୁକାବିଲା କରିବାରେ ଭାରତ ବିଶ୍ୱାସ କରେ ନାହିଁ । ଶ୍ରୀ ରାଜନାଥ ସିଂହ ଆତ୍ମବିଶ୍ୱାସ ପ୍ରକାଶ କରିଛନ୍ତି ଯେ ଏରୋ ଇଣ୍ଡିଆ ମାଧ୍ୟମରେ ପ୍ରତିରକ୍ଷା ମନ୍ତ୍ରୀମାନେ ଭାରତରେ ସୃଷ୍ଟି ହେଉଥିବା ଦୃଢ଼ ପ୍ରତିରକ୍ଷା ଉତ୍ପାଦନ ପାରିବେଶିକ ବ୍ୟବସ୍ଥା ବିଷୟରେ ଜ୍ଞାନ ହାସଲ କରି ପାରିଛନ୍ତି । ୨୭ ଟି ଦେଶରୁ ପ୍ରତିରକ୍ଷା ଏବଂ ସହକାରୀ ପ୍ରତିରକ୍ଷା ମନ୍ତ୍ରୀ, ୧୫ ଟି ପ୍ରତିରକ୍ଷା ଏବଂ ସେନା ମୁଖ୍ୟ ଏବଂ ୮୦ ଟି ଦେଶର ୧୨ ଜଣ ସ୍ଥାୟୀ ସଚିବଙ୍କ ସମେତ ବିଭିନ୍ନ ଦେଶରୁ ୧୬୦ ରୁ ଅଧିକ ପ୍ରତିନିଧି ଏହି ସମ୍ମିଳନୀରେ ଅଂଶଗ୍ରହଣ କରିଥିଲେ ।

# ବିବିସି କାର୍ଯ୍ୟାଳୟରେ ଆଇଟି ରେଡ୍

## ଅଘୋଷିତ ଜରୁରୀକାଳୀନ କର୍ଫ୍ୟୁ: କଂଗ୍ରେସ

## କଂଗ୍ରେସ ନିଜକୁ ନିଜେ ଦର୍ପଣ ଦେଖିବା ଉଚିତ୍: ବିଜେପି



ନୂଆଦିଲ୍ଲୀ: ଦିଲ୍ଲୀ ଏବଂ ମୁମ୍ବାଇରେ ବିବିସିର କାର୍ଯ୍ୟାଳୟକୁ ମଙ୍ଗଳବାର ଆୟକର ବିଭାଗ ଦଳ ପକ୍ଷରୁ ଚଢ଼ଉ କରାଯାଇଥିଲା। ସୂଚନାନୁସାରେ କାର୍ଯ୍ୟାନୁଷ୍ଠାନ ସମୟରେ କର୍ମଚାରୀଙ୍କ ଫୋନ୍ ବନ୍ଦ ରଖାଯାଇଥିଲା। ଏହାକୁ ଏକ ଅଘୋଷିତ ଜରୁରୀକାଳୀନ ପରିସ୍ଥିତି ବୋଲି କହି କଂଗ୍ରେସ ଟୁଇଟ୍ କରି କହିଛି ଯେ ପ୍ରଥମ ବିବିସି ଡକ୍ୟୁମେଣ୍ଟାରୀ ଆସିଥିଲା, ଏହାକୁ ନିଷିଦ୍ଧ କରାଯାଇଥିଲା, ବର୍ତ୍ତମାନ ବିବିସିରେ ଆଇଟି ପକ୍ଷରୁ ରେଡ୍ କରାଯାଇଛି। କଂଗ୍ରେସ ବିବୃତ୍ତି ପରେ ବିଜେପି ସାଂସଦ ରାଜ୍ୟବର୍ଦ୍ଧନ ସିଂ ରାଠୋର କହିଛନ୍ତି ଯେ ଜରୁରୀକାଳୀନ ପରିସ୍ଥିତି ବିଷୟରେ କଂଗ୍ରେସ କହିବା ଉଚିତ ନୁହେଁ। ଯେଉଁମାନେ ଗଣମାଧ୍ୟମର ସ୍ୱାଧୀନତା ବିଷୟରେ କଥାବାର୍ତ୍ତା କରନ୍ତି, ସେମାନେ ନିଜେ ଦର୍ପଣ ଦେଖିବା ଉଚିତ୍। ଏଥିରୁ ଜଣାପଡିଛି ଯେ ୧୯୪୭ ମସିହାରେ ବ୍ରିଟିଶମାନେ ଭାରତ ଛାଡିବା ପରେ ଦେଶରେ ବିବିସି ବିଭାଜନକାରୀ ଏଜେଣ୍ଡାକୁ କଂଗ୍ରେସକୁ ହସ୍ତାନ୍ତର କରାଯାଇଥିଲା। ବ୍ରିଟିଶ ପ୍ରସାରଣ ନିଗମ ହେଉଛି ବ୍ରିଟେନର ଜାତୀୟ ପ୍ରସାରଣକାରୀ ସଂସ୍ଥା। ଏହା ଦୁନିଆର ସର୍ବ ପୁରାତନ ଏବଂ ବୃହତ୍ତମ ମିଡିଆ ହାଉସ୍ ମଧ୍ୟରୁ ଅନ୍ୟତମ। ସମଗ୍ର ବିଶ୍ୱରେ ଏହାର ପ୍ରାୟ ୩୫ ହଜାର କର୍ମଚାରୀ ଅଛନ୍ତି। ଏହା ୪୦ଟି ଭାଷାରେ ଖବର ପ୍ରସାରଣ କରିଥାଏ। ୧୮ ଅକ୍ଟୋବର ୧୯୨୨ରେ ବିବିସି ଏକ ଘରୋଇ କମ୍ପାନୀ ଭାବରେ ଆରମ୍ଭ ହୋଇଥିଲା। ୧୯୨୬ ମସିହାରେ, ଏହାକୁ ବ୍ରିଟେନ ଦ୍ୱାରା ଏକ ସରକାରୀ ଅନୁଷ୍ଠାନ କରାଯାଇଥିଲା। ସେବେଠାରୁ ବିବିସିଆଇ ଏକ ରୟାଲ ଚାର୍ଟର୍ ଅଧୀନରେ କାର୍ଯ୍ୟ କରିଆସୁଛି। ବିବିସିର ହିନ୍ଦୁସ୍ତାନୀ ସେବା ୧୧ ମଇ ୧୯୪୦ ରେ ଏହାର ପ୍ରଥମ ପ୍ରସାରଣ କରିଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ବିବିସି ହିନ୍ଦୁସ୍ତାନୀ ସେବାର ଉଦ୍ଦେଶ୍ୟ ଥିଲା ଭାରତୀୟ ଉପମହାଦେଶରେ ସୈନିକମାନଙ୍କୁ ଖବର ପହଞ୍ଚାଇବା। ସେ ବାଂଲାଦେଶର ଯୁଦ୍ଧ ହେଉ କିମ୍ବା ଇନ୍ଦିରା ଗାନ୍ଧୀଙ୍କ ହତ୍ୟା ହେଉ କିମ୍ବା ଅନ୍ୟ କୌଣସି ବଡ଼ ଅନ୍ତର୍ଜାତୀୟ ଘଟଣା ଅନେକ ଘଟଣାରେ ବିବିସି ପ୍ରଥମେ ରିପୋର୍ଟ ପ୍ରସାରଣ କରି ଜନସାଧାରଣଙ୍କ ଆସ୍ଥାଭାଜନ ହୋଇପାରିଛି। ଆୟକର ବିଭାଗର ସୂତ୍ର ଅନୁଯାୟୀ, ବିବିସିଆଇ ଅନ୍ତର୍ଜାତୀୟ ଟ୍ୟାକ୍ସରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ସର୍ଭେ କରାଯାଉଛି। ଏହା ଅଧୀନରେ, ଅଧିକାରୀ ଖାତା ସୂଚନା, ଡକ୍ୟୁମେଣ୍ଟ, ନଗଦ, ଷ୍ଟକ୍ କିମ୍ବା ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ ଯାଞ୍ଚ କରିବାକୁ ଯେକୌଣସି କ୍ୟାମ୍ପସରେ ପ୍ରବେଶ କରିବାକୁ ଅନୁମତି ରହିଛି। ଏହି ସର୍ବେକ୍ଷଣକୁ ନିଶ୍ଚିତ କରି ବିବିସି କହିଛି ଯେ ଆମେ କର୍ତ୍ତୃପକ୍ଷଙ୍କ ସହ ସହଯୋଗ କରୁଛୁ ଏବଂ ଖୁବ୍ ଶୀଘ୍ର ଏହି ସ୍ଥିତିରେ ସୁଧାର ଆସିବ। ବ

## ମର୍ମନ୍ତୁଦ ସଡ଼କ ଦୁର୍ଘଟଣା: ୫ ମହିଳା ମୃତ

ପୁନେ: ସୋମବାର ବିଳମ୍ବିତ ରାତିରେ ମହାରାଷ୍ଟ୍ରର ପୁନେ-ନାସିକ୍ ଏକ୍ସପ୍ରେସ୍ ହାଇୱେରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ସଂଘଠିତ ହେବା ଯୋଗୁଁ ଘଟଣାସ୍ଥଳରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଯାଇଛି। ସେହିପରି ଏହି ଦୁର୍ଘଟଣାରେ ମୋଟ ୫ଜଣ ମହିଳା ମୃତ୍ୟୁବରଣ କରିଥିବା ଜଣାଯାଇଛି। ଏକ ବସ୍‌ରେ ପାଖାପାଖି ୧୭ରୁ ୧୮ ମହିଳା ଏକ ବିବାହ ମହୋତ୍ସବରେ ଯୋଗ ଦେବା ପାଇଁ ଯାଉଥିଲେ। ସିରୋଲି ଫାଟକ ନିକଟରେ ବସ୍‌ରୁ ଏହି ମହିଳାମାନେ ଓହ୍ଲାଇ ଏକ୍ସପ୍ରେସ୍ ହାଇୱେ ପାର୍ କରୁଥିଲେ। ଅନ୍ଧାର ଥିବାରୁ ପୁନେରୁ ଆସୁଥିବା ଏକ ଚାରିଚକିଆ ଗାଡ଼ି ଏମାନଙ୍କୁ ଧକ୍କା ଦେଇଥିଲା।

## 'ଗୌରବ ସମାଗମ ୨୦୨୩, ଅର୍ବାନ୍ ପ୍ରାଇଡ୍ ପୁରସ୍କାର' କାର୍ଯ୍ୟକ୍ରମରେ ଯୋଗଦେବେ ବାଘେଲ

ରାୟପୁର: ୧୫ ଫେବୃଆରୀ ମଧ୍ୟାହ୍ନରେ ରାଜଧାନୀ ରାୟପୁରର ହୋଟେଲ ବେବିଲନ୍ ଇଣ୍ଟରନ୍ୟାସନାଲରେ ଆୟୋଜିତ ହେବାକୁ ଥିବା 'ଗୌରବ ସମାଗମ ୨୦୨୩, ଅର୍ବାନ୍ ପ୍ରାଇଡ୍ ପୁରସ୍କାର' କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଶ୍ରୀ ଭୁପେଶ ବାଗେଲ ଯୋଗଦେବେ। ସହରାଞ୍ଚଳର ମେୟର ଏବଂ ସଭାପତିମାନଙ୍କ ପାଇଁ ନଗର ପ୍ରଶାସନ ବିଭାଗ ଦ୍ୱାରା ଆୟୋଜିତ ଏହି ଦିନିକିଆ ସଚେତନତା କାର୍ଯ୍ୟକ୍ରମରେ



ସହରାଞ୍ଚଳ ପ୍ରଶାସନ ଏବଂ ବିକାଶ ମନ୍ତ୍ରୀ ଡ. ଶିବ କୁମାର ଡାହରିଆ ଏକ ବିଶେଷ ଅତିଥି ଭାବେ ଯୋଗଦେବେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ବାଘେଲ ମ୍ୟୁନିସିପାଲିଟି କର୍ପୋରେସନର ମେୟର, ମ୍ୟୁନିସିପାଲିଟି କାଉନସିଲର ଚେୟାରମ୍ୟାନ୍ ଏବଂ ନାଗର ପଞ୍ଚାୟତ ସହ ସିଧାସଳଖ ଯୋଗାଯୋଗ କରିବେ ଏବଂ ବିଭାଗୀୟ ଯୋଜନାଗୁଡିକର ଉତ୍କୃଷ୍ଟ କାର୍ଯ୍ୟକାରିତା ପାଇଁ ସହରୀ ସଂସ୍ଥାଗୁଡ଼ିକୁ ପୁରସ୍କୃତ କରିବେ। ଶ୍ରୀ ବାଘେଲ ସହରୀ ପ୍ରଶାସନ ଏବଂ ବିକାଶ ବିଭାଗର ସଫଳତା ଉପରେ ଆଧାରିତ ଏକ ଭିଡିଓ ମଧ୍ୟ ପ୍ରକାଶ କରିବେ ଏବଂ ବିଭାଗୀୟ ସଫଳତା ଉପରେ ଆଧାରିତ ଏକ କଫି ଟେବୁଲ୍ ବୁକ୍ ମଧ୍ୟ ଏହି କାର୍ଯ୍ୟକ୍ରମରେ ପ୍ରକାଶ ପାଇବ। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ବାଘେଲ ରାଜକୋଟରେ ଥିବା ଦାଣ୍ଡିଆନ୍ ସହରୀ ହାଉସିଂ କନକ୍ଲେଭରେ ଭାରତ ସରକାର ଘୋଷଣା କରିଥିବା ଛତିଶଗଡର ତିନି ଜଣ ହିତାଧିକାରୀଙ୍କୁ ମଧ୍ୟ ସମ୍ମାନିତ କରିବେ। ଏହି କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀମାନେ ମଧ୍ୟ ରାଜ୍ୟ ସରକାରଙ୍କ ଉଚ୍ଚାଭିଳାଷୀ ଯୋଜନା ବିଷୟରେ ସଂକ୍ଷିପ୍ତ ସୂଚନା ପ୍ରଦାନ କରିବେ।

## ବଲିଉଡ୍ ଅଭିନେତା ଜାଭେଦ ଖାନ୍ ଅମରୋହିଙ୍କ ପରଲୋକ

ମୁମ୍ବାଇ: ମଙ୍ଗଳବାର ବଲିଉଡ୍ ଅଭିନେତା ଜାଭେଦ ଖାନ୍ ଅମରୋହିଙ୍କ ପରଲୋକ ହୋଇଛି। ମୃତ୍ୟୁବେଳକୁ ତାଙ୍କୁ ୫୦ ବର୍ଷ ହୋଇଥିଲା। ଜାଭେଦ୍ ପାଖାପାଖି ୧୫୦ ଚଳଚ୍ଚିତ୍ରରେ କାମ କରିଛନ୍ତି। ସେହିପରି ଟିଭିର ବହୁ ଶୋ'ରେ ସେ ଭିନ୍ନ ଭିନ୍ନ ଚରିତ୍ରକୁ ଅତି ନିଖୁଣ ଭାବେ ନିଭାଇ ଦର୍ଶକଙ୍କ ଅତି ଆପଣାର ଥିଲେ। ପରନ୍ତୁ ତାଙ୍କର ମୃତ୍ୟୁ କେଉଁ କାରଣ ଯୋଗୁଁ ହୋଇଛି ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ୨୦୦୧



ମସିହାରେ ଆସିଥିବା ସୁପରହିଟ୍ ଚଳଚ୍ଚିତ୍ର 'ଲଗାନ୍'ରେ ବେଷ୍ଟ ସପୋର୍ଟିଂ ଆକ୍ଟର ଭାବେ ଏକାଡେମୀ ଆୱାର୍ଡ ପାଇଁ ବିବେଚିତ ହୋଇଥିଲେ। 'ଅନ୍ଦାଜ୍ ଅପ୍‌ନା ଅପ୍‌ନା' ଓ 'ଚକ୍ ଦେ ଇଣ୍ଡିଆ'ରେ ତାଙ୍କ ଅଭିନୟକୁ ବେଶ୍ ପ୍ରଶଂସା କରାଯାଇଥିଲା।

# ବାଣିଜ୍ୟ




ନୂଆଦିଲ୍ଲୀ: ଏୟାର ଇଣ୍ଡିଆ ମଙ୍ଗଳବାର ଫ୍ରେଞ୍ଚ୍ କମ୍ପାନୀ ଏୟାରବସ୍‌ରୁ ୨୫୦ ଏୟାରକ୍ରାଫ୍ଟ କିଣିବା ପାଇଁ ଚୁକ୍ତି ସ୍ୱାକ୍ଷର କରିଛି। ଟାଟା ଗ୍ରୁପ୍‌ର ଚେୟାରମ୍ୟାନ୍ ଏନ୍ ଚନ୍ଦ୍ରଶେଖରନ୍ କହିଛନ୍ତି ଏହି ଚୁକ୍ତିରେ ୪୦ ୱାଇଡ୍ ବଡି ଏ୩୫୦ ଏୟାରକ୍ରାଫ୍ଟ ଓ ୨୧୦ ନୋରୋବଡି ସିଙ୍ଗଲ୍ ଆଇଜଲ ଏ୩୨୦ ନିୟୋସ ଏୟାରକ୍ରାଫ୍ଟ ସାମିଲ ରହିଛି। ଏହା ଦୁନିଆର ଏ ପର୍ଯ୍ୟନ୍ତ ସବୁଠୁ ଏଭିଏସନ୍ ଡିଲ୍ ମଧ୍ୟରୁ ଅନ୍ୟତମ। ଏୟାର ଇଣ୍ଡିଆ-ଏୟାରବସ୍ ପାର୍ଟନରସିପ୍‌ର ଲଞ୍ଚ ପ୍ରୋଗ୍ରାମରେ ଏହାର ଘୋଷଣା କରାଯାଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଫ୍ରାନ୍ସର ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରୋ ଓ ରତନ ଟାଟା ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ଏହି ଚୁକ୍ତିକୁ ନେଇ କହିଛନ୍ତି ଯେ ଏହି ମହତ୍ତ୍ୱପୂର୍ଣ୍ଣ ଚୁକ୍ତି ଭାରତ ଓ ଫ୍ରାନ୍ସ ମଧ୍ୟରେ ଏକ ବୃହତ୍ତର ସମ୍ବନ୍ଧ ସହ ଭାରତର ସିଭିଲ୍ ଏଭିଏସନ୍ ସେକ୍ଟରର ସଫଳତା ଦର୍ଶାଉଛି।

## ଚେହେରା ସ୍ୱୀକୃତି ମାଧ୍ୟମରେ ପେନସନଭୋଗୀଙ୍କ ଶାରୀରିକ ଯାଞ୍ଚ ପାଇଁ ମୋବାଇଲ୍ ଆପ୍ ଲଞ୍ଚ



ଜୟପୁର: ଘରେ ସାମାଜିକ ସୁରକ୍ଷା ପେନ୍‌ସନ୍ ଯୋଜନାର ହିତାଧିକାରୀଙ୍କ ବାର୍ଷିକ ଯାଞ୍ଚ ପାଇଁ ଆମ୍ବେଦକର ଭବନରେ ଅବସ୍ଥିତ ଅଡିଟୋରିୟମରେ ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରୀ ଟିକରାମ ଜୁଲି RAJSSP ମୋବାଇଲ୍ ଆପ୍ ଲଞ୍ଚ କରିଛନ୍ତି। ସାମାଜିକ ସୁରକ୍ଷା ପେନସନଭୋଗୀଙ୍କ ପାଇଁ ରାଜସ୍ଥାନ ଭାରତର ପ୍ରଥମ ରାଜ୍ୟ ଅଟେ। ଏହା ସହିତ ପ୍ରାୟ ୯୪ ଲକ୍ଷ ପେନସନଭୋଗୀ ଏହି ସୁବିଧା ପାଇବେ। ଶ୍ରୀ ଜୁଲି କହିଛନ୍ତି ଯେ ଏହି ଆପ୍ ମାଧ୍ୟମରେ ବାର୍ଷିକ ଯାଞ୍ଚ ଯେକୌଣସି ଆଣ୍ଡ୍ରଏଡ୍ ଫୋନ୍ ମାଧ୍ୟମରେ ଘରେ ବସିଥିବା ପେନସନଭୋଗୀଙ୍କ ଦ୍ୱାରା କରାଯାଇପାରିବ। ଏହି ସୁବିଧା ମଧ୍ୟ ମାଗଣା ଅଟେ । ସେ କହିଛନ୍ତି ଯେ ଆପ୍ ମାଧ୍ୟମରେ ହିତାଧିକାରୀଙ୍କ ଆଧାର ତଥ୍ୟ ଉପରେ ଆଧାର କରି ପେନ୍‌ସନ୍‌ଭୋଗୀଙ୍କ ବାର୍ଷିକ ଯାଞ୍ଚ କରାଯିବ। ବର୍ତ୍ତମାନ ପ୍ରଥମ ପର୍ଯ୍ୟାୟରେ ପେନସନଭୋଗୀଙ୍କୁ ଘରେ ବସିଥିବା ମୋବାଇଲ୍ ଆପ୍ ମାଧ୍ୟମରେ ବାର୍ଷିକ ଯାଞ୍ଚର ସୁବିଧା ଯୋଗାଇ ଦିଆଯାଇଛି। ଏଥିସହ ସେ ତାଙ୍କର ଯୋଗ୍ୟତା ଏବଂ ପେନସନ୍ ଲିଜର୍ ମଧ୍ୟ ଦେଖିପାରିବେ। ଏହା ପରେ ଦ୍ୱିତୀୟ ପର୍ଯ୍ୟାୟରେ, ଘରୁ ଆବେଦନ କରିବାର ସୁବିଧା ମଧ୍ୟ ଉପଲବ୍ଧ ହେବ। ସାମାଜିକ ନିରାପତ୍ତା ଯୋଜନା ଅଧୀନରେ ପେନସନ ଗ୍ରହଣ କରୁଥିବା ଜୟପୁର ବାସିନ୍ଦା ରୁବିଙ୍କ ମୋବାଇଲ୍ ଆପ୍ ଜରିଆରେ ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରୀଙ୍କ ଦ୍ୱାରା ବାର୍ଷିକ ଶାରୀରିକ ଯାଞ୍ଚ କରାଯାଇଥିଲା।

## ଗ୍ରେଟ୍ ପ୍ଲେସ୍ ଟୁ ୱାର୍କର ଶ୍ରେଷ୍ଠ ୫୦ କର୍ମକ୍ଷେତ୍ର ମଧ୍ୟରେ ଟାଟା ଷ୍ଟିଲ୍ ସ୍ଥାନିତ

ନୂଆଦିଲ୍ଲୀ: ଗ୍ରେଟ୍ ପ୍ଲେସ୍ ଟୁ ୱାର୍କ ପକ୍ଷରୁ ଲଗାତାର ଷଷ୍ଠ ଥର ପାଇଁ ମାନୁଫାକ୍ଚରିଂ କ୍ଷେତ୍ରରେ ଭାରତର ଶ୍ରେଷ୍ଠ କର୍ମକ୍ଷେତ୍ର ମଧ୍ୟରେ ଟାଟା ଷ୍ଟିଲ୍‌କୁ ସ୍ଥାନିତ କରାଯାଇଛି। ଏକ ଅନ୍ତର୍ଭୁକ୍ତୀକରଣ ଓ ନିରନ୍ତର ସଂସ୍ଥା ଗଠନ ଦିଗରେ ଉଦ୍ୟମ ପାଇଁ କ୍ରମାଗତ ଷଷ୍ଠ ଥର ଲାଗି ଗ୍ରେଟ୍ ପ୍ଲେସ୍ ଟୁ ୱାର୍କ ପକ୍ଷରୁ ଏହି ସ୍ୱୀକୃତି ପ୍ରଦାନ କରାଯାଇଛି। ଟାଟା ଷ୍ଟିଲ୍‌ର ଉପସଭାପତି-ମାନବ ସମ୍ବଳ ପରିଚାଳନା ଆତ୍ରାୟି ସାନ୍ୟାଲ କହିଛନ୍ତି ଯେ, 'ଟାଟା ଷ୍ଟିଲ୍‌ରେ ମାନବ ପୁଂଜିର ଉଚିତ ବ୍ୟବହାର କରିବା ହେଉଛି ଏକ ପ୍ରମୁଖ ବ୍ୟବସାୟ ଗୁରୁତ୍ୱ କ୍ଷେତ୍ର ଏବଂ ଲୋକମାନଙ୍କୁ ପ୍ରାଥମିକତା ପ୍ରଦାନ କରିବା କଂପାନିର ନୀତିକୁ ମାର୍ଗଦର୍ଶନ କରୁଛି। ଆମେ ଏଭଳି ଏକ କର୍ମସଂସ୍କୃତି ବିକାଶ କରିବା ଲାଗି ଉଦ୍ୟମ କରୁଛୁ ଯାହା ସୁରକ୍ଷା, ସ୍ୱାସ୍ଥ୍ୟ, ବିବିଧତା, ପ୍ରତିଦ୍ୱନ୍ଦ୍ୱିତାରେ ଉନ୍ନତି ଏବଂ ଆମ କର୍ମଚାରୀମାନଙ୍କ ସାମଗ୍ରିକ କଲ୍ୟାଣର ପ୍ରସାର କରିବ। ଭାରତର ଶ୍ରେଷ୍ଠ ମାନୁଫାକ୍ଚରିଂ କର୍ମକ୍ଷେତ୍ରରେ ସ୍ଥାନ ପାଇଥିବାରୁ ଆମେ ଉଲ୍ଲସିତ ଏବଂ ଏହି ମାନ୍ୟତା ଉତ୍ତମ ଭବିଷ୍ୟତ ଦିଗରେ ଆଗକୁ ବଢ଼ିବା ଲାଗି ଉତ୍ସାହିତ କରିବ।

## ଅନ୍ତର୍ଜାତୀୟ ଆଲୁମିନିୟମ ସମ୍ମିଳନୀ ଉଦ୍‌ଘାଟନୀ ସଂସ୍କରଣ ଉଦ୍‌ଯାପିତ

ଝାରସୁଗୁଡ଼ା(ଭାସ୍କର ନ୍ୟୁଜ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ, ଓଡ଼ିଶାର ଝାରସୁଗୁଡା ଠାରେ ୯ ଏବଂ ୧୦ ଫେବୃଆରୀ ୨୦୨୩ ରେ ଆନ୍ତର୍ଜାତୀୟ ଆଲୁମିନିୟମ ସମ୍ମିଳନୀ ୨୦୨୩ ର ଉଦ୍‌ଘାଟନୀ ସଂସ୍କରଣ ଆୟୋଜନ କରିଥିଲା ଯାହାକି ଆଲୁମିନିୟମ୍ ଆସୋସିଏସନ୍ ଅଫ୍ ଇଣ୍ଡିଆର ସହଭାଗିତାରେ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଶ୍ୱରୁ ୧୩ ଟି ଦେଶର ଆଲୁମିନିୟମ୍ ଇଣ୍ଡଷ୍ଟ୍ରି ଏବଂ ସହଯୋଗୀ କ୍ଷେତ୍ରର ପ୍ରାୟ ୪୦୦ ଶିଳ୍ପପତି ଏବଂ ଗ୍ରାହକ ପ୍ରମୁଖ ଉପସ୍ଥିତ ଥିଲେ। 'ଭାରତକୁ ଆଲୁମିନିୟମ ରାଜଧାନୀ ତିଆରି କରିବା' ବିଷୟବସ୍ତୁ ଉପରେ ଆଧାରିତ ଏହି ଆନ୍ତର୍ଜାତୀୟ ଆଲୁମିନିୟମ୍ ସମ୍ମିଳନୀ ଆଲୁମିନିୟମ ଉତ୍ପାଦନ ମୂଲ୍ୟ ଶୃଙ୍ଖଳା, ଶିଳ୍ପ ଫୋରମ୍ ଏବଂ




ସରକାର ମଧ୍ୟରେ ଅଧିକ ସହଯୋଗକୁ ସୁଗମ କରିବା ପାଇଁ ଭାରତର ସର୍ବବୃହତ ବି୨ବି ପ୍ଲାଟଫର୍ମ ଭାବରେ ଧାରଣା କରାଯାଇଥିଲା। ଅଂଶଗ୍ରହଣକାରୀ କମ୍ପାନୀଗୁଡିକର ରୋଷ୍ଟରରେ ସିମେନ୍ସ (ଜର୍ମାନୀ), ଏବିବି (ସ୍ୱିଜରଲ୍ୟାଣ୍ଡ), ରିଏଲ ଆଲୁମିନିୟମ୍ (କାନାଡା) ଏବଂ ସିମୋନସେନ୍ (ଡେନମାର୍କ) ଅନ୍ତର୍ଭୁକ୍ତ, ଭାରତୀୟ ତୈଳ ନିଗମ, ଅଲଟ୍ରାଟେକ୍ ଏବଂ ଗ୍ରାଣ୍ଡଫୋସ୍ ଭଳି ଘରୋଇ ପ୍ରତିପକ୍ଷର ପ୍ରତିନିଧୀମାନେ ମଧ୍ୟ ସେମାନଙ୍କ ଶିଳ୍ପ ସମାଧାନର ଅଂଶ ଭାବରେ ପ୍ରଦର୍ଶନ କରିଥିଲେ। ଆଲୁମିନିୟମ ଉତ୍ପାଦନକାରୀ କମ୍ପାନୀ, ଗ୍ରାହକ, ବ୍ୟବସାୟ ସହଭାଗୀ ଏବଂ ପ୍ରଯୁକ୍ତିବିଦ୍ୟା ପ୍ରଦାନକାରୀଙ୍କ ବିଶେଷଜ୍ଞ ତଥା ଶିଳ୍ପପତିମାନେ ପ୍ରାୟ ୪୫ ଟି ବୈଷୟିକ ଅଧିବେଶନ ପାଇଁ ଏକତ୍ରିତ ହୋଇଥିଲେ, ଯେପରିକି ଆଲୁମିନିୟମ ଉତ୍ପାଦନ, ବୈଦ୍ୟୁତିକ ଗତିଶୀଳତା, ସ୍ମାର୍ଟ ଇଜିନିୟରିଂରେ ଅଗ୍ରଣୀ ଟେକ୍ନୋଲୋଜି ପରି ବ୍ୟାପକ ବିସ୍ତୃତ ଡୋମେନରେ କାର୍ଯ୍ୟ କରୁଥିବା ଶିଳ୍ପ ବିଶେଷଜ୍ଞଙ୍କ ଠାରୁ ଡିଜିଟାଲ୍ ଟେକ୍ନୋଲୋଜି ଏଥିରେ ସମସ୍ତେ ଅର୍ନ୍ତଭୁକ୍ତ ହୋଇଥିଲେ। ଶ୍ରୀ ମାଥିଉ ଆର୍ଲେଟାଜ୍, ସିଇଓ - ଆର ଆଣ୍ଡ ଡି କାର୍ବନ୍ (ସ୍ୱିଜରଲ୍ୟାଣ୍ଡ) 'ୱାର୍ଲ୍ଡ କ୍ଲାସ୍ ସ୍ମେଲର୍ସ - ବେଂଚମାର୍କ ଆନାଡସ୍ ସହିତ ପ୍ରମୁଖ ପ୍ରଦର୍ଶନ ସୂଚକାଙ୍କ' ଉପରେ ଆଲୋଚନା କରିଥିବାବେଳେ କାଏଟେ(ବ୍ରାଜିଲ)ର ନିର୍ଦ୍ଦେଶକ ଶ୍ରୀ ଡାଗୋର୍ବେଟୋ ଶୁବର୍ଟ ସେଭେରୋ, ଆଲୁମିନିୟମ୍ ସ୍ମେଲିଂ ଇଣ୍ଡଷ୍ଟ୍ରିରେ ସିମୁଲେସନ୍ ଇନୋଭେସନ୍ସ ଉପରେ କହିଛନ୍ତି। ଏହି ଆଲୋଚନାଚକ୍ରର ଅନ୍ୟ ଏକ ବିଶେଷତ୍ୱ ହେଲା ବେଦାନ୍ତର ୧୨ ମିମି ଆଲୁମିନିୟମ୍ ତାର ଯାହାକି ବିଶ୍ୱ ବୈଦ୍ୟୁତିକ ଶିଳ୍ପର ଆବଶ୍ୟକତାକୁ ପୂରଣ କରିବାକୁ ପ୍ରସ୍ତୁତ କରାଯାଇଛି । ୧୨ ମିମି ତାରଗୁଡ଼ିକ ବେଦାନ୍ତର ଟପ୍-ଅଫ୍-ଲାଇନ୍ ତାର ସେଗମେଂଟରେ ସର୍ବଶେଷ ଉତ୍ପାଦ, ଯେଉଁଥିରେ ୭.୬ ମିମି, ୯.୫ ମିମି ଏବଂ ୧୫ ମିମି ଇସି-ଗ୍ରେଡ୍ ତାର ବାଡ଼ି, ଆଲୟ ତାର (୮ଙଙଙ ସିରିଜ୍) ଏବଂ ଫ୍ଲିପ୍ ଅନ୍ତର୍ଭୁକ୍ତ ।

## ସିଏସ୍‌ଆଇଆର-ଆଇଏମ୍‌ଏମ୍‌ଟିଠାରେ ଖଣିଜ ଏବଂ ଧାତୁ ସାମଗ୍ରୀ ଉଦ୍ଭାବନର ସ୍ଥାୟୀ ଭବିଷ୍ୟତ ସମ୍ବନ୍ଧରେ କାର୍ଯ୍ୟକ୍ରମ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟର ଇଏସଡିପି ଯୋଜନା ଅଧୀନରେ 'ସ୍ଥାୟୀ ଭବିଷ୍ୟତ ପାଇଁ ଖଣିଜ ଏବଂ ଧାତୁ ସାମଗ୍ରୀ ଉଦ୍ଭାବନ' ଉପରେ ଏକ ଆଡଭାନ୍ସ ମ୍ୟାନେଜମେଣ୍ଟ ଡେଭଲପମେଣ୍ଟ ପ୍ରୋଗ୍ରାମ (ଏଏମଡିପି), ସ୍କୁଲ ଅଫ୍ ଏଣ୍ଟରପ୍ରାଇଜ୍ ମ୍ୟାନେଜମେଣ୍ଟ, ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଫର ମାଇକ୍ରୋ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ(ଏନଆଇ-ଏମ୍‌ଏସ୍‌ଏମ୍‌ଇ) ଦ୍ୱାରା ଆୟୋଜିତ ହେଉଛି । (ଭାରତ ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟର ଏକ ସଂଗଠନ ଏବଂ ଆଇଏସଓ୯୦୦୧:୨୦୧୫ ସାର୍ଟିଫିକେଟ୍), ହାଇଦ୍ରାବାଦ ଏବଂ ସିଏସ୍‌ଆଇଆର-ଆଇଏମ୍‌ଏମ୍‌ଟି (କାଉନସିଲ ଅଫ୍ ସାଇନ୍ଟିଫିକ୍ ଆଣ୍ଡ ଇଣ୍ଡଷ୍ଟ୍ରିଆଲ ରିସର୍ଚ୍ଚ) ସହଯୋଗରେ ଆୟୋଜନ କରୁଛି। ଏହି କାର୍ଯ୍ୟକ୍ରମ ସିଏସ୍‌ଆଇଆର-ଆଇଏମ୍‌ଏମ୍‌ଟି ଭୁବନେଶ୍ୱରର ଅନୁଷ୍ଠାନର ଶାନ୍ତି ସ୍ୱରୂପ ଭଟନାଗର ହଲରେ ଫେବୃଆରୀ ୧୩ ରୁ ୧୮ ତାରିଖ ଆୟୋଜିତ ହେଉଛି। ଏହି କାର୍ଯ୍ୟକ୍ରମର ଉଦଘାଟନ କରି ସିଏସ୍‌ଆଇଆର-ଆଇଏମ୍‌ଏମ୍‌ଟିର ନିର୍ଦ୍ଦେଶକ ଡ୍ କି. ନରହରି ଶାସ୍ତ୍ରୀ କହିଛନ୍ତି, ସ୍ଥାୟୀ ବିକାଶ ପାଇଁ ମୁଁ ବର୍ତ୍ତମାନ ସ୍ଥିତିରେ ଉଦ୍ୟୋଗର ଅଭିନବତାକୁ ଅନୁଭବ କରୁଛି। ଆସୋସିଏଟ୍ ଫେକଲ୍ଟି (ଏନଆଇ-ଏମ୍‌ଏସ୍‌ଏମ୍‌ଇ) ତଥା କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଶ୍ରୀମତୀ ଭି. ସ୍ୱାପ୍ନା ଅଂଶଗ୍ରହଣକାରୀମାନଙ୍କୁ ଏନଆଇ-ଏମ୍‌ଏସ୍‌ଏମ୍‌ଇ କାର୍ଯ୍ୟକଳାପ ସମ୍ପର୍କରେ ସୂଚନା ଦେଇଥିଲେ।

## ରତ୍ନିକା ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ର ୧୦ମ ବାର୍ଷିକୋତ୍ସବ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶାର ସବୁଠୁ ବିଶ୍ୱସ୍ତ ଅଳଙ୍କାର ବ୍ରାଣ୍ଡ ରତ୍ନିକା ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ଭୁବନେଶ୍ୱରରେ ଏହାର ମାଷ୍ଟରକ୍ୟାଣ୍ଟିନ୍, ଜନପଥ ଷ୍ଟୋରରେ ଦଶମ ବାର୍ଷିକୀ ଉତ୍ସବ ପାଳନ କରିଛି। ଏହି ଅବସରରେ ରତ୍ନିକା ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ର ନିର୍ଦ୍ଦେଶକ ପି. ଦିନେଶ କୁମାର, ଏମ୍‌ଡି କେ ବଦ୍ରିନାରାୟଣ ସୁବୁଦ୍ଧି, ଏହାର ବ୍ରାଣ୍ଡ ଆମ୍ବାସାଡ଼ର ଓଡ଼ିଆ ଚଳଚ୍ଚିତ୍ର ଓ ଟେଲିଭିଜନ ଜଗତର ଲୋକପ୍ରିୟ ତାରକା ଲିପି ମହାପାତ୍ର, କ୍ରିଏଟିଭ୍ ହେଡ୍ ପ୍ରଣୟ ଯେଠି ଉପସ୍ଥିତ ଥିଲେ। ଲିପି କହିଥିଲେ ଯେ ରତ୍ନିକା ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହୋଇପାରିଥିବାରୁ ନିଜକୁ ବହୁତ ଭାଗ୍ୟବାନ ଓ ଗର୍ବିତ ଅନୁଭବ କରେ। ମୁଁ ଓ ବଦ୍ରି ସାର ପାଖାପାଖି ଗାଁର। ତେଣୁ ମୋତେ ତାଙ୍କ ସଂସ୍ଥାର ବ୍ରାଣ୍ଡ ଆମ୍ବାସାଡର କରିଥିବାରୁ ତାଙ୍କୁ ଓ ସଂସ୍ଥାର ଅନ୍ୟାନ୍ୟ ସଦସ୍ୟମାନଙ୍କୁ ହୃଦୟରୁ ଧନ୍ୟବାଦ ଜଣାଉଛି। ସମସ୍ତଙ୍କୁ ରାଜଧାନୀରେ ସଫଳତାର ସହ ୧୦ ବର୍ଷ ପୂରଣ କରିଥିବାରୁ ଶୁଭେଚ୍ଛା ଅଳଙ୍କାର ଷ୍ଟୋରରେ ଜାତୀୟ ଏବଂ ଆନ୍ତର୍ଜାତୀୟ ମାନାଙ୍କ ସୁନା ଅଳଙ୍କାର ଉତ୍ପାଦର ଡିଜାଇନ୍ ରହିଛି ଯାହା ସମସ୍ତଙ୍କ ମନକୁ ନିଶ୍ଚୟ ପାଇବ। ଏହି ଷ୍ଟୋରରେ ପୁରା ଭୁବନେଶ୍ୱରରେ ସିଲଭର ଡକ୍ସ ସହିତ ହୀରା, ପ୍ଲାଟିନମ୍ ଏବଂ ରୂପା ଅଳଙ୍କାରର ଏକ ବୃହତ ସଂଗ୍ରହ କରିଛି। ମୋତେ ତ ଇଚ୍ଛା ହେଉଛି ସବୁ ସୁନା ଅଳଙ୍କାର ନେଇକି ପଳେଇବି କହିକି ହସିଥିଲେ ଓ ସଂସ୍ଥାର ଅଧିକରୁ ଅଧିକ ଉନ୍ନତି ଆଶା କରିଥିଲେ। ତାଙ୍କ ଛଡ଼ା ଏମ୍‌ଡି କେ. ବଦ୍ରି କହିଥିଲେ ଯେ ଆମେ ଅଳଙ୍କାର ଡିଜାଇନ୍ ଉପରେ ବିଶେଷ ଧାନ ଦେଉ ଓ ଆମ ଗ୍ରାହକଙ୍କୁ ବିଏସ୍ ହଲ୍‌ମାର୍କଡ୍ ଗୋଲ୍ଡ ଏବଂ ଅନ୍ତର୍ଜାତୀୟ ସ୍ତରରେ ପ୍ରମାଣିତ ହୀରା ଗହଣା ଦେଇଥାଉ। ପ୍ରତ୍ୟେକ ବୟସବର୍ଗ ଏବଂ ବଜେଟ୍ ପାଇଁ ସୁନ୍ଦର ହୀରା ଓ ସୁନାର ହାର, କାନଫୁଲ, ରିଙ୍ଗ୍, ପେଣ୍ଡାଲ, ଚୁଡ଼ି ଏବଂ ବ୍ରେସ୍‌ଲେଟ୍ ଆମ ପାଖରେ ମିଳିଥାଏ।






ଭୁବନେଶ୍ୱର (ଭାସ୍କର ନ୍ୟୁଜ) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ କ୍ରମେ ଖେଲୋ ଇଣ୍ଡିଆ କାର୍ଯ୍ୟକ୍ରମକୁ ଜନମାନସରେ ପହଁଞ୍ଚାଇବା ଉଦ୍ଦେଶ୍ୟରେ ଟିମ୍ ବିଜେପି ତରଫରୁ ୟୁନିଟ୍ ୯ ସ୍ଥିତ୍ ଭାରତୀୟ ବିଦ୍ୟାଳୟ (ହିନ୍ଦୀ ସ୍କୁଲ୍) ପଡିଆରେ ଭୁବନେଶ୍ୱର ମଧ୍ୟ ନିର୍ବାଚନ ମଣ୍ଡଳୀର ୧୮ଟି ୱାର୍ଡକୁ ନେଇ ଦୁଇ ଦିନିଆ ଟେନିସ୍ ବଲ୍ କ୍ରିକେଟ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଫାଇନାଲ୍ ମ୍ୟାଚ୍‌ରେ ୩୦ ନଂ ୱାର୍ଡକୁ ହରାଇ ୩୩ ନଂ ୱାର୍ଡ ଚାମ୍ପିଅନ୍ ହୋଇଛି । ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ ବିଜେପି ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର ଟ୍ରଫି ପ୍ରଦାନ କରିଥିଲେ । ବିଜେପି ନେତା ବାବୁ ସିଂହ, ଜଗନ୍ନାଥ ପ୍ରଧାନ, ସନସାଇନ୍ ହସ୍ପିଟାଲ ନିର୍ଦ୍ଦେଶକ ଆୟସକାନ୍ତ ଜେନାଙ୍କ ସମେତ ସମସ୍ତ ବିଜେପି କର୍ପୋରେଟର, ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ଦାୟିତ୍ୱରେ ପଦାଧିକାକାରୀ, ମଣ୍ଡଳ ସଭାପତିଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ । ଜିଲ୍ଲା ବିଜେପି ଉପସଭାପତି ସୁରେସ କୁମାର ଜେନା, ରାଜେନ୍ଦ୍ର ଜେନା, ମଣ୍ଡଳ ସଭାପତି ଜଗନ୍ନାଥ ବେହେରା, ସ୍ୱୟମ୍ଭୁ ମୋହନ ପଟ୍ଟନାୟକ, ଶଶୀପ୍ରଭା ରଥ, ସଚ୍ଚିକାନ୍ତ ସ୍ୱାଇଁ ଓ କର୍ପୋରେଟର ଜୀବନ ରାଉତ ପରିଚାଳନା କରିଥିଲେ ।

## ନୂଆଦିଲ୍ଲୀ ମହିଳା ବକ୍ସିଂ ଚାମ୍ପିଅନ୍‌ସିପ୍ ବର୍ଜନ କରିବ ବ୍ରିଟେନ୍




ନୂଆଦିଲ୍ଲୀ: ଆସନ୍ତା ମାସରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ମହିଳା ବିଶ୍ୱ ବକ୍ସିଂ ଚାମ୍ପିଅନ୍‌ସିପ୍ ବର୍ଜନ କରିବା ପାଇଁ ବ୍ରିଟେନ୍ ନିଷ୍ପତ୍ତି ନେଇଛି । ମଙ୍ଗଳବାର ଏହି ଘୋଷଣା କରି ବ୍ରିଟେନ୍ କହିଛି ଯେ, ଭବିଷ୍ୟତ ଅଲିମ୍ପିକ୍ କ୍ରୀଡାରେ ମହିଳା ବକ୍ସିଂ ସ୍ଥାନ ପାଇବା ନେଇ କୌଣସି ନିଶ୍ଚିତତା ନାହିଁ । କାରଣ ବିବାଦୀୟ ପରିସ୍ଥିତିରେ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ମହିଳା ବକ୍ସିଂ ସ୍ଥାନ ପାଇ ନଥିଲା । ସେହିପରି ୨୦୨୮ ଲସ୍‌ଏଞ୍ଜେଲ୍ସ ଅଲିମ୍ପିକ୍ସରେ ମଧ୍ୟ ଏହି ଇଭେଣ୍ଟ ସ୍ଥାନ ପାଇବା ସମ୍ଭାବନା ନାହିଁ । କାରଣ ଅନ୍ତର୍ଜାତିୟ ବକ୍ସିଂ ଆସୋସିଏସନର ସଂସ୍କାର ଆଣିବା ପାଇଁ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି ଦୀର୍ଘ ଦିନ ଧରି ଦାବି କରି ଆସୁଥିବା ବେଳେ ଏହି ପ୍ରସଙ୍ଗ ଉପରେ ଆଜି ପର୍ଯ୍ୟନ୍ତ କୌଣସି ଆଲୋଚନା ହୋଇପାରି ନାହିଁ । ସେହିପରି ରଷିଆର ଗାଜପ୍ରୋମ୍ ଫାର୍ମ ଦ୍ୱାରା ପରିଚାଳିତ ଅନ୍ତର୍ଜାତୀୟ ବକ୍ସିଂ ଆସୋସିଏସନ କାର୍ଯ୍ୟକଳାପକୁ ବହୁ ଦିନ ଧରି ବିରୋଧ କରାଯାଉଛି । ତେବେ ଏହି ଆସୋସିଏସନର ସଂସ୍କାର ପାଇଁ କୌଣସି ଆଗ୍ରହ ପ୍ରକାଶ ପାଉ ନଥିବାରୁ ଅଲିମ୍ପିକ୍ କ୍ରୀଡାରୁ ଏହାକୁ ବାଦ୍ କରିବା ପାଇଁ ଏକାଧିକ ରାଷ୍ଟ୍ର ଦାବି କରୁଛନ୍ତି । ୟୁକ୍ରେନ୍ ଉପରେ ରଷିଆର ଆକ୍ରମଣ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ରଷିଆ ଓ ଏହାର ସମର୍ଥକ ବେଲାରଷ୍ ପ୍ରତିଯୋଗୀଙ୍କୁ ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ଅନୁମତି ନ ଦେବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ଏଥିରେ ଅନ୍ତର୍ଜାତୀୟ ବକ୍ସିଂ ଆସୋସିଏସନ ରାଜି ହୋଇଥିଲା । ମାତ୍ର ଏହି ନିଷ୍ପତ୍ତି ପରିବର୍ତ୍ତନ କରି ପୁଣି କହିଛି ଯେ, ରଷିଆ ଓ ବେଲାରଷ ପ୍ରତିଯୋଗୀ ନିଜ ଦେଶ ଜାତୀୟ ପତାକା ସଂଗୀତ ସହିତ ପ୍ରତିନିଧିତ୍ୱ କରି ପାରିବେ । ତେଣୁ ଏହି ପ୍ରସଙ୍ଗ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି । ଏହାସହିତ ଅଲିମ୍ପିକ ଆନ୍ଦୋଳନ ଓ ଅନ୍ତର୍ଜାତୀୟ ବକ୍ସିଂ ଆସୋସିଏସନ ମଧ୍ୟରେ ଦିନକୁ ଦିନ ସଂପର୍କ ଦୂରେଇ ଯାଉଛି । ଆମେରିକା ବକ୍ସିଂ ଆସୋସିଏସନର ଘୋଷଣା ପରେ ଆୟର୍ଲାଣ୍ଡ ଆଥଲେଟିକ ବକ୍ସିଂ ଆସୋସିଏସନ ମଧ୍ୟ ଆଗାମୀ ମହିଳା ବିଶ୍ୱ ବକ୍ସିଂ ଚାମ୍ପିଅନ୍‌ସିପ୍ ବର୍ଜନ କରିବାକୁ ନିଷ୍ପତ୍ତି ନେଇଛି । ୟୁକ୍ରେନ୍ ଉପରେ ରଷିଆର ଆକ୍ରମଣକୁ ପ୍ରବଳ ବିରୋଧ କରି ଆସୁଥିବା ବ୍ରିଟିଶ ବକ୍ସିଂ ଗଭର୍ଣ୍ଣିଂ ବଡି ମଧ୍ୟ ଆସନ୍ତା ମେ ମାସରେ ତାସ୍କେଣ୍ଟ ଓ ଉଜବେକି ସ୍ଥାନରେ ଅନୁଷ୍ଠିତ ହେବାକୁ ଥିବା ପୁରୁଷ ଟୁର୍ଣ୍ଣାମେଣ୍ଟରେ ସାମିଲ ହେବା ନେଇ କୌଣସି ନିଷ୍ପତ୍ତି ନେଇ ନାହିଁ । ଅନ୍ୟପକ୍ଷରେ ମହିଳା ବିଶ୍ୱ ବକ୍ସିଂ ଚାମ୍ପିଅନସିପ୍ ବର୍ଜନ କରିବା ପାଇଁ ନିଷ୍ପତ୍ତି ନେଲେ ସଂପୃକ୍ତ ଦେଶର ବକ୍ସିଂ ଆସୋସିଏସନ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଅନ୍ତର୍ଜାତୀୟ ବକ୍ସିଂ ଆସୋସିଏସନ ଚେତାବନି ଦେଇଛି । ତେବେ ଆଗାମୀ ମହିଳା ବିଶ୍ୱ ବକ୍ସିଂ ଚାମ୍ପିଅନ୍‌ସିପ ଆୟୋଜକ ଭାରତୀୟ ବକ୍ସିଂ ମହାସଂଘ ଏହି ବିବାଦୀୟ ପରିସ୍ଥିତି ଉପରେ କୌଣସି ଟିପ୍ପଣୀ ଦେଇନାହିଁ ।

## ପୂଜାରା ଖେଳିବେ ୧୦୦ତମ ଟେଷ୍ଟ ମ୍ୟାଚ



ନୂଆଦିଲ୍ଲୀ: ଭାରତୀୟ ଟେଷ୍ଟ କ୍ରିକେଟ ଦଳର ଭେଟେରାନ ବ୍ୟାଟର ଚେତେଶ୍ୱର ପୂଜାରା ଖେଳିବେ ଜୀମନର ୧୦୦ତମ ଟେଷ୍ଟ ମ୍ୟାଚ । ସବୁଠାରୁ ଉଲ୍ଲେଖନୀୟ ବିଷୟ ହେଲା ଯେ ପୂଜାରା ୨୦୧୦ରେ ଅଷ୍ଟ୍ରେଲିଆ ବିରୋଧରେ ଖେଳିଥିଲେ ଜୀବନର ପ୍ରଥମ ଟେଷ୍ଟ । ସେହିପରି ଆସନ୍ତା ୧୭ରୁ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ଅଷ୍ଟ୍ରେଲିଆ ବିପକ୍ଷରେ ପୁଣି ଖେଳିବେ ୧୦୦ତମ ଟେଷ୍ଟ । ପୂଜାରା ଆଜି ସୁଦ୍ଧା ୯୯ ଟେଷ୍ଟ ଖେଳି ୧୯ ଶତକ ଓ ୩୪ ଅର୍ଦ୍ଧଶତକ ସହିତ ୭୦୨୧ ରନ କରିଛନ୍ତି । ସେ ଭାରତୀୟ ଟେଷ୍ଟ ଦଳର ଜଣେ ନିୟମିତ ସଦସ୍ୟ । ଭାରତର ତ୍ରୟୋଦଶତମ ଖେଳାଳି ଭାବେ ପୂଜାରା ୧୦୦ ଟେଷ୍ଟ ପୂରଣ କରିବେ । ସୂଚନାଯୋଗ୍ୟ ଯେ, ପୂଜାରା ଏକାଧିକବାର ଭାରତକୁ ଟେଷ୍ଟ କ୍ରିକେଟରେ ବିପଦମୁକ୍ତ କରିଛନ୍ତି । ସେ ଏକକାଳୀନ ୫୦୦ରୁ ଉର୍ଦ୍ଧ୍ୱ ବଲ୍ ଖେଳିବାରେ ଦକ୍ଷ ବ୍ୟାଟର । ୨୦୧୭ ଅଷ୍ଟ୍ରେଲିଆ ବିପକ୍ଷ ରାଞ୍ଚି ଟେଷ୍ଟରେ ୫୨୫ ବଲ ଖେଳି ୨୦୨ ରନ୍ କରିବା ସହ ରାହୁଲ ଦ୍ରାବିଡଙ୍କ ରେକର୍ଡ ଅତିକ୍ରମ କରିଥିଲେ । ରାହୁଲ ଦ୍ରାବିଡ ୨୦୦୪ରେ ପାକିସ୍ତାନ ବିପକ୍ଷ ରାୱଲପିଣ୍ଡି ଟେଷ୍ଟରେ ୪୯୫ ବଲ୍ ଖେଳି ୨୭୦ ରନ୍ କରିଥିଲେ । ଅଷ୍ଟ୍ରେଲିଆ ବିପକ୍ଷ ଚଳିତ ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ୍‌ରେ ପୂଜାରା ଭଲ ପ୍ରଦର୍ଶନ କରି ପାରିନଥିଲେ । ତେଣୁ ୧୦୦ତମ ଟେଷ୍ଟରେ ଶତକ ଅର୍ଜନ କରିପାରିବେ ବୋଲି ବିଶ୍ୱାସ ରଖିଛନ୍ତି ।

## ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ ଟେଷ୍ଟ ଖେଳିବେ ଆୟାର



ନୂଆଦିଲ୍ଲୀ: ଭାରତୀୟ କ୍ରିକେଟ ଦଳର ମିଡିଲ ଅଡର ବ୍ୟାଟର ଶ୍ରେୟସ ଆୟାର ଆସନ୍ତା ୧୭ ତାରିଖରୁ ସ୍ଥାନୀୟ ଅରୁଣ ଜେଟଲି ଷ୍ଟାଡିୟରେ ଅନୁଷ୍ଠିତ ହେବାକୁ ଯାଉଥିବା ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ ଟେଷ୍ଟ ଖେଳିବା ନେଇ ଆଶଙ୍କା ସୃଷ୍ଟି ହୋଇଥିଲା । ମାତ୍ର ସେ ବର୍ତ୍ତମାନ ଏହି ଟେଷ୍ଟ ଖେଳିବା ପାଇଁ ଫିଟ୍ ଅଛନ୍ତି ବୋଲି ମଙ୍ଗଳବାର ବିସିସିଆଇ ମେଡ଼ିକାଲ ଟିମ୍ ସୁପାରିଶ କରିଛନ୍ତି । ଆୟାର ଆହତ ସମସ୍ୟାରୁ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ପାରି ନଥିବାରୁ ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଟେଷ୍ଟ ଖେଳି ପାରି ନଥିଲେ । ଗତ ମାସରେ ଅନୁଷ୍ଠିତ ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ କ୍ରିକେଟ ସିରିଜ ଅବସରରେ ସେ ଆହତ ହୋଇଥିଲେ । ପିଠିରେ ଯନ୍ତ୍ରଣା ଅନୁଭବ କରିବା କାରଣରୁ ନ୍ୟୁଜିଲାଣ୍ଡ ବିରୋଧରେ ଟି-୨୦ ସିରିଜ ଖେଳି ପାରି ନ ଥିଲେ । ନାଗପୁରରେ ଅନୁଷ୍ଠିତ ଚଳିତ ଚାରି ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ ବେଳେ ସେ ଭାରତୀୟ ଦଳ ସହିତ ଉପସ୍ଥିତ ଥିଲେ ହେଁ ଖେଳିବା ସମ୍ଭବ ହୋଇ ନ ଥିଲା । ତେବେ ସେ ଦ୍ୱିତୀୟ ଟେଷ୍ଟ ପାଇଁ ଚୂଡାନ୍ତ ୧୧ଜଣିଆ ଭାରତୀୟ ଦଳରେ ସ୍ଥାନ ପାଇବେ କି ନାହିଁ ତାହା ସ୍ପଷ୍ଟ ହେବ । କାରଣ ଇନ୍ ଫର୍ମ ବ୍ୟାଟର ଶୁବମନ ଗିଲ୍ ପ୍ରଥମ ଟେଷ୍ଟ ଖେଳିବା ପାଇଁ ସୁଯୋଗ ପାଇ ନଥିବାରୁ ବିଭିନ୍ନ ଦିଗରୁ ବିସିସିଆଇ ଚୟନକର୍ତ୍ତାଙ୍କୁ ପୁରୁଖା କ୍ରିକେଟରମାନେ ପ୍ରଶ୍ନ କରିଥିଲେ । ସେହିପରି ସୀମିତ ଓଭର କ୍ରିକେଟରେ ଦମ୍‌ଦାର୍ ପ୍ରଦର୍ଶନ କରି ଆସୁଥିବା ସୂର୍ଯ୍ୟକୁମାର ଯାଦବଙ୍କୁ ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଟେଷ୍ଟ ଖେଳିବା ସୁଯୋଗ ମିଳିଥିଲା । ମାତ୍ର ସେ ସମ୍ପୂର୍ଣ୍ଣ ବିଫଳ ହୋଇ ପ୍ରଥମ ଇନିଂସରେ କେବଳ ୮ ରନ କରି ଆଉଟ ହୋଇଥିଲେ । ତେବେ ତାଙ୍କୁ ଆଉ ଗୋଟିଏ ସୁଯୋଗ ଦେବା ପାଇଁ ଦଳ ମ୍ୟାନେଜମେଣ୍ଟ ନିଷ୍ପତ୍ତି ନେଇଛି । ତେଣୁ ସେ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ଦ୍ୱିତୀୟ ଟେଷ୍ଟ ଖେଳିବା ସମ୍ଭବନା ରହିଛି ।

## ଆମେ ସଫଳତା ଧାରାକୁ ଫେରିବୁ: କେରେ



ନୂଆଦିଲ୍ଲୀ: ଅଷ୍ଟ୍ରେଲିଅ କ୍ରିକେଟ ଦଳ ୱିକେଟ କିପର ଆଲେକ୍ସ କେରେ କହିଛନ୍ତି ଯେ ଭାରତ ବିପକ୍ଷ ଚଳିତ ଟେଷ୍ଟ ସିରଜର ନାଗପୁର ମ୍ୟାଚରେ ଆମର ପ୍ରଦର୍ଶନ ଭଲ ହୋଇ ପାରିଲାନି । କାରଣ ଭାରତୀୟ ଦଳ ଆମକୁ ସବୁ ବିଭାଗରେ ପ୍ରବଳ ଚାପରେ ରଖି ଇନିଂସ ବିଜୟ ହାସଲ କଲେ । ତେବେ ପ୍ରଥମ ଟେଷ୍ଟ ବିଫଳତାକୁ ଭୁଲି ଦ୍ୱିତୀୟ ଟେଷ୍ଟରେ ଆମେ ଆଶାନୁରୂପ ପ୍ରଦର୍ଶନ କରିବା ଲକ୍ଷ୍ୟରେ ଅଛୁ । ଏଥିରେ ନିଶ୍ଚିତ ସଫଳ ହେବୁ ବୋଲି ବିଶ୍ୱାସ ରଖିଛୁ । କାରଣ ଅଷ୍ଟ୍ରେଲିଆ ହେଉଛି ଟେଷ୍ଟ ମାନ୍ୟତାର ପ୍ରଥମ ସ୍ଥାନ ପ୍ରାପ୍ତ ଦଳ । ଗତ ବର୍ଷ ଆମର ଟେଷ୍ଟ ପ୍ରଦର୍ଶନ ପ୍ରଶଂସନୀୟ ଥିଲା । ତେଣୁ ଭାରତ ବିପକ୍ଷ ଅବଶିଷ୍ଟ ତିନି ଟେଷ୍ଟରେ ପୂର୍ବ ସଫଳତା ଦୋହରାଇବା ପାଇଁ ବରାବର ଚେଷ୍ଟା କରିବୁ । ଦଳରେ ସ୍ଥାନ ପାଇଥିବା ସମସ୍ତ ଖେଳଳି ଅତ୍ୟନ୍ତ ଦକ୍ଷ । ତେଣୁ ଏକ ଶକ୍ତିଶାଳୀ ଦଳ ଭାବେ ଆମେ କିପରି ପୁଣି ବିଜୟ ଧାରାକୁ ପ୍ରତ୍ୟାବର୍ତ୍ତନ କରିବୁ ,ତାହା ଜଣା ଅଛି । ତେଣୁ ଗତ ୧୨ରୁ ୧୮ ମାସ ମଧ୍ୟରେ ଆମେ ଯେଉଁ ସଫଳତାକୁ ପାଥେୟ କରି ଅଗ୍ରଗତି କରିଛୁ, ତାହା ବଜାୟ ରଖିବା ପାଇଁ ସଂକଳ୍ପବଦ୍ଧ । ପ୍ରଥମ ଟେଷ୍ଟରେ ଆମର ଯୋଜନା ସଫଳ ହୋଇ ପାରିଲାନି । ତେଣୁ ଦ୍ୱିତୀୟ ଟେଷ୍ଟରେ ଏଥିପ୍ରତି ଅଧିକ ନଜର ଦେବୁ । ଭାରତୀୟ ଦଳର ସ୍ପିନର ମାନେ ଅତି ମାତ୍ରାରେ ସଫଳ ହେଲେ । ମୁଖ୍ୟତଃ ରବିନ୍ଦ୍ର ଜାଡେଜା, ରବିଚନ୍ଦ୍ରନ ଅଶ୍ୱିନ ଓ ଅକ୍ଷର ପଟେଲଙ୍କ କବଜାରୁ ଆମେ ମୁକୁଳିବା କଷ୍ଟକର ହୋଇ ପଡିଲା । ତେବେ ପରବର୍ତ୍ତୀ ସମୟରେ ଭାରତୀୟ ସ୍ପିନରଙ୍କୁ ମୁକାବିଲା କରିବା ପାଇଁ ନୂଆ ରଣନୀତି ପ୍ରୟୋଗ କରିବୁ । ପ୍ରଥମ ଟେଷ୍ଟ ପରାଜୟ ନେଇ ପୂର୍ବତନ ବିଶ୍ୱକପ ବିଜୟୀ ଅଧିନାୟକ ଆଲନ ବର୍ଡର ଆମ ପ୍ରଦର୍ଶନ ତରିକାକୁ ସମାଲୋଚନା କଲେ । ଅବଶ୍ୟ ସେ ଜଣେ ଅଭିଜ୍ଞ ଓ ବିଶ୍ୱକପ ବିଜୟୀ ଅଧିନାୟକ । ତେଣୁ ତାଙ୍କର ସମାଲୋଚନାକୁ ଆମେ ସକରାତ୍ମକ ଦିଗରେ ଗ୍ରହଣ କରିନେବା ଉଚିତ ବୋଲି କେରେ କହିଛନ୍ତି ।

### ମହିଳା ଟି-୨୦ ବିଶ୍ୱକପ୍ : ୱେଷ୍ଟଇଣ୍ଡିଜ୍ ବିପକ୍ଷ ଦ୍ୱିତୀୟ ମ୍ୟାଚ୍

## ମାନ୍ଧାନାଙ୍କ ଉପସ୍ଥିତି ଭାରତୀୟ ଦଳକୁ ଉତ୍ସାହିତ କରିଛି



ନୂଆଦିଲ୍ଲୀ : ସମ୍ପ୍ରତି ଦକ୍ଷିଣ ଆଫ୍ରିକାରେ ଚାଲିଥିବା ଆଇସିସି ମହିଳା ଟି-୨୦ କ୍ରିକେଟ ବିଶ୍ୱକପ୍‌ର ଦ୍ୱିତୀୟ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍ ସହ ମୁକାବିଲା କରିବ ଭାରତ । ଗତ ୧୨ତାରିଖ ଦିନ ପ୍ରଥମ ମ୍ୟାଚ୍‌ରେ ପାକିସ୍ତାନକୁ ପରାସ୍ତ କରିଥିଲା ଭାରତ । ତେବେ ଅଙ୍ଗୁଳିରେ ଆଘାତ ଲାଗିଥିବା ଭାରତୀୟ ଦଳର ଉପ ଅଧିନାୟିକା ସ୍ମୃତି ମାନ୍ଧାନା ପାକିସ୍ତାନ ବିରୁଦ୍ଧରେ ଖେଳି ପାରି ନଥିଲେ । ଆସନ୍ତା ମାସରେ ଅନୁଷ୍ଠିତ ହେବାକୁ ଥିବା ପ୍ରଥମ ମହିଳା ପ୍ରିମିୟର ଲିଗ୍ କ୍ରିକେଟ ପାଇଁ ସବୁଠାରୁ ଦାମି ଖେଳାଳି ଭାବେ ୩.୪ କୋଟି ଟଙ୍କାରେ ଅନୁବନ୍ଧିତ ହୋଇଥିବା ମାନ୍ଧାନା ୱେଷ୍ଟଇଣ୍ଡିଜ୍ ବିପକ୍ଷ ଦ୍ୱିତୀୟ ମ୍ୟାଚ୍ ଖେଳିବା ପାଇଁ ଫିଟ୍ ଘୋଷିତ ହୋଇଛନ୍ତି । ତେଣୁ ଭାରତୀୟ ଦଳର ଶକ୍ତି ବୃଦ୍ଧି ପାଇବା ସହିତ ଦଳର ସମସ୍ତ ଖେଳାଳି ଉତ୍ସାହିତ ହୋଇଛନ୍ତି । ସୂଚନାଯୋଗ୍ୟ ଯେ, ଏହି ବିଶ୍ୱକପ୍ ପୂର୍ବରୁ ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ତ୍ରିରାଷ୍ଟ୍ରୀୟ ଟି-୨୦ ସିରିଜ୍‌ରେ ୱେଷ୍ଟଇଣ୍ଡିଜ୍‌କୁ ଦୁଇ ଥର ପରାସ୍ତ କରିଥିଲା ଭାରତ । ତେଣୁ ବିଶ୍ୱକପ୍ ମ୍ୟାଚ୍‌ରେ ମଧ୍ୟ ହରାଇ ପାରିବ ବୋଲି ବିଶ୍ୱାସ ରଖିଛି । ତେବେ ଭାରତୀୟ ଦଳର ବୋଲିଂରେ ଅଧିକ ସୁଧାର ଆଣିବା ପାଇଁ ଆବଶ୍ୟକ ରହିଛି । ଏହି ମ୍ୟାଚ୍‌ରେ ବିଜୟୀ ହେଲେ ଭାରତ ସେମି ଫାଇନାଲ ଖେଳିବା ଆଶା ଉଜ୍ଜ୍ୱଳ ହେବ । ଅନ୍ୟପକ୍ଷରେ ପୂର୍ବତନ ଚାମ୍ପିଅନ ୱେଷ୍ଟଇଣ୍ଡିଜ ହାରିଗଲେ ବିଶ୍ୱକପ୍‌ରୁ ବିଦାୟ ନେବ । କାରଣ ବିଶ୍ୱକପ୍‌ର ପ୍ରଥମ ମ୍ୟାଚ୍‌ରେ ଇଂଲଣ୍ଡ ଠାରୁ ହାରିଥିଲା ୱେଷ୍ଟଇଣ୍ଡିଜ୍ ।

## ଭାରତ-ଅଷ୍ଟ୍ରେଲିଆ ଦ୍ୱିତୀୟ ଟେଷ୍ଟ ପାଇଁ ସବୁ ଟିକେଟ ବିକ୍ରି ଶେଷ

ନୂଆଦିଲ୍ଲୀ: ଆସନ୍ତା ୧୭ରୁ୨୧ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଅରୁଣ ଜେଟଲି ଷ୍ଟାଡିୟମରେ ଭାରତ-ଅଷ୍ଟ୍ରେଲିଆ ଦ୍ୱିତୀୟ ଟେଷ୍ଟ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହେବ । ଏଠାରେ ଶେଷ ଥର ପାଇଁ ୨୦୧୭ରେ ଟେଷ୍ଟ ମ୍ୟାଚ୍ ଅନୁଷ୍ଠିତ ହୋଇ ଥିବା ବେଳେ ଛଅ ବର୍ଷ ପରେ ପୁଣି ଆଉ ଏକ ଟେଷ୍ଟ ଅନୁଷ୍ଠିତ ହେବାକୁ ଯାଉଥିବା ଦୃଷ୍ଟିରୁ ସ୍ଥାନୀୟ କ୍ରିକେଟ ପ୍ରେମୀଙ୍କ ମଧ୍ୟରେ ପ୍ରବଳ ଆଗ୍ରହ ସୃଷ୍ଟି ହୋଇଛି । ଏହି ଷ୍ଟାଡିୟମର ଦର୍ଶକ କ୍ଷମତା ହେଉଛି ୪୦ ହଜାର । ଏଥିରୁ ୮ ହଜାର ଟିକେଟ ଦିଲ୍ଲୀ ଜିଲ୍ଲା କ୍ରିକେଟ ଆସୋସିଏସନର ସଦସ୍ୟଙ୍କ ପାଇଁ ଉଦିଷ୍ଟ ଥିବା ବେଳେ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କ ସକାଶେ ୮ ହଜାର ଟିକେଟ ରହିଛି । ଅବଶିଷ୍ଟ ୨୪ ହଜାର ଟିକେଟ ସର୍ବ ସାଧାରଣଙ୍କୁ ବିକ୍ରି କରାଯିବ । ଦିଲ୍ଲୀ ଜିଲ୍ଲା କ୍ରିକେଟ ଆସୋସିଏସନ ଯୁଗ୍ମ ସମ୍ପାଦକ ରାଜନ ମଞ୍ଚନ୍ଦା କହିଛନ୍ତି ଯେ ବହୁ ଦିନ ବ୍ୟବଧାନରେ ଟେଷ୍ଟ ଅନୁଷ୍ଠିତ ହେଉ ଥିବାରୁ ଷ୍ଟାଡିୟମରେ ଭରପୂର ଦର୍ଶକ ଏହି ମ୍ୟାଚ ଉପଭୋଗ କରିବେ ।

### ଜାତୀୟ ବରିଷ୍ଠ ଓ ୨୧ ବର୍ଷ ରୁ କମ୍ କରାଟେ ପ୍ରତିଯୋଗିତା

## ଓଡିଶା ଦଳର ଡେରାଡୁନ ଯାତ୍ରା




ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଉତ୍ତରାଖଣ୍ଡର ଡେରାଡୁନ ଠାରେ ଚଳିତ ମାସ ୧୭ ରୁ ୧୯ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ୨୧ ବର୍ଷରୁ କମ ଓ ବରିଷ୍ଠ ଜାତୀୟ କରାଟେ ପ୍ରତିଯୋଗିତା ପାଇଁ ଓଡିଶା ରାଜ୍ୟ କରାଟେ ସଂଘ ତରଫରୁ ଏକ ୩୦ ଜଣିଆ ଦଳ ଓ ୪ ଅଫିସିଆଲ ମନୋନୀତ ହୋଇଛନ୍ତି । ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଓଡିଶା ଦଳକୁ ରାଜ୍ୟ କରାଟେ ସଂଘ ତରଫରୁ ଶୁଭେଚ୍ଛା ଜଣାଯାଇଥିଲା । ଓଡିଶା ଦଳରେ ଅବିନାଶ ପୁହିର ପ୍ରବନ୍ଧକ, ଖାରବେଳ ମଲ୍ଲିକ ଓ ଦୀପକ କୁମାର ସାମନ୍ତରା କୋଚ ଏବଂ ରାଜୀବ କୁମାର ସିଂ ରେଫରି ଭାବେ ଯାଉଥିବା ବେଳେ ଭାଲେନା ଭାଲେଣ୍ଟିନା, ଅନୁପମା ସ୍ୱାଇଁ, ଚିନ୍ମୟୀ ଭୂୟାଁ , ସୁସମିନୀ ପାଲଟାସିଙ୍ଗ, ମୋନାଲି ସାହୁ, ଲୋମା ସ୍ୱାଇଁ, ସାଲୋନୀ ଲେଙ୍କା, ମାଉ ମିନାଲ, ବିଦ୍ୟା କିରଣ ସାହୁ , ସୁରୋମିତା ସିହ୍ନା, ନ୍ୟାଶା କୁମାରୀ, ସୋମ୍ୟା ଥାପା, ସୁମନ ଷଡଙ୍ଗୀ, ରାଜେଶ ମହାପାତ୍ର, ରଜନୀ ବିଶି, ଅଭିଷେକ ପଟ୍ଟନାୟକ କୃଷ୍ଣ ଚନ୍ଦ୍ର ନାୟକ, ମହେଶ ଡୋରା, କୃଷ୍ଣ ଚନ୍ଦ୍ର ମହାରଣା, କ୍ରୀଷ୍ଣା ଶିକାରୀ, ଯୋଗେଶ ବରିହା, ଭଗବାନ ରେଡ୍ଡୀ, ସୁମନ ଶେଖର ଦାସ, ଉଦୟ କିରଣ, ତ୍ରିନାଥ ରାଣା, ଆଶୁତୋଷ ପଟ୍ଟନାୟକ, ସାହିଲ କୁମାର, ଜୋତି ରଞ୍ଜନ ରାଉତ, ସଚିନ ବିଶ୍ୱକର୍ମା ଓ ରିତେଶ ରୟ ଆସନ୍ତାକାଲି ଡେରାଡୁନ ଅଭିମୁଖେ ଯାତ୍ରା କରିବେ । ଓଡିଶା ଦଳର ଗସ୍ତ ଖର୍ଚ୍ଚ ରାଜ୍ୟ କ୍ରିଡା ଓ ଯୁବ ସେବା ବିଭାଗ ବହନ କରିଥିବାରୁ ରାଜ୍ୟ ସଂଘ ତରଫରୁ କ୍ରିଡା ବିଭାଗକୁ କୃତଜ୍ଞତା ଜ୍ଞାପନ କରଯାଇଥିଲା । ଓଡିଶା ରାଜ୍ୟ କରାଟେ ସଂଘର ସଭାପତି ଡ. ହରିପ୍ରସାଦ ପଟ୍ଟନାୟକ, ସମ୍ପାଦକ ଡ. ଗୌରି ମହାନ୍ତି ଓ ଅନ୍ୟାନ୍ୟ ସଦସ୍ୟ ଗଣ ଉପସ୍ଥିତ ରହି ଦଳକୁ ଶୁଭକାମନା ଜଣାଇଥିଲେ ।

## ଗୋପାଳ ଓ ବବୁଲ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ : ବୋଲଗଡ ଚାମ୍ପିଅନ୍




ବୋଲଗଡ଼,(ଭାସ୍କର ନ୍ୟୁଜ୍) : ବୋଲଗଡ ବ୍ଲକ ଅନ୍ତର୍ଗତ ଖଙ୍ଗୁରିଆ ଗ୍ରାମ ପଞ୍ଚାୟତ ଅଧୀନ ହରିପୁରପାଟଣା କ୍ରିକେଟ କ୍ଲବ ଆନୁକୁଲ୍ୟରେ ଚାଲିଥିବା ତୃତୀୟ ବବୁଲ ସ୍ମାରକୀ ଓ ଗୋପାଳ ଚରଣ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ମଙ୍ଗଳବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ବୋଲଗଡ କ୍ଲବ ଓ ଜାମୁସାହି କ୍ଲବ ପରସ୍ପରକୁ ଭେଟିଥିଲେ । ଜାମୁସାହି କ୍ରିକେଟ କ୍ଲବ ପ୍ରଥମେ ଟସ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୫ ଓଭର ୭ ଉଇକେଟରେ ୧୩୨ ରନ ସଂଗ୍ରହ କରିଥିଲା । ଜବାବରେ ବୋଲଗଡ ଦଳ ୧୩.୪ ଓଭରରେ ଆବଶ୍ୟକ ୧୩୩ ରନ ୬ ୱିକେଟ ବିନିମୟରେ ସଂଗ୍ରହ କରି ବିଜୟୀ ହେବା ସହ ଚମ୍ପିୟନ ହୋଇଛି । ପୁରସ୍କାର ବିତରଣୀ ସମାରୋହରେ ଜିଲ୍ଲା ପରିଷଦ ସଦସ୍ୟ ତଥା ବେଗୁନିଆ ବିଜେଡ଼ି ବ୍ଲକ ସଭାପତି ଅନାଦି ସାହୁ, ସମାଜସେବୀ ନିରଞ୍ଜନ ନାୟକ ଓ ପ୍ରକାଶ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ଚାମ୍ପିୟନ ବୋଲଗଡ ଦଳକୁ ଟ୍ରଫି ସହ ୫ହଜାର ଟଙ୍କା ଓ ରନର୍ସଅପ ଜାମୁସାହି କ୍ରିକେଟ କ୍ଲବକୁ କପ ସହ ୪ହଜାର ଟଙ୍କା ପ୍ରଦାନ କରିଥିଲେ । ଏହି ଅବସରରେ ମ୍ୟାନ୍ ଅଫ ଦି ଫାଇନାଲ, ମ୍ୟାନ ଅଫ ଦି ଟୁର୍ଣ୍ଣାମେଣ୍ଟ, ବେଷ୍ଟ ବ୍ୟାଟ୍‌ସମ୍ୟାନ, ବେଷ୍ଟ ବୋଲର ଓ ଅନ୍ୟାନ୍ୟ ଅନେକ ପୁରସ୍କାର ପ୍ରଦାନ କରାଯାଇଥିଲା । ଅମ୍ପାୟାର ଭାବେ ପ୍ରଦୀପ ସାହୁ ଓ ବିଜୟ ସେଠୀ ଖେଳ ପରିଚାଳନା କରିଥିବା ବେଳେ ଆୟୋଜକ କ୍ଲବର ସଦସ୍ୟ ସୁରେନ୍ଦ୍ର ସେଠୀ, ଲିପୁନ, ଏସ ପ୍ରଧାନ, ରାଜା, ଆଲୋକ, ବିପିନା, ସପନ କୁମାର ସାହୁ ଓ ବଣ୍ଟି ପ୍ରମୁଖ ସହଯୋଗ କରିଥିଲେ ।






ସଇଁତଲା (ଭାସ୍କର ନ୍ୟୁଜ୍) : ୨୦୧୯ ଫେବୃୟାରି ରେ କାଶ୍ମୀର ର ପୁଲୱାମା ଠାରେ ଆତଙ୍କବାଦୀ ଆକ୍ରମଣରେ ୪୦ ଜଣ ଭାରତୀୟ ଯବାନ ସହିଦ ହୋଇଥିଲେ।ତାଙ୍କ ସ୍ମୃତି ରେ ଆଜି ସଇଁତଲା ପଞ୍ଚାୟତ ସମିତି କଲେଜ ଏନଏସଏସ ଶାଖା ପକ୍ଷରୁ ଛାତ୍ର ଚିରଞ୍ଜନ ସାହୁ ଙ୍କ ନେତୃତ୍ୱ ରେ କଲେଜ ରୁ ଏକ ରେଲି ବାହାରି ବ୍ଲକ ଛକକୁ ପହଞ୍ଚି ଥିଲେ ଓ ପରେ କଲେଜ କୁ ପହଞ୍ଚିବା ପରେ ଏକ ସହିଦ ଯବାନ ଙ୍କ ଉଦ୍ଦେଶ୍ୟ ରେ ଏକ ଶ୍ରୁତି ସଭା ଆୟୋଜନ କରାଯାଇଥିଲା। ସଭାରେ ଅଧ୍ୟାପକ ଭବାନୀଶଙ୍କର ବାରିକ,ଘନଶ୍ୟାମ ମାଝୀ ଛାତ୍ରୀ ଚିନ୍ମୟୀ ସାହୁ, ଅରବିନ୍ଦ ରଣା, ବିରେନ୍ଦ୍ର ରଣା, ନିମାଇ ଚରଣ ସାହୁ, ମୁକେଶ ରଣା, ନଗେନ୍ଦ୍ର ବୁଡେକ, ଲିପୁ ରଣା, ରାଜକିଶୋର ରଣା, ରାହୁଲ ବିଶି, ଦୁଦ୍ର କଟା, ହିମାଂଶୁ ମହାକୁର ଓ ସୁରଞ୍ଜନ ରଣା ଉପସ୍ଥିତ ଥିଲେ।

## ଆଜି ରାଜ୍ୟସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନର ଉଦ୍‌ଯାପନୀ ସମାରୋହ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆଜି ଲୋକସେବା ଭବନ ସ୍ଥିତ କନଭେନସନ ସେଂଟର ସମ୍ମିଳନୀ କକ୍ଷରେ ରାଜ୍ୟସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ଉଦଯାପିତ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିବେ। ସୂଚନାଯୋଗ୍ୟ ଯେ ଗତ ଫେବୃୟାରୀ ୧ ତାରିଖରେ ୧୧୭ ଟି ଜଳ ସେଚନ ବିଭାଜନରେ ଏବଂ ଫେବୃୟାରୀ ୮ ତାରିଖରେ ୩୦ ଟି ଜିଲ୍ଲାରେ ପାଣି ପଞ୍ଚାୟତ ପକ୍ଷ ପାଳନ କରାଯାଇଥିଲା। କୋଭିଡ ମହାମାରୀର ଭୟାବହତା ପାଇଁ ଏହି ପକ୍ଷ ପାଳନ ବିଗତ ୨ ବର୍ଷ ଧରି ସ୍ଥଗିତ ଥିଲା। ତେଣୁ ଚଳିତ ବର୍ଷ ତୃଣମୂଳ ସ୍ତରରେ ସହଭାଗୀ ଜଳ ପରିଚାଳନାରେ ସମ୍ପୃକ୍ତ ପାଣି ପଞ୍ଚାୟତ ଏବଂ ହିତାଧିକାରୀ ମାନଙ୍କର ଗୁରୁତ୍ୱକୁ ଉପଲକ୍ଷ କରି ଏହା ଅତି ଉତ୍ସାହ ଓ ଉଦ୍ଦୀପନାର ସହିତ ପାଳନ କରାଯାଉଛି। ଏଥି ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କର ବାର୍ତ୍ତା ପାଣି ପଞ୍ଚାୟତର ସଭ୍ୟ ଓ କୃଷକ ମାନଙ୍କୁ ବିତରଣ କରାଯାଇଥିଲା। ଅନୁଷ୍ଠିତ ହେବାକୁ ଥିବା ଉଦଯାପନୀ ସମାରୋହରେବୃହତ, ମଧ୍ୟମ, କ୍ଷୁଦ୍ର ଓ ଉଠାଜଳସେଚନ ଆଦି ବିଭିନ୍ନ ପ୍ରକଳ୍ପର ୪୦ ଗୋଟି ଶ୍ରେଷ୍ଠ ପାଣି ପଞ୍ଚାୟତ, ୩୦ ଜଣ ପ୍ରଗତିଶୀଳ କୃଷକ, ବିଭିନ୍ନ ପ୍ରତିଯୋଗିତାର ୧୨ ଜଣ ବିଜେତା ତଥା ୧୨ ଟି ଶ୍ରେଷ୍ଠ ପ୍ରକଳ୍ପ ଏବଂ ୧୫ ଜଣ ଶ୍ରେଷ୍ଠ ଅଧିକାରୀ ମାନଙ୍କୁ ପୁରସ୍କୃତ କରାଯିବ । ରାଜ୍ୟରେ ପାଣି ପଂଚାୟତର ପ୍ରଗତି ଯାତ୍ରାରେ ସେଚ ସହଭାଗିତା, ପାଣି ପଞ୍ଚାୟତ ପ୍ରଶିକ୍ଷଣ ସମ୍ବନ୍ଧୀୟ ପୁସ୍ତିକା 'ସିଂଚିତା', ଇ-କାଡ ଅଧୀନରେ ଇନଫ୍ରା ଏବଂ ଏମ୍.ଆଇ.ଏସ୍ ମୋଡ୍ୟୁଲ ପରି ଆପ୍ଲିକେସନ ପ୍ରକଳ୍ପ ଗୁଡିକ ବାସ୍ତବ ଓ ଆର୍ଥିକ ପ୍ରଗତିର ସଠିକ ସମୟରେ ପର୍ଯ୍ୟାଲୋଚନା ପାଇଁ ପ୍ରସ୍ତୁତ କରାଯାଇଛି।

### ୧୬ରେ ସ୍କୁଲ ଶିକ୍ଷାର ବିକାଶ ପାଇଁ ଦୁଇଦିନିଆ ଷ୍ଟାର୍ସ ସମୀକ୍ଷା ବୈଠକ

## ଓଡ଼ିଶା ସମେତ ୬ ରାଜ୍ୟର ଶିକ୍ଷା ସଚିବ ଯୋଗଦେବେ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସ୍କୁଲ ଶିକ୍ଷାକୁ ମଜଭୁତ୍ କରିବା, ସମାଜର ଆର୍ଥିକ ଦୃଷ୍ଟିରୁ ପଛୁଆ ଛାତ୍ରଛାତ୍ରୀଙ୍କୁ ସଶକ୍ତ କରିବା ଏବଂ ଶିକ୍ଷକଙ୍କୁ ଉତ୍ତମ ତାଲିମ ପ୍ରଦାନ କରିବା ଦିଗରେ ଆସନ୍ତା ୧୬ ଓ ୧୭ ତାରିଖରେ ଭୁବନେଶ୍ୱର ଠାରେ ଷ୍ଟାର୍ସ (ଷ୍ଟ୍ରେନ୍ଥେନିଂ ଟିଚିଂ-ଲର୍ଣ୍ଣିଂ-ଆଣ୍ଡ୍ ରେଜଲ୍ଟ ଫର୍ ଷ୍ଟେଟ୍ସ) କାର୍ଯ୍ୟକ୍ରମର ଏକ ଦୁଇଦିନିଆ ମଧ୍ୟବର୍ତ୍ତୀକାଳୀନ ସମୀକ୍ଷା ବୈଠକ ଅନୁଷ୍ଠିତ ହେବ। କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଷ୍ଟାର୍ସ ସମୀକ୍ଷା ବୈଠକର ପ୍ରଥମ ଦିନରେ କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେବେ। ଷ୍ଟାର୍ସ ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବା ୬ଟି ରାଜ୍ୟ ଯଥା ଓଡ଼ିଶା, ରାଜସ୍ଥାନ, ମହାରାଷ୍ଟ୍ର, କେରଳ, ମଧ୍ୟପ୍ରଦେଶ ଏବଂ ହିମାଚଳ ପ୍ରଦେଶର ଶିକ୍ଷା ସଚିବମାନେ ଏହି ବୈଠକରେ ଯୋଗଦେବେ। ଏହାସହ କେନ୍ଦ୍ର ସ୍କୁଲ ଶିକ୍ଷା ଏବଂ ସାକ୍ଷରତା ବିଭାଗର ସଚିବ, ଶିକ୍ଷା ଓ ଦକ୍ଷତା ବିକାଶ ବିଭାଗର ବରିଷ୍ଠ ଅଧିକାରୀ ଓ ଏନସିଇଆରଟିର ଅଧିକାରୀମାନେ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି। ମୋଟ ଦୁଇ ଦିନିଆ ସମୀକ୍ଷା ବୈଠକରେ ଉପରୋକ୍ତ ରାଜ୍ୟର ସ୍କୁଲ ଶିକ୍ଷାର ଅଗ୍ରଗତି ଉପରେ ଚର୍ଚ୍ଚା ଆଲୋଚନା ହେବ । ସ୍କୁଲ ଶିକ୍ଷା ନେଇ ଥିବା ରାଜ୍ୟ ଗୁଡିକର ବାର୍ଷିକ ଯୋଜନା, ବଜେଟ୍, ସମଗ୍ର ଶିକ୍ଷା ଉପରେ ଚର୍ଚ୍ଚା ସହ ରାଜ୍ୟ ଗୁଡିକ ଠାରୁ ବିଭିନ୍ନ ପରାମର୍ଶ ନିଆଯିବ। ଭୁବନେଶ୍ୱରରେ ଏଭଳି ବୈଠକ ପ୍ରଥମ ଥର ପାଇଁ ହେବାକୁ ଯାଉଛି, ଯାହା ବର୍ତ୍ତମାନ ସମୟରେ ଗୁରୁତ୍ୱପୂର୍ଣ୍ଣ ବହନ କରୁଛି।

## ଆଜାଦ କ୍ଲବ୍ ପକ୍ଷରୁ ଜାତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଦିବସ



କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ଆଜାଦ କ୍ଲବ ଆନୁକୂଲ୍ୟରେ କେନ୍ଦ୍ରାପଡା ସରକାରୀ ହାଇସ୍କୁଲ ଖେଳପଡିଆରେ "ଅବୁ ଓ୍ୱାହିଦ ମେମୋରିଆଲ ଜାତୀୟ ଦିବାରାତ୍ର ଫୁଟବଲ ଟୁର୍ଣ୍ଣାମେଣ୍ଟ"ର ଚତୁର୍ଥ ଦିନରେ କଟକ ଓ କେନ୍ଦ୍ରାପଡା ଜିଲ୍ଲା ବାଳିକା ଫୁଟବଲ ଟିମ ମଧ୍ୟରେ ଏକ ଫ୍ରେଣ୍ଡଲି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ କ୍ଲବର ସଭାପତି ହିବଜୁର ରହେମାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ରତିକାନ୍ତ କାନୁନଗୋ ଯୋଗଦେଇ ପଡିଆ ମଧ୍ୟକୁ ଯାଇ ଉଭୟ ଦଳର ଖେଳାଳୀମାନଙ୍କ ସହ ହାତ ମିଳାଇ ସେମାନଙ୍କୁ ଉତ୍ସାହିତ କରିଥିଲେ। ରାତିରେ ଝାଡଖଣ୍ଡର ଧାନବାଦ ଏଫସି ଓ କେନ୍ଦ୍ରାପଡାର ଚାନ୍ଦ କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେଉଛି। କ୍ଲବର ଉପସଭାପତି ମହମ୍ମଦ ନିଆଜ, ସହସମ୍ପାଦକ ମୀର ବକାଉଲ୍ଲା, ସୟଦ ଅବଦୁଲ ସାର, ଉପଦେଷ୍ଟା ସୟଦ ଅକମଲ ଅଲ୍ଲୀ, ସମ୍ପାଦକ ସେଖ ଲିଆକତ ଅଲ୍ଲୀ ପ୍ରମୁଖ ମଞ୍ଚାସୀନ ଥିଲେ। ମ୍ୟାଚ ପରିଚାଳନାରେ ଜାହିଦ ଖାଁ, ଅୟାଜ ଖାନ, ଅବଦୁଲ ମଜିଦ, ଆଝାରୁଦ୍ଦିନ ଖାନ, ସମସୁର ରହେମାନ, ତାଜଉଦ୍ଦିନ ଖାନ, ନୁର ଖାନ, ନଫିସ ଅହେମ୍ମଦ, ରାକେଶ ମହାପାତ୍ର, ପ୍ରଦୀପ ବେହେରା, ରବିନ୍ଦ୍ର ବେହେରା, ସେକ ସାହାବୁଲ୍ଲା, ସେକ ସଫାତୁଲ୍ଲା, ସେକ ସିରାନ ଅଲ୍ଲୀ, ଅକିଲ ଅହେମ୍ମଦ, ଅନିସୁର ରହେମାନ, ଟିକା ଖାନ, ସେକ ଅକ୍ତର, ମୀର ଅମୀର, ସେକ ନୋଲି, ଅମୀର ମହମ୍ମଦ, ପରଭେଜ ଅକ୍ତର, ମୀର କୁବେର, ଜୁମ୍ମା ଖାନ ପ୍ରମୁଖ ସହଯୋଗ କରିଥିଲେ। ଆଜିର ଏହି ଫୁଟବଲ ମ୍ୟାଚକୁ ରେଫରୀ ଭାବରେ ସେକ ମୋକିମ, ମହମ୍ମଦ ସକଲିମ, ଯୋଗି ପଲାଲା ଓ ଶିବ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

## ଚାଷୀଙ୍କୁ ଆଇଟିଡ଼ିଏ ପକ୍ଷରୁ ପରିବା ବିହନ ବଣ୍ଟନ




ରାଇରଙ୍ଗପୁର (ଭାସ୍କର ନ୍ୟୁଜ୍) : ମୟୂରଭଞ୍ଜ ଜିଲ୍ଲାର ବାମନଘାଟୀ ଉପଖଣ୍ଡର ଆଦିବାସୀ ପରିବାରଙ୍କୁ ଜୀବିକାର ବ୍ୟାପକ ସୁଯୋଗ ଦେବା ସହ ଅଧିକ ଆୟ କାର୍ଯ୍ୟକାରୀ ହେଉଛି ମିଶନ ଜୀବିକା କାର୍ଯ୍ୟକ୍ରମ। ରାଇରଙ୍ଗପୁର ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡ଼ିଏ) ପକ୍ଷରୁ ହିତାଧିକାରୀମାନଙ୍କୁ ଆବଶ୍ୟକ ପ୍ରୋତ୍ସାହନ ଯୋଗାଇଦିଆଯାଉଛି। ଆଦିବାସୀ ଚାଷୀମାନଙ୍କର ଜୀବିକାକୁ ସୁଦୃଢ଼ କରିବାରେ ବିଭିନ୍ନ ପ୍ରକାରର ପନିପରିବା ପରି ଲାଭଜନକ ଚାଷ ବିଶେଷ ସହାୟକ ହୋଇପାରୁଛି। ଏଥିପାଇଁ ଆଇଟିଡିଏ ତରଫରୁ ସେମାନଙ୍କୁ ସବୁ ପ୍ରକାର ଇନପୁଟ୍ ସହାୟତା ଯୋଗାଇ ଦିଆଯାଉଛି। ଫଳରେ ସେମାନେ ଆଗ ଅପେକ୍ଷା ଅଧିକ ଉତ୍ପାଦନ ଓ ଭଲ ରୋଜଗାର କରିପାରୁଛନ୍ତି। ଏହି ଅବସରରେ ମିଶନ ଜୀବିକା କାର୍ଯ୍ୟକ୍ରମରେ ତିରିଂ ବ୍ଲକର ଦେବରାଡ଼ିହି ଗ୍ରାମର ୪୦ ଏକର ଜମି ନିମନ୍ତେ ୪୫ ଜଣ ଚାଷୀଙ୍କୁ ୩ୟ ଥର ପାଇଁ ପରିବା ବିହନ ପ୍ରଦାନ କରାଯାଇଛି ।ପ୍ରକଳ୍ପ ପ୍ରଶାସକ ହେମନ୍ତ କୁମାର ସିଂହଙ୍କ ମାର୍ଗଦର୍ଶନରେ ପିଏମ୍ ସ୍ୱର୍ଣ୍ଣପ୍ରଭା ରଥ ଏସ୍ଏମ୍ଏସ୍ ରବିନ୍ଦ୍ର ନାଥ ଗିରିଙ୍କ ତତ୍ତ୍ୱାବଧାନରେ ମିଶନ ଜୀବିକା ବିଶେଷଜ୍ଞ ଅଞ୍ଜନ କୁମାର ଦାଶଙ୍କ ସଠିକ୍ ବ୍ୟବସ୍ଥା, ସଂଯୋଜନା ଓ ପରିଚାଳନା ହେତୁ ୩ୟ ଥର ନିମନ୍ତେ ଦେବ୍ରାଡ଼ିହି ଚାଷୀଙ୍କୁ ବିହନ ବଣ୍ଟନ କରାଯାଇଛି । ରାଇରଙ୍ଗପୁର ଆଇଟିଡ଼ିଏ ରୁ ବିହନ, ଜୈବିକ ଖତ, ସାର, କୀଟନାଶକ ଔଷଧ ଚାଷୀମାନେ ଗ୍ରହଣ କରି ମିଶନ ଜୀବିକାର ଏହି କାର୍ଯ୍ୟକ୍ରମକୁ ସାଧୁବାଦ ଦେବାସହ ଆଇଟିଡ଼ିଏ ରାଇରଙ୍ଗପୁରକୁ ଭୂୟସୀ ପ୍ରଶଂସା କରାଯାଇଥିବା ସମାଜସେବୀ ପ୍ରଶ୍ନ କୁମାର ଶତପଥୀ ସୂଚନା ପ୍ରଦାନ କରିଛନ୍ତି ।

## ସ୍ତ୍ରୀର ଶବ କାନ୍ଧରେ ବୋହିବା ଘଟଣା : ମୁଖ୍ୟ ସଚିବଙ୍କୁ ନୋଟିସ୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପତ୍ନୀର ଶବକୁ କାନ୍ଧରେ ବୋହିବା ଘଟଣାରେ ମୁଖ୍ୟ ଶାସନ ସଚିବଙ୍କୁ ଜାତୀୟ ମାନବାଧିକାର କମିଶନ ନୋଟିସ ଜାରି କରିଛନ୍ତି। ଏଥିସହ ଦାଦନ ନିର୍ଯାତନା ଘଟଣାରେ ମଧ୍ୟ ନୋଟିସ୍ ଜାରି କରାଯାଇଛି। ଏହି ମାମଲାରେ କଣ କାର୍ଯ୍ୟାନୁଷ୍ଠାନ ହୋଇଛି ସେ ନେଇ ୪ ସପ୍ତାହରେ ଜଣାଇବାକୁ ନିର୍ଦ୍ଦେଶ ଦେଇଛନ୍ତି କମିଶନ। ଏଥିସହ ଏହାକୁ ରୋକିବାକୁ କି ପଦକ୍ଷେପ ନିଆଯାଇଛି ଜଣାଇବାକୁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ମାନବାଧିକାର କମିଶନ। ସୂଚନାଯୋଗ୍ୟ ଯେ କିଛି ଦିନ ପୂର୍ବେ ଆନ୍ଧ୍ରରେ ଜଣେ ଓଡ଼ିଆ ପତ୍ନୀଙ୍କ ଶବକୁ କାନ୍ଧରେ ପ୍ରାୟ ୩୩ କିଲୋମିଟର ବୋହି ଆଣିଥିଲେ। ଆନ୍ଧ୍ର ପୁଲିସ ମାନବିକତା ଦେଖାଇବା ସହିତ ଆମ୍ବୁଲାନ୍ସରେ କୋରାପୁଟ ଜିଲ୍ଲାକୁ ଶବ ପଠାଇବା ବ୍ୟବସ୍ଥା କରିଥିଲା। ଶବ ବୋହୁଥିବା ବ୍ୟକ୍ତି ଜଣକ କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ବ୍ଲକ୍‌ର ଗୁରୁ। ଗୁରୁ ଓ ତାଙ୍କ ପତ୍ନୀ ବିଶାଖାପାଟଣାରେ ରହି ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ପତ୍ନୀଙ୍କ ସ୍ୱାସ୍ଥ୍ୟାବସ୍ଥା ହଠାତ୍ ଗୁରୁତର ହେବାରୁ ସାଗରବାଲସାସ୍ଥିତ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ, ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ସକାଳେ ପତ୍ନୀଙ୍କ ମୃତ୍ୟୁ ହୋଇଯାଇଥିଲା। ଶେଷକୃତ୍ୟ ପାଇଁ ଶବ ଗାଁକୁ ନେବାକୁ ହସ୍ପିଟାଲ କର୍ତ୍ତୃପକ୍ଷ ସହଯୋଗ ନକରିବାରୁ ଗୁରୁ ପତ୍ନୀଙ୍କ ଶବକୁ କାନ୍ଧରେ ବୋହିଥିଲେ।

## ଡ୍ରେନେଜର ଉନ୍ନତି ପାଇଁ ୨୨୦୦ କୋଟି ଦେଲେ ମୁଖ୍ୟମନ୍ତ୍ରୀ

ବାଲେଶ୍ୱର,(ଭାସ୍କର ନ୍ୟୁଜ୍) : ଓଡ଼ିଶାର ଉପକୂଳବର୍ତ୍ତି ୯ଟି ଜିଲାର ୧୭ଟି ଅବବାହିକା ଓ ୩ଟି ଅଣ ଅବବାହିକା ଅଞ୍ଚଳର ଚାଷ ଜମି ଜଳବନ୍ଦୀ ମୁକ୍ତ କରିବା ଏବଂ ଜଳ ନିଷ୍କାସନ ପ୍ରକ୍ରିୟା ତ୍ୱରାନ୍ୱିତ ମୁଖ୍ୟମନ୍ତ୍ରୀ ୨୨୦୦ କୋଟି ଟଙ୍କା ମଞ୍ଜୁର କରିଥିବାରୁ ବାଲେଶ୍ୱର ଜିଲା ବିଜେଡି ପକ୍ଷରୁ ତାଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି । ଜିଲା ବିଜେଡି କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଉପ-ସଭାପତି ବରଦା ପ୍ରସନ୍ନ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ନୀଳଗିରି ବିଜେଡି ନେତା ସନ୍ତୋଷ ଖଟୁଆ, ଜିଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ଉପସଭାପତି ଅନସୂୟା ପ୍ରଧାନ, ବାଲେଶ୍ୱର ଭଦ୍ରକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ (ବିବିସିସିବି)ର ସଭାପତି ଗଣେଶ ପ୍ରସାଦ ମହାପାତ୍ର, ପୌରାଧ୍ୟକ୍ଷା ସବିତା ସାହୁ, ସଦର ବ୍ଲକ ଅଧ୍ୟକ୍ଷା ସୁନିତା ବେହେରା, ଜଳେଶ୍ୱର ବ୍ଲକ ଅଧ୍ୟକ୍ଷ ମାନସ ଜେନା, ବିଜେଡି ନେତା ଗୌରୀକୁମାର ରାଉତ, ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, ଆଇନଜୀବୀ ସୂର୍ଯ୍ୟକାନ୍ତ କର, ଭୂବନାନନ୍ଦ ଦାସ, ପୂର୍ବତନ ପୌରାଧ୍ୟକ୍ଷ ଅଲୋକ କୁମାର ସାହୁ ପ୍ରମୁଖ ଯୋଗଦେଇ ଜଳ ନିଷ୍କାସନ ଓ କୃଷି କ୍ଷେତ୍ରରେ ଜଳେସଚନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ନିଷ୍ପତ୍ତି ଚାଷୀକୂଳ ପାଇଁ ବେଶ ଉପାଦେୟ ହେବ ବୋଲି ମତ ପ୍ରକାଶ କରିଥିଲେ। ବିଜେଡି କମର୍କର୍ତ୍ତାଙ୍କ ସୂଚନା ଅନୁସାରେ ଜଳ ନିଷ୍କାସନ ସମସ୍ୟାର ସମାଧାନ ପାଇଁ ୨୦୧୪ରୁ ୧୫, ୨୦୧୮ରୁ ୧୯, ୫ ବର୍ଷ ପାଇଁ ଡ୍ରେନେଜ ଉନ୍ନତି କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଇଥିଲା। ଯୋଜନାରେ ୫୦୦ କୋଟି ଟଙ୍କା ୫ ବର୍ଷ ଭିତେର ଖର୍ଚ୍ଚ କରାଯାଇ ୨୦୧୯ରୁ ୨୦ ଓ ୨୦୨୨ରୁ ୨୩ ପର୍ଯ୍ୟନ୍ତ କରାଯିବା ପାଇଁ ଅନୁମୋଦନ କରାଯାଇଥିବା ବେଳେ ଆବଶ୍ୟକତା ଦୃଷ୍ଟିରୁ ଅଧିକ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ପ୍ରକଳ୍ପର ମୂଲ୍ୟ ବୃଦ୍ଧି କରାଯାଇଛି। ୫୦୦ କୋଟି ପରିବର୍ତ୍ତେ ୮୦୦ କୋଟି ଟଙ୍କା ବ୍ୟୟ କରାଯିବା ପାଇଁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି। ଏହାଦ୍ୱାରା ୪୨୮୨ କିଲୋମିଟର ଦୈର୍ଘ୍ୟର ଡ୍ରେନେଜ ଚ୍ୟାନେଲର ଖନନ, ଉନ୍ନତି ତଥା ନବୀକରଣ କରାଇ ୮୩୭୯୬ ହେକ୍ଟର ଚାଷଜମିକୁ ଜଳବନ୍ଦୀ ମୁକ୍ତ କରାଯିବ। ଆସନ୍ତା ୨୦୨୩-୨୪ରୁ ୨୦୨୭-୨୮ ପର୍ଯ୍ୟନ୍ତ ୫ ବର୍ଷ ପାଇଁ ଡ୍ରେନେଜ ଉନ୍ନତି କାର୍ଯ୍ୟକ୍ରମେର' ଆଉ ୧୪୦୦ କୋଟି ଟଙ୍କା ବ୍ୟୟ କରାଯିବା ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି। ଏହା ଦ୍ୱାରା ୬୯୬୯ କିଲୋମିଟର ଦୈର୍ଘ୍ୟର ଡ୍ରେନେଜ ଚ୍ୟାନେଲର ଖନନ ଉନ୍ନତି ତଥା ନବୀକରଣ କରାଯାଇ ୧୦୫୮୬୮ ହେକ୍ଟର ଚାଷଜମିକୁ ଜଳମୁକ୍ତ କରାଯିବ। ଏହି ଯୋଜନା ଦ୍ୱାରା ସମୁଦ୍ରକୁ ନିଷ୍କାସିତ ହେଉଥିବ ଡ୍ରେନେଜ ଚ୍ୟାନେଲ ଭିତେର ଲୁଣାପାଣିର ପ୍ରବେଶକୁ ନିୟନ୍ତ୍ରଣ କରାଯିବା ଓ ପ୍ରଭାବିତ ହେଉଥିବା ଅଞ୍ଚଳରୁ ଅଧିକ ପ୍ରବାହିତ ଜଳସ୍ରୋତକୁ ନିଷ୍କାସନ କରିବା ସହ କିଛି ସହରାଞ୍ଚଳରୁ ପ୍ରାକୃତିକ ଜଳ ନିଷ୍କାସନ ଚ୍ୟାନେଲ ମାଧ୍ୟମରେ ଜଳ ସୁରୁଖୁରୁରେ ନିଷ୍କାସନ ହେବା ସାଙ୍ଗକୁ ଆବଶ୍ୟକ ସମୟରେ କିଛି ଚାଷ ଜମିରେ ଜଳସେଚନ ପାଇଁ ମଧ୍ୟ ଏହି ଅର୍ଥ ଉପଲବ୍ଧ ହେବ ବୋଲି ବିଜେଡି କମକର୍ତ୍ତାମାନେ ଆଶା ପ୍ରକାଶ କରିଛନ୍ତି।

## ସଂସଦୀୟ ବଜେଟ ଉପରେ ଆଲୋଚନାଚକ୍ର

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍) : କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ଅର୍ଥନୀତି ବିଭାଗ ଆନୁକୂଲ୍ୟରେ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ସଂସଦୀୟ ବଜେଟ-୨୦୨୩-୨୪ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଅର୍ଥନୀତି ବିଭାଗ ମୁଖ୍ୟ ଡଃ. ଜ୍ଞାନୀନ୍ଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଆଲୋଚକ ଭାବେ ବରିଷ୍ଠ ଅର୍ଥନୀତିଜ୍ଞ, ସ୍ତମ୍ଭକାର ତଥା ସାମାଜିକ କର୍ମୀ ଡଃ. ସନ୍ତୋଷ କୁମାର ମହାପାତ୍ର ଯୋଗଦେଇ ସଂସଦୀୟ ବଜେଟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏଥିସହିତ ବିଭିନ୍ନ ସେକ୍ଟର ପାଇଁ ହୋଇଥିବା ବ୍ୟୟ ବରାଦ ସମ୍ପର୍କରେ ଆଲୋକପାତ କରି ଡଃ. ମହାପାତ୍ର କହିଥିଲେ ଯେ ଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗ ପାଇଁ ଅଧିକ ଅର୍ଥ ବ୍ୟୟ ବରାଦ କରାଯିବାର ଆବଶ୍ୟକତା ରହିଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଗୋପାଳ ଚନ୍ଦ୍ର ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅର୍ଥନୀତି ବିଭାଗ ଅଧ୍ୟାପିକା ଡଃ. ଦିପ୍ତୀ ରାୟ ଅତିଥି ପରିଚୟ ପ୍ରଦାନ ଓ ଅଧ୍ୟାପିକା ତପସ୍ୱିନୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଆଲୋଚନା ଚକ୍ରରେ ଉପସ୍ଥିତ ଥିବା ଛାତ୍ରଛାତ୍ରୀମାନେ ମଧ୍ୟ ସେମାନଙ୍କ ନିଜସ୍ୱ ମତ ରଖିଥିଲେ।

## ଏନ୍‌ସିସିକୁ ଏକ ବିଷୟ ଭାବେ ସାମିଲ ପାଇଁ ଆଲୋଚନା

କେନ୍ଦ୍ରାପଡ଼ା,(ଭାସ୍କର ନ୍ୟୁଜ୍) :କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ମିନି କନଫରେନ୍ସ ହଲରେ ଅଧକ୍ଷ ପ୍ରଫେସର ଗୋପାଳ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ମହାବିଦ୍ୟାଳୟର ବିଭିନ୍ନ ବିଭାଗୀୟ ମୁଖ୍ୟମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଆସନ୍ତା ୨୦୨୩-୨୪ଶିକ୍ଷା ବର୍ଷ ଠାରୁ ଏନ.ସି.ସି.କୁ ପାଠ୍ୟକ୍ରମରେ ଏକ ଇଲେକଟିଭ ବିଷୟ ଭାବେ ସାମିଲ କରାଯିବା ସମ୍ପର୍କରେ ଅଧକ୍ଷ ପ୍ରଫେସର ବେହେରା ମହାବିଦ୍ୟାଳୟର ସମସ୍ତ ବିଭାଗୀୟ ମୁଖ୍ୟମାନଙ୍କ ସହିତ ଆଲୋଚନା କରିଥିଲେ। ଶେଷରେ ପ୍ରାଧାପକ ଡଃ. ପ୍ରଭାକର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବୈଠକରେ ପ୍ରାଧାପକ ଡଃ. ଦେବେନ୍ଦ୍ର ନାଥ ଗୋଛାୟତ, ଡଃ. ଜ୍ଞାନୀନ୍ଦ୍ର ଦାଶ, ଅଶୋକ କୁମାର ଦାସ, ମେଜର ମନୋରଞ୍ଜନ ମହାନ୍ତି, ମିନତୀ ପ୍ରଭା ଜେନା, ମନିଷାକାନ୍ତୀ ଜେନା, ସସ୍ମିତା ବେଦାନ୍ତ, ଅଚ୍ୟୁତାନନ୍ଦ ମହାରଣା, ସଞ୍ଜୟ କୁମାର ସ୍ୱାଇଁ, ଅଶୋକ କୁମାର ମିଶ୍ର, ଗୌତମ ଚରଣ ଦାସ, କ୍ୟାପଟେନ ସୀମା ମହାନ୍ତି, ଦେବକାନ୍ତ ଷଡଙ୍ଗୀ, ଜ୍ଞାନରଞ୍ଜନ ଦାସ, ସେକ ହବିବ, ସତ୍ୟରଞ୍ଜନ ମିଶ୍ର, ଅମର କୁମାର ସାହୁ, ବିର□ନାରାୟଣ ନାଥ, ଗୌର ପ୍ରସାଦ ଷଡଙ୍ଗୀ, ରଞ୍ଜିତ କୁମାର ଦାସ ପ୍ରମୁଖ ଯୋଗଦେଇ ଆଲୋବଚନାରେ ଅଂଶଗ୍ରହଣ କରିଥିଲେ।

## ତ୍ରିଦିବସୀୟ ସାମର୍ଥ୍ୟ ତାଲିମ ଶିବିର ଉଦ୍‌ଘାଟିତ

କେନ୍ଦ୍ରାପଡା,(ଭାସ୍କର ନ୍ୟୁଜ୍): ଜିଲ୍ଲା ଭିନ୍ନକ୍ଷମ ସମ୍ବଳ କେନ୍ଦ୍ର କେନ୍ଦ୍ରାପଡା ବଡବାରଙ୍ଗଠାରେ ତିନିଦିନିଆ ସାମର୍ଥ୍ୟ ତାଲିମ ଶିବିର ଜିଲ୍ଲା ଶିକ୍ଷାଧିକାରୀ ଶୁଭଲକ୍ଷ୍ମୀ ନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ଏହି ଶିବିରରେ ୯ଟି ବ୍ଲକରୁ ବ୍ଲକ ପିଛା ଜଣେ ସମ୍ବଳ ଶିକ୍ଷକ ଓ ୩ଜଣ ଶିକ୍ଷକ ଏହି ପରି ମୋଟ ୩୬ଜଣ ଶିକ୍ଷକ ପ୍ରଶିକ୍ଷାର୍ଥୀ ଭାବେ ତାଲିମ ଗ୍ରହଣ କରିଥିଲେ । ଏହି ଶିବିରରେ ପ୍ରଶିକ୍ଷକ ଭାବରେ ଚି□ରଞ୍ଜନ ଜେନା, ସୁବାଷ ଚନ୍ଦ୍ର ସାହୁ ଓ ଲୋପାମୁଦ୍ରା ପଣ୍ଡା ପ୍ରମୁଖ ଯୋଗଦେଇଥିଲେ । ଅନ୍ତର୍ନିବେଶୀ ସଂଯୋଜକ କେନ୍ଦ୍ରାପଡା ବିଜୟ କୁମାର ପରିଡା, ଆଲୋକ କୁମାର ବେହେରା, ରାଜଲକ୍ଷ୍ମୀ ରାଉତ ଓ ହିଂମାଶୁ ଶେଖର ନାୟକ ପ୍ରମୁଖ ଏହି ଶିବିରକୁ ପରିଚାଳନା କରିଥିଲେ । ଏହି ଶିବିରଟି ଆସନ୍ତା ଫେବୃୟାରୀ ୧୬ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ନାୟକ ସୂଚନା ଦେଇଛନ୍ତି ।

### ସ୍ୱାସ୍ଥ୍ୟ ସଚେତନତା ସାଇକେଲ ଶୋଭାଯାତ୍ରା

## ପ୍ରତି ମାସ ୧୪ରେ 'ସ୍ୱାସ୍ଥ୍ୟ ମେଳା'

କଟକ(ଭାସ୍କର ନ୍ୟୁଜ୍): ସହରରେ ସ୍ୱାସ୍ଥ୍ୟ ସେବାକୁ ଅଧିକ ଲୋକାଭିମୁଖୀ କରିବା ପାଇଁ ରାଜ୍ୟ ସରକାରଙ୍କ ଯୋଜନା ଭି□ରେ ସହରରେ ଆଜି ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏକ ସାଇକେଲ ଶୋଭାଯାତ୍ରା ମାଧ୍ୟମରେ ସ୍ୱାସ୍ଥ୍ୟ ପ୍ରତି ଅଧିକ ଯତ୍ନବାନ୍ ହେବା ସହ ନିଜର ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ସଚେତନତା ସୃଷ୍ଟି କରାଯାଇଥିଲା । ସେହିପରି ସରକାରଙ୍କ ଦ୍ୱାରା ଧାର୍ଯ୍ୟ ସର୍କୁଲାର ଭି□ରେ ସହରର ସମସ୍ତ ୧୨ଟି ଗୋଷ୍ଠୀ ସ୍ୱାସ୍ଥ୍ୟ ସେବା କେନ୍ଦ୍ର ଓ ଆରୋଗ୍ୟ କେନ୍ଦ୍ରରେ 'ସ୍ୱାସ୍ଥ୍ୟ ମେଳା' ଅନୁଷ୍ଠିତ ହୋଇଥିଲା । ପ୍ରକାଶ ଥାଉକି, ପ୍ରତି ମାସ ୧୪ ତାରିଖରେ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ସ୍ୱାସ୍ଥ୍ୟ ମେଳା ଅନୁଷ୍ଠିତ ହେବ । ଉପରୋକ୍ତ କେନ୍ଦ୍ରଗୁଡିକରେ ସୁସ୍ଥ ଜୀବନଶୈଳୀ, ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଏବଂ ବିଏସକେଓ୍ୱାଇ ଅଧୀନରେ ମିଳୁଥିବା ବିଭିନ୍ନ ସେବା ସମ୍ବନ୍ଧରେ ସଚେତନତା କାର୍ଯ୍ୟକ୍ରମ କରାଯିବ । ସେହିପରି ଅଣ ସଂକ୍ରାମକ ରୋଗ ଯଥା, ଉଚ୍ଚ ରକ୍ତଚାପ, ଡାଇବେଟିକ, ଚକ୍ଷୁ, ଯକ୍ଷ୍ମା, ହେପାଟାଇଟିସ୍-ବି ଆଦି ରୋଗର ଚିହ୍ନଟ କରାଯିବ । ତା'ଛଡା ନିର୍ଦ୍ଧାରିତ କେନ୍ଦ୍ରରେ ସାର୍ବଜନୀନ ଟିକାକରଣ ଏବଂ କୋଭିଡ ଟିକାକରଣ କରାଯିବ । ସ୍ୱାସ୍ଥ୍ୟ ମେଳାରେ ରୋଗର ଶୀଘ୍ର ଚିହ୍ନଟକରଣ, ଆଶୁ ଚିକିତ୍ସା, ଔଷଧ ପ୍ରଦାନ ବ୍ୟବସ୍ଥା ଏବଂ ଫୋନ ଦ୍ୱାରା ଡାକ୍ତରୀ ପରାମର୍ଶ ଦିଆଯିବା ପାଇଁ ବ୍ୟବସ୍ଥା କରାଯାଇଛି ବୋଲି ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି ।

## ଫୁଲଓ୍ୱାମା ସହିଦଙ୍କ ସ୍ମୃତିରେ ହେଲ୍ପିଂ ସୋସାଇଟିର ରକ୍ତଦାନ ଶିବିର

ବାଲେଶ୍ୱର,(ଭାସ୍କର ନ୍ୟୁଜ୍) : ୨୦୧୯ ମସିହା ଫେବୃୟାରୀ ୧୪ ତାରିଖେର ଫୁଲଓ୍ୱାମାଠାରେ ହୋଇଥିବା ଆତ୍ମଘାତୀ ଆକ୍ରମଣେର ସହିଦ ସିଆରଏଫ ଯବାନଙ୍କ ସ୍ମୃତିରେ ହେଲପିଙ୍ଗ ସୋସାଇଟି ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସଂଗଠନର ସଭାପତି ହୃତିକ ନାୟକଙ୍କ ନେତୃତ୍ୱେର ଏହି ରକ୍ତଦାନ ଶିବିର ଅାୟୋଜନ କରାଯାଇଥିଲା। ଟ୍ରାଫିକ ଥାନା ଅଧିକାରୀ ପ୍ରେମପ୍ରଜ୍ଞା ମହାନ୍ତି ଏହି ଶିବିରକୁ ଉଦଘାଟନ ସହ ସଂଗଠନର ମହତ ଚିନ୍ତା ଓ କାର୍ଯ୍ୟଧାରାକୁ ଭୂୟସୀ ପ୍ରଶଂସା କରିଥିଲେ। ସଂଗଠନର ଉପେଦଷ୍ଟା ବିକ୍ରମ ପଣ୍ଡା, କାଉନସିଲର ରଞ୍ଜିତା ମହାପାତ୍ର, ନିଶିଥ ବାରିକ, ଦୀପାରାଣୀ ବାରିକ୍, ସୋନାଲି ସାହା, ଉପ-ସଭାପତି ସେଖ ନାଜିମ, ଜୀବନ ସଂଗ୍ରାମ ମିଶ୍ର, ସାଧାରଣ ସମ୍ପାଦକ ଅରୂପ ସାହୁ, ରଜତ ଘେଡ଼ଇ, ସମ୍ପାଦକ ପଙ୍କଜ ଘୋଷ, ସୁମିତ ରଞ୍ଜନ କର, ଦିବ୍ୟ ରଞ୍ଜନ ଦାସ, ରୁଦ୍ର ନାରାୟଣ ପିରି ପ୍ରମୁଖ ଯୋଗେଦଇ ରକ୍ତଦାତାଙ୍କୁ ଉତ୍ସାହିତ କରିବା ସହିତ ସହିଦ ଯବାନଙ୍କୁ ମେନ ପକାଇଥିଲେ। ଅନ୍ୟମାନଙ୍କ ମଧ୍ୟେର ସ୍ୱସ୍ତିକ ସାମନ୍ତ, ଆଶିଷ ଆସ, ଅବନୀ ଶଙ୍କର ଦାସ,ଦେବ କୃପାମହାନ୍ତି,ତନୁଶ୍ରୀ ତନୟା ମହାନ୍ତି, ରନିତ ପଣ୍ଡା , ଖୀତିଷ ଦାସ , ସୁବାସିଷ ମହାପାତ୍ର, ଜୟସ୍ମିତା କର, ମିଡ଼ିଆ ସଂଯୋଜକ ସୁଧାଂଶୁ ଶେଖର ବାରିକ୍ ପ୍ରମୁଖ ଏହି ଶିବିରକୁ ପରିଚାଳନା କରିଥିଲେ।

# ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାରେ ବ୍ୟାପକ ଜାଲିଆତି ଓ ଦୁର୍ନୀତି

ଜଗତସିଂହପୁର, (ଭାସ୍କରନ୍ୟୁଜ): ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ୍ ଅଧିନ ଦାଇଁଲୋ ପଞ୍ଚାୟତର ପୁରୁଣା ଗ୍ରାମକୁ ଆଦର୍ଶ ଗ୍ରାମ ଯୋଜନାରେ ଅନ୍ତର୍ଭୂକ୍ତ କରାଯାଇଛି। ଆଦର୍ଶଗ୍ରାମ ଭାବେ ମାଳମଳା ସରକାରୀ ଯୋଜନାରେ କାର୍ଯ୍ୟ କରାଯାଉଛି। ନଳକୂପ ଠାରୁ ଆରମ୍ଭ କରି ଢ଼ଳେଇ ରାସ୍ତା, ହାଇମାକ୍ସ ଲାଇଟ ଲଗାଇ ଆଲୋକୀକରଣର ସୁବ୍ୟବସ୍ଥା କରାଯିବା ପାଇଁ ଯୋଜନା ରହିଛି। ଆଦର୍ଶ ଗ୍ରାମ ପରୁଣା ଗ୍ରାମରେ ପ୍ରଥମ ପର୍ଯ୍ୟାୟରେ ୪୦ ଲକ୍ଷ ଟଙ୍କାର କାର୍ଯ୍ୟ ବ୍ୟାପକ ଜାଲିଆତି ହୋଇଥିବା ନେଇ ଗ୍ରାମବାସୀ ବୃନ୍ଦ ସମସ୍ତ ବିଭାଗରେ ଅଭିଯୋଗ କରିଥିବା ଜଣାପଡ଼ିଛି। ଅଭିଯୋଗ ଅନୁଯାଇ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାରେ ପ୍ରଥମ ଓ ଦ୍ୱିତୀୟ କିସ୍ତିରେ ମୋଟ ୪୦ ଲକ୍ଷଟଙ୍କା ମଞ୍ଜୁର ହୋଇଥିଲା। ମାତ୍ର ଏହାର ବିନିଯୋଗରେ ବ୍ୟାପକ ଜାଲିଆତି ଓ ଦୁର୍ନୀତୀ କରାଯାଇଛି। ୪୦ ଲକ୍ଷ ଟଙ୍କାର କେଉଁ ପ୍ରକଳ୍ପ କାର୍ଯ୍ୟକାରୀ ହେବ ତାହା ଗ୍ରାମରେ ଆଲୋଚନା ନ ହୋଇ ଚଞ୍ଚକତା କରି କାର୍ଯ୍ୟ କରାଯାଇଛି। ଏ ବିଷୟରେ ଗ୍ରାମବାସୀମାନେ ୨୮ ଅପ୍ରେଲ ୨୦୨୨ରେ ଜଗତସିଂହପୁର ଜିଲ୍ଲାପାଳ, ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରି ଜିଲ୍ଲା ପରିଷଦ ଓ ଚେୟାରପର୍ସନ ତିର୍ତ୍ତୋଲ ପଞ୍ଚାୟତ ସମିତିରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ତିର୍ତ୍ତୋଲ ବିଡିଓ ଅଟଳବିହାରୀ ସ୍ୱାଇଁ ଓ ବ୍ଲକ୍‌ର ଅନ୍ୟାନ୍ୟ କର୍ମଚାରୀଙ୍କ ସହିତ ଆସି ୨୯ ଅପ୍ରେଲ ୨୦୨୨ରେ ଗ୍ରାମବାସୀ ମାନଙ୍କୁ ଡକାଇ ପରୁଣା ପ୍ରାଥମିକ ବିଦ୍ୟାଳୟରେ ଆଲୋଚନା କରିଥିଲେ। ବିଡ଼ିଓ ଶ୍ରୀଯୁକ୍ତ ସ୍ୱାଇଁ କହିଲେ ଯେ, ସମୟ ଅଭାବରୁ ଆମ୍ଭେ ଠିକ୍ ସମୟରେ ପଲ୍ଲିସଭା ନ କରି ପ୍ରକଳ୍ପ ସ୍ଥିର କରିଥିଲୁ। ମାତ୍ର ଆପଣମାନଙ୍କର ଯାହା ପ୍ରକଳ୍ପ ଅଛି ତାହାର ତାଲିକା ଆମକୁ କୁହନ୍ତୁ ଆମେ ତାହା ସାମିଲ କରିଦେବୁ। ବିଡିଓ ଓ ତାଙ୍କ ସହକର୍ମୀମାନଙ୍କ ଉପସ୍ଥିତିକୁ ଗ୍ରାମବାସୀମାନେ ସମ୍ମାନ ଦେଇ ପ୍ରକଳ୍ପ ତାଲିକା ପ୍ରଦାନ କରିଥିଲେ। ପୂର୍ବରୁ ୪ ମାର୍ଚ୍ଚ ୨୦୨୧ରେ ବିଡିଓ ଶ୍ରୀ ସ୍ୱାଇଁ ପରୁଣା ଗ୍ରାମ ପରିଦର୍ଶନ କରି ଗ୍ରାମବାସୀମାନଙ୍କ ଆବଶ୍ୟକତାକୁ ନେଇ ପ୍ରକଳ୍ପ ସ୍ଥିର କରିଥିଲେ। ଏ ବାବଦରେ ଗ୍ରାମବାସୀ ତଥା ପଂଚାୟତ ତରଫରୁ ଏକ ସ୍କେଚ ମ୍ୟାପ୍ ବିଡ଼ିଓଙ୍କୁ ପ୍ରଦାନ କରାଯାଇଥିଲା। ମାତ୍ର ବର୍ତ୍ତମାନ ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ସବୁ ସରକାରୀ ନିୟମ କାନୁନ୍‌କୁ ଉଲ୍ଲଙ୍ଘନ କରାଯାଇ କାହା ସ୍ୱାର୍ଥରେ କାହା ପରାମର୍ଶରେ ବିଡିଓ, ଜେ.ଇ ଓ ସରପଞ୍ଚ ମନମୁଖୀ ଭାବେ ପ୍ରକଳ୍ପ ମାନ ସ୍ଥିର କରିଛନ୍ତି। ଏହା ଗ୍ରାମବାସୀଙ୍କ ଉପକାର ପାଇଁ ନା ଅନ୍ୟ କୌଣସି ବ୍ୟକ୍ତି ବିଶେଷଙ୍କ ସ୍ୱାର୍ଥରେ କରାଯାଇ ସରକାରୀ ଅର୍ଥ ହଡପର ଯୋଜନାର ପ୍ରସ୍ତୁତ କରାଯାଇଛି ତାହା ସାଧରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ତେବେ ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ଚିନ୍ମୟୀ ଦ୍ୱିବେଦୀଙ୍କୁ ପଚାରିବାରୁ ସେ କହିଥିଲେ ଯେ ଏହା ମୋଟ ୩୯୮ ମିଟର ପାଇଁ ୧୬ ଲକ୍ଷ ଟଙ୍କାର ରାସ୍ତା କାର୍ଯ୍ୟ ସରିଛି; ସେହି ରାସ୍ତାରେ ଆଉ ୩ ଲକ୍ଷ ଟଙ୍କା ବିନିମୟ କରାଯିବା ପାଇଁ ବଳକା ରହିଛି। ପରବର୍ତ୍ତୀ ସମୟରେ ତାହା କରାଯିବ। ଅନ୍ୟାନ୍ୟ ସମ୍ପର୍କରେ ପଚାରିବାରୁ କହିଲେ ଯେ ନଳକୂପ, ହାଇମାକ୍ସ ଲାଇଟି ସହିତ ବିଭିନ୍ନ କାର୍ଯ୍ୟଗୁଡ଼ିକ ଏଷ୍ଟିମେଟ୍ ଅନୁଯାଇ କାର୍ଯ୍ୟ ଶେଷ କରାଯାଇଥିବା କହିଥିଲେ। ତେବେ ବିଡିଓ ଓ ତାଙ୍କ ସହକର୍ମୀଙ୍କ ଉପସ୍ଥିତିରେ ନିର୍ଦ୍ଧାରିତ ପ୍ରକଳ୍ପ ଯଥା ରାଜୁ ବେହେରା ଘର ପାଖ ହାଇମାକକ୍ସ ଲାଇଟ୍ ସ୍ଥାପନ, ନାରାୟଣ ମଳିକ ଘର ପାଖ ହାଇମାକ୍ସ ଲାଇଟ ସ୍ଥାପନ, ଆଲୋକ ମଳିକ ଘର ଠାରୁ ପରୁଣା ସ୍କୁଲ ପର୍ଯ୍ୟନ୍ତ ଢ଼ଳେଇ ରାସ୍ତା ନିର୍ମାଣ, ମଧୁସାହୁ ଘର ପାଖରୁ ଯୋଡଗଡ଼ିଆ ପର୍ଯ୍ୟନ୍ତ ତେଲିସାହି ଢ଼ଳେଇ ରାସ୍ତା ନିର୍ମାଣ, ଧୁନ ଦାଶ ଘର ଠାରୁ ପ୍ରତାପ ଦାଶ ଘର ପର୍ଯ୍ୟନ୍ତ ଢ଼ଳେଇ ରାସ୍ତା ନିର୍ମାଣ, ହରିଜନ ସାହି ଅଷ୍ଟମ ପ୍ରହରୀ ଗାଦି ଠାରୁ ଶରତ ମଳିକ ଘର ପର୍ଯ୍ୟନ୍ତ ଢ଼ଳେଇ ରାସ୍ତା ନିର୍ମାଣ, କୁଳମଣୀ ସାହୁ ଘର ଠାରୁ ମେଘ ବେହେରା ଘର ପର୍ଯ୍ୟନ୍ତ ଢ଼ଳେଇ ରାସ୍ତା ନିର୍ମାଣ, ବିପନା ମଳିକ ଘରଠାରୁ ଯତିନ୍ଦ୍ର ମଳିକ ଘର ପର୍ଯ୍ୟନ୍ତ ଢ଼ଳେଇ ରାସ୍ତା ନିର୍ମାଣ, ମାନସ ମଳିକ ଦୋକାନ ଘର ଠାରୁ କ୍ରିଷ୍ଣାନନ୍ଦପୁର ଆର.ଡି ରାସ୍ତା ପର୍ଯ୍ୟନ୍ତ ଢ଼ଳେଇରାସ୍ତା ନିର୍ମାଣ, ଓସ୍ତମୂଳ ଠାରୁ ନଦୀ ବନ୍ଧ ଇଲେକ୍ଟ୍ରି ଷ୍ଟକଚର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ଓ ପରୁଣା ସ୍କୁଲ ସାମନା ପୋଖରୀ ପୋତା, ରାଜୁ ବେହେରା ଘର ଠାରୁ ପରୁଣା ସ୍କୁଲ ପର୍ଯ୍ୟନ୍ତ ଦୂଷିତ ଜଳ ନାଳି ଖୋଳା ଓ ନୃସିଂହ ଲେଙ୍କା ଘର ପାଖରେ ନୂଆ ନଳକୂପ ଖନନ ଭଳି ପ୍ରକଳ୍ପ ଜରୁରୀ ଆବଶ୍ୟକ ଥିବା ସ୍ଥଳେ ଏ ଗୁଡ଼ିକ ନିର୍ମାଣଧିନ ପ୍ରକଳ୍ପରେ ସ୍ଥାନ ପାଇନାହିଁ। ଅପରପକ୍ଷରେ ମଂଜୁରି ପ୍ରାପ୍ତ ପ୍ରକଳ୍ପ ମଧ୍ୟରୁ ବାବୁନା ମଳିକ ଘରଠାରୁ କେନାଲ ପୋଲ ପର୍ଯ୍ୟନ୍ତ ରାସ୍ତା, କେନାଲ ପୋଲଠାରୁ ଦୁର୍ଯ୍ୟୋଧନ ମଳିକ ଘର ପର୍ଯ୍ୟନ୍ତ ଢ଼ଳେଇ ରାସ୍ତା, ପରୁଣା ପ୍ରାଥମିକ ବିଦ୍ୟାଳୟ ସ୍କୁଲ ଗେଟ୍‌ଠାରୁ ବିଦ୍ୟାଳୟ ଗୃହ ପର୍ଯ୍ୟନ୍ତ ଢ଼ଳେଇ ରାସ୍ତା ଅତ୍ୟନ୍ତ ନିମ୍ନମାନର ଓ ନିମ୍ନମାନର ସାମଗ୍ରୀରେ ତିଆରି ହୋଇଥିବାରୁ ଏ ବିଷୟରେ ସମସ୍ତ ବିଭାଗୀୟ ଉଚ୍ଚ ଅଧିକାରୀମାନଙ୍କ ସହିତ ଭିଜିଲାନ୍ସ ବିଭାଗକୁ ମ୍ଭ ଗ୍ରାମବାସୀଙ୍କ ତରଫରୁ ଜଣାଇ ଦିଆଯାଇଅଛି। ଇତି ମ୍ଭରେ ୩ଟି ହାଇମାକ୍ସ ଲାଇଟ ଲାଗି ସାରିଛି। ଏହାର ମୂଲ୍ୟ ଓ ପ୍ରକଳ୍ପ ମୂଲ୍ୟକୁ ଗ୍ରାମବାସୀମାନେ ଉପଲବ୍ଧି କରି ଏ ବାବଦରେ ସୂଚନା ଅଧିକାର ଆଇନ ମାଧ୍ୟମରେ ତଥ୍ୟ ମଗାଯାଇଛି। ଉପଯୁକ୍ତ ତଥ୍ୟ ଆଧାରରେ ଆବଶ୍ୟକ ସ୍ଥଳେ ଭିଜିଲାନ୍ସ ଅଧିକାରୀଙ୍କୁ ଅବଗତ କରାଯିବ। କୌଣସି ରାସ୍ତାର ଦୈର୍ଘ୍ୟ ଓ ପ୍ରସ୍ଥ ପ୍ରକଳ୍ପ ତାଲିକାରେ ଉଲ୍ଲେଖ ନାହିଁ କିମ୍ବା କାର୍ଯ୍ୟପରେ ତିଆରି ହୋଇଥିବା ଫଳକରେ ଦର୍ଶାଯାଇନାହିଁ। ବିଡିଓ ଅଟଳବିହାରୀ ସ୍ୱାଇଁ, ଜେ.ଇ ଚିନ୍ମୟୀ ଦ୍ୱିବେଦୀ ଚଂଚକତା କରି ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନା ଭଳି ଜନହିତକର କେନ୍ଦ୍ରୀୟ ଯୋଜନାକୁ କାର୍ଯ୍ୟକାରୀ କରାଇବାରେ ବ୍ୟାପକ ଜାଲିଆତି ଓ ଦୁର୍ନୀତୀ କରିଛନ୍ତି। ଏନେଇ ମୋଟା ପିସି ଓ ପିଏସ୍ କାଏମ ଆଶାରେ କମିଟି ଗଠନ କରି ଦୁର୍ନୀତୀକୁ ଅନ୍ୟ ମୁଣ୍ଡରେ ଲଦି ନିଜକୁ ସ୍ୱଚ୍ଛ ପ୍ରମାଣ ଦେବାକୁ ବିଭାଗୀୟ ଅଧିକାରୀଙ୍କ ଯୋଜନା ଜାରି ରହିଛି। ମାତ୍ର ଯେଉଁମାନଙ୍କୁ ନେଇ କମିଟି କରାଯାଇଛି ସେମାନଙ୍କ ନାମରେ କାର୍ଯ୍ୟାଦେଶ ରହିଛି। ପ୍ରତ୍ୟେକ ପ୍ରକଳ୍ପ ଗୁଡ଼ିକର ସରଜମିନ୍ ତଦନ୍ତ ହେଲେ ସବୁ ରହସ୍ୟ ଜଣାପଡ଼ିବବୋଲି ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ଏହାର ଅଭିଯୋଗ ୫ ଟି ସଚିବ, ଜଗତସିଂହପୁର ଜିଲ୍ଲାପାଳ, ଜିଲ୍ଲାପରିଷଦ ଅଧକ୍ଷ ଜଗତସିଂହପୁର, ଜିଲ୍ଲାପରିଷଦ ମୁଖ୍ୟ ଅଧିକାରୀ ଜଗତସିଂହପୁର, ଜଗତସିଂହପୁର ଆରକ୍ଷୀ ଅଧିକ୍ଷକ, କଟକ ଭିଜିଲାନ୍ସ ସମେତ ଉଚ୍ଚପଦସ୍ଥ ଅଧିକାରୀଙ୍କ ନିକଟରେ ତଦନ୍ତ ନିମନ୍ତେ ଅଭିଯୋଗ କରିଥିବା ଜଣାପଡ଼ିଛି।



କଟକ(ଭାସ୍କର ନ୍ୟୁଜ୍): ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ହାଇକୋର୍ଟଙ୍କ ସ୍ଥାୟୀ ବେଞ୍ଚ୍ ପ୍ରତିଷ୍ଠା ପ୍ରସଙ୍ଗରେ ଅନୁଧ୍ୟାନ କମିଟିର ସ୍ଥିତି ସମ୍ପର୍କରେ ଜବାବ ଦାଖଲ କରିବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଅଇନଜୀବୀ ଶିବଶଙ୍କର ମହାନ୍ତିଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ହାଇକୋର୍ଟର ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧର୍ ଓ ବିଚାରପତି ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଉପରୋକ୍ତ ଆଦେଶ ଦେଇଛନ୍ତ । ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପ୍ରସଂଗରେ ଅନୁଧ୍ୟାନ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ଗତ ୨୦୧୯ ମସିହାରେ ଗଠିତ ହୋଇଥିବା କମିଟିର ସ୍ଥିତି ସମ୍ପର୍କରେ ସତ୍ୟପାଠ ଦାଖଲ ପାଇଁ ରାଜ୍ୟ ସରକାର ଆଜି ମାମଲାର ଶୁଣାଣିବେଳେ ମହଲତ ଲୋଡ଼ିଥିଲେ । ରାଜ୍ୟ ସରକାରଙ୍କ ଏପରି ଉକ୍ତି ଆଧାରରେ ହାଇକୋର୍ଟ ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଜୁଲାଇ ୪ ତାରିଖକୁ ଧାର୍ଯ୍ୟ କରିଛନ୍ତି ।



ଉତ୍କଳ ମଣ୍ଡପ ଠାରେ ଆୟୋଜିତ ଅଷ୍ଟମ ଓଡ଼ିଶା ଷ୍ଟେଟ୍ ଟେଲି ଆୱାର୍ଡ ପ୍ରଦାନ ସମାରୋହ

## ଏସ୍‌ଏମ୍‌ଇରେ ପରିଣତ ହେବ ସ୍ୱୟଂ ସହାୟକ ଗୋଷ୍ଠୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀ (ଏସ୍‌ଏମ୍‌ଇ)ରେ ପରିଣତ ହେବ। ଏହି କାର୍ଯ୍ୟକ୍ରମକୁ ଆଗେଇ ନେବା ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହିଳାମାନଙ୍କୁ ବୃହତ ବ୍ୟବସାୟ ପ୍ରତିଷ୍ଠା ଏବଂ ଏହାର ବ୍ୟାପକ ପରିଚାଳନାରେ ସାହାଯ୍ୟ କରିବା ପାଇଁ ଅନେକ ପଦକ୍ଷେପ ଘୋଷଣା କରିଛନ୍ତି। ଆଗାମୀ ୩ବର୍ଷରେ ୫୦ହଜାର ଏସଏଚଜିକୁ ଏସଏମଇରେ ପରିଣତ କରାଯିବ ବୋଲି ଜିଲ୍ଲାପାଳ ସମ୍ମିଳନୀରେ ମିଶନ ଶକ୍ତି ସଚିବ ସୁଜାତା ଆର. କାର୍ତ୍ତିକେୟନ ସୂଚନା ଦେଇଛନ୍ତି। ସେ କହିଛନ୍ତି ଜିରୋ ପ୍ରତିଶତ ସୁଧ ମିଶନ ଶକ୍ତି ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ- ଚଳିତ ବର୍ଷ ପ୍ରାୟ ୩ ଲକ୍ଷରୁ ଅଧିକ ଗୋଷ୍ଠୀକୁ ୧୦ ହଜାର କୋଟି ଟଙ୍କାର ଋଣ ପ୍ରଦାନ କରାଯିବ। ୨୦୦ କୋଟି ସୁଧ ଛାଡ଼ ରାଶି ସିଧାସଳଖ ଏସ୍‌ଏଚ୍‌ଜି ଆକାଉଣ୍ଟକୁ ପ୍ରଦାନ କରାଯାଉଛି। ଆଗାମୀ ପାଞ୍ଚବର୍ଷ ମଧ୍ୟରେ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ୫୦,୦୦୦ କୋଟି ଟଙ୍କାର ଋଣ ପ୍ରଦାନ କରିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ଏସ୍‌ଏଚ୍‌ଜିଗୁଡ଼ିକୁ ସୁଧ ଫେରସ୍ତ ବାବଦକୁ ୧୨୦୦ କୋଟି ଟଙ୍କା ପ୍ରଦାନ ପାଇଁ ବ୍ୟବସ୍ଥା କରାଯାଇଛି। ଓଡ଼ିଶା ସରକାର ଆଗାମୀ ୫ ବର୍ଷ ମଧ୍ୟରେ ପ୍ରାୟ ୫ ହଜାର କୋଟି ଟଙ୍କାର ସରକାରୀ ସେବା ଏବଂ ସାମଗ୍ରୀ ଯୋଗାଣ ଆଦି ସେବାର ଏକ ନିଆରା ମଡେଲ୍ ସୃଷ୍ଟି କରିଛନ୍ତି। ଡାକ୍ତରଖାନା ଖାଦ୍ୟ ପରିଚାଳନା, ବିଦ୍ୟୁତ୍ ମିଟର ରିଡିଂ, ମତ୍ସ୍ୟଚାଷ, ସହରାଞ୍ଚଳ କାର୍ଯ୍ୟ, ଜଙ୍ଗଲରେ ନର୍ସରୀ ବୃଦ୍ଧି ଆଦି କ୍ଷେତ୍ରରେ ୧୫ଟି ସରକାରୀ ବିଭାଗ ମିଶନ ଶକ୍ତି ଏସ୍‌ଏଚ୍‌ଜିମାନଙ୍କ ସହ ସକ୍ରିୟ ଭାବେ ଅଂଶଗ୍ରହଣ କରୁଛନ୍ତି । ରାଜ୍ୟର ସମସ୍ତ ୫'ଟି' ସ୍କୁଲକୁ ଏସ୍‌ଏଚ୍‌ଜି ମହାସଂଘକୁ ହସ୍ତାନ୍ତର କରାଯାଇଛି ଏବଂ ଏସ୍‌ଏଚ୍‌ଜିମାନଙ୍କୁ ତଦାରଖ ଦେୟ ପ୍ରଦାନ ସହିତ ରକ୍ଷଣାବେକ୍ଷଣ ଓ ପରିଚାଳନା କାର୍ଯ୍ୟ ପାଇଁ ନିୟୋଜନ କରାଯାଇଛି । ଏହା ବ୍ୟତୀତ ବିଶ୍ୱସନୀୟ ଅଂଶୀଦାରମାନଙ୍କ ସହିତ ଉଚ୍ଚ ଗୁଣବତା ପ୍ରଶିକ୍ଷଣ ସହିତ ସମସ୍ତ ବ୍ଲକକୁ ଅନ୍ତର୍ଭୁକ୍ତ କରାଯିବ । ସୌନ୍ଦର୍ଯ୍ୟ କ୍ଷେତ୍ରର ଉଦ୍ୟୋଗ, ଫ୍ୟାଶନ ଡିଜାଇନ, କୃଷି ଔଦ୍ୟୋଗିକତା, କ୍ୟାଫେ ପରିଚାଳନା ଓ ଆତିଥ୍ୟ କ୍ଷେତ୍ର ସେବାଗୁଡ଼ିକ ଉପରେ ଗୁରୁତ୍ୱ ପ୍ରଦାନ କରାଯିବ । ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀଠାରୁ ଦୁଗ୍ଧ ସଂଗ୍ରହ ଓ ବିକ୍ରୟ ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ମିଲ୍‌କ ଶକ୍ତି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ସେମାନେ ମହିଳା ଉଦ୍ୟୋଗୀ ଏବଂ ଇଲେକ୍ଟ୍ରୋନିକ୍ ଅଟୋ ଚାଳକଙ୍କୁ ନେଇ ଏକ ନିଆରା ଇ-ଅଟୋ କାର୍ଯ୍ୟକ୍ରମ ମଧ୍ୟ ଆରମ୍ଭ କରିଛନ୍ତି। ଆଗାମୀ ୩ ବର୍ଷ ମଧ୍ୟରେ ଅତି କମରେ ୫୦ ହଜାର କ୍ଷୁଦ୍ର ଉଦ୍ୟୋଗୀ ସ୍ଥାପନ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ପ୍ରୟାସ ମହିଳାଙ୍କ ନେତୃତ୍ୱାଧୀନ ଏବଂ ମହିଳାମାନେ ବୃହତ ଉଦ୍ୟୋଗର ମାଲିକାନାକୁ ଅଧିକ ପ୍ରୋତ୍ସାହିତ କରିବ ଏବଂ ମହିଳାମାନଙ୍କୁ ସବୁ ସ୍ତରରେ ନେତୃତ୍ୱ ଗ୍ରହଣ କରିବା ପାଇଁ ଏକ ଦୃଢ଼ ପ୍ଲାଟଫର୍ମ ପ୍ରଦାନ କରିବ ।

## ଆମ ହସ୍ପିଟାଲ ଯୋଜନାରେ ୧୪୭ ହସ୍ପିଟାଲର ହେବ ରୂପାନ୍ତରୀକରଣ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସ୍ୱାସ୍ଥ୍ୟ ବିଭାଗ ଫୋକସ ରେ ରହିଛି ଆମ ହସ୍ପିଟାଲ ସ୍କିମ୍। ଏହି ଯୋଜନା ଅଧୀନରେ ରାଜ୍ୟର ୧୪୭ ଟି ହସ୍ପିଟାଲକୁ ରୂପାନ୍ତରିକରଣ କାର୍ଯ୍ୟ କରାଯିବ। ଏଥିପାଇଁ ସରକାର ୭୫୦ କୋଟି ଟଙ୍କାର ବ୍ୟୟ ଅଟକଳ କରିଛନ୍ତି। ବିଗତ କିଛି ବର୍ଷରେ ରାଜ୍ୟରେ ୭ଟି ମେଡିକାଲ କଲେଜ କାର୍ଯ୍ୟକ୍ଷମ ହୋଇଛି। ଆଗକୁ କଳାହାଣ୍ଡି , ତାଳଚେର, ଯାଜପୁର ଓ କନ୍ଧମାଳ ମେଡିକାଲ କଲେଜ କାର୍ଯ୍ୟକ୍ଷମ ହେବ। ସେହିପରି ଅନୁଗୁଳ ,ବଡ଼ବିଲ, ଝାରସୁଗୁଡା ଏବଂ ଭଦ୍ରକରେ ମେଡିକାଲ କଲେଜ ବଦଳରେ ପିପିପି ମୋଡ଼ ରେ ସ୍ପେଶାଲିଷ୍ଟ ହସ୍ପିଟାଲ ଖୋଲିବାକୁ ନିଷ୍ପତି ହୋଇଛି। ଓଡିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ କାର୍ଯ୍ୟ ୨୦୨୩ ସୁଦ୍ଧା ସାରିବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି ଝାରସୁଗୁଡା ଠାରେ ସ୍ୱତନ୍ତ୍ର କ୍ୟାନ୍ସର ଓ ହୃଦ ରୋଗ ହସ୍ପିଟାଲ ପିପିପି ମୋଡ଼ ରେ ଆରମ୍ଭ କରାଯିବ ବୋଲି ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ ସୂଚନା ଦେଇଛନ୍ତି। ଅପରପକ୍ଷରେ ରାଜ୍ୟରେ ଖାଲି ପଡିଥିବା ଡାକ୍ତରୀ ପଦବୀ ସମ୍ପର୍କରେ ସେ କହିଛନ୍ତି ଯେ ୩ ହଜାର ଡାକ୍ତର ପଦବୀ ପୂରଣ ପାଇଁ ଓପିଏସସି ଅଧୀନରେ ଚୟନ କରାଯାଇଛି। ସେପ୍ଟେମ୍ବର ମାସ ସୁଦ୍ଧା ନିଯୁକ୍ତିପତ୍ର ଦିଆଯିବ। ଏହାପରେ ଆଉ ୫ ହଜାର ପଦବୀରେ ନିଯୁକ୍ତି ଦିଆଯିବାକୁ ଯୋଜନା କରାଯାଇଥିବା କହିଛନ୍ତି ସ୍ୱାସ୍ଥ୍ୟ ସଚିବ। ସେହିପରି ବିଏସକେୱାଇକୁ ସମ୍ପ୍ରସାରଣ କରାଯାଉଛି। ରାଜ୍ୟ ବାହାରେ ୫ ଶହ ହସ୍ପିଟାଲକୁ ବିଏସକେୱାଇରେ ସାମିଲ କରାଯାଇଛି। ପ୍ରତ୍ୟେକ ଦିନ ନୂଆ ନୂଆ ହସ୍ପିଟାଲକୁ ସାମିଲ କରିବାକୁ କାର୍ଯ୍ୟ ଜାରିରହିଛି। ଏହି ଯୋଜନାରେ ଏବେ ଯାଏଁ ରାଜ୍ୟର ୯୬.୫ ଲକ୍ଷ ପରିବାରରୁ ୯୭ ପ୍ରତିଶତ ଲୋକେ ଉପକୃତ ହେଉଛନ୍ତି।

## ସହିଦଙ୍କୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କଳା ଦିବସ ତଥା ସହିଦ ଦିବସ ଉପଲକ୍ଷେ ମଙ୍ଗଳବାର ସଂନ୍ଧ୍ୟାରେ କଟକ ଉପର ତେଲେଙ୍ଗା ଛକ ଠାରେ ଯୁବ ସମାଜସେବୀ ଉମାକାନ୍ତ ମହାନ୍ତିଙ୍କ ନେତୃତ୍ୱରେ ଏକ ଶ୍ରଦ୍ଧାଞ୍ଜଳି ସଭାର ଆୟୋଜନ କରିଥିଲେ ଓ ଏଥିରେ ସୁଧନ କୁମାର ଦତ୍ତ ମୁଖ୍ୟ ଅତିଥି ଓ ଫିରିଙ୍ଗି ବଜାର ପୂଜା କମିଟି ସମ୍ପାଦକ ନରେଶ କୁମାର ସାହୁ, ପୂର୍ବତନ କର୍ପୋରେଟର ଇତିଶ୍ରୀ ବେହେରା, ସଞ୍ଜୟ ମହାନ୍ତି, ସତ୍ୟନାରାୟଣ ପାତ୍ର, ସମ୍ପଦ କୁମାର ମଲ୍ଲିକ, ସଞ୍ଜୟ ଶର୍ମା, ସରୋଜ ସାହୁ,ନରେନ୍ଦ୍ର ବେହେରା, ଧନେଶ୍ୱର ବେହେରା, ରଜନୀକାନ୍ତ ମଲ୍ଲିକ ଅଲୁ ପ୍ରସାଦ, ସନ୍ତୋଷ ମଲ୍ଲିକ ପ୍ରମୁଖ ଉପସ୍ଥିତ ହୋଇ ସେଇ ଅମର ଯବାନ ଶ୍ରଦ୍ଧାଞ୍ଜଳି ଦେବସହିତ ତାଙ୍କ ପରିବାରଙ୍କୁ ସମବେଦନା ଜଣାଇଥିଲେ । ଆୟୋଜକ ଯୁବ ସମାଜସେବୀ ଉମାକାନ୍ତ ମହାନ୍ତି କହିଲେ ଆଜି ଦେଶର ଜାଗ୍ରତ ପ୍ରହରୀ ହୋଇ ଦେଶପାଇଁ ବଳିଦାନ ଦେଇଥିବା ସେହି ସହିଦଙ୍କ ପ୍ରତି ଆଜିର ଆବାଳ ବୃଦ୍ଧ ବନିତା ଓ ସମସ୍ତ ଯୁବପିଢ଼ି ତାଙ୍କୁ ସ୍ମରଣ ରଖି ଶ୍ରଦ୍ଧାଞ୍ଜଳି ଜଣାଇବା ଉଚିତଓ ଏହି ପଥପ୍ରାନ୍ତ ଶ୍ରଦ୍ଧାଞ୍ଜଳି ସଭାରେ ବହୁ ବୁଦ୍ଧିଜୀବୀ ଓ ପଥଚାରି ସହିଦ ଯବାନଙ୍କୁ ତାଙ୍କର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ଉକ୍ତ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ ।

## କଟକଣା ଜାରି ପାଇଁ ଉଠିଲା ଦାବି

## ସ୍ମାର୍ଟ ଫୋନ୍ ମୁକ୍ତ ହେଉ ଶ୍ରୀଲିଙ୍ଗରାଜ ମନ୍ଦିର



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମହାପ୍ରଭୁ ଶ୍ରୀଲିଙ୍ଗରାଜ ମନ୍ଦିର ପରିସରରେ ସ୍ମାର୍ଟ ଫୋନ୍ ମାଳ ମାଳ । ଅନେକ ସମୟରେ ମନ୍ଦିର ପରିସରର ଫଟୋ ହେଉ କି ଗର୍ଭଗୃହର ଫଟୋ ହେଉ ଯାହା ସୋସିଆଲ୍ ମିଡ଼ିଆରେ ଭାଇରାଲ୍ ହେବାର ଦୃଶ୍ୟ ସାମ୍ନାକୁ ଆସୁଥିଲେ ମଧ୍ୟ ଏଥିପ୍ରତି ଲାଗୁନାହିଁ ରୋକ୍ । ଫଳରେ ଏହାକୁ ନେଇ ଅନେକ ସମୟରେ ଲିଙ୍ଗରାଜ ପ୍ରେମୀ, ସେବାୟତ ଓ ଭକ୍ତଙ୍କ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଥିଲେ ମଧ୍ୟ ଅଦ୍ୟାବଧି ମନ୍ଦିରକୁ ସମ୍ପୂର୍ଣ୍ଣ ରୂପେ ସ୍ମାର୍ଟ ଫୋନ୍ ବାରଣ କରାଯାଇନାହିଁ । ସମସ୍ତଙ୍କ କ୍ଷେତ୍ରରେ ଏହି କଟକଣା ଲାଗୁ କରାଯାଉ । ସ୍ମାର୍ଟ ଫୋନ୍ ମୁକ୍ତ ହେଉ ଶ୍ରୀଲିଙ୍ଗରାଜ ମନ୍ଦିର । ସେବାୟତଙ୍କ ଠାରୁ ଆରମ୍ଭ କରି ପୁଲିସ୍ ଅଧିକାରୀ, ଶ୍ରଦ୍ଧାଳୁ ଓ ମନ୍ଦିର ପ୍ରଶାସନର ଅଧିକାରୀଙ୍କ ଉପରେ କଟକଣା ଲାଗୁ ହେଉ । ତତ୍‌ସହିତ ମନ୍ଦିର ପରିସରକୁ ଯାଉଥିବା ସେବାୟତଙ୍କ ସମେତ ଅନ୍ୟ ଅଧିକାରୀମାନଙ୍କ ପାଇଁ ସ୍ମାର୍ଟ ଫୋନ୍ ବାହାରେ ରଖିବା ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା ହେଉ । କେବଳ ପ୍ରାଧିକୃତ ଅଧିକାରୀମାନେ ଠାକୁରଙ୍କ ନୀତିକାନ୍ତି ଲାଗି ଫୋନ୍ ନେବା ପାଇଁ ଅନୁମତି ରହୁ । କେବଳ ଶ୍ରଦ୍ଧାଳୁଙ୍କ ଉପରେ କଟକଣା ଲାଗୁ କରାଯାଉଥିବା ଯୋଗୁଁ ଅନେକ ସମୟରେ ଅସନ୍ତୋଷ ପ୍ରକାଶ ପାଉଥିବାର ଦେଖିବାକୁ ମିଳୁଛି । ଆଉ ଦିନ କେଇଟା ପରେ ମହାପ୍ରଭୁଙ୍କ ଜାଗର ଯାତ୍ରା ଅନୁଷ୍ଠିତ ହେବ । ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବ । ମନ୍ଦିର ପରିସରକୁ ଯେପରି କୌଣସି ସ୍ମାର୍ଟ ଫୋନ୍ ନଯାଏ ସେଥିପ୍ରତି ଏବେଠାରୁ ମନ୍ଦିର ପ୍ରଶାସନ କର୍ତ୍ତୃପକ୍ଷ, ସେବାୟତ, ପୁଲିସ୍ କର୍ତ୍ତୃପକ୍ଷ ଧ୍ୟାନ ଦେବା ନିତାନ୍ତ ଜରୁରୀ । ମନ୍ଦିର ପରିସରରୁ ସମ୍ପୂର୍ଣ୍ଣ ରୂପେ ସ୍ମାର୍ଟ ଫୋନ୍ ମୁକ୍ତ ପାଇଁ ସାମାଜିକ କର୍ମୀ ସୁଶାନ୍ତ ସାହୁ, ଚନ୍ଦ୍ରଶେଖର ପାଲ୍, ଗୋପୀମୋହନ ପଟ୍ଟନାୟକ, ପ୍ରିୟବ୍ରତ ପଣ୍ଡା, ତ୍ରିଲୋଚନ ବେଉରା ପ୍ରମୁଖ ଏକ ପ୍ରେସ୍ ବିବୃତ୍ତିରେ ଦାବି କରିଛନ୍ତି ।

## ସଡକ ସୁରକ୍ଷା ସଚେତନତା ପଦଯାତ୍ରା




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଖୋର୍ଦ୍ଧା, ଭୁବନେଶ୍ୱର ଓ କମିଶନରେଟ୍ ପୋଲିସର ମିଳିତ ଆନୁକୂଲ୍ୟରେ ଏକ ବିଶାଳ ସଡକ ସୁରକ୍ଷା ସଚେତନତା ପଦଯାତ୍ରା ଏବଂ ରକ୍ତଦାନ ଶିବିର ଖୋର୍ଦ୍ଧା ଜିଲ୍ଲା ଓ ଦୌରାଜଜ୍ ନିଶିଥ୍ ନିଶାଙ୍କ, କମିଶନରେଟ୍ ପୋଲିସ୍ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଏବଂ ଡିସିପି ପ୍ରତୀକ ସିଂଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୋଲିସ୍ ଟ୍ରାଫିକ୍ ପ୍ରଶାସନର ସମସ୍ତ କର୍ମଚାରୀ ଓ ପଦାଧିକାରୀ, ଆଇନଜୀବୀ, ବିଚାର ବିଭାଗୀୟ ଅଧିକାରୀ, ପାରା ଲିଗାଲ କର୍ମୀ ଏବଂ ସାଧାରଣ ଜନତା ଅଂଶ ଗ୍ରହଣ କରି ଜନସାଧାରଣଙ୍କୁ ସଡକ ସୁରକ୍ଷା ଆଇନ୍ କାନୁନର ଅନୁପାଳନ, ଏହାର ସୁଫଳ ପ୍ରଚାର ସହ ଏବଂ ବିଭିନ୍ନ ପ୍ଲାକାର୍ଡ ଧରି ସଦର ମହକୁମା ପରିକ୍ରମା କରିଥିଲେ। ପ୍ରାଧିକରଣ କର୍ତ୍ତୃପକ୍ଷ ରକ୍ତଦାନ କାର୍ଯ୍ୟକ୍ରମ ପରିଦର୍ଶନ କରି କମିଶନରେଟ୍ ପୋଲିସର ଏଭଳି ଉଦ୍ୟମକୁ ଭୂୟଶୀ ପ୍ରଶଂସା କରିବା ସହ ଜନସାଧାରଣଙ୍କ ସହ ସବୁବେଳେ ଯୋଡି ହୋଇ ସାଧାରଣ ଜନତାଙ୍କୁ ସେବା ଯୋଗାଇଦେବାକୁ ଅନୁରୋଧ କରିଥିଲେ।

## ସୋଆରେ କେନ୍ଦ୍ର ବଜେଟକୁ ନେଇ ଆଲୋଚନାଚକ୍ର ଆୟୋଜିତ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜନେସ୍ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ୍ (ଆଇବିସିଏସ୍) ଠାରେ କେନ୍ଦ୍ର ବଜେଟକୁ ନେଇ ସୋମବାର ଏକ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। ଦୈନିକ ଇଂରାଜୀ ସମ୍ବାଦପତ୍ର 'ବିଜନେସ୍ ଷ୍ଟାଣ୍ଡାର୍ଡ' ଓ ଆଇବିସିଏସ୍‌ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଆଲୋଚନାଚକ୍ରରେ ଓଡ଼ିଶାର ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ପୂର୍ବତନ ମୁଖ୍ୟ ଶାସନ ସଚିବ ଯୁଗଳ କିଶୋର ମହାପାତ୍ର, ନାଇଜର ଭୁବନେଶ୍ୱରର ଅର୍ଥ ବିଭାଗର ରିଡର୍ ଡକ୍ଟର ଅମରେନ୍ଦ୍ର ଦାସ ଏବଂ ଫିନ୍‌ଷ୍ଟ୍ରାଟେଜି କନ୍‌ସଲଟାନ୍ସିର ସିଇଓ ତଥା ମ୍ୟାନେଜିଂ ଡାଇରେକ୍ଟର ଓମ୍ ମହାପାତ୍ର ଯୋଗ ଦେଇ ଚଳିତ ବଜେଟର ବିଭିନ୍ନ ଦିଗକୁ ନେଇ ଆଲୋଚନା କରିଥିଲେ। ଆଲୋଚନାଚକ୍ରରେ ଆଇବିସିଏସ୍ ଡିନ୍ ପ୍ରଫେସର ଅନୁପ ସାମନ୍ତରାୟ ଅତିଥିମାନଙ୍କୁ ସ୍ୱାଗତ କରିଥିବା ବେଳେ ଅର୍ଥ ବିଭାଗର ପ୍ରଫେସର ପି.କେ. ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଜନେସ୍ ଷ୍ଟାଣ୍ଡାର୍ଡ ପକ୍ଷରୁ ମନୋଜ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ବରିଷ୍ଠ ଫଟୋ ସାମ୍ବାଦିକ ଉମାପ୍ରସାଦ ମିଶ୍ରଙ୍କ ବିୟୋଗ

କଟକ(ଭାସ୍କର ନ୍ୟୁଜ୍): ବରିଷ୍ଠ ଫଟୋ ସାମ୍ବାଦିକ ଉମାପ୍ରସାଦ ମିଶ୍ରଙ୍କ ଆଜି ୮୭ବର୍ଷ ବୟସରେ ପୀଠାପୁରସ୍ଥିତ ତାରାଚାନ୍ଦ ପାଟଣା ବାସ ଭବନରେ ପରଲୋକ ହୋଇଯାଇଛି। ତାଙ୍କର ପରଲୋକଗତ ଖବର ପାଇ କଟକ ସହରର ବହୁ ବୁଦ୍ଧିଜୀବୀ, ସାମ୍ବାଦିକ, ରାଜନେତା ତଥା ଅଂଚଳର ମୁରବୀମାନେ ତାଙ୍କର ଶେଷ ଦର୍ଶନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ଜ୍ୟେଷ୍ଠପୁତ୍ର ମଧୁସୂଦନ ମିଶ୍ର, ଜ୍ୟେଷ୍ଠପୁତ୍ର ବଧୂ ସୁଷମା ମିଶ୍ର, କନିଷ୍ଠ ପୁତ୍ର ତଥା ଫଟୋ ସାମ୍ବାଦିକ ପଦ୍ମଲୋଚନ ମିଶ୍ର, କନିଷ୍ଠ ପୁତ୍ରବଧୂ ମମତାରାଣୀ କନ୍ୟା ରାଜଶ୍ରୀ ଜାମାତା ପ୍ରଶାନ୍ତ ମିଶ୍ରଙ୍କ ସମେତ ନାତିନାତୁଣୀ ଓ ବନ୍ଧୁ ପରିଜନ ଉପସ୍ଥିତଥିଲେ।

## ସିଏମସି କାଉନ୍‌ସିଲ୍ ବିବାଦ ଘଟଣାରେ ବିରୋଧୀଙ୍କ ଅହୋରାତ୍ର ଧାରଣା

## ଦାବି ମାନିବାକୁ ପ୍ରତିଶ୍ରୁତି ଦେଲେ କମିଶନର

କଟକ(ଭାସ୍କର ନ୍ୟୁଜ୍): କଟକ ମହାନଗର ନିଗମ କାଉନ୍‌ସିଲ୍ ବୈଠକରେ କଂଗ୍ରେସ ଓ ବିଜେପି କର୍ପୋରେଟରଙ୍କ ଅହୋରାତ୍ର ଧାରଣା ଘଟଣାରେ ଦାବି ମାନିବାକୁ ପ୍ରତିଶ୍ରୁତି ଦେଇଛନ୍ତି କମିଶନର। ୨୪ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ବିରୋଧୀ କଂଗ୍ରେସ ଓ ବିଜେପି କର୍ପୋରେଟରମାନେ ଧାରଣାରେ ବସିଥିବାବେଳେ ମହାନଗର ନିଗମ କମିଶନର ସେମାନଙ୍କ ଦାବି ପୂରଣ ନେଇ ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ସୂଚନାଥାଉକି କଟକ ମହାନଗର ନିଗମ କାଉନ୍‌ସିଲ୍ ବୈଠକରେ ଗତକାଲି ଠାରୁ ବିରୋଧୀ କର୍ପୋରେଟରମାନେ ଅହୋରାତ୍ର ଧାରଣାରେ ବସିଥିବାବେଳେ ସେମାନଙ୍କ ଦାବି ପ୍ରତି ଗୁରୁତ୍ୱ ଦିଆଯାଉନଥିବା ଭଳି ସଂଗୀନ ଅଭିଯୋଗ ଉଠିଥିଲା । ସହରର ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକୁ ମେୟର ଏବଂ ଅଫିସରମାନେ ମନମୁଖୀ ଭାବେ କରୁଥିବାବେଳେ ଏଥିରେ ପ୍ରବଳ ଦୁର୍ନୀତି ହୋଇଥିବା ବିରୋଧୀ କର୍ପୋରେଟରମାନେ ଅଭିଯୋଗ ଆଣିଛନ୍ତି। ଏପରିକି କଟକ ସହରବାସୀଙ୍କ ଉନ୍ନତିମୂଳକ ତଥା ବିକାଶ ମୂଳକ କାମ ଚାଲିଥିବା ବୋଲି ଡିଣ୍ଡିମ ପିଟୁଥିବାବେଳେ ଏଠାରେ ବିକାଶ ବଦଳରେ ବିନାଶ ମୁଖୀ କାର୍ଯ୍ୟ ଚାଲିଥିବା ଧାରଣାରତ କର୍ପୋରେଟରମାନେ ଅଭିଯୋଗ କରିଛନ୍ତି। ମେୟର ଓ ସିଏମ୍‌ସିର ଅଧିକାରୀମାନଙ୍କ ମଧ୍ୟରେ ଅସାଧୁ ମେଣ୍ଟ ଦ୍ୱାରା ରାଜକୋଷକୁ ଲୁଣ୍ଠନ କରାଯାଉଛି ବୋଲି ବିରୋଧୀମାନେ କହିଥିଲେ । ସେହିପରି ବାଲିଯାତ୍ରା ସମୟରେ ମନଇଚ୍ଛା ନିଜ ସମ୍ପର୍କୀୟ ତଥା ସମର୍ଥକଙ୍କୁ କାମ ପ୍ରଦାନ କରିବା ଏହାର ଏକ ବଳିଷ୍ଠ ପ୍ରମାଣ ବୋଲି ବିରୋଧୀ କର୍ପୋରେଟରମାନେ ଅଭିଯୋଗ କରିବା ସହ ଏମାନଙ୍କ ବିରୋଧରେ ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ଦାବି କରାଯାଇଛି। ଗତକାଲି ରାତିରେ ଘଟଣାସ୍ଥଳରେ ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ ପହଁଚି ଧାରଣାରେ ସାମିଲ ହୋଇଥିଲେ। ଅନ୍ୟପକ୍ଷରେ ବିଜେପି ଓ କଂଗ୍ରେସ କର୍ପୋରେଟରଙ୍କୁ ହାତ ଯୋଡ଼ି ଧାରଣରୁ ଉଠିବା ପାଇଁ ମେୟର ସୁବାସ ସିଂ ଅନୁରୋଧ କରିଥିଲେ ମଧ୍ୟ ଧାରଣା ରତ କର୍ପୋରେଟର ମାନେ ନିଜ ଜିଦରେ ଅଟଳ ରହିଥିଲେ। ସେମାନଙ୍କ ଦାବି ପୂରଣ ନହେବା ପର୍ଯ୍ୟନ୍ତ ଧାରଣାସ୍ଥଳରୁ ଉଠିବେ ନାହିଁ ବୋଲି କହିଥିଲେ। ସେହିଭଳି ସିଏମସିର ମୁଖ୍ୟ ନିର୍ବାହୀ ଯନ୍ତ୍ରୀ ଡି.ଆର. ତ୍ରିପାଠୀଙ୍କୁ ବଦଳି, ବିନା ବିରୋଧୀଙ୍କ ଉପସ୍ଥିତିରେ ପାରିତ ହୋଇଥିବା ବିଲକୁ ପ୍ରତ୍ୟାହାର କରିବା ଓ ବିଧାୟକ ମୋକିମଙ୍କୁ କ୍ଷମା ପ୍ରାର୍ଥନା ପ୍ରସ୍ତାବ ଦେବାକୁ କର୍ପୋରେଟରମାନେ ଦାବି କରିଥିଲେ।

## ସିପିଆଇ ପକ୍ଷରୁ ଡିସିପିଙ୍କୁ ସ୍ମାରକପତ୍ର




କଟକ(ଭାସ୍କର ନ୍ୟୁଜ୍): ମୁତାରିଫା ଓ ମଧୁକଚ୍ଛ ମିଳନ ସ୍ଥଳରେ ଅବସ୍ଥିତ ରାସ୍ତାରମୁହଁ ମେଳ ଖାଉ ନଥିବାରୁ ଏଠାରେ କିଛି ଦିନ ଧରି ବିବାଦ ଲାଗି ରହିଛି ।ଫଳରେ ଏଠାରେ ବିଭିନ୍ନ ଧାରାରେ ମାମଲା ରୁଜୁ ହୋଇଛି ।ନକସା ଜନିତ ତୃଟି ର ସଂଶୋଧନ ନକରି ଗତ ୪ ତାରିଖ ରେ ବିନା ନୋଟିସ୍ ରେ ମଧୁକଚ୍ଛ ଆର ଆଇ ଏହାକୁ ମାପ କରିଥିଲେ । ଏଣୁ ଶାନ୍ତି ଭଙ୍ଗର ଆଶଙ୍କା ଥିବାରୁ କମିଶନରେଟ ପୋଲିସ କଂ ହସ୍ତ କ୍ଷେପ ଦାବି କରି ସିପିଆଇ ପକ୍ଷରୁ ଏକ ସ୍ମାରକପତ୍ର ଜିଲ୍ଲା ସଂପାଦକ ବିନୋଦ ବେହେରା କଂ ନେତୃତ୍ୱ ରେ ପ୍ରଦାନ କରାଯାଇଛି ।ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସହସଂପାଦକ, ଉଦୟ କେଶରୀ ବର୍ମା, ନଗର ସଂପାଦକ ପ୍ରସନ୍ନ ମହାପାତ୍ର, ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ଅମରେନ୍ଦୁ ମହାନ୍ତି, ନାରୀନେତ୍ରୀ ଝିଲ୍ଲି ବିଶୋଇ, ପୂର୍ଣ୍ଣିମା ମହାନ୍ତି, ରଞ୍ଜିତା ସିଂହ,ଲକ୍ଷ୍ମୀ ପ୍ରିୟା ଦାସ, ଉଷାରାଣୀ ସ୍ୱାଇଁ, ଅସଲମ ଖାଁ,ମହମ୍ମଦ ହବିବ, କାମିନୀ ବାରିକ, ରମେଶ ପ୍ରଧାନ ପ୍ରମୁଖ ବହୁ ନେତା ଓ କର୍ମି ଅଂଶଗ୍ରହଣ କରିଥିଲେ । ବହୁ ବର୍ଷ ଧରି ନକସା ଜନିତ ତୃଟି ନ ସୁଧାରି ପ୍ରଶାସନ କିପରି ଏଠାରେ ମାପଚୁପ କଲେ ଏହାକୁ ନେଇ ଦଳ ପକ୍ଷରୁ ପ୍ରଶାସନକୁ ପ୍ରଶ୍ନ କରାଯାଇଛି ।

## ମାତୃ-ପିତୃ ଦିବସ ପାଳିତ

କଟକ(ଭାସ୍କର ନ୍ୟୁଜ୍): କଟକ ପୋତାପୋଖରୀ ସ୍ଥିତି କୃଷ୍ଣ ଆଶ୍ରମ ପରିସରରେ ଜୟ ଜଗନ୍ନାଥ ସେବା ସମିତି ଟ୍ରଷ୍ଟ ଦ୍ୱାରା ମାତୃ-ପିତୃ ଦିବସ ପାଳନ କରାଯାଇଛି। ଆଧୁନିକ ଯୁବ ପିଢି ମଧ୍ୟରେ ଏକ ସଚେତନ କରିବା ପାଇଁ ସମିତି ପକ୍ଷରୁ ଏକ ପ୍ରୟାସ କରାଯାଇଛି । ଯେଉଁଥିରେ ସଦସ୍ୟା ଓ ସଦସ୍ୟ ମାନେ ବାପା ଓ ମାଙ୍କୁ ପୂଜିବା ସହିତ ଯେଉଁ ବାପା ମା ଅସହାୟ ଅବସ୍ଥାରେ ରହିଛନ୍ତି ସେମାନଙ୍କୁ ସମିତିର ସଦସ୍ୟ ମାନେ ପୂଜା କରି ଏକ ଭିନ୍ନ ମାହୋଲ ସୃଷ୍ଟି କରିଥିଲେ । କୃଷ୍ଣ ଆଶ୍ରମ ପରିସରରେ ଅନେକ ବାପା ମା ରହିଛନ୍ତି କିନ୍ତୁ ସେଠାକୁ କେହି ଯାଉନାହାନ୍ତି । ମାତ୍ର ସେମାନେ ପୁଅ ଓ ଝିଅର ସ୍ନେହରୁ ଏକ ପ୍ରକାର ଦୂରେଇ ଯାଇଛନ୍ତି । ତେଣୁ ଆସାହ୍ୟ ବାପା ମା ମାନଙ୍କ ମୁହଁରେ ଖୁସି ଫେରାଇବା ପାଇଁ ସମିତି ପକ୍ଷରୁ ଆଜି ମାତୃପିତୃ ଦିବସ ପାଳନ କରାଯାଇଥିଲା । ଯେଉଁଥିରେ ସମିତିର ସଦସ୍ୟ ମାନେ କୃଷ୍ଣ ଆଶ୍ରମର ବୃଦ୍ଧ ବାପା ଓ ମା ମାନଙ୍କୁ ପୂଜା କରିଥିଲେ । ତେବେ ଫେବୃୟାରୀ ୧୪ ତାରିଖକୁ ଆଜିର ଯୁବ ପିଢି ମାନେ ପାଶ୍ଚ୍ୟାତ ଢାଞ୍ଚାରେ ପଡି ଭେଲନଷ୍ଟାଇସ୍ ଡେ ରୂପରେ ପାଳନ କରୁଥିବା ବେଳେ ସମାଜକୁ ଗୋଟିଏ ନୂଆ ବାର୍ତ୍ତା ଦେବା ପାଇଁ ଜୟ ଜଗନ୍ନାଥ ସେବା ସମିତି ପକ୍ଷରୁ ମାତୃପିତୃ ଦିବସ ପାଳନ କରି ଆସୁଥିବା କହିଛନ୍ତି ସମିତିର ସଭାପତି ମନୋଜ ପଣ୍ଡା ।

## ଖ୍ରୀଷ୍ଟ କଲେଜର ବାର୍ଷିକ ଉତ୍ସବ




କଟକ(ଭାସ୍କର ନ୍ୟୁଜ୍): ଖ୍ରୀଷ୍ଟକଲେଜର ବାର୍ଷିକ ଉତ୍ସବ କଲେଜ ପରିସର ମଧ୍ୟରେ ଥିବା ସାଂସ୍କୃତିକ ମଞ୍ଚରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବର ପ୍ରାରମ୍ଭରେ କଲେଜର ଅଧ୍ୟକ୍ଷା ମଧୁମିତା ପାତ୍ର ପୌରୋହିତ୍ୟ କରି ତାଙ୍କର ସ୍ୱାଗତ ଭାଷଣରେ କଲେଜର ଇତିହାସ ଓ ଶିକ୍ଷାର ବିକାଶ କ୍ଷେତ୍ରରେ ଖ୍ରୀଷ୍ଟକଲେଜର ଅବଦାନ ସଂପର୍କରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି କଟକ ମ୍ୟୁନିସିପାଲ୍ ନିଗମର ଅଧ୍ୟକ୍ଷ ସୁବାସ ସିଂ, କଟକ ସହରର ସାମଗ୍ରିକ ବିକାଶରେ ଖ୍ରୀଷ୍ଟକଲେଜ ଛାତ୍ରଛାତ୍ରୀମାନଙ୍କର ରହିଥିବା ଭୂମିକା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଇତିହାସ ବିଭାଗର ଅବସରପ୍ରାପ୍ତ ପ୍ରଫେସର ଡଃ ଖାରବେଳ ମହାନ୍ତି ବିଶ୍ୱ ବିକାଶର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିଗ ସହ ଭାରତର ସଂପୃକ୍ତି ସଂପର୍କରେ ଭାଷଣ ପ୍ରଦାନ କରିଥିଲେ। ବିଭିନ୍ନ ବିଭାଗର ସମ୍ମାନ ଶ୍ରେଣୀରେ ସର୍ବୋଚ୍ଚ ନମ୍ବର ରଖିଥିବା ବିଦ୍ୟାର୍ଥୀମାନଙ୍କୁ ସ୍ୱର୍ଣ୍ଣପଦକ ସହ ଅନ୍ୟାନ୍ୟ ପଦକ ପ୍ରଦାନ କରାଯାଇଥିଲା। ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ ଅଧ୍ୟାପିକା ଡଃ ସାଦିଆ ଆଲମ।

## ବ୍ରାହ୍ମଣୀ ନଦୀ ଜଳ ପ୍ରଦୂଷଣ ମାମଲା

## ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଜବାବ ଦାଖଲ ନିର୍ଦ୍ଦେଶ

କଟକ(ଭାସ୍କର ନ୍ୟୁଜ୍): ବ୍ରାହ୍ମଣୀ ନଦୀ ଜଳ ପ୍ରଦୂଷଣ ମାମଲାରେ ହାଇକୋର୍ଟ କେନ୍ଦ୍ର ସରକାରଙ୍କ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଆଜି ମୁଖ୍ୟ ବିଚାରପତିଙ୍କ ଖଣ୍ଡପୀଠ ଏ ସମ୍ପର୍କିତ ଏକ ଆବେଦନର ଶୁଣାଣି କରି ମୁଖ୍ୟ ଶାସନ ସଚିବଙ୍କ ତରଫରୁ ଦାଖଲ ସତ୍ୟପାଠ ଉପରେ ଜବାବ ରଖିବାକୁ ପ୍ରଦୂଷଣ ଓ ନିୟନ୍ତ୍ରଣ ବୋର୍ଡକୁ ଆଦେଶ ଦେଇଛନ୍ତି । ସୂଚନାଥାଉକି ସୁକିନ୍ଦାରେ କ୍ରୋମାଇଟ ଓ ଅନ୍ୟାନ୍ୟ ଖଣି ଖନନ କାରଣରୁ ବ୍ରାହ୍ମଣୀ ନଦୀ ଓ ଏହାର ଶାଖା ନଦୀର ଜଳ ପ୍ରଦୁଷଣ ହେଉଥିବା ଦର୍ଶାଇ ବିଭିନ୍ନ ଗଣ ମାଦ୍ୟମରେ ଖବର ପ୍ରକାଶ ପାଇଥିଲା । ହାଇକୋର୍ଟ ଏ ସମ୍ପର୍କରେ ଗତ ୨୦୧୪ ମସିହାରେ ନିଜ ଆଡୁ ଏକ ଜନସ୍ୱାର୍ଥ ମାମଲା ରୁଜୁ କରି ଏଥିରେ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ରିପୋର୍ଟ ଦାଖଲ ଆଦେଶ ଦେଇଥିଲେ । ତେବେ ଉକ୍ତ ପ୍ରସଙ୍ଗରେ ଅଦାଲତଙ୍କ ଆଦେଶ ପାଳନ କରାଯାଉଥିବା ଦର୍ଶାଇ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କ ପକ୍ଷରୁ ହାଇକୋର୍ଟରେ ଏକ ସତ୍ୟପାଠ ଦାଖଲ ହୋଇଛି ।